# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨୩/୨୦୨୩ (୨୦ ପୃଷ୍ଠା) Bhubaneswar, Monday, January 23/2023 Page 20 ₹ 7.00

୪୯ଶ ଭାଗ ୬୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 61 ମୂଲ୍ୟ₹୭/-




1800 266 266 1 (toll free)

JSW Cement
The Leaders' Choice

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୨୩ ଜାନୁୟାରୀ, ୨୦୨୩

## କାର୍ ସହ ୩ ଜଳିଗଲେ

ଛତିଶଗଡ଼ର ବିଳାସପୁର ଜିଲାରେ ଏକ କାର୍ ଗଛକୁ ଧକ୍କା ଦେଇ ଜଳିଯିବାରୁ ୩ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଶନିବାର ରାତିରେ ଖଇରା-ପୋଦି ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ଶରୀର ସମ୍ପୂର୍ଣ୍ଣ ଜଳିଯାଇଥିବାରୁ ମୃତକମାନଙ୍କୁ ଚିହ୍ନଟ କରାଯାଇ ପାରି ନାହିଁ। କାର୍‌ଟି ବିଳାସପୁର ତୋରଭା ଅଞ୍ଚଳର ଶାହନୱାଜ ଖାନ୍‌ଙ୍କର। ପୋଲିସ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



### ସଂକ୍ଷେପରେ

## ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗ ନେବ 'ଗରୁଡ଼'

ନୂଆଦିଲ୍ଲୀ, ୨୨।୧: ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ କର୍ତ୍ତବ୍ୟପଥରେ ପ୍ରଦର୍ଶନ ହେବାକୁ ଥିବା ପରେଡ୍‌ରେ ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବଳ 'ଗରୁଡ଼' ପ୍ରଥମ ଥର ପାଇଁ ଏଥିରେ ଭାଗ ନେବାକୁ ଯାଉଛି। ସ୍କ୍ୱାର୍ଡନୋର ଲିଡର ପି.ଏସ୍. ଜେତୱାତ ପରେଡ୍‌ରେ ଗରୁଡ଼ର ନେତୃତ୍ୱ ନେବେ। ଏହାଛଡ଼ା ନୌସେନାର ସ୍ୱାଇ ପ୍ଲେନ୍ ଆଇଏଲ୍ ୩୮ ମଧ ଏ ଅବସରରେ ନିଜର କାରନାମା ଦେଖାଇବ।

## ଆପାର୍ଟମେଣ୍ଟରେ ନିଆଁ: ୪ ମୃତ

ଟୋକିଓ, ୨୨।୧: ଜାପାନର କୋବେର ଏକ ଆପାର୍ଟମେଣ୍ଟରେ ନିଆଁ ଲାଗି ୪ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣାରେ ୪ ଜଣ ଗୁରୁତର ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ୩ ମହଲା ବିଶିଷ୍ଟ ଆପାର୍ଟମେଣ୍ଟରେ ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସ୍ଥାନୀୟ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି।

## ଛିନ୍‌ତାଇ ରୋକିବାରୁ ତଣ୍ଟିକାଟି ହତ୍ୟା

ନୂଆଦିଲ୍ଲୀ,୨୨।୧: ଦିଲ୍ଲୀରେ ଏକ ଛିନ୍‌ତାଇ ଉଦ୍ୟମକୁ ରୋକିବାରୁ ହର୍ଷ (୧୮) ନାମକ ଯୁବକଙ୍କୁ ଦୁଇଜଣ ନାବାଳକ ଏକାଧିକ ଥର ଛୁରାମାଡ଼ କରିବା ସହ ତାଙ୍କ ତଣ୍ଟି କାଟିଦେଇଥିଲେ। ମନ୍ଦିର ନିକଟରୁ ହର୍ଷଙ୍କ ମୃତଦେହ ମିଳିଛି। ଉଭୟ ମୃତକ ଏବଂ ଅଭିଯୁକ୍ତଙ୍କ ଘର ଭାଟି ମାଇନ୍ସର ସଞ୍ଜୟ କଲୋନିରେ। ନାବାଳକଦ୍ୱୟ ମୋବାଇଲ ଫୋନ୍ ଝାମ୍ପିନେବାକୁ ଉଦ୍ୟମ କରୁଥିବାବେଳେ ହର୍ଷ ଏହାକୁ ଅଟକାଇବାରୁ ସେମାନେ ଆକ୍ରମଣ କରିଥିଲେ ବୋଲି ପୋଲିସ କହିଛି।

## ଦୁର୍ବଳ ପ୍ରଦର୍ଶନ ପାଇଁ ୱିପ୍ରୋର ୪୫୨ କର୍ମଚାରୀ ଛଟେଇ




ନୂଆଦିଲ୍ଲୀ, ୨୨।୧: ବାରମ୍ବାର ଦୁର୍ବଳ ପର୍‌ଫରମାନ୍ସ ପାଇଁ ଇନ୍‌ଫରମେଶନ୍ ଟେକ୍ନୋଲୋଜି (ଆଇଟି) ସେକ୍ଟର ଜିଆଣ୍ଟ ୱିପ୍ରୋ ୪୫୨ ଫ୍ରେସର୍ସଙ୍କୁ ଚାକିରିରୁ ବାହାର କରିଛି। ଆବଶ୍ୟକୀୟ ଟ୍ରେନିଂ ଦିଆଯିବା ପରେ ମଧ ନୂଆ କରି ୱିପ୍ରୋରେ ଯୋଗ ଦେଇଥିବା ଫ୍ରେସର୍ସଙ୍କ ପ୍ରଦର୍ଶନ ଦୁର୍ବଳ ହେବାରେ ଲାଗୁଥିବା କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି। ଦୀର୍ଘ ଦିନ ଧରି ଆଇଟି କ୍ଷେତ୍ରରେ ୱିପ୍ରୋ ଶୀର୍ଷରେ ରହି ଆସୁଥିବାବେଳେ ଏହାର ସେବାରେ କୌଣସି ପ୍ରକାର ବ୍ୟତିକ୍ରମ ଗ୍ରହଣୀୟ ନୁହେଁ। ଚାକିରିରୁ କଢ଼ାଯିବା ପରେ ଟ୍ରେନିଂ ବାବଦକୁ ୭୫ ହଜାର ଟଙ୍କା ପଇଠ କରିବା ଲାଗି କମ୍ପାନୀର ନିୟମ ରହିଥିବାବେଳେ ଛଟେଇ ହୋଇଥିବା ଫ୍ରେସର୍ସଙ୍କୁ ଏହି ଟଙ୍କା ଦେବାକୁ ପଡ଼ିବ ନାହିଁ ବୋଲି ସେମାନଙ୍କୁ ପ୍ରଦାନ କରାଯାଇଥିବା ଟର୍ମିନେଶନ୍ ଲେଟରରେ ଉଲ୍ଲେଖ କରାଯାଇଛି।

# ବଳାତ୍କାରକୁ ନା କରିବାରୁ ହତ୍ୟା

- ୭ ତାରିଖରେ ଜାଳି ଦେଇଥିଲେ
- ରବିବାର ଆଖି ବୁଜିଲେ ପୀଡ଼ିତା
- ଅଭିଯୁକ୍ତଙ୍କ ମଧରେ ୩ ସମ୍ପର୍କୀୟ
- ଏଯାଏ ଧରିପାରିନି ପୋଲିସ






ହଜାରିବାଗ,୨୨।୧

ଜାନୁୟାରୀ ୭ ତାରିଖର ଘଟଣା। ଝାଡ଼ଖଣ୍ଡର ହଜାରିବାଗରେ ଜଣେ ୨୩ ବର୍ଷୀୟା ମହିଳାଙ୍କୁ ତାଙ୍କ ସମ୍ପର୍କୀୟମାନେ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ଏହାକୁ ପ୍ରତିରୋଧ କରିବାରୁ ସେମାନେ ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ତାଙ୍କ ଶରୀରର ୭୦ ଭାଗ ଜଳିଯାଇଥିଲା। ପୀଡ଼ିତାଙ୍କୁ ରାଞ୍ଚିର ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ରିମ୍ସ)ରେ ଭର୍ତ୍ତି କରାଯାଇଥିଲା। ୧୫ ଦିନ ଧରି ଜୀବନ ସହ ସଂଗ୍ରାମ କରିବା ପରେ ମହିଳା ଜଣକ ରବିବାର ସକାଳେ ଆଖି ବୁଜି ଦେଇଛନ୍ତି। ଅଭିଯୁକ୍ତମାନଙ୍କ ମଧ୍ୟରୁ ୩ ଜଣ ହେଲେ ପୀଡ଼ିତାଙ୍କ ସମ୍ପର୍କୀୟ। ପୋଲିସ ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରିଛି। ହେଲେ ଏଯାଏ ଜଣେ ହେଲେ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ତଦନ୍ତ ଜାରି ରହିଛି। ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ହଜାରିବାଗ ଏସ୍‌ପି ମନୋଜ ରତନ ଚୋଥେ ପ୍ରକାଶ କରିଛନ୍ତି।

### ମହିଳା ବିରୋଧୀ ଅପରାଧ ତଥ୍ୟ

➞ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟାନୁସାରେ ଭାରତରେ ମହିଳାଙ୍କ ସୁରକ୍ଷା ବିପନ୍ନ ହେବାରେ ଲାଗିଛି। ଦେଶରେ ପ୍ରତି ୧୫ ମିନିଟରେ ଜଣେ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ଅଧିକାଂଶ କ୍ଷେତ୍ରରେ ଅଭିଯୁକ୍ତ ହେଉଛନ୍ତି ପୀଡ଼ିତାଙ୍କ ସମ୍ପର୍କୀୟ କିମ୍ବା ପରିଚିତ ବ୍ୟକ୍ତି।

➞ ୨୦୨୧ରେ ମୋଟ ୬୫,୦୨୫ ବଳାତ୍କାର ମାମଲା ରୁଜୁ ହୋଇଥିଲା। ସେଥିରୁ ୯୬.୮% ମାମଲାରେ ପୀଡ଼ିତା ବଳାତ୍କାରୀଙ୍କୁ ପୂର୍ବରୁ ଜାଣିଥିଲେ।

➞ ଦେଶରେ ମହିଳା ବିରୋଧୀ ହିଂସା ମାମଲା ୨୦୨୦ ତୁଳନାରେ ୨୦୨୧ରେ ୧୫.୩% ଅଧିକ ରହିଥିଲା।

➞ ପରିବାରକୁ ଏକାଠି କରି ରଖିବା ଲାଗି ମହିଳାମାନେ ହିଂସାକୁ ସହ୍ୟ କରିବା ଉଚିତ ବୋଲି ୬୫% ଭାରତୀୟ ମନେକରନ୍ତି।

### କ'ଣ କହୁଛି ପୋଲିସ

ହଜାରିବାଗ ଏସ୍‌ପି ମନୋଜ ରତନ ଚୋଥେଙ୍କ କହିବା ହେଲା, ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ପୂର୍ବରୁ ୩ ଥର ବିବାହ କରିଥିଲେ। ପୀଡ଼ିତା ହେଉଛନ୍ତି ତାଙ୍କର ଚତୁର୍ଥ ସ୍ତ୍ରୀ। ୪ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ତାଙ୍କ ସମ୍ପର୍କୀୟ। ୩ ଜଣଙ୍କ ମଧରେ ତାଙ୍କ ବଡ଼ଯାଆ ଅଛନ୍ତି। ବଡ଼ଯାଆ ଓ ତାଙ୍କ ପୁଅ ମହିଳାଙ୍କୁ ଜାଳିଦେଉଥିବାବେଳେ ରକ୍ଷା କରିବା ପାଇଁ ସେ ଚିତ୍କାର କରିଥିଲେ। ମହିଳାଙ୍କ ସ୍ୱାମୀ ତାଙ୍କୁ ରକ୍ଷା କରିଥିଲେ। ପୀଡ଼ିତା ଓ ତାଙ୍କ ସ୍ୱାମୀଙ୍କ କଥାରେ ତାଳମେଳ ନ ଥିବାରୁ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି ପ୍ରମାଣ ମିଳି ନାହିଁ। କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ଫରେନ୍ସିକ୍ ସାଇନ୍ସ ଲାବରେଟୋରି ରିପୋର୍ଟକୁ ଅପେକ୍ଷା କରାଯାଉଛି।

## ଶ୍ରଦ୍ଧା ହତ୍ୟା ମାମଲାରେ ୩ ହଜାର ପୃଷ୍ଠାର ଚାର୍ଜଶିଟ୍

ନୂଆଦିଲ୍ଲୀ,୨୨।୧


ଶ୍ରଦ୍ଧା ୱାଲ୍‌କର

ଦିଲ୍ଲୀର ବହୁଚର୍ଚ୍ଚିତ ଶ୍ରଦ୍ଧା ୱାଲ୍‌କର ହତ୍ୟା ମାମଲାରେ ପୋଲିସ ୩,୦୦୦ ପୃଷ୍ଠାର ଚାର୍ଜଶିଟ୍ ପ୍ରସ୍ତୁତ କରିଛି। ଏଥିରେ ଫୋରେନ୍‌ସିକ୍ ଏବଂ ଇଲେକ୍ଟ୍ରୋନିକ୍ ପ୍ରମାଣ ସହ ୧୦୦ ଜଣ ସାକ୍ଷୀଙ୍କ ବୟାନକୁ ରେକର୍ଡ କରାଯାଇଛି। ପୋଲିସ ଅଧିକାରୀମାନେ ଏହି ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ କରିଥିବାବେଳେ ଆଇନ ବିଶେଷଜ୍ଞ ଏହାକୁ ଅନୁଧ୍ୟାନ କରିଛନ୍ତି। ପୋଲିସ ଏହାକୁ ଚୂଡ଼ାନ୍ତ ଚାର୍ଜଶିଟ୍ ଭାବେ କୋର୍ଟରେ ଦାଖଲ କରିପାରେ। ସୂଚନାଯୋଗ୍ୟ, ଗତବର୍ଷ ମେ'ରେ ଦକ୍ଷିଣ ଦିଲ୍ଲୀର ମେହରୁଲି ଘରେ ଆଫତାବ ପୁନାୱାଲା ତାଙ୍କ ଲିଭ୍-ଇନ୍ ପାର୍ଟନର ଶ୍ରଦ୍ଧାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ୩୫ ଖଣ୍ଡ କରି ଫ୍ରିଜ୍‌ରେ ରଖିଥିଲେ। ସେଗୁଡ଼ିକୁ ସେ ୧୮ ଦିନ ଯାଏ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଫିଙ୍ଗିଥିଲେ। ଛତରପୁର ଜଙ୍ଗଲରୁ ମିଳିଥିବା ଅସ୍ଥି ଡିଏନ୍‌ଏ ପରୀକ୍ଷାରୁ ତାହା ଶ୍ରଦ୍ଧାଙ୍କର ବୋଲି ଜଣାପଡ଼ିଥିଲା।

## କାର୍ ବନେଟ୍‌ରେ ୮ କି.ମି. ଘୋଷାଡ଼ିଲେ: ବୃଦ୍ଧଙ୍କ ମୃତ୍ୟୁ

ପାଟନା, ୨୨।୧

ବିହାରର ପୂର୍ବ ଚମ୍ପାରଣ ଜିଲାର ୨୭ ନମ୍ବର ଜାତୀୟ ରାଜପଥରେ କାରରେ ଘୋଷାଡ଼ି ହୋଇ ୭୦ ବର୍ଷୀୟ ଶଙ୍କର ଚୌଧୁରଙ୍କ ମୃତ୍ୟୁ ଘଟିଛି। କୋଟୱା ଥାନା ଅନ୍ତର୍ଗତ ବଙ୍ଗରା ଗ୍ରାମରେ ଶଙ୍କରଙ୍କ ଘର। ବଙ୍ଗରା ଛକରେ ଶଙ୍କର ସାଇକେଲ ଚଳେଇ ଯାଉଥିବାବେଳେ ଗୋପାଳଗଞ୍ଜରୁ ଦ୍ରୁତ ବେଗରେ ଆସୁଥିବା ଏକ କାର୍ ତାଙ୍କ ସାଇକେଲରେ ପିଟି ହୋଇଥିଲା। ଏହାପରେ ଶଙ୍କର କାର ବନେଟ୍ ଉପରେ ପଡ଼ିଯାଇଥିଲେ। ୱାଇପରକୁ ଧରି ରହିଥିବା ଶଙ୍କର ଚିତ୍କାର କରି ଡ୍ରାଇଭରଙ୍କୁ କାର୍ ରଖିବାକୁ କହିଥିଲେ। କିନ୍ତୁ ଡ୍ରାଇଭର କାର୍‌କୁ ଅଟକାଇ ନ ଥିଲେ। କୋଟୱାର କଦମ ଛକ ନିକଟରେ ହଠାତ୍ ବ୍ରେକ୍‌ମାରି ଡ୍ରାଇଭର କାର୍ ଅଟକାଇବାରୁ ଶଙ୍କର କାର୍ ଆଗରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଡ୍ରାଇଭର ଫେରାର୍ ହୋଇଯାଇଛନ୍ତି।


ଜୋଶୀମଠ ସହରରେ ଏକ ବିପଦସଙ୍କୁଳ ଘରକୁ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ କର୍ମଚାରୀମାନେ ଭାଙ୍ଗୁଛନ୍ତି।

## ଜୋଶୀମଠ ଦବିବା ପଛରେ ଗାଏବ ପୁଷ୍କରିଣୀ

ଡେରାଡୁନ୍,୨୨।୧

ଉତ୍ତରାଖଣ୍ଡର ଜୋଶୀମଠ ସହର ଓ ଏହାର ଆଖପାଖ ଦବୁଥିବାରୁ ଅନେକ ଘର ଓ ରାସ୍ତାଘାଟରେ ଫାଟ ହୋଇ ବିପଦ ସୃଷ୍ଟି କରିଛି। ଉକ୍ତ ବିପଦସଙ୍କୁଳ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବା ଲାଗି ପ୍ରଶାସନ ଉଦ୍ୟମ ଚଳାଇଛି। ଜୋଶୀମଠ ବାସିନ୍ଦାଙ୍କ କହିବା ଅନୁଯାୟୀ ଗତ କିଛି ଦଶନ୍ଧି ମଧ୍ୟରେ ସେଠାର ୫ଟି ପୁଷ୍କରିଣୀ ଗାଏବ ହୋଇଯାଇଛି। ସେଗୁଡ଼ିକ ଶୁଖିଯାଇଛି କିମ୍ବା ତାହା ଉପରେ ବିଲ୍ଡିଂ ନିର୍ମାଣ ହୋଇଛି। ସହରର ଘର ଦବିବା ଓ ଫାଟ ସୃଷ୍ଟି ହେବାର କାରଣ ଏହା ତଳେ ରହିଥିବା ଜଳ ହୋଇପାରେ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ସହରର ବରିଷ୍ଠ ନାଗରିକମାନଙ୍କ କହିବା ଅନୁଯାୟୀ ଉକ୍ତ ପୁଷ୍କରିଣୀଗୁଡ଼ିକ ସହ ସେଠାରେ ଅନେକ ଜଳଉତ୍ସ ରହିଥିଲା। ନିର୍ମାଣ କାର୍ଯ୍ୟ ଯୋଗୁ ଜଳାଶୟଗୁଡ଼ିକ ସଙ୍କୁଚିତ ହେବାରେ ଲାଗିଲା ବୋଲି ସେମାନେ କହିଛନ୍ତି।

## ତାଲିବାନକୁ ଆଧୁନିକ ଅସ୍ତ୍ର ଯୋଗାଉଛି ଚାଇନା

ୱାଶିଂଟନ,୨୨।୧

ଆଫଗାନିସ୍ତାନ ରାଜଧାନୀ କାବୁଲର ଏକ ହୋଟେଲରେ ଇସ୍‌ଲାମିକ୍ ଷ୍ଟେଟ୍ ଖୋରାସନ ପ୍ରୋଭିନ୍ସ (ଆଇଏସ୍‌କେପି) ଗତ ମାସରେ ଆକ୍ରମଣ କରିଥିଲା। ଏହି ହୋଟେଲରେ ଚାଇନା ନାଗରିକ ରହିଥିଲେ। ଏଥିରେ ୧୮ ଜଣଙ୍କ ମୃତ୍ୟୁ ଘଟିବା ସହ ୫ ଚାଇନା ନାଗରିକ ଆହତ ହୋଇଥିଲେ। ଆଫଗାନିସ୍ତାନରେ ଚାଇନା ସ୍ୱାର୍ଥକୁ ଟାର୍ଗେଟ କରାଯାଉଥିବା ଏବଂ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ ପାଇଁ ପ୍ରତିବନ୍ଧକ ସୃଷ୍ଟି ସମ୍ଭାବନା ଥିବାରୁ ଏହାର ମୁକାବିଲା ପାଇଁ ବେଜିଂ ତାଲିବାନ ଶାସକଙ୍କୁ ଅତ୍ୟାଧୁନିକ ଅସ୍ତ୍ର ଯୋଗାଇ ଦେଇଥିବା ଜଣାପଡ଼ିଛି। ଆଫଗାନିସ୍ତାନରେ ଅନିଶ୍ଚିତତା ଏବଂ ଅଶାନ୍ତି ଏହାକୁ ଆତଙ୍କବାଦୀମାନଙ୍କ ହଟ୍‌ବେଡ୍‌ରେ ପରିଣତ କରିପାରେ ବୋଲି ଚାଇନା ଆଶଙ୍କା କରୁଛି। ସେଠାରୁ ଆତଙ୍କବାଦୀମାନେ ଚାଇନାର ଜିନ୍‌ଜିଆଙ୍ଗ ଏବଂ ବିଦେଶରେ ଥିବା ଏହାର ବିଭିନ୍ନ ପ୍ରକଳ୍ପକୁ ଟାର୍ଗେଟ କରିପାରନ୍ତି।

## ବିଦେଶୀ ଘୋଷଣାର ୯ ବର୍ଷ ପରେ ନାଗରିକତ୍ୱ ପ୍ରମାଣ ଲାଗି ସୁଯୋଗ

ଗୁଆହାଟୀ,୨୨।୧(ଆଇଏଏନ୍‌ଏସ୍)

ଆସାମ କରିମଗଞ୍ଜ ଜିଲା ବାସିନ୍ଦା ରଞ୍ଜିତ ଦାସଙ୍କ ନାଗରିକତ୍ୱକୁ ନେଇ ବିବାଦ ଦେଖାଦେଇଥିଲା। ସ୍ଥାନୀୟ ଫରେନର୍ସ ଟ୍ରିବ୍ୟୁନାଲଙ୍କ ନିକଟରେ ସେ ଦାଖଲ କରିଥିବା ଅଧିକାଂଶ ଦସ୍ତାବିଜ୍‌ରେ ତାଳମେଳ ନ ଥିବାରୁ ୯ ବର୍ଷ ପୂର୍ବେ କୋର୍ଟ ତାଙ୍କୁ ବିଦେଶୀ ଘୋଷଣା କରିଥିଲେ। ରଞ୍ଜିତ ଦାଖଲ କରିଥିବା ଏକାଧିକ ଦସ୍ତାବିଜ୍‌ରେ ତାଙ୍କ ପୂର୍ବପୁରୁଷଙ୍କ ନାମ ଭିନ୍ନ ଥିଲା। ସେଥିରେ ବାପାଙ୍କ ନାଁ ନନ୍ଦଲାଲ ଦାସ ଥିବାବେଳେ ରଞ୍ଜିତଙ୍କ ଦଶମ ଶ୍ରେଣୀ ଆଡମିଟ୍ କାର୍ଡରେ ବାପାଙ୍କ ନାମ ନନ୍ଦକୁମାର ଦାସ ରହିଥିଲା। ସେହିପରି ତାଙ୍କ ଜେଜେବାପାଙ୍କ ନାମ ମଧ ବିଭିନ୍ନ କାଗଜପତ୍ରରେ ଅଲଗା ରହିଥିଲା। ଭାରତୀୟ ନାଗରିକତ୍ୱ ପ୍ରମାଣ ପାଇଁ ଆବଶ୍ୟକ ଅନ୍ୟାନ୍ୟ ଦସ୍ତାବିଜ ଦାଖଲ କରିବାରେ ରଞ୍ଜିତ୍ ବିଫଳ ହୋଇଥିଲେ। ତେଣୁ ସେ ଜଣେ ବିଦେଶୀ ଏବଂ ୧୯୭୧ ପରେ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିବା କରିମଗଞ୍ଜ ଫରେନର ଟ୍ରିବ୍ୟୁନାଲ କୋର୍ଟ ୯ ବର୍ଷ ପୂର୍ବେ ଘୋଷଣା କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସେ ଗୁଆହାଟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଭିନ୍ନ ଭିନ୍ନ ଭୋଟର ତାଲିକାରେ ରଞ୍ଜିତଙ୍କ ବାପାଙ୍କ ନାମ ନନ୍ଦଲାଲ ଥିବାବେଳେ କେବଳ ଆଡମିଟ୍ କାର୍ଡରେ ନନ୍ଦକୁମାର ହୋଇଛି। ତେଣୁ ନାଗରିକତ୍ୱ ପ୍ରମାଣ ଲାଗି ତାଙ୍କୁ ଆଉ ଏକ ସୁଯୋଗ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ବେଙ୍ଗାଲୁରୁରୁ ୨ ମୋବାଇଲ ଟାୱାର ଚୋରି

ବେଙ୍ଗାଲୁରୁ,୨୨।୧



ବେଙ୍ଗାଲୁରୁରୁ ଚଳିତ ମାସରେ ୨ଟି ମୋବାଇଲ ଟାୱାର ଚୋରି ନେଇ ଅଭିଯୋଗ ହୋଇଛି। ପ୍ରଥମ ଚୋରି ହ୍ୱାଇଟ୍‌ଫିଲ୍ଡ ଡିଭିଜନ ଅନ୍ତର୍ଗତ ମହାଦେବପୁରରେ ହୋଇଥିଲାବେଳେ ଏବେ ଉତ୍ତର ବେଙ୍ଗାଲୁରୁର ରାଜାଜୀନଗରରୁ ଆଉ ଏକ ଟାୱାର ଚୋରି ହୋଇଛି। ଉଭୟ ମାମଲାର ଅଭିଯୋଗକାରୀ ଗୋଟିଏ କମ୍ପାନୀର ଅଧିକାରୀ। ଜାନୁୟାରୀ ୧ରେ ପ୍ରଥମ ଅଭିଯୋଗ ଅନୁଯାୟୀ ମହାଦେବପୁର ଗୋଶାଳା ରୋଡ୍‌ରୁ ଚୋରମାନେ ଟାୱାର ସମେତ ଡିଜେଲ ଜେନେରେଟର ଓ ଅନ୍ୟ ଉପକରଣ ଚୋରିକରି ନେଇଯାଇଥିଲେ। ଗତବର୍ଷ ଅଗଷ୍ଟ ୧ରୁ ସେପ୍ଟେମ୍ବର ୧ ମଧରେ ଏହି ଚୋରି ହୋଇଥିବା କୁହାଯାଉଛି। ଚୋରି ସାମଗ୍ରୀର ମୂଲ୍ୟ ୧୭ ଲକ୍ଷ ଟଙ୍କା ହେବ। ଦ୍ୱିତୀୟ ଚୋରି ସମ୍ପର୍କରେ ୧୮ ତାରିଖରେ ଅଭିଯୋଗ ହୋଇଛି। ଚୋରି ଟାୱାର ଓ ସେଥିରେ ଲାଗିଥିବା ଉପକରଣଗୁଡ଼ିକର ଦାମ୍ ୧୬ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି।



ସୁଇଡେନ୍‌ରେ କୋରାନ ପୋଡ଼ିବାକୁ ତୁର୍କୀ ବିରୋଧ କରିଛି। ଷ୍ଟକ୍‌ହୋମ୍‌ସ୍ଥିତ ତୁର୍କୀ ଦୂତାବାସ ସମ୍ମୁଖରେ ୟୁନିୟନ୍ ଅଫ୍ ୟୁରୋପିଆନ୍ ତୁର୍କସ୍ ଡେମୋକ୍ରାଟ୍ସ (ୟୁଇଟିଡି) ସଦସ୍ୟମାନେ ରବିବାର ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଡୋଗାନ୍‌ଙ୍କ ଫଟୋ ଥିବା ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ୯୩% ସମ୍ପତ୍ତି ହରାଇଛନ୍ତି ଚାଇନା ବିଲିୟନେୟାର ହୁଇ କା ୟାନ୍

ବେଜିଂ, ୨୨।୧



ଚାଇନା ଏଭରଗ୍ରାଣ୍ଡ ଗ୍ରୁପ୍‌ର ଚେୟାରମ୍ୟାନ୍ ହୁଇ କା ୟାନ୍‌ଙ୍କୁ ନିଜ ସମ୍ପତ୍ତିର ୯୩% ହରାଇବାକୁ ପଡ଼ିଛି। ହୁଇଙ୍କ ସମ୍ପତ୍ତି ୪୨ ବିଲିୟନ୍ ଡଲାରରୁ ବର୍ତ୍ତମାନ ୩ ବିଲିୟନ୍ ଡଲାରରେ ଯାଇ ପହଞ୍ଚିଛି। ପୂର୍ବରୁ ଏସିଆର ସବୁଠୁ ଧନୀ ବ୍ୟକ୍ତି ତାଲିକାର ଦ୍ୱିତୀୟ ସ୍ଥାନରେ ଥିଲେ ହୁଇ। ୨୦୨୧ରୁ ଚାଇନାର ବୃହତ୍ ରିୟଲଇଷ୍ଟେଟ୍ କମ୍ପାନୀ ଏଭରଗ୍ରାଣ୍ଡ ଗ୍ରୁପ୍ କ୍ଷତିରେ ଚାଲିଆସୁଥିବା କୁହାଯାଉଛି। ତେବେ ନିଜ କମ୍ପାନୀକୁ ବଞ୍ଚାଇବା ଉଦ୍ଦେଶ୍ୟରେ ହୁଇ ତାଙ୍କ ଘରଠାରୁ ଆରମ୍ଭ କରି ପ୍ରାଇଭେଟ୍ ଜେଟ୍ ପର୍ଯ୍ୟନ୍ତ ସବୁ ବିକ୍ରି କରିଦେଇଛନ୍ତି। ତେବେ ସମ୍ପତ୍ତି କମିବା ଯୋଗୁ ଖାଲି ବ୍ୟବସାୟ ନୁହେଁ, ହୁଇଙ୍କ ରାଜନୈତିକ କ୍ୟାରିୟର୍ ମଧ ସଙ୍କଟରେ ପଡ଼ିଯାଇଛି। ଚାଇନିଜ୍ ପିପୁଲ୍ସ ପଲିଟିକାଲ୍ କନ୍‌ସଲଟେଟିଭ୍ କନ୍‌ଫରେନ୍ସ (ସିପିପିସିସି)ରୁ ହୁଇ ବାଦ୍ ପଡ଼ିଛନ୍ତି। କେତେଜଣ ରାଜନେତା ଏବଂ ଧନୀ ବ୍ୟବସାୟୀଙ୍କୁ ନେଇ ସିପିପିସିସି ରାଜନୈତିକ ଦଳ ଗଠନ କରାଯାଇଛି। ଗତବର୍ଷ ଦଳର ବାର୍ଷିକ ସମ୍ମିଳନୀରେ ହୁଇଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବାବେଳେ ଚଳିତବର୍ଷ ଦଳର ସଦସ୍ୟଙ୍କ ତାଲିକାରୁ ତାଙ୍କ ନାଁ ସାମିଲ କରାଯାଇ ନ ଥିବା କୁହାଯାଉଛି।

# ସମ୍ବିଧାନକୁ ହାଇଜାକ୍ କରିଛନ୍ତି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୧(ଆଇଏଏନ୍‌ଏସ୍)

### ପୂର୍ବତନ ବିଚାରପତିଙ୍କ ଭିଡିଓ ଶେୟାର କଲେ ରିଜିଜୁ


କିରେନ୍ ରିଜିଜୁ

ବିଚାରପତି ନିଯୁକ୍ତିକୁ ନେଇ କେନ୍ଦ୍ର ସରକାର ଏବଂ ନ୍ୟାୟପାଳିକା ମଧ୍ୟରେ ବିବାଦ ଲାଗିରହିଥିବାବେଳେ କେନ୍ଦ୍ର ଆଇନ ମନ୍ତ୍ରୀ କିରେନ୍ ରିଜିଜୁ ରବିବାର ଦିଲ୍ଲୀ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଆର୍.ଏସ୍. ସୋଧିଙ୍କ ସାକ୍ଷାତ୍‌କାରର ଭିଡିଓ ଶେୟାର କରିଛନ୍ତି। ସୁପ୍ରିମକୋର୍ଟ ନିଜେ ବିଚାରପତି ନିଯୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେଇ ସମ୍ବିଧାନକୁ ଅପହରଣ କରିଛନ୍ତି ବୋଲି ଜଷ୍ଟିସ୍ ସୋଧି ଉକ୍ତ ସାକ୍ଷାତ୍‌କାରରେ କହିଥିଲେ। ଆଇନ ପ୍ରଣୟନ କରିବା ଅଧିକାର ପାର୍ଲାମେଣ୍ଟର ରହିଛି। ସୁପ୍ରିମକୋର୍ଟ ଆଇନ ପ୍ରଣୟନ କରିପାରିବ ନାହିଁ ବୋଲି ଜଷ୍ଟିସ ସୋଧି କହିଥିଲେ। କେବଳ ପାର୍ଲାମେଣ୍ଟ ହିଁ ସମ୍ବିଧାନ ସଂଶୋଧନ କରିବ। ତେବେ ସୁପ୍ରିମକୋର୍ଟ ସମ୍ବିଧାନକୁ ହାଇଜାକ୍ କରୁଥିବା ସେ ପ୍ରଥମ ଥର ପାଇଁ ଅନୁଭବ କରୁଛନ୍ତି ବୋଲି ସୋଧି କହିଥିଲେ। ହାଇଜାକ ପରେ ସେମାନେ କହିବେ ଆମେ ବିଚାରପତି ନିଯୁକ୍ତି ଦେବୁ, ଏଥିରେ ସରକାରଙ୍କର କିଛି ଭୂମିକା ନାହିଁ। ହାଇକୋର୍ଟଗୁଡ଼ିକ ସୁପ୍ରିମକୋର୍ଟଙ୍କ ଆଜ୍ଞାକାରୀ ନୁହନ୍ତି, କିନ୍ତୁ ହାଇକୋର୍ଟ ବିଚାରପତିମାନେ ସୁପ୍ରିମକୋର୍ଟଙ୍କୁ ଚାହିଁ ରହିବା ସହ ଆଜ୍ଞାକାରୀ ପାଲିଟିଗଲେଣି ବୋଲି ଜଷ୍ଟିସ ସୋଧି କହିଥିଲେ।

ପୂର୍ବତନ ବିଚାରପତିଙ୍କ ମତାମତ ବିବେକପୂର୍ଣ୍ଣ ବିବେଚନା କରୁଛି ବୋଲି ମନ୍ତ୍ରୀ ରିଜିଜୁ କହିଛନ୍ତି। ଅଧିକାଂଶ ଲୋକଙ୍କର ସମାନ ମତାମତ ରହିଛି। ବିଚାରପତିଙ୍କ ସ୍ୱର ଭାରତୀୟ ଗଣତନ୍ତ୍ରର ବାସ୍ତବ ସୌନ୍ଦର୍ଯ୍ୟ- ଏହାର ସଫଳତା। ଜନସାଧାରଣ ସେମାନଙ୍କ ପ୍ରତିନିଧି ମାଧ୍ୟମରେ ନିଜକୁ ଶାସନ କରିଥାନ୍ତି। ନିର୍ବାଚିତ ଜନପ୍ରତିନିଧିମାନେ ଲୋକଙ୍କ ସ୍ୱାର୍ଥକୁ ଉପସ୍ଥାପନ କରିବା ସହ ଆଇନ ପ୍ରଣୟନ କରିଥାନ୍ତି। ଆମ ନ୍ୟାୟପାଳିକା ସ୍ୱାଧୀନ ଏବଂ ସମ୍ବିଧାନ ସର୍ବୋଚ୍ଚ ବୋଲି ରିଜିଜୁ ଟୁଇଟ୍ କରିଛନ୍ତି।

### ସିଜେଆଇଙ୍କୁ ମୋଦିଙ୍କ ପ୍ରଶଂସା

ସୁପ୍ରିମକୋର୍ଟ ରାୟଗୁଡ଼ିକୁ ଆଞ୍ଚଳିକ ଭାଷାରେ ଉପଲବ୍ଧ କରାଇବା ଉପରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଗୁରୁତ୍ୱ ଦେଉଥିବାରୁ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଚ୍ଚ ପ୍ରଶଂସା କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ରାୟ ଆଞ୍ଚଳିକ ଭାଷାରେ ଉପଲବ୍ଧ କରାଇବା ଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସିଜେଆଇ ନିକଟରେ ଏକ କାର୍ଯ୍ୟକ୍ରମରେ କହିଥିଲେ। ଏଥିପାଇଁ ଟେକ୍‌ନୋଲୋଜିର ବ୍ୟବହାର ନିମନ୍ତେ ସେ ପ୍ରସ୍ତାବ ଦେଇଥିଲେ। ଏହା ପ୍ରଶଂସନୀୟ ଚିନ୍ତାଧାରା, ଯାହା ଯୁବପିଢ଼ିଙ୍କ ସମେତ ଜନସାଧାରଣଙ୍କ ପାଇଁ ସହାୟକ ହେବ ବୋଲି ମୋଦି ଟୁଇଟ୍ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨୩/୨୦୨୩ | Bhubaneswar, Monday, January 23/2023 | ପୃଷ୍ଠା-୧






ସ୍ୱାଧୀନତା ସଂଗ୍ରାମର ଦୁଇ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ପ୍ରଣିପାତ।

# ସଡନ୍‌ଡେଥ୍‌ରେ ଭାରତ ବିଦା

## କ୍ୱାର୍ଟରରେ ନ୍ୟୁଜିଲାଣ୍ଡ

ଭୁବନେଶ୍ୱର, ୨୨।୧(କ୍ରୀଡ଼ା ପ୍ରତିନିଧି)

ଏକାଧିକ ସୁଯୋଗ ହାତଛଡ଼ା ଭାରତ ପାଇଁ ମହଙ୍ଗା ପଡ଼ିଛି। ଗତ ସଂସ୍କରଣର କ୍ୱାର୍ଟର ଫାଇନାଲିଷ୍ଟ ଘରୋଇ ଦଳ ଏଥର କ୍ରସ୍‌ଓଭର ପର୍ଯ୍ୟାୟରୁ ବିଦାୟ ନେଇଛି। କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ଖେଳ ୩-୩ ଗୋଲରେ ବରାବର ରହିବାପରେ ଶୁଟ୍‌ଆଉଟ/ସଡନ୍‌ଡେଥ୍‌ରେ ଭାରତ ଲୋ ର୍‍ୟାଙ୍କ୍‌ପ୍ରାପ୍ତ ନ୍ୟୁଜିଲାଣ୍ଡଠାରୁ ୪-୫ ଗୋଲରେ ହାରିଯାଇଛି। ଶୁଟ୍ ଆଉଟ୍‌ର ସ୍ଥିତି ୩-୩ ରହିବାରୁ ସଡନ୍‌ଡେଥ୍ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ଏହି ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ ୨ଟି ଏବଂ ଭାରତ ମାତ୍ର ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲା। ରାଜ୍ୟ କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଅତିଥିଭାବେ ଯୋଗଦେଇ ନ୍ୟୁଜିଲାଣ୍ଡର ସିଅନ ଫିଣ୍ଡଲେଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ନ୍ୟୁଜିଲାଣ୍ଡ କ୍ୱାର୍ଟର ଫାଇନାଲରେ ୨୪ ତାରିଖରେ ଗତଥରର ଚାମ୍ପିୟନ ବେଲଜିୟମକୁ ଏଠାରେ ଭେଟିବ। ଅନ୍ୟପକ୍ଷରେ ଭାରତ ୯ରୁ ୧୨ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚ୍ ୨୬ ତାରିଖରେ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଜାପାନ ବିପକ୍ଷରେ ଖେଳିବ।



କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ କ୍ରସ୍‌ଓଭର ମ୍ୟାଚରେ ଭାରତକୁ ସଡନ୍‌ଡେଥ୍‌ରେ ହରାଇବା ପରେ ଖୁସିରେ ଉଲ୍ଲସିତ ନ୍ୟୁଜିଲାଣ୍ଡ ଖେଳାଳି। (ଫଟୋ-ବିକାଶ)

ଘରୋଇ ପରିବେଶରେ ଷ୍ଟାଡିୟମ ଭରପୂର ଦର୍ଶକଙ୍କ ଗହଣରେ ଭାରତ ଆରମ୍ଭରୁ ଉତ୍ସାହୀ ପ୍ରଦର୍ଶନ କରିଥିଲା। ମାତ୍ର ନ୍ୟୁଜିଲାଣ୍ଡ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ବିଶୃଙ୍ଖଳିତ ଆଚରଣ ପାଇଁ ୭ମ ମିନିଟ୍‌ରେ ନ୍ୟୁଜିଲାଣ୍ଡର ନିକ୍ ଉଡ୍ସ ଗ୍ରୀନ୍ କାର୍ଡ ପାଇ ୨ ମିନିଟ୍ ପାଇଁ ପଡ଼ିଆରୁ ବିଦା ହୋଇଥିଲେ। ୧୨ତମ ମିନିଟ୍‌ରେ ଭାରତକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଅଧିନାୟକ ହରମନପ୍ରୀତ ସିଂ ☞ପୃଷ୍ଠା-୨

## ଡ୍ୟାନ୍ସ କ୍ଲବ୍‌ରେ ଗୁଳି: ୧୦ ମୃତ

■ **ଲସ୍‌ଏଞ୍ଜେଲ୍‌ସରେ ଚାଇନା ନବବର୍ଷ ପାଳନ ବେଳେ ଆକ୍ରମଣ**

ମୋଣ୍ଟେରେ ପାର୍କ,୨୨।୧

ଆମେରିକାର ଲସ୍‌ଏଞ୍ଜେଲ୍‌ସରେ ଶନିବାର ରାତିରେ ଚାଇନା ନବବର୍ଷ ପାଳନ ବେଳେ ଗୁଳିକାଣ୍ଡ ଘଟିଛି। ମୋଣ୍ଟେରେସ୍ଥିତ ଏକ ଡ୍ୟାନ୍ସ କ୍ଲବ୍‌ରେ ଲୁନାର ନ୍ୟୁ ଇୟର ସେଲିବ୍ରେଶନ୍‌ରେ ଲୋକେ ମସଗୁଲ ଥିବାବେଳେ ଜଣେ ବନ୍ଧୁକଧାରୀ ଆଖିବୁଜା ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ୧୦ ନିହତ ହୋଇଥିବାବେଳେ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ହସ୍ପିଟାଲରେ ଚିକିତ୍ସାଧୀନ ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଚଳିତମାସରେ ଏହା ହେଉଛି ଆମେରିକାରେ ପଞ୍ଚମ ଗଣହତ୍ୟା। ଆଭ୍ୟନ୍ତରୀଣ ସୁରକ୍ଷା ବିଭାଗ ପକ୍ଷରୁ ଏନେଇ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଅବଗତ କରାଯାଇଛି। ସ୍ଥାନୀୟ ପୋଲିସ ଏବଂ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ସମେତ ଅନେକ ସୁରକ୍ଷା ଏଜେନ୍ସି ଏହାର ତଦନ୍ତ ଚଳାଇଛନ୍ତି। ଲସ୍‌ଏଞ୍ଜେଲ୍‌ସରୁ ୧୩ କି.ମି. ଦୂର ମୋଣ୍ଟେରେ ପାର୍କ ସହରର ଜନସଂଖ୍ୟା ହେଉଛି ୬୦,୦୦୦। ସେଠାରେ ବସବାସ କରୁଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ଏସୀୟ ବଂଶୋଦ୍ଭବ। ଶନିବାର ସ୍ଥାନୀୟ ସମୟ ରାତି ୧୦ଟା ୨୨ରେ ଚାଇନା ନବବର୍ଷ ପାଳନ ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଗାର୍ଭି ଆଭେନ୍ୟୁସ୍ଥିତ ଏକ ଡ୍ୟାନ୍ସ କ୍ଲବ୍‌ରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ଜଣେ ଆତତାୟୀ ନିଜ ମେଶିନ୍ ଗନ୍‌ରୁ ଆଖିବୁଜା ଗୁଳି ଚଳାଇବା ପରେ ସେଠାରୁ ☞ପୃଷ୍ଠା-୨

## ଅଢ଼େଇବର୍ଷ ପରେ ପାଇଖାନା ଟାଙ୍କିରୁ ମିଳିଲା କଙ୍କାଳ

ଝାରସୁଗୁଡ଼ା ଅଫିସ୍,୨୨।୧

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅଞ୍ଚଳରେ ନିଖୋଜ ଥିବା ଡ୍ରାଇଭର ଉମ୍ବରୁଧର ପାତ୍ର(୩୯)ଙ୍କ କଙ୍କାଳ ଅଢ଼େଇ ବର୍ଷ ପରେ ରବିବାର ବନ୍ଧବାହାଲ ଶାନ୍ତିନଗରସ୍ଥିତ ବାସଭବନ ପାଇଖାନା ଟାଙ୍କିରୁ ଜବତ ହୋଇଛି। ଉମ୍ବରୁଙ୍କୁ ସ୍ତ୍ରୀ ଦମୟନ୍ତୀ ନାୟକ (୩୨) ଓ ଶଳା କେନ୍ଦୁଝର ପାଟଣା ଥାନା ବଡବିଲ ଗ୍ରାମର ଲମ୍ବୋଦର ନାୟକ (୨୪) ହତ୍ୟା କରି ଟାଙ୍କିରେ ପକାଇ ଦେଇଥିବା ଜଣାପଡ଼ିବା ପରେ ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି।

ବ୍ରଜରାଜନଗର ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇଙ୍କ ସୂଚନା ଅନୁସାରେ ୨୦୨୦ ଜୁନ୍ ୧୬ରେ ଉମ୍ବରୁଧର ନିଖୋଜ ହୋଇଯାଇଥିଲେ। ଏନେଇ ଉମ୍ବରୁଧରଙ୍କ ଭଉଣୀ ଅମ୍ବିକା ଭାଉଜ ଦମୟନ୍ତୀଙ୍କୁ ପଚାରିବାରେ ସେ ସ୍ୱାମୀଙ୍କ ନିଖୋଜ ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ। ପରେ ଉମ୍ବରୁଧରଙ୍କ ନିଖୋଜ ସମ୍ପର୍କରେ ଅମ୍ବିକା ବନହରପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ନିଖୋଜ ମାମଲା (ନଂ.୬/୨୦) ରୁଜୁକରି ତଦନ୍ତ ଚଳାଇଥିଲା। ହେଲେ ଉମ୍ବରୁଧରଙ୍କ କୌଣସି ସନ୍ଧାନ ପାଇ ନ ଥିଲା। ଏହି ଘଟଣାକୁ ଇତି ମଧ୍ୟରେ୨ ବର୍ଷ ୭ମାସ ବିତି ଗଲାଣି। ଗତ କିଛି ମାସ ତଳେ ଏସ୍‌ପି ରାହୁଲ ଜୈନ ପୁରୁଣା ନିଖୋଜ ମାମଲା ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିରେ ନିଖୋଜ ଡ୍ରାଇଭର ଉମ୍ବରୁଧରଙ୍କ ମାମଲା ପୁନଃ ତଦନ୍ତ ପାଇଁ ଏସ୍‌ପି ଜୈନ ନିର୍ଦ୍ଦେଶ ଦେଇଥିଲେ। ଏନେଇ ବ୍ରଜରାଜନଗର ଏସ୍‌ଡିପିଓ ଭୋଇଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ୍ ଟିମ୍ ଗଠନ କରାଯାଇଥିଲା। ଏଥିରେ ବନହରପାଲି ଥାନା ଆଇଆଇସି ଆନ୍ନା ମିଞ୍ଜ, ବେଲପାହାଡ ଥାନା ☞ପୃଷ୍ଠା-୨

### ହତ୍ୟା ଅଭିଯୋଗରେ ସ୍ତ୍ରୀ, ଶଳା ଗିରଫ

### ନିର୍ଯାତନା ସହି ନ ପାରି ହତ୍ୟା କରିଥିଲୁ: ଅଭିଯୁକ୍ତ

## ବଳାତ୍କାର ଉଦ୍ୟମକାରୀଙ୍କୁ ହତ୍ୟା କଲେ ପୀଡ଼ିତା

### ୭ ଦିନ ପରେ ଗଳିତ ମୃତଦେହ ଜବତ

ବାରିପଦା ଅଫିସ,୨୨।୧

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଗୁଞ୍ଜୁସାହି ଅଞ୍ଚଳରେ ବଳାତ୍କାର ଉଦ୍ୟମକାରୀଙ୍କୁ ଜଣେ ମହିଳା କୋଦାଳରେ ପିଟି ହତ୍ୟା କରିଛନ୍ତି। ଗତ ରବିବାର ଏହି ଘଟଣା ଘଟିଥିବା ବେଳେ ୭ ଦିନ ପରେ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଉକ୍ତ ଗ୍ରାମର ମଙ୍ଗଳ ମୁର୍ମୁ(୨୨)। ଘଟଣାରେ ଅଭିଯୁକ୍ତ କୁନି ମୁର୍ମୁଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୧୫ ତାରିଖ( ରବିବାର) ମକର ମେଳା ଦେଖିବାକୁ ଆସି ମଙ୍ଗଳ ଆଉ ଘରକୁ ଫେରି ନ ଥିଲେ। ମଙ୍ଗଳଙ୍କ ମା' ମାଇସି ମୁର୍ମୁ ଖୋଜାଖୋଜି କରି ନ ପାଇବାରୁ ପରଦିନ ଥାନାରେ ଅଭିଯୋଗ କରିଥିଲେ। ପ୍ରାଥମିକ ତଦନ୍ତରୁ ମଙ୍ଗଳ ନିଶାସକ୍ତ ଅବସ୍ଥାରେ ସ୍ଥାନୀୟ ଜଣେ ମହିଳାଙ୍କୁ ଗୁଞ୍ଜୁସାହି ଜଙ୍ଗଲରେ ☞ପୃଷ୍ଠା-୨

## ବିଶ୍ୱଶର୍ମାଙ୍କୁ ଫୋନ କଲେ ଶାହରୁଖ୍

### 'ଶାହରୁଖ୍ ଖାନ୍‌ଙ୍କୁ ଚିହ୍ନିନାହିଁ' କହିଥିଲେ ଆସାମ ମୁଖ୍ୟମନ୍ତ୍ରୀ

ଗୁଆହାଟୀ,୨୨।୧

ବଲିଉଡ୍ ମେଗାଷ୍ଟାର ଶାହରୁଖ୍ ଖାନ୍ ଓ ଦୀପିକା ପାଦୁକୋନ୍‌ଙ୍କ ଅଭିନୀତ 'ପଠାନ୍'କୁ ବିରୋଧ କରି ଦେଶର ବିଭିନ୍ନ ଭାଗରେ ବିକ୍ଷୋଭ ପ୍ରଦର୍ଶନ ଚାଲିଛି। 'ବେସରମ୍ ରଙ୍ଗ୍' ଗୀତରେ ଦୀପିକାଙ୍କ ଗୈରିକ ରଙ୍ଗର ସ୍ୱଳ୍ପ ବସ୍ତ୍ର ଓ କାମୋଦ୍ଦୀପକ ଅଙ୍ଗଭଙ୍ଗୀକୁ ନେଇ ଫିଲ୍ମକୁ ବର୍ଜନ କରାଯାଉ ବୋଲି ଦାବି ଜୋର୍ ଧରିଛି। ଆସାମ ରାଜଧାନୀ ଗୁଆହାଟୀରେ ବଜରଙ୍ଗ ଦଳ କର୍ମୀମାନେ ଶନିବାର 'ପଠାନ୍' ବିରୋଧରେ ବିକ୍ଷୋଭ କରି ଏହାର ପୋଷ୍ଟର ଜାଳିଥିଲେ। ଏପରି କି ଆସନ୍ତା ୨୫ରେ ଏହି ଫିଲ୍ମ ମୁକ୍ତିଲାଭ କରିବାକୁ ଥିବା ନରେଙ୍ଗି ଅଞ୍ଚଳର ଏକ ସିନେମା ହଲ୍‌ରେ ଦକ୍ଷିଣପନ୍ଥୀମାନେ ଭଙ୍ଗାରୁଜା ମଧ୍ୟ କରିଥିଲେ। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ଏକ ପ୍ରେସ୍ କନ୍‌ଫରେନ୍ସରେ ଖବରଦାତାମାନେ ପ୍ରଶ୍ନ କରିଥିଲେ। ବିଶ୍ୱଶର୍ମା କହିଥିଲେ, ଶାହରୁଖ୍ ଖାନ୍ କିଏ ? ତାଙ୍କ ବିଷୟରେ କି 'ପଠାନ୍' ଫିଲ୍ମ ସମ୍ପର୍କରେ ସେ କିଛି ଜାଣିନାହାନ୍ତି। ଶାହରୁଖ୍ ବଲିଉଡ୍‌ର ଜଣେ ସୁପରଷ୍ଟାର ବୋଲି ଖବରଦାତାମାନେ କହିବାରୁ ବିଶ୍ୱଶର୍ମା ଜବାବ ଦେଇଥିଲେ, ଆସାମରେ ବଲିଉଡ୍ ସିନେମା ନୁହେଁ, ବରଂ ଅସମୀୟା ଫିଲ୍ମ ଦେଖାଯିବା ଉଚିତ। ଶାହରୁଖ୍ ଏହି ବିଷୟ ଜାଣିବା ପରେ ରାତି ୨ଟାରେ ସିଧା ମୁଖ୍ୟମନ୍ତ୍ରୀ ବିଶ୍ୱଶର୍ମାଙ୍କ ନିକଟକୁ ଫୋନ୍ କଲ୍ କରିଥିଲେ। ଗୁଆହାଟୀର ସିନେମା ହଲ୍‌ଗୁଡ଼ିକରେ 'ପଠାନ୍'ର ରିଲିଜ୍ ପୂର୍ବରୁ ଚାଲିଥିବା ବିରୋଧକୁ ସେ ନାପସନ୍ଦ କରିବା ସହ ଚିନ୍ତା ବ୍ୟକ୍ତ କରିଥିଲେ। ସୁରୁଖୁରୁରେ ଫିଲ୍ମ ରିଲିଜ୍ ପାଇଁ ଯାହା ଆବଶ୍ୟକ ସବୁ କରାଯିବ। ଆଇନଶୃଙ୍ଖଳା ବଜାୟ ରଖିବା ରାଜ୍ୟର ଦାୟିତ୍ୱ। ଆଗକୁ ଯେପରି କୌଣସି ଅଘଟଣ ନ ଘଟେ ସେଦିଗରେ ପଦକ୍ଷେପ ନିଆଯିବ। ଆଇନ ଉଲ୍ଲଂଘନ କରିଥିବା ବିକ୍ଷୋଭକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ☞ପୃଷ୍ଠା-୨



ଶାହରୁଖ୍ ଖାନ୍



ହିମନ୍ତ ବିଶ୍ୱଶର୍ମା

ସୁଟ୍‌କେସ୍‌ରୁ ମିଳିଲା ଯୁବକଙ୍କ ମୃତଦେହ
ତୃତୀୟ ବ୍ୟକ୍ତି ସମ୍ପୃକ୍ତିରୁ ସମ୍ପର୍କରେ ଫାଟ: ଶ୍ରୀୟା
ଶିମିଳିପାଳରେ ପୁଣି ଦନ୍ତା ଶିକାର
୩

**ଆଜିର ସମ୍ପାଦକୀୟ**

ଅମାନୁଷିକ ଡାକ୍ତର

**ଆଜିର ମନ୍ତବ୍ୟ**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଭିକ୍ଷାଥାଳ ଧରି ସାରା ବିଶ୍ୱରେ ବୁଲୁଛନ୍ତି। କିନ୍ତୁ ତାଙ୍କୁ କୌଣସି ଦେଶ କିଛି ଦେଉନାହାନ୍ତି।
-ଇମ୍ରାନ୍ ଖାନ୍, ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ






# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଲାରିବା ଘର**
**ମଙ୍ଗୁଳିଲା ବର**
**ୟାଙ୍କୁ ନ ରଖିବ ବହୁତ କାଳ।**

ଛାଉଣି ପାଇଁ ଉଲୁରା ଯାଇଥିବା ଘରକୁ ବେଶିଦିନ ଖୋଲା ପକାଇ ରଖିବା ଅଶୁଭତାର ଲକ୍ଷଣ ହୋଇଥାଏ। ସେହିପରି ମଙ୍ଗୁଳା ହୋଇଥିବା ବରକୁ ଅଧିକ ସମୟ ନ ରଖି ଯଥାଶୀଘ୍ର ତା'ର ବିବାହ କରାଇଦେବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

**ଉପରୋଧ କଲି କୁକୁରକୁ**
**କୁକୁର ମୂତିଲା ଉପରକୁ।**

ଯିଏ ଯାହାକୁ ପାଳିପୋଷି ମଣିଷ କରିଥାଏ ତା' ପ୍ରତି ମନରେ ଏକପ୍ରକାର ଦରଦ ଭାବ ରହିଥାଏ। ଏଭଳି ସ୍ଥଳେ ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଉଚିତ ହୋଇ ନ ଥାଏ। ପାଳିପୋଷି ମଣିଷ କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଘ୍ନତା ପ୍ରକାଶ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଏକାଠି ହେଲେ ୬୦ହଜାର ଜନଜାତି ଅଭିଭାବକ



ଭୁବନେଶ୍ୱର, ୨୨।୧(ବ୍ୟୁରୋ)

କିସ୍ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ନେଇ ରବିବାର ଏକ ମହାଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୩୦ ଜିଲାରୁ ୬୦ହଜାର ଅଭିଭାବକ ଯୋଗଦେଇଥିଲେ। ତେବେ ଅଭିଭାବକ, ପୁରାତନ ଛାତ୍ରୀଛାତ୍ର ଓ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କୁ ମିଶାଇ ମୋଟ ୧ଲକ୍ଷ ଜନସମାଗମ ହୋଇଥିଲା। ଅଭିଭାବକମାନେ ସୁରୁଖୁରୁରେ ସେମାନଙ୍କ ପିଲାଙ୍କ ଭଲମନ୍ଦ ବୁଝିବା ପାଇଁ କିସ୍ ପରିସରରେ ଜିଲାୱାରୀ ଷ୍ଟଲ୍ ଖୋଲାଯାଇଥିଲା। ଅଭିଭାବକଙ୍କୁ ସମ୍ବୋଧିତ କରି କିସ୍ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, କିସ୍‌ର ଅଧ୍ୟୟନରତ ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ମିଶାଇ ମୋଟ ୭୦ହଜାର ଛାତ୍ରୀଛାତ୍ର ଓଡ଼ିଶାର ଜନଜାତି ଅଧ୍ୟୁଷିତ ଗାଁଗୁଡ଼ିକରେ ଶିକ୍ଷାର ବାର୍ତ୍ତାବହ ପାଲଟିଛନ୍ତି। କିସ୍ ସମଗ୍ର ଜନଜାତି ସମ୍ପ୍ରଦାୟ ମଧ୍ୟରେ ଏକ

## କିସ୍‌ରେ ମହାଅଭିଭାବକ ସମ୍ମିଳନୀ

■ କିସ୍ ସମଗ୍ର ଜନଜାତି ସମ୍ପ୍ରଦାୟ ପାଇଁ ଏକ ଆନ୍ଦୋଳନ : ଅଚ୍ୟୁତ ସାମନ୍ତ

ଆନ୍ଦୋଳନରେ ପରିଣତ ହୋଇଛି ବୋଲି ସାମନ୍ତ କହିଥିଲେ। ଏହି ଅବସରରେ ସେ ସମସ୍ତ ଅଭିଭାବକ ସର୍ବୋପରି ଜନଜାତି ଲୋକଙ୍କ ସହଯୋଗ କାମନା କରିଥିଲେ। ସମ୍ମିଳନୀର ମୁଖ୍ୟ ଆକର୍ଷଣ ଥିଲା ସାମୁହିକ ମଧ୍ୟାହ୍ନ ଭୋଜନ। ୧ଲକ୍ଷ ଲୋକ କିସ୍‌ରେ ଏକାଠି ମଧ୍ୟାହ୍ନ ଭୋଜନ କରିବା ଏକ ଅନନ୍ୟ ପରିବେଶ ସୃଷ୍ଟି କରିଥିଲା। କିସ୍ ଓ କିଟ୍‌ର ସଭାପତି ଶାଶ୍ୱତୀ ବଳ, ସମ୍ପାଦକ ଆର୍. ଏନ୍. ଦାଶ, କିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପି. କେ. ରାଉତରାୟ ଓ ରାଜ୍ୟସଭା ସଦସ୍ୟ ତଥା ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଭାର ମହାସଚିବ ନିରଞ୍ଜନ ବିଶି ପ୍ରମୁଖ ଉପସ୍ଥିତ ଥିଲେ।

ଅଭିଭାବକମାନେ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରି କହିଲେ, ସେ କିସ୍ ଭଳି ଅନୁଷ୍ଠାନ ପ୍ରତିଷ୍ଠା କରି ଜନଜାତିଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇପାରିଛନ୍ତି। କିସ୍‌କୁ ଏକ ସଫଳ ଅନୁଷ୍ଠାନରେ ପରିଣତ କରିବା ସହ ପଢୁଥିବା ପ୍ରତ୍ୟେକ ପିଲାଙ୍କୁ ଜଣେ ଜଣେ ସଫଳ ମଣିଷ କରି ଗଢ଼ି ତୋଳିଛନ୍ତି। ସାମନ୍ତଙ୍କୁ ତାଙ୍କ ଉତ୍ସର୍ଗୀକୃତ ଜୀବନ ପାଇଁ ଜନଜାତି ଅଭିଭାବକମାନେ ଧନ୍ୟବାଦ ଜଣାଇବା ସହ ପ୍ରତି ଜିଲାରେ ତାଙ୍କୁ କୃତଜ୍ଞତା ଜଣାଇବେ ବୋଲି ଘୋଷଣା କରିଥିଲେ। ସେମାନଙ୍କ ପିଲାମାନେ କିସ୍‌ରେ ରହି ଉନ୍ନତମାନର ଶିକ୍ଷା ଲାଭ କରିବା ସହ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିପାରୁଥିବାରୁ ଅଭିଭାବକମାନେ ଖୁସି ବ୍ୟକ୍ତ କରିଥିଲେ।

# ଆଜି ୯ ଜିଲାକୁ ଘନକୁହୁଡ଼ି

ଭୁବନେଶ୍ୱର, ୨୨।୧(ବ୍ୟୁରୋ)

ଗୁରୁଚାପ ବଳୟ ପ୍ରଭାବରେ ରାଜ୍ୟରେ ଶୀତ କମିଯାଇଥିବାବେଳେ କୁହୁଡ଼ି ଲାଗି ରହିଛି। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ପରିଲକ୍ଷିତ ହେବ। ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସୋମବାରରୁ ମଙ୍ଗଳବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ କଟକ, ଜଗତ୍‌ସିଂହପୁର, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼ ଓ କନ୍ଧମାଳ ଆଦି ୯ ଜିଲାରେ ଘନ କୁହୁଡ଼ି ହେବ। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହାଛଡ଼ା ଭଦ୍ରକ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଗଜପତି, କଳାହାଣ୍ଡି, ଯାଜପୁର, ରାୟଗଡ଼ା ଓ କୋରାପୁଟର କିଛି ସ୍ଥାନରେ ସ୍ୱଳ୍ପ ଧରଣର କୁହୁଡ଼ି ହେବ। ସେପଟେ ସାମୁଦ୍ରିକ ବାୟୁର ପ୍ରଭାବ ଯୋଗୁ ରାତ୍ରି ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ। ରବିବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ରାତ୍ରିର ତାପମାତ୍ରାରେ ସେଭଳି କୌଣସି ପରବର୍ତ୍ତନ ନାହିଁ।

# ଏକ୍‌ଜାମ୍ ୱାରିୟର୍ସର ଓଡ଼ିଆ ସଂସ୍କରଣ ଏକ ପ୍ରେରଣାଦାୟୀ ପୁସ୍ତକ: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୨।୧(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଲିଖିତ ପୁସ୍ତକ ଏକ୍‌ଜାମ୍ ୱାରିୟର୍ସର ଓଡ଼ିଆ ସଂସ୍କରଣ ଛାତ୍ରୀଛାତ୍ରଙ୍କ ସମେତ ସେମାନଙ୍କ ଅଭିଭାବକମାନଙ୍କ ଲାଗି ମଧ୍ୟ ଏକ ପ୍ରେରଣାଦାୟୀ ପୁସ୍ତକ




ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି। ସେ ତାଙ୍କ ଟୁଇଟ୍‌ରରେ ଉଲ୍ଲେଖ କରିଛନ୍ତି ଯେ, ପରୀକ୍ଷା ଚାପକୁ କମ୍ କରିବାରେ ଏହି ପୁସ୍ତକ ଫଳପ୍ରଦ ହେବ। ଏକ୍‌ଜାମ୍ ୱାରିୟର୍ସକୁ ପଢ଼ି ଛାତ୍ରୀଛାତ୍ରମାନେ ଅଧିକ ଆତ୍ମବିଶ୍ୱାସର ସହ ପରୀକ୍ଷାକୁ ଉତ୍ସବ ଭାବେ ପାଳନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲିଖିତ ପୁସ୍ତକ ଏକ୍‌ଜାମ ୱାରିୟର୍ସର ନୂତନ ଓ ପରିବର୍ଦ୍ଧିତ ସଂସ୍କରଣ ଓଡ଼ିଆ ଓ ଇଂଲିଶ ସମେତ ୧୩ଟି ଭାରତୀୟ ଭାଷାରେ ପ୍ରକାଶିତ ହେଉଛି। ଆସନ୍ତା ୨୭ରେ ଦେଶର ଛାତ୍ରୀଛାତ୍ରଙ୍କ ସହ ବହୁ ପ୍ରତୀକ୍ଷିତ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ସେମାନଙ୍କୁ ସଫଳତାର ମନ୍ତ୍ର ଦେବେ ବୋଲି ଜଣାପଡ଼ିଛି।

# ଡିଗ୍ରୀ କଲେଜର ଏକାଡେମିକ୍ ଅଡିଟ୍ ହେବ

ଭୁବନେଶ୍ୱର, ୨୨।୧(ବ୍ୟୁରୋ) – ରାଜ୍ୟରେ ଖୁବ୍‌ଶୀଘ୍ର ଡିଗ୍ରୀ କଲେଜରେ ଏକାଡେମିକ୍ ଅଡିଟ୍ ଆରମ୍ଭ ହେବ। ସରକାରୀ, ଅନୁଦାନପ୍ରାପ୍ତ କଲେଜ ସମେତ ସ୍ୱୟଂଶାସିତ କଲେଜଗୁଡ଼ିକରେ ଏହି ଅଡିଟ୍ କରାଯାଇ ୩ ମାସ(ଏପ୍ରିଲ ଶେଷ)ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମୋଟ ୪ଟି ପର୍ଯ୍ୟାୟରେ ଅଡିଟ୍ ହେବ। ଏଥିପାଇଁ ସ୍ୱତନ୍ତ୍ର ୬ଟି ସ୍କ୍ୱାଡ୍ ଗଠନ କରାଯାଇଛି। ଅଡିଟ୍‌ରେ କଲେଜର ଭିତ୍ତିଭୂମି ଓ ଗୁଣାତ୍ମକ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଯଦି କୌଣସି କଲେଜରେ ଶୈକ୍ଷିକ ପରିବେଶ ନ ଥିବ ବା ଛାତ୍ରୀଛାତ୍ରମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଥିବେ ତେବେ ସମ୍ପୃକ୍ତ କଲେଜ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଡିଟ୍‌ରେ ମୋଟ୍ ୧୦୦ ମାର୍କ ରହିବ। ୫୦ପ୍ରତିଶତ ତଳକୁ ମାର୍କ ରହିଲେ ସେହି କଲେଜଗୁଡ଼ିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପ୍ରଥମ ପୃଷ୍ଠାରୁ...

### ଅଢ଼େଇବର୍ଷ ପରେ ...



ଗିରଫ ଦୁଇ ଅଭିଯୁକ୍ତଙ୍କ ସହ ଆଇଆଇସି ଆନ୍ନା ମିଞ୍ଜ ଓ ଅନ୍ୟ ପୋଲିସ କର୍ମଚାରୀ।

ଆଇଆଇସି ରଞ୍ଜନ କୁମାର ବିଶ୍ୱାଳ, ବ୍ରଜରାଜନଗର ଥାନା ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଏହି ପୋଲିସ ଟିମ୍ ନିଖୋଜ ଡ୍ରାଇଭର, ସ୍ତ୍ରୀ, ଶଳାଙ୍କ ଫୋନ୍ ନମ୍ବର ଟ୍ରାକିଂ କରିବା ପରେ କେତେକ ତଥ୍ୟ ପାଇଥିଲେ। ଉକ୍ତ ତଥ୍ୟ ଆଧାରରେ ପୋଲିସ ଡମ୍ବରୁଧରଙ୍କ ସ୍ତ୍ରୀ ଓ ଶଳାଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ପୋଲିସର ବାରମ୍ବାର ଜେରା ପରେ ଉଭୟେ ଡମ୍ବରୁଧରଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏନେଇ ଦମୟନ୍ତୀ କହିଛନ୍ତି ତାଙ୍କ ସ୍ୱାମୀ ସବୁବେଳେ ଘରେ ମାରପିଟ୍ କରି ତାଙ୍କୁ ନିର୍ଯାତନା ଦେଉଥିଲେ। ଏଥିରେ ଅତିଷ୍ଠ ହୋଇ ଭାଇ ଓ ଭଉଣୀ ଯୋଜନାବଦ୍ଧଭାବେ ତାଙ୍କ ହାତଗୋଡ଼ ବାନ୍ଧି ଏକ ଗାମୁଛାରେ ତଣ୍ଟିଚିପି ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ ପାଇଁ ଘରେ ଥିବା ପାଇଖାନା ଟାଙ୍କିରେ ପକାଇ ପୋତି ଦେଇଥିଲେ। ସେମାନଙ୍କଠାରୁ ଘଟଣା ବିଷୟରେ ଜାଣିବା ପରେ ପୋଲିସ ମାଜିଷ୍ଟ୍ରେଟ ତଥା ଆସିଷ୍ଟାଣ୍ଟ କଲେକ୍ଟର ଦୀନବନ୍ଧୁ ପିଙ୍ଗୁଆ, ଆର୍‌ଆଇ ରୋଜାଲିନ୍ ତିର୍କୀଙ୍କ ଉପସ୍ଥିତିରେ ପାଇଖାନା ଟାଙ୍କିରୁ କଙ୍କାଳ ଜବତ କରିଛି। ତଦନ୍ତକାରୀ ଆଇଆଇସି ଆନ୍ନା ମିଞ୍ଜଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ବନହରପାଲି ଥାନାରେ ଏକ ହତ୍ୟା ମାମଲା (ନଂ.୧୦।୨୩) ରୁଜୁ କରିଛି।

ପ୍ରକାଶ ଯେ, ଡମ୍ବରୁଧରଙ୍କ ଘର ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅମତାପାଲି ଅଞ୍ଚଳରେ ହୋଇଥିବାବେଳେ ସେ ବନ୍ଧବାହାଲ ଶାନ୍ତିନଗରରେ ଘରକରି ରହୁଥିଲେ। ଦମୟନ୍ତୀ ପୂର୍ବରୁ ମୟୂରଭଞ୍ଜର ଚନ୍ଦ୍ରମୋହନ ନାୟକଙ୍କୁ ପ୍ରଥମ ବିବାହ କରିଥିଲେ। ତାଙ୍କର ୨ପୁତ୍ର ସନ୍ତାନ ରହିଥିବାବେଳେ ପ୍ରଥମ ସ୍ୱାମୀ କୁଆଡ଼େ ନିଖୋଜ ହୋଇଯାଇଥିଲେ। ପରେ ଦମୟନ୍ତୀ ଡ୍ରାଇଭର ଡମ୍ବରୁଧରଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ୱାମୀଙ୍କ ୨ ସନ୍ତାନ ତାଙ୍କ କାକା ପାଖରେ ରହୁଛନ୍ତି। ଡମ୍ବରୁଧରଙ୍କ ନିଖୋଜ ମାମଲା ପୋଲିସ୍ ଉନ୍ମୋଚନ କରିଥିବାବେଳେ ଦମୟନ୍ତୀଙ୍କ ପ୍ରଥମ ସ୍ୱାମୀ ଚନ୍ଦ୍ରମୋହନଙ୍କ ଭାଇ ଦୁର୍ଗାଚରଣ ନାୟକ ବନ୍ଧବାହାଲ ଫାଣ୍ଡିରେ ପହଞ୍ଚି ତାଙ୍କ ଭାଇ ନିଖୋଜ ଘଟଣାର ତଦନ୍ତ ଦାବି କରିଛନ୍ତି। ପୋଲିସ ଏହାର ତଦନ୍ତ କଲେ ତାଙ୍କ ଭାଇଙ୍କ ନିଖୋଜ ପର୍ଦ୍ଦାଫାଶ ହେବ ବୋଲି ସେ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଡ୍ୟାନ୍ସ କ୍ଲବ୍‌ରେ ...

ଫେରାର ହୋଇଯାଇଥିଲେ। ଏଥିରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣକାରୀଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ସେ କେଉଁ କାରଣରୁ ଗୁଳି ଚଳାଇଥିଲେ ତାହା ମଧ୍ୟ ଜଣାପଡ଼ିନାହିଁ। ପୋଲିସ ସମ୍ପୃକ୍ତ ଅଞ୍ଚଳକୁ ଘେରି ତନାଘନା ଚଳାଇଛି। ଏହି ଗଣହତ୍ୟା ପରେ ରବିବାର ହେବାକୁ ଥିବା ନବବର୍ଷର ସବୁ କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଛି। ପ୍ରକାଶ ଯେ, ଆମେରିକାରେ ବନ୍ଧୁକ ଲାଇସେନ୍ସକୁ ନେଇ କୋହଳ ନୀତି ରହିଥିବାରୁ ଏପରି ଗୁଳିକାଣ୍ଡ ବାରମ୍ବାର ଘଟୁଛି। ୨୦୨୨ରେ ୬୪୭ଟି ବନ୍ଧୁକ ହିଂସା ଘଟିଥିଲା। ଗତବର୍ଷ ମେ' ୨୪ରେ ଟେକ୍ସାସ୍‌ର ଏକ ସ୍କୁଲ୍‌ରେ ଗୁଳିମାଡ଼ରେ ୨୧ ଜଣଙ୍କ ଜୀବନ ଯାଇଥିଲା। ଦୁଇମାସ ତଳେ କୋଲୋରାଡୋ ସ୍ପ୍ରିଂସ ନାଇଟ୍ କ୍ଲବ୍‌ରେ ମଧ୍ୟ ବନ୍ଧୁକ ହିଂସାରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା।

### ସଡନ୍‌ଡେଥ୍‌ରେ ଭାରତ ...

ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଭାରତ ଆଉ କେତୋଟି ଭଲ ସୁଯୋଗ ସୃଷ୍ଟି କରିଥିଲେ ହେଁ ଫିନିଶିଂ ହୋଇପାରି ନ ଥିଲା। ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୮ତମ ମିନିଟରେ ଲଳିତ ଉପାଧ୍ୟାୟ ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିଲେ। ଲଳିତଙ୍କ ଏହି ଗୋଲବେଳେ ପୂରା ଷ୍ଟାଡିୟମ ପ୍ରକମ୍ପିତ ହୋଇଥିଲା। ୨୧ ଓ ୨୩ତମ ମିନିଟରେ ଭାରତ ଆଉ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲା। ୨୨ତମ ମିନିଟରେ ଶମ୍‌ସେର ସିଂ ଏକ ଫିଲ୍ଡ ଗୋଲ ଦେଇଥିଲେ ହେଁ ତାହା ରେଫରାଲରେ ନାକଚ ହୋଇ ଯାଇଥିଲା। ଅମ୍ପାୟର ଭାରତ ସପକ୍ଷରେ ଗୋଲ ସଙ୍କେତ ଦେଖାଇଥିଲେ। ସ୍କୋର ବୋର୍ଡରେ ମଧ୍ୟ ଭାରତ ଗୋଲ ସଂଖ୍ୟା ୨ ସୂଚୀତ ହୋଇଥିଲା। ମାତ୍ର ରେଫରାଲରେ ଭେରିଏଶନ ସମୟରେ ବଲ୍ ଗୋଲପୋଷ୍ଟ ବାହାରେ ଲାଇନ୍ ସ୍ପର୍ଶକରି ଫେରିଥିବା ଜଣା ପଡ଼ିବାପରେ ଭିଡିଓ ଅମ୍ପାୟର ତାହାକୁ ନାକଚ କରି ଦେଇଥିଲେ। ୨୪ତମ ମିନିଟରେ ଘରୋଇ ଦଳ ଚତୁର୍ଥ ପେନାଲ୍ଟି କର୍ନର ପାଇଥିଲା। ହରମନପ୍ରୀତ ମାରିଥିବା ଶଟ୍ ନ୍ୟୁଜିଲାଣ୍ଡ ଗୋଲକିପର ଡୋମିନିକ୍ ଡିକ୍ସନଙ୍କଦ୍ୱାରା ସେଭ୍ ହୋଇ ଫେରି ଆସୁଥିବାବେଳେ ସୁଖଜିତ ସିଂ ରିବାଉଣ୍ଡ ଶଟ୍ ଜରିଆରେ ଏହାକୁ ଗୋଲରେ ପରିଣତ କରିଥିଲେ। ପ୍ରଥମାର୍ଦ୍ଧ ଶେଷଭାଗରେ ଭାରତୀୟ ରକ୍ଷଣଭାଗରେ ତ୍ରୁଟିର ଫାଇଦା ଉଠାଇଥିଲା ନ୍ୟୁଜିଲାଣ୍ଡ। ୩୦ତମ ମିନିଟରେ ସିଅନ ଫିଣ୍ଡଲେଙ୍କଠାରୁ ପାଇଥିବା ପାସ୍‌କୁ ନିୟନ୍ତ୍ରଣକୁ ଆଣି ସାମ୍ ଲେନ୍ ଚତୁରତାର ବଲ୍‌କୁ ଭାରତୀୟ ଗୋଲପୋଷ୍ଟକୁ ପଠାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତର ଅଗ୍ରଣୀ ବ୍ୟବଧାନ ୨-୧କୁ ହ୍ରାସ ପାଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳ ସ୍ୱାଭାବିକଭାବେ ଉତ୍ତେଜନାରେ ଭରି ରହିଥିଲା। ଉଭୟ ଦଳର ଆକ୍ରମଣ ପ୍ରତିଆକ୍ରମଣ ମଧ୍ୟରେ ୩୮ତମ ମିନିଟରେ ଭାରତ ଏକ ପେନାଲ୍ଟି କର୍ନର ପାଇ ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ହରମନପ୍ରୀତ୍‌ଙ୍କ ଶଟ୍ ଅତ୍ୟନ୍ତ ଦୁର୍ବଳ ଥିଲା। ବଲ୍ ଗୋଲକିପରଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥିଲା। ନ୍ୟୁଜିଲାଣ୍ଡ ଖେଳାଳିଙ୍କ ତ୍ରୁଟି ଯୋଗୁ ୪୦ତମ ମିନିଟରେ ଭାରତକୁ କ୍ରମାଗତ ୨ଟି ପେନାଲ୍ଟି କର୍ନର ମିଳିଥିଲା। ପ୍ରଥମଟି ସେଭ୍ ହୋଇ ଯାଇଥିଲେ ହେଁ ଦ୍ୱିତୀୟଟିରେ ବରୁଣ କୁମାର ମାରିଥିବା ଶଟ୍ ସିଧାସଳଖ ବିପକ୍ଷ ଗୋଲକିପର ଡିକ୍ସନଙ୍କୁ ଚକ୍‌ମା ଦେଇଥିଲା। ମାତ୍ର ଭାରତ ଏହି ଗୋଲପାଇଁ ଖୁସି ମନାଇବାକୁ ବେଶୀ ସମୟ ପାଇ ନ ଥିଲା। କାରଣ ୪୩ତମ ମିନିଟରେ ନ୍ୟୁଜିଲାଣ୍ଡକୁ ମିଳିଥିବା ପେନାଲ୍ଟି କର୍ନରକୁ କେନ୍ ରସେଲ ଗୋଲରେ ପରିଣତ କରି ତୃତୀୟ କ୍ୱାର୍ଟର ଶେଷ ବେଳକୁ ଭାରତର ଗୋଲ ବ୍ୟବଧାନକୁ ପୁଣି ୩-୨କୁ ହ୍ରାସ କରି ଦେଇଥିଲେ। ରସେଲ ସିଧାସଳଖ ଶଟ୍ ମାରିଥିଲେ ହେଁ ଭାରତ ଗୋଲକିପର ପି.ଆର. ଶ୍ରୀଜେଶ ରୋକିପାରି ନ ଥିଲେ। ନ୍ୟୁଜିଲାଣ୍ଡର ଏହାଥିଲା ପ୍ରଥମ ପେନାଲ୍ଟି କର୍ନର। ଫଳରେ ଶେଷ କ୍ୱାର୍ଟରରେ ଭାରତୀୟ ଦର୍ଶକଙ୍କ ହୃତ୍‌ସ୍ପନ୍ଦନ ବଢ଼ିଥିଲା। ରକ୍ଷଣଭାଗରେ କ୍ରମାଗତ ତ୍ରୁଟି ଭାରତ ପାଇଁ ମହଙ୍ଗା ପଡ଼ିଥିଲା। ୪୯ତମ ମିନିଟରେ ନ୍ୟୁଜିଲାଣ୍ଡକୁ ଦ୍ୱିତୀୟ ପେନାଲ୍ଟି କର୍ନର ମିଳିଥିଲା ଏବଂ ସିଅନ ଫିଣ୍ଡେଲେ ଏହାକୁ ଗୋଲରେ ପରିଣତ କରିବାରେ ସଫଳ ହୋଇଥିଲେ। ଫଳରେ ମ୍ୟାଚ ୩-୩ ସ୍ଥିତକୁ ଚାଲି ଆସିଥିଲା। ଅଗ୍ରଣୀ ପାଇଁ ଏକାଧିକ ସୁଯୋଗ ସୃଷ୍ଟି ହୋଇଥିଲେ ହେଁ ଭାରତ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିଥିଲା। ୫୨ତମ ମିନିଟରେ ପେନାଲ୍ଟି କର୍ନର ମିଳିଥିଲେ ହେଁ ହରମନପ୍ରୀତଙ୍କ ଶଟ୍ ଅତ୍ୟନ୍ତ ଧିମା ରହିଥିଲା। ୫୩ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ବରୁଣ କୁମାରଙ୍କ ଶଟ୍ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିଲା। ଶେଷ ମୁହୂର୍ତ୍ତରେ ନାଟକୀୟ ପରିସ୍ଥିତିରେ ଭାରତ ଅଳ୍ପକେ ଏକ ଗୋଲ ବରଣରୁ ବର୍ତ୍ତି ଯାଇଥିଲା। ଫଳରେ ମ୍ୟାଚ ଶୁଟ୍ ଆଉଟ ପର୍ଯ୍ୟାୟକୁ ଯାଇଥିଲା।

### ବିଶ୍ୱଶର୍ମାଙ୍କୁ ଫୋନ ...

ବିଶ୍ୱଶର୍ମା ଶାହରୁଖ୍‌ଙ୍କୁ ପ୍ରତିଶ୍ରୁତି ଦେଇଥିବା ଟୁଇଟ୍‌ରରେ ସୂଚନା ଦେଇଛନ୍ତି। ଏପରି କି ଶାହରୁଖ୍ ଉକ୍ତ ପ୍ରେକ୍ଷାଳୟର ମାଲିକ ରାଜୀବ ବୋରାଙ୍କୁ ମଧ୍ୟ ଫୋନ୍ କରିଥିଲେ। ଶନିବାର ବିକ୍ଷୋଭକାରୀମାନେ କ'ଣ ଘଟାଇଛନ୍ତି ବିସ୍ତୃତ ଭାବେ ଜାଣିବାକୁ ସେ ଚାହିଁଥିଲେ ବୋଲି ଗୋଲ୍ଡ ସିନେମା ସିଇଓ ରାଜୀବ କହିଛନ୍ତି। ପ୍ରକାଶ ଯେ, ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ତଥା ଶାହରୁଖ୍, ଦୀପିକା ଓ ଜନ୍ ଆବ୍ରାହମ୍‌ଙ୍କ ଭଳି ନାମୀଦାମୀ କଳାକାରଙ୍କ ଅଭିନୀତ 'ପଠାନ୍' ରିଲିଜ୍‌କୁ ଆଉ ମାତ୍ର ଦୁଇଦିନ ବାକି ଥିବାବେଳେ ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଏହାକୁ ବିରୋଧ କରାଯାଉଛି। ୨୫୦ କୋଟି ଟଙ୍କାରେ ନିର୍ମିତ ଏହି ବିଗ୍ ବଜେଟ୍ ଫିଲ୍ମ ହିନ୍ଦୁମାନଙ୍କ ଧର୍ମୀୟ ଭାବାବେଗକୁ କୁଠାରାଘାତ କରିଥିବା ଅଭିଯୋଗ ଆଣି ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ସମେତ ଅନ୍ୟ ଦକ୍ଷିଣପନ୍ଥୀ ସଙ୍ଗଠନଗୁଡ଼ିକ ଏହାର ରିଲିଜ୍ ଉପରେ ବ୍ୟାନ୍ ଲଗାଇବାକୁ ଦାବି କରୁଛନ୍ତି। ନିକଟରେ ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରା ଏହାକୁ ରାଜ୍ୟରେ ପ୍ରଦର୍ଶନ ଉପରେ କଟକଣା ଜାରି କରାଯିବ ବୋଲି ଚେତାବନୀ ଦେଇଥିଲେ। ଗତ ୧୭ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଭାଜପା ଜାତୀୟ କାର୍ଯ୍ୟକାରିଣୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମୋଦି କହିଥିଲେ, ଆମ ଦଳର ଜଣେ ନେତା ଅଛନ୍ତି, ଯିଏ ସବୁ ଫିଲ୍ମ ଉପରେ କିଛି ନା କିଛି ମନ୍ତବ୍ୟ ଦେଉଛନ୍ତି। ଟିଭିରେ ନିଜକୁ ଦେଖି ସେ ଭାବୁଛନ୍ତି ମୁଁ ନେତା ହେଉଛି। ପ୍ରତ୍ୟେକ ସିନେମା ସମ୍ପର୍କରେ ବୟାନ ଦେବା କ'ଣ ଜରୁରୀ ବୋଲି ପ୍ରଧାନମନ୍ତ୍ରୀ ତାଗିଦ କରିଥିଲେ। ନରୋତ୍ତମ କହିଥିଲେ, ମୁଁ ସେହି ନେତା। ପ୍ରଧାନମନ୍ତ୍ରୀଙ୍କ ଆଦେଶ ଶିରୋଧାର୍ଯ୍ୟ।

### ବଳାତ୍କାର ଉଦ୍ୟମକାରୀଙ୍କୁ ...

ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ମହିଳା ଜଣକ ମଙ୍ଗଳଙ୍କୁ ଏକ କୋଦାଳ ସାହାଯ୍ୟରେ ପିଟିପିଟି ହତ୍ୟା କରିଥିଲେ। ପରେ ସେଠାରୁ ପଳାଇଥିଲେ। ରବିବାର ଜଙ୍ଗଲରେ ଦୁର୍ଗନ୍ଧ ହେବାରୁ ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପିଆର୍‌ଏମ୍ ହସ୍ପିଟାଲକୁ ପଠାଇଥିଲେ। ମଙ୍ଗଳଙ୍କ ମା' ଗତ ସୋମବାର ସଦର ଥାନାରେ କରିଥିବା ନିଖୋଜ ମାମଲା ଆଧାରରେ ପୋଲିସ ପରିଚୟ ପାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୧୯/୨୩) ରୁଜୁ ହୋଇଛି। ଅଭିଯୁକ୍ତ ମହିଳାଙ୍କୁ ଗିରଫ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରିଣୀ ମଧୁସ୍ମିତା ମହାନ୍ତି କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମସ୍ଥାନରେ ରବି ଓ ଚନ୍ଦ୍ରଙ୍କ ସମାଗମ ଫଳରେ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ନିଶ୍ଚିତ ସଫଳତା ପାଇବେ। ସାମାଜିକ ସ୍ତରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ବାଣିଜ୍ୟ, ପରିବହନ, ଓ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରୁ ସୁଫଳ ମିଳିବ।

**ବୃଷ** – କାର୍ଯ୍ୟଭାର ବୃଦ୍ଧି ହେତୁ ଚାପଗ୍ରସ୍ତ ହୋଇପାରନ୍ତି। ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ ଓ ଝଗଡ଼ାର ସମ୍ଭାବନା ରହିଛି। ବୁଧଙ୍କ ସ୍ଥିତିଜନିତ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ। ବନ୍ଧୁଙ୍କ ପରାମର୍ଶରେ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ବ୍ୟବସାୟ, ଶିଳ୍ପ ଓ ପରିବହନରେ ଆଶାନୁରୂପକ ସଫଳତା ହାସଲ କରିବେ।

**ମିଥୁନ** – ପରିସ୍ଥିତି ପ୍ରତି ସଜାଗ ରହି କାମ ନ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ନିଜର ଲୋକମାନେ ମଧ୍ୟ ବିରୁଦ୍ଧାଚରଣ କରିପାରନ୍ତି। ପ୍ରତ୍ୟେକ କାମରେ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ଆର୍ଥିକ ଅନଟନ ମଧ୍ୟ କାମକୁ ଅବରୁଦ୍ଧ କରିପାରେ।

**କର୍କଟ** – ଶନିଙ୍କ ଦୃଷ୍ଟି ପ୍ରଭାବରେ ବିଫଳତାର ନୈରାଶ୍ୟରେ ଭାଗ୍ୟ ଓ ଭଗବାନଙ୍କ ନିକଟରୁ ବିଶ୍ୱାସ ହରାଇଲା ଭଳି ଅନୁଭବ କରିବେ। ଅନ୍ୟ ପାଇଁ ଯାହା ସହଜଲଭ୍ୟ ଆପଣଙ୍କ ପାଇଁ ତାହା ଦୁରୂହ ହୋଇ ପଡ଼ିବ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ଉପୁଜିପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ ଅନ୍ୟଥା ସମସ୍ୟା ବଢ଼ି ବଢ଼ି ଯିବାର ସୂଚନା ରହିଛି।

**ସିଂହ** – ଶନି ଓ ଶୁକ୍ରଙ୍କ ଦୃଷ୍ଟିରୁ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ବନ୍ଧୁମାନଙ୍କ ଅସହଯୋଗରେ କେତେକ ବ୍ୟତିକ୍ରମ ଦେଖିପାରିବେ। ଆଜିର ଯିବା ବାଟରେ କୌଣସି ବନ୍ଧୁଙ୍କ ସହ ବନ୍ଧୁତ୍ୱ ସୃଷ୍ଟି କରିପାରନ୍ତି। ବ୍ୟବସାୟିକ, ଆର୍ଥିକ, ସାମାଜିକ ପ୍ରତିଷ୍ଠା ହାସଲ ପାଇଁ ଚେଷ୍ଟିତ ହେବେ।

**କନ୍ୟା** – କାର୍ଯ୍ୟ ହାସଲ କ୍ଷେତ୍ରରେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି। କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ବନ୍ଧୁଙ୍କ କାର୍ଯ୍ୟାବଳୀର ସମୀକ୍ଷା କରି ଛୋଟ କଥାକୁ ବଡ଼ ଆକାରରେ ଚିନ୍ତା କରିବେ। ଧନସ୍ଥ କେତୁ ହେତୁ ଆର୍ଥିକ ସ୍ଥିତି ଦୁଶ୍ଚିନ୍ତାର କାରଣ ହେବ, କିନ୍ତୁ ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ।

**ତୁଳା** – ପ୍ରତ୍ୟେକ କଥାକୁ ଗର୍ଭସ୍ଥ କରି ଚଳିପାରିଲେ ପାରିବାରିକ ସ୍ଥିତି ସାବଲୀଳ ରହିବ। ସମସ୍ୟା ମଧ୍ୟରେ ଗତି କରି ମଧ୍ୟ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଶୁକ୍ର ଓ ଚନ୍ଦ୍ରଙ୍କ ସୁପ୍ରଭାବରୁ କ୍ରୀଡ଼ା, କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ପାରଦର୍ଶିତା ହାସଲ କରି ପାରନ୍ତି। ସଭାସମିତିରେ ବୁଦ୍ଧିଜୀବୀଙ୍କ ପାଇଁ ଦିନଟି ଭଲରେ କଟିବ।

**ବିଛା** – କର୍ମକ୍ଷେତ୍ରରେ କୌଣସି ଯୁବ ବ୍ୟକ୍ତିଠାରୁ ଅଯାଚିତ ଭାବରେ ଯଥେଷ୍ଟ ସହାୟତା ପାଇବେ। ପାରିବାରିକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ଭଉଣୀଙ୍କ ତରଫରୁ ସମସ୍ୟା ଆସିପାରେ। ଅନୁରାଧା ନକ୍ଷତ୍ର ନୂତନ ଯୋଜନା ପାଇଁ କର୍ମତତ୍ପର ହୋଇ ଉଠିବେ। କୌଣସି ବ୍ୟକ୍ତି ବିଶେଷଙ୍କ ପରୋକ୍ଷ ଶତ୍ରୁତା କାର୍ଯ୍ୟହାନିର କାରଣ ସାଜିପାରେ।

**ଧନୁ** – ଆଜି ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ହେତୁ ସାମୟିକ ହସର ଝଲକ ସୃଷ୍ଟି ହେବ। କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। ଦୀର୍ଘଦିନରୁ ଅଟକି ରହିଯାଇଥିବା କାମକୁ ସମ୍ପନ୍ନ କରିବାକୁ ମନ ବଳାଇ ପାରନ୍ତି। ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟ ଦେଖାଦେଇପାରେ।

**ମକର** – କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଅର୍ଥ ସଂଗ୍ରହ ପ୍ରଚେଷ୍ଟା ଜାରି ରଖନ୍ତୁ ଅବଶ୍ୟ ଉପକୃତ ହେବେ। ନିଜ ପରିସରର ବ୍ୟକ୍ତିବିଶେଷଙ୍କ କଥାକୁ ବିଶ୍ୱାସ କରି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ସନ୍ତାନ ହେତୁକ ପୀଡ଼ା କିମ୍ବା ଗୁରୁଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିବେ।

**କୁମ୍ଭ** – ସାମାଜିକ ସ୍ତରରେ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଶିକ୍ଷା, ପରୀକ୍ଷା, ସାକ୍ଷାତ୍‌କାର ତଥା ବ୍ୟବସାୟରେ ସମସ୍ୟା ଦେଖାଦେଇପାରେ। ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ି ଚାଲନ୍ତୁ, ସଫଳତା ପାଇବେ। ପାରିବାରିକ କ୍ଷେତ୍ର ପୂର୍ବପରି ରହିବ, କିନ୍ତୁ ଅତୀତ ଘଟଣାକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ।

**ମୀନ** – ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ି ହେବ ନାହିଁ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କିମ୍ବା ପରୋକ୍ଷ ଶତ୍ରୁତା ହେତୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ଆଜି ହଠାତ୍ କୌଣସି ସମଶ୍ରେଣୀୟ ବ୍ୟକ୍ତିମାନଙ୍କ ସହ ବାଦାନୁବାଦ ହୋଇପାରେ। ବ୍ୟୟ ଭାର କମିକମି ଆସିବ, କିନ୍ତୁ ଭାବିଚିନ୍ତି ଆଗକୁ ପାଦ ବଢ଼ାଇବା ଠିକ୍ ହେବ।

ଆଜି ମାଘମାସ ଶୁକ୍ଳ ଦ୍ୱିତୀୟା ସୋମବାର, ଜାନୁୟାରୀ ୨୩ ତାରିଖ, ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ, ବୀର ସୁରେନ୍ଦ୍ରସାଏ ଜୟନ୍ତୀ, ରାଶି ନକ୍ଷତ୍ର, ଧନିଷ୍ଠା/ମକର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬/୨୭ ଗତେ, ଘ.୦୭/୫୦ ମଧ୍ୟେ, ଘ.୧୦/୫୨ ଗତେ, ଘ.୦୧/୦୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭/୫୦ ଗତେ, ଘ.୦୯/୧୩ ମଧ୍ୟେ ରାହୁକାଳ ॥

## ସଂକ୍ଷେପରେ

### ମହାପ୍ରଭୁଙ୍କୁ ଦର୍ଶନ କଲେ ଅନୁପମ୍ ଖେର୍



**ପୁରୀ ଅଫିସ,୨୨।୧:** ବଲିଉଡ୍ ଅଭିନେତା ଅନୁପମ୍ ଖେର୍ ରବିବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଅନୁପମ ମହାପ୍ରଭୁଙ୍କ ଦର୍ଶନ କରି ବେଶ୍ ଭାବବିହ୍ୱଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଅନୁପମ୍ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସୁରକ୍ଷା ବଳୟ ମଧ୍ୟରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ। ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କ କୌଳିକ ପଣ୍ଡା ତାଙ୍କୁ ଶ୍ରୀମନ୍ଦିର ଭିତରକୁ ସ୍ୱାଗତ କରିଥିଲେ। ବାଇଶ ପାହାଚ ଦେଇ ଅନୁପମ ଶ୍ରୀମନ୍ଦିର ପରିସରକୁ ଯାଇଥିଲେ। ଭିତର କାଠ ନିକଟରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ପରେ ଭିତର ବେଢ଼ାରେ ଥିବା ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପରେ କିଛି ସମୟ ଶ୍ରୀମନ୍ଦିର ଭିତରେ ବିତାଇ ବାଇଶ ପାହାଚ ଦେଇ ପ୍ରସ୍ଥାନ କରିଥିଲେ। ତେବେ ବାଇଶ ପାହାଚରେ କିଛି ସମୟ ରହି ମହାପ୍ରଭୁ ଏବଂ ଶ୍ରୀମନ୍ଦିର ସମ୍ପର୍କରେ ପଚାରି ବୁଝିଥିଲେ। ମହାପ୍ରଭୁଙ୍କ ଦର୍ଶନ ପାଇ ସେ ଧନ୍ୟ ହୋଇଯାଇଥିବା କହିଥିଲେ। ଏଥିସହ ଶ୍ରୀଜଗନ୍ନାଥ ମନ୍ଦିରକୁ ସେ ପ୍ରଥମଥର ପାଇଁ ଆସିଥିବା ବେଳେ ଏଠାରେ ଥିବା ଆଧାତ୍ମିକ ପରିବେଶ ଭାରତରେ ଅନ୍ୟ କୌଣସି ମନ୍ଦିରରେ ସେ ଅନୁଭବ କରିନାହାନ୍ତି ବୋଲି କହିଥିଲେ। ସୀମାବର୍ତ୍ତୀ ଅଞ୍ଚଳରେ ଥିବା ତୀର୍ଥକ୍ଷେତ୍ର ଓ ଠାକୁରଙ୍କୁ ଦର୍ଶନ କରିବା ସହ ବିଭିନ୍ନ ଜ୍ଞାନ, ଶିକ୍ଷା ଲାଭ କରିବା ତାଙ୍କର ଲକ୍ଷ୍ୟ ରହିଥିବା କହିଛନ୍ତି। ଦେଶର ପ୍ରଗତି ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି। ଏଥିସହ ତାଙ୍କର ଆଗାମୀ ୧୦ ତାରିଖରେ ଆସିବାକୁ ଥିବା ଚଳଚିତ୍ର ଶିବ ଶାସ୍ତ୍ରୀ ବେଲ ୱ୍ୟା ଚଳଚ୍ଚିତ୍ର ସମ୍ପର୍କରେ ସୂଚନା ଦେଇଥିଲେ।

### ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

**ରୂପସା/ବସ୍ତା,୨୨।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ଥାନା ପାଉଁଶକୁଲି ପଞ୍ଚାୟତ ଅଧୀନ ବେଗୁନିଆ ଗ୍ରାମରେ ରବିବାର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଘର ବାଡ଼ିରୁ ପୋଲିସ ତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରିଛି। ମୃତ ମହିଳା ହେଲେ ନରହରି ନାୟକଙ୍କ ସ୍ତ୍ରୀ ମଞ୍ଜୁଲତା (୫୭)। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨/୨୩) ରୁଜୁ କରିଛି। ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ତହସିଲଦାର କାର୍ତ୍ତିକ କୁମାର ଦାସ, ଆଇଆଇସି ବାରିଣୀ ଦାସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ନିକଟରେ ପଡ଼ିଥିବା ଏକ ଲାଇଟର ଓ ବ୍ୟାରେଲକୁ ପୋଲିସ ଜବତ କରିଛି। ଏହା ହତ୍ୟା କି ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

# ସୁଟ୍‌କେଶ୍‌ରୁ ମିଳିଲା ଯୁବକଙ୍କ ମୃତଦେହ

- ହତ୍ୟା ପରେ ଫୋପାଡ଼ି ଦେଲେ
- ତଦନ୍ତ ପାଇଁ ୨ଟି ଟିମ୍ ଗଠନ
- ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ

**ଖୋର୍ଦ୍ଧା ଅଫିସ/ବାଲୁଗାଁ/ଗମ୍ଭାରୀମୁଣ୍ଡା,୨୨।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନାରୁଣୀ ଥାନା ଅଧୀନ ହରିପୁର ଜଙ୍ଗଲରୁ ଏକ ସୁଟକେସ୍‌ରେ ଭର୍ତ୍ତି ଜଣେ ଯୁବକଙ୍କ ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତକ ହେଲେ ନୟାଗଡ଼ ଜିଲା ରଣପୁର ଥାନା ବଳଭଦ୍ରପୁର ପଞ୍ଚାୟତ ଅଧୀନ ଲାଖପଡ଼ା ଗ୍ରାମର ମନୋରଞ୍ଜନ ମହାପାତ୍ର(୩୨)। ସେ ଟାଙ୍ଗୀ ନିକଟ ଚଣ୍ଡେଶ୍ୱର ଗ୍ରାମରେ ସମ୍ପର୍କୀୟଙ୍କ ଘରେ ପରିବାର ସହ ରହିଆସୁଥିଲେ। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୧୧/୨୩) ରୁଜୁ କରାଯାଇଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶନିବାର ରାତିରେ କେହି ଦୁର୍ବୃତ୍ତ ମନୋରଞ୍ଜନଙ୍କୁ ହତ୍ୟା କରି ସୁଟ୍‌କେସ୍‌ରେ ଭର୍ତ୍ତି କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ପୋଲିସ୍‌ର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ କିଏ ଓ କାହିଁକି ହତ୍ୟା କରିଛି କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଅଧିକ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ରବିବାର ସକାଳେ ୧୬ନମ୍ବର ଜାତୀୟ ରାଜପଥରୁ ହରିପୁର ଶାସନ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱ ଜଙ୍ଗଲରେ ଏକ ନୀଳ ରଙ୍ଗର ସୁଟକେସ୍ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ସନ୍ଦେହରେ ପୋଲିସ୍‌କୁ ଖବର ଦେଇଥିଲେ। ନାରୁଣୀ ଥାନା ଆଇଆଇସି ଚନ୍ଦ୍ରଶେଖର ଜେନା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସୁଟକେସ୍‌କୁ ଖୋଲିବାରେ ଜଣେ ଯୁବକଙ୍କ ମୃତଦେହ ଥିବା ଦେଖିବାକୁ ପାଇଥିଲେ। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୋଲିସ୍ ସନ୍ଦେହ କରିଥିଲା। ତେବେ ପ୍ରାଥମିକ ସ୍ତରରେ ଯୁବକଙ୍କ ପରିଚୟ ମିଳିପାରି ନ ଥିଲା। ବିଭିନ୍ନ ଗଣମାଧ୍ୟମରେ ଘଟଣା ସମ୍ପର୍କରେ ପ୍ରଚାରିତ ହେବା ପରେ ମୃତ ଯୁବକଙ୍କ ପରିବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ।



ଖବରପାଇ ଏସ୍‌ପି ସିଦ୍ଧାର୍ଥ କଟାରିଆ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ଚିଲିକା ତହସିଲଦାର ପ୍ରଦୀପ କୁମାର ସାହୁ, ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏହି ତଦନ୍ତ ଆରମ୍ଭ କରିଥିଲେ। ମୃତକଙ୍କ ମୁଣ୍ଡ ଓ ବେକରେ କ୍ଷତ ଚିହ୍ନ ରହିଥିବା ଦେଖାଯାଇଛି। ମନୋରଞ୍ଜନ ଏକ ସାମାଜିକ ଗଣମାଧ୍ୟମରେ କାର୍ଯ୍ୟ କରୁଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି। ତେବେ କେଉଁ କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି ତାହା ଜଣାପଡ଼ି ନ ଥିବା ବେଳେ ପୋଲିସ୍ ପକ୍ଷରୁ ତଦନ୍ତ ଜୋରଦାର କରାଯାଇଛି। ଏନେଇ ଏସ୍‌ଡିପିଓ ବାରିକ କୁହନ୍ତି, ମୃତକଙ୍କ ସ୍ତ୍ରୀଙ୍କ ମାନସିକ ସ୍ଥିତି ଭଲ ନ ଥିବାରୁ ପରବର୍ତ୍ତୀ ସମୟରେ ପଚରାଉଚୁରା କରାଯିବ। ସମସ୍ତ ଦିଗକୁ ଅନୁଧ୍ୟାନ କରାଯାଇ ତଦନ୍ତ କରାଯିବ। ଏଥିଲାଗି ଦୁଇଟି ଟିମ୍ ଗଠନ କରାଯାଇଛି। ଅନ୍ୟପକ୍ଷରେ ଏସ୍‌ପି କଟାରିଆ କହିଛନ୍ତି ଯେ, ପ୍ରାଥମିକ ତଦନ୍ତରୁ ଏହା ହତ୍ୟା ବୋଲି ଜଣାପଡ଼ିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ସେ କହିଛନ୍ତି।

## ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଜଙ୍ଗଲରେ ନିଆଁ



ବନ କର୍ମଚାରୀ ନିଆଁ ଲିଭାଉଛନ୍ତି।

**ନୀଳଗିରି,୨୨।୧(ସ୍ୱ.ପ୍ର)**

ଗ୍ରୀଷ୍ମଋତୁ ଆରମ୍ଭ ନ ହେଉଣୁ ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଛି। ସଜନାଗଡ଼ ପଞ୍ଚାୟତ ଅନ୍ତର୍ଗତ ନୂଆସାହିଗ୍ରାମ ନିକଟରେ ରବିବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଏହି ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ଖବରପାଇ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। କେହି ଅସାମାଜିକ ବ୍ୟକ୍ତି ନିଆଁ ଲଗାଇଥିବା ଅନୁମାନ କରାଯାଉଛି। ନିଆଁରେ ବହୁ ବୃକ୍ଷଲତା, କୀଟପତଙ୍ଗ ଓ ବନୌଷଧି ଭସ୍ମୀଭୂତ ହୋଇଯାଇଛି। ଏନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନୀଳଗିରି ଉପଖଣ୍ଡରେ ଥିବା ସଂରକ୍ଷିତ ଜଙ୍ଗଲ ଓ କୁଲଡ଼ିହା ଅଭୟାରଣ୍ୟର ସୁରକ୍ଷା ପାଇଁ ସଂଲଗ୍ନ ଗ୍ରାମଗୁଡ଼ିକରେ ବନବିଭାଗ ପକ୍ଷରୁ ବିଭିନ୍ନ ସଚେତନତା ଶିବିର ଆୟୋଜନ କରିବା ଲାଗି ମତ ପ୍ରକାଶ ପାଇଛି।

## ଶିମିଳିପାଳରେ ପୁଣି ଦନ୍ତା ଶିକାର

- ଦାନ୍ତ କାଟି ନେଇ ଗଲେ
- ୧୫ ଦିନ ପୂର୍ବରୁ ଶିକାର ଆଶଙ୍କା

**ବାରିପଦା ଅଫିସ,୨୨।୧**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ହାତୀ ମୃତ୍ୟୁ ଥମିବାର ନାଁ ଧରୁନି। ମାସକ ପୂର୍ବେ ଦୋଷ ଲୁଚାଇବାକୁ ବନ କର୍ମଚାରୀମାନେ ଏକ ଦନ୍ତାର ମୃତଦେହ ପୋଡ଼ି ନଦୀରେ ଭସାଇଦେବା ଘଟଣାର ତଦନ୍ତ ଚାଲିଥିବା ବେଳେ ରବିବାର ପୁଣି ଏକ ଦନ୍ତାର ଗଳିତ ମୃତଦେହ ଠାବ ହୋଇଛି। ଶିକାରୀମାନେ ତାହାର ଦାନ୍ତ କାଟି ନେଇ ଯାଇଥିବା ଦେଖିବାକୁ ମିଳିଛି। ଖବରପାଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଆଞ୍ଚଳିକ କ୍ଷେତ୍ର ନିର୍ଦ୍ଦେଶକ ଟି. ଅଶୋକ କୁମାର ସଦଳବଳ ପହଞ୍ଚି ଛାନଭିନ ଚଳାଇଛନ୍ତି।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନ ତାଳବନ୍ଧ ରେଞ୍ଜ ବାଙ୍କଡ଼ିହୀ ଅଞ୍ଚଳରେ ରବିବାର ଏକ ଦନ୍ତା ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପ ନିର୍ଦ୍ଦେଶକ ସାଇ କିରଣ ଓ ବନବିଭାଗର କର୍ମଚାରୀମାନେ ପହଞ୍ଚି ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ପ୍ରାୟ ୧୫/୨୦ ଦିନ ପୂର୍ବରୁ ଦନ୍ତାକୁ ଶିକାର କରାଯାଇଥିବା ପାରିପାର୍ଶ୍ୱିକସ୍ଥିତିରୁ ଜଣାପଡ଼ିଥିବା ବନ ବିଭାଗ କର୍ମଚାରୀ ପ୍ରକାଶ କରିଛନ୍ତି। ତେବେ ଲୁଚାଛପାରେ ଶିକାରୀମାନେ ଅଭୟାରଣ୍ୟକୁ ପ୍ରବେଶ କରି ହାତୀ ଓ ମହାବଳ ବାଘ ଶିକାର କରିବାରେ ସକ୍ଷମ ହେଉଛନ୍ତି। ବନବିଭାଗର କର୍ମଚାରୀମାନେ ଦିନରାତି ପାଟ୍ରୋଲିଂ କରୁଥିଲେ ହେଁ ଶିକାରୀମାନେ ଅବାଧରେ ପଶି ଶିକାର କରୁଛନ୍ତି। ପୂର୍ବରୁ ଦନ୍ତା ମୃତ୍ୟୁ ଘଟଣାରେ ବନକର୍ମଚାରୀ ଜଡ଼ିତ ଥିବାରୁ ଏଥିରେ ମଧ୍ୟ ସେମାନଙ୍କ ହାତ ଥିବା ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

ପ୍ରକାଶଥାଉ କି, ଗତ ଡିସେମ୍ବର ୭ରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଜେନାବିଲ ରେଞ୍ଜ ଗୋରାଣ୍ଡି ବିଟ୍ ହାଉସ୍ ଅଞ୍ଚଳରେ ଏକ ଦନ୍ତା ଶିକାର କରାଯାଇଥିଲା। ବନ କର୍ମଚାରୀମାନେ ପ୍ରମାଣ ଲୁଚାଇବାକୁ ଯାଇ ମୃତଦେହକୁ ପୋଡ଼ି ଦେହାବଶେଷକୁ ନିକଟସ୍ଥ ନଦୀରେ ଫିଙ୍ଗି ଦେଇଥିଲେ। ଏ ସଂକ୍ରାନ୍ତରେ ସ୍ଥାନୀୟ ଗ୍ରାମବାସୀ ବନବିଭାଗକୁ ଜଣାଇବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ଘଟଣାରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ୩ ଅଧିକାରୀ ଗିରଫ ହୋଇଥିଲେ।



ସାଧାରଣତନ୍ତ୍ର ଦିବସରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପରେଡ଼ ପାଇଁ ରବିବାର ଲୋୟର ପିଏମ୍‌ଜିରେ ଅଭ୍ୟାସବେଳେ ଛାତ୍ରୀଛାତ୍ରମାନେ କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

## ଆଜୀବନ ଜେଲ ଭୋଗୁଥିବା କଏଦୀଙ୍କ ମୃତ୍ୟୁ

**ଝାରସୁଗୁଡ଼ା ଅଫିସ୍, ୨୨।୧**

ଝାରସୁଗୁଡ଼ା ଉପକାରାଗାରରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା କଏଦୀ ସୁଶାନ୍ତ ବୁଦ୍ଧୁଲା ଓରଫ ଜଙ୍ଗଲି (୪୨)ଙ୍କ ଜିଲା ମୁଖ୍ୟଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଭୋର ମୃତ୍ୟୁ ହୋଇଛି। ତାଙ୍କ ଘର ଲଇକେରା ଥାନା ଅନ୍ତର୍ଗତ କେନ୍ଦୁଡିହୀ ଗ୍ରାମ ଜଙ୍ଗଲିପଡାରେ। କାରାଗାର ଭିତରେ ବିଳମ୍ବିତ ରାତିରେ ସେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଖବରପାଇ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଅସୁସ୍ଥ ଅବସ୍ଥାରେ ରାତି ୨ଟା ୩୦ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ଉପକାରାଗାର ଅଧୀକ୍ଷକ ଲକ୍ଷ୍ମୀକାନ୍ତ ଧାଙ୍ଗଡା ମାଝି ଏୟାରପୋର୍ଟ ଥାନାରେ ଲିଖିତ ଭାବେ ଜଣାଇଥିଲେ। ଖବରପାଇ ପୋଲିସ ମୁଖ୍ୟଚିକିତ୍ସାଳୟରୁ କଏଦୀଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସଏୟାରପୋର୍ଟ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ୨୦୧୪ରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରିବା ମାମଲାରେ ପୋକ୍‌ସୋ ଅଦାଲରେ ଦୋଷୀ ସାବ୍ୟସ୍ତ ହୋଇ ୨୦୨୧ରୁ ସୁଶାନ୍ତ ଆଜୀବନ କାରାଦଣ୍ଡ ଭୋଗୁଥିଲେ।

## ହକି ତାରକା ପ୍ରବୋଧ ତିର୍କୀଙ୍କ ଘରୁ ଚୋରି

### କମିଶନରେଟ ପୋଲିସକୁ ଚ୍ୟାଲେଞ୍ଜ

- ସୁନା ଅଳଙ୍କାର ସହ ୫ ମେଡାଲ୍ ନେଇଗଲେ
- ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ

**ଭୁବନେଶ୍ୱର,୨୨।୧(ବ୍ୟୁରୋ)**

ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଅଲିମ୍ପିଆଡ୍ ପ୍ରବୋଧ ତିର୍କୀଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରୁ ଚୋରି ହୋଇଛି। କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୬ସ୍ଥିତ କ୍ୱାର୍ଟର୍ସ ନଂ. ଭିଆର୍-୮୬ରେ କେହି ନ ଥିବାବେଳେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ୨ଟି ଟିଭି, ୨୦୦ ଗ୍ରାମର ସୁନା ଅଳଙ୍କାର, ୫ଟି ମେଡାଲ ଆଦି ଚୋରିକରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ଏହି ଚୋରି ହୋଇଥିବା ସନ୍ଦେହ କରାଯାଉଛି। ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଅଭିଯୋଗ ଆଧାରରେ ଏକ ମାମଲା (ନଂ.୫୬/୨୦୨୩) ରୁଜୁ କରାଯାଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନେ ଧରାପଡ଼ିବେ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ହକି ବିଶ୍ୱକପ୍ ପାଇଁ ପ୍ରବୋଧ ରାଉରକେଲାରେ ଥିବାବେଳେ ତାଙ୍କ ପରିବାର ଲୋକେ ମଧ୍ୟ କିଛିଦିନ ତଳେ ଗାଁକୁ ଚାଲିଯାଇଥିଲେ। ଜଣେ କେୟାର ଟେକର୍ ତାଙ୍କ ଘରର ଦେଖାଶୁଣା କରୁଥିଲେ। ଶନିବାର କେୟାର ଟେକର ଜଣକ ପ୍ରବୋଧଙ୍କ ଘରକୁ ଯାଇଥିବାବେଳେ ତାଲା ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ପରେ ଘରୁ ଚୋରି ହୋଇଥିବା ଦେଖି ଘଟଣା ସଂକ୍ରାନ୍ତରେ ପ୍ରବୋଧଙ୍କୁ ଜଣାଇଥିଲେ। ଏନେଇ ପ୍ରବୋଧଙ୍କ ଜଣେ ସମ୍ପର୍କୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିବାବେଳେ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ନମୁନା ସଂଗ୍ରହ କରିଛି। ତେବେ ହକି ବିଶ୍ୱକପ୍ ଚାଲିଥିବାବେଳେ ଭୁବନେଶ୍ୱର କଡ଼ା ସୁରକ୍ଷା ବଳୟ ମଧ୍ୟରେ ରହିଛି। ଏଭଳି ସ୍ଥିତିରେ ଜଣେ ହକି ତାରକାଙ୍କ ଘରୁ ଚୋରି ହେବା ଘଟଣା ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## ତୃତୀୟ ବ୍ୟକ୍ତି ସମ୍ପୃକ୍ତିରୁ ସମ୍ପର୍କରେ ଫାଟ: ଶ୍ରୀୟା

**ପୁରୀ ଅଫିସ/କଟକ ଅଫିସ ୨୨।୧**

ଓଲିଉଡ୍ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ତାଙ୍କ ସ୍ତ୍ରୀ ଶ୍ରୀୟା ମିଶ୍ରଙ୍କ ମଧ୍ୟରେ ଚାଲିଥିବା ଘରୋଇ କଳି ଦିନକୁ ଦିନ ନୂଆ ରୂପ ନେବାରେ ଲାଗିଛି। ଉଭୟ ପରସ୍ପରକୁ ପ୍ରତିଆରୋପ କରୁଥିବା ବେଳେ ପୁଣିଥରେ ମୁହଁ ଖୋଲିଛନ୍ତି ଶ୍ରୀୟା। ରବିବାର ସମୁଦ୍ରକୂଳସ୍ଥିତ ସ୍ଥାନୀୟ ହୋଟେଲରେ ଏକ ଖବରଦାତା ସମ୍ମିଳନୀରେ ଶ୍ରୀୟା ନିଜ ପକ୍ଷ ରଖିବା ସମୟରେ ପାରିବାରିକ ବିବାଦର ସମାଧାନ ପାଇଁ କହିଛନ୍ତି। ଶ୍ରୀୟା କହିଥିଲେ, ହ୍ୟୁମାନ ସାଗର ଓ ତାଙ୍କ ମା' ଦୁଇଜଣ ତାଙ୍କ ମା'ଙ୍କ ନାମରେ ଗଣମାଧ୍ୟମରେ ଯେଭଳି ଅପମାନଜନକ ମନ୍ତବ୍ୟ ଦେଇଛନ୍ତି, ସେଥିପାଇଁ ସେ ମର୍ମାହତ। ତେବେ ହ୍ୟୁମାନଙ୍କ ପରିବାର ପକ୍ଷରୁ ଯାହା କୁହାଯାଉଛି, ତାହା ସମ୍ପୂର୍ଣ୍ଣ ମିଛ କଥା। ଗଣମାଧ୍ୟମରେ କହି କେବଳ ଲୋକଙ୍କ ସହାନୁଭୂତି ନେବା ପାଇଁ ହ୍ୟୁମାନ ଓ ତାଙ୍କ ପରିବାର ଉଦ୍ୟମ କରୁଛନ୍ତି। ଝିଅ ଜନ୍ମ ହେବା ପରଠାରୁ ତାଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ପରେ ଏହି ନିର୍ଯାତନା ବଢ଼ିଥିଲେ ବି ସ୍ୱାମୀ -ସ୍ତ୍ରୀଙ୍କ ମଧ୍ୟରେ ରହୁଥିଲା। କାରଣ ହ୍ୟୁମାନ ଜଣେ ପ୍ରତିଷ୍ଠିତ କଳାକାର ହୋଇଥିବାରୁ ସେ କେବେ ତାଙ୍କ ନାମ ବାହାରକୁ ଆସୁ ବୋଲି ଚାହୁଁ ନ ଥିଲେ। କିନ୍ତୁ ନିର୍ଯାତନାର ସୀମା ଟପିଯିବା ପରେ ସେ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ହ୍ୟୁମାନ ସାଗର ତାଙ୍କୁ ମାଡ଼ ମାରୁଥିଲେ। ମାଡ଼ର ଦାଗ ଲୁଚାଇବା ପାଇଁ ସେ ହାତରେ ଟାଟୁ କରିବା ସହ ଘର ଲୋକଙ୍କୁ ମିଛ କହୁଥିଲେ। ଶାଶୁ ନୁହେଁ, ହ୍ୟୁମାନ ଶାରୀରିକ ନିର୍ଯାତନା ଦେଉଥିବା ଶ୍ରୀୟା କହିଥିଲେ। ଏପରିକି ହ୍ୟୁମାନ ଝିଅର ଦାୟିତ୍ୱ ନେଉ ନ ଥିଲେ। ଗତ ୫ ବର୍ଷ ହେବ ତାଙ୍କ ମଧ୍ୟରେ ବିବାଦ ଦେଖାଦେଉଥିଲେ ମଧ୍ୟ ଆପୋସ ବୁଝାମଣାରେ ଯାହା ସମାଧାନ ହୋଇଥିଲା। ଘରର କଳି ଘରେ ରହୁ ବୋଲି ସେ ସର୍ବଦା ଚେଷ୍ଟା କରି ଆସିଥିଲେ। କିନ୍ତୁ ଘର ମଧ୍ୟରେ ତୃତୀୟ ଲୋକ ଆସିବା ଫଳରେ ଅଶାନ୍ତି ବଢ଼ିଚାଲିଛି। ତେବେ ସ୍ୱାମୀ- ସ୍ତ୍ରୀଙ୍କ ମଧ୍ୟରେ ତୃତୀୟ ବ୍ୟକ୍ତିଙ୍କ ସମ୍ପୃକ୍ତି କାରଣରୁ କୌଣସି ସମସ୍ୟା ସମାଧାନ ନ ହେବା ସହ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ତେବେ ହ୍ୟୁମାନ ପଛରେ ଜଣେ ରହି ତାଙ୍କ ଘର ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି। ହେଲେ ସେ ବ୍ୟକ୍ତି ଜଣକ କିଏ ସେ ଜାଣି ପାରୁ ନଥିବା ଶ୍ରୀୟା କହିଛନ୍ତି।

ସେହିପରି କିଛି ଦିନ ତଳେ ହ୍ୟୁମାନ ଝିଅ ଜନ୍ମଦିନ ପାଳନର ଏକ ଭିଡିଓ ଭାଇରାଲ ନେଇ ଶ୍ରୀୟା ମୁହଁ ଖୋଲିଛନ୍ତି। ସେ ସେଲିବ୍ରିଟି ହୋଇଥିବାରୁ କେବଳ ସେଲିବ୍ରିଟିଙ୍କ ଶହ ମିଶିବା ପାଇଁ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏଥିରେ କିନ୍ତୁ ତାଙ୍କର ଆନ୍ତରିକତା ନ ଥାଏ। ତେବେ ହ୍ୟୁମାନ ଓ ତାଙ୍କ ପରିବାର ଯଦି କ୍ଷମା ପ୍ରାର୍ଥନା କରିବେ, ଉପଯୁକ୍ତ ସମ୍ମାନ ଦେବେ, ତା'ହେଲେ ସେ ହ୍ୟୁମାନ ସହ ରହିବେ ବୋଲି ଶ୍ରୀୟା କହିଛନ୍ତି। ହ୍ୟୁମାନଙ୍କ ବିରୋଧରେ ଅନେକ ପ୍ରମାଣ ରହିଛି। ହେଲେ ସେ ପରିବାର ଯୋଡ଼ିବା ପାଇଁ ଚାହୁଁଥିବାରୁ ଏ ନେଇ ଗଣମାଧ୍ୟମରେ ପ୍ରମାଣ ଦେବାକୁ ଚାହୁଁ ନ ଥିବା ଶ୍ରୀୟା କହିଛନ୍ତି। ଆସନ୍ତା ୩୦ତାରିଖରେ ପୁଣି କାଉନ୍‌ସେଲିଂ ରହିଛି। ତା' ପୂର୍ବରୁ ହ୍ୟୁମାନ ଭଲ ମଣିଷଟିଏ ହୋଇ ସବୁ କିଛି ସମାଧାନ କଲେ ସେ ସମାଧାନ ଆଗକୁ ବଢ଼ିବେ ବୋଲି ଶ୍ରୀୟା ମିଶ୍ର କହିଛନ୍ତି। ସମ୍ମିଳନୀରେ ଶ୍ରୀୟାଙ୍କ ଓକିଲ ରାଜେନ୍ଦ୍ର ବଡୁ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।

### ହ୍ୟୁମାନ ସାଗରଙ୍କ ଘରୋଇ କଳି ପ୍ରସଙ୍ଗ

### ଅଭିଯୋଗ ଭିତ୍ତିହୀନ: ହ୍ୟୁମାନ



ଅନ୍ୟପଟେ ଶ୍ରୀୟାଙ୍କ କଥାକୁ ହ୍ୟୁମାନ ଖଣ୍ଡନ କରିବା ସହ ଭିତ୍ତିହୀନ ବୋଲି କହିଛନ୍ତି। ମଦ୍ୟପାନ କରି ମାଡ଼ ମାରିବା କଥା ମିଥ୍ୟା ବୋଲି କହିବା ସହ ତୃତୀୟ ବ୍ୟକ୍ତି କେହି ନାହାନ୍ତି ବୋଲି ଗଣମାଧ୍ୟମରେ ହ୍ୟୁମାନ ପ୍ରକାଶ କରିଛନ୍ତି। ବ୍ୟକ୍ତିଗତ ଜୀବନରେ ଏଭଳି କଥା କଷ୍ଟ ଦିଏ। ସବୁବେଳେ ରେକର୍ଡିଂ ପାଇଁ ବ୍ୟସ୍ତ ଥିବାବେଳେ ଘର ପାଇଁ ସମୟ ଦେଇପାରେନା। ଏପରିକି ପରକୀୟା ପ୍ରୀତି ପାଇଁ ବୟସ ଆଉ ନାହିଁ। ସେହିଭଳି ଶାଶୁ ବୋହୂ ମଧ୍ୟରେ ଝଗଡ଼ା ଥିଲେ ବି କାହା ବିରୋଧରେ କହିବି ନାହିଁ। ମୋ ପାଇଁ ପରିବାର ବଡ଼ ବୋଲି ହ୍ୟୁମାନ କହିଛନ୍ତି।

## 'ଡାକ୍ତରୀମାଇନା ନିମନ୍ତେ ୧୨ ଘଣ୍ଟା ଅପେକ୍ଷା ଘଟଣାର ତଦନ୍ତ ହେବ'

### ମହିଳାଙ୍କୁ ଗଣବଳାତ୍କାର ମାମଲା

**କେନ୍ଦୁଝର,୨୨।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସୋସୋ ଥାନା ଅଞ୍ଚଳରେ ଗଣବଳାତ୍କାର ମାମଲାରେ ପୀଡ଼ିତାଙ୍କୁ ଡାକ୍ତରୀମାଇନା ପାଇଁ ୧୨ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ଘଟଣା ଗଣମାଧ୍ୟମରେ ପ୍ରକାଶ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଏ ନେଇ ସିଡିଏମ୍‌ଓ ଡାକ୍ତର କେ.ସି.ପୃଷ୍ଟି କହିଛନ୍ତି, ମାନବିକ ଦୃଷ୍ଟି କୋଣରୁ ପୀଡ଼ିତାଙ୍କୁ ଅପେକ୍ଷା ନ କରାଇ ଡାକ୍ତରୀ ପରୀକ୍ଷା କରିବା ଆବଶ୍ୟକ। ସେହିପରି ନାବାଳିକା ବ୍ୟତୀତ ଅନ୍ୟ ଘଟଣାରେ ପୁରୁଷ ବା ମହିଳା ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବେ। ଏଣୁ କିଏ କାହିଁକି କଲେ ନାହିଁ ଓ ବିଳମ୍ବ ହେଲା ସେସବୁର ତଦନ୍ତ କରାଯିବ ବୋଲି କହିଥିଲେ।

ପ୍ରକାଶ ଯେ, ଗତ ଗୁରୁବାର ପୀଡ଼ିତାଙ୍କୁ ଧରି ପୋଲିସ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଆସିଥିଲେ। ସେଠାରୁ ଡାକ୍ତର ପରୀକ୍ଷା କରିବାକୁ ମନା କରି ଅପରାଧ ଘଟିଥିବା ଅଞ୍ଚଳ ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଦେଇଥିଲେ। ଶାଳନିଆଁରେ ମହିଳା ଡାକ୍ତର ନ ଥିବା ଦର୍ଶାଇ ପୁଣି ଆନନ୍ଦପୁରକୁ ପଠାଇଦେଲେ। ଫଳରେ ଦୀର୍ଘ ୧୨ ଘଣ୍ଟା ଧରି ମାନସିକ ଚାପରେ ଥିବା ପୀଡ଼ିତାଙ୍କୁ ପୋଲିସ ଭ୍ୟାନରେ ଅପେକ୍ଷା କରିବାକୁ ପଡ଼ିଥିଲା ବୋଲି ଅଭିଯୋଗ ହୋଇଛି। ଗଣବଳାତ୍କାରର ଶିକାର ହୋଇଥିବା ମହିଳାଙ୍କ ପ୍ରତି ଡାକ୍ତରଖାନାରେ ଏଭଳି ବ୍ୟବହାର ଦୁର୍ଭାଗ୍ୟପୂର୍ଣ୍ଣ। ଏହାର ଯାଞ୍ଚ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଆନନ୍ଦପୁର ଅଞ୍ଚଳର ଜିଲାପରିଷଦ ସଭ୍ୟା ଅସୀମା ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଡାକ୍ତରମାନେ କୌଣସି ରିସ୍କ ନ ନେଇ ଦାୟିତ୍ୱ ହସ୍ତାନ୍ତର କରୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। କେତେକ ଡାକ୍ତର ବିଶେଷ କରି ଅସ୍ଥାୟୀ ଭାବେ କାମ କରୁଥିବା ଡାକ୍ତରମାନେ କୋର୍ଟ କଚେରି ମାମଲାରୁ ବର୍ତ୍ତିବା ପାଇଁ ଏଭଳି ଡାକ୍ତରୀମାଇନା କରିବାକୁ ମନ ବଳାଉନାହାନ୍ତି। ଏଣୁ ଜିଲା ପ୍ରଶାସନ ଏନେଇ ଦୃଢ଼ ପଦକ୍ଷେପ ନେବା ଜରୁରୀ ବୋଲି କେତେକ ଡାକ୍ତର ମତବ୍ୟକ୍ତ କରିଛନ୍ତି।

ପ୍ରେମର ସାମର୍ଥ୍ୟ ଯୋଗୁ ଏବଂ ଆତ୍ମଦାନର ପ୍ରେରଣା ଯୋଗୁ ମନୁଷ୍ୟ ଦେବତାମାନଙ୍କ ସହ ସମାନ କ୍ଷମତାର ଅଧିକାରୀ ହୋଇପାରେ। କିମ୍ବା ସେ ଯେତେବେଳେ ନିଜର ଅହଂକାର ଓ ସ୍ୱାର୍ଥପରତାରୁ ମୁକ୍ତ ହୁଏ- ସେତେବେଳେ ସେ ଦେବତାଙ୍କଠାରୁ ମଧ୍ୟ ଅଧିକ କ୍ଷମତାଶାଳୀ ହୋଇପାରେ। -ଶ୍ରୀମା



# ଅମାନୁଷିକ ଡାକ୍ତର

ଚୋରକୁ ପୋଲିସ ଗୋଡ଼ାଉଥିବା ବେଳେ ସେ ଯଦି ସମ୍ପୃକ୍ତ ପୋଲିସ ଷ୍ଟେଶନ ଇଲାକା ବାହାରକୁ ଚାଲିଯାଏ, ସେଇଠାରୁ ଖାକି ବସ୍ତ୍ର ପରିହିତ ବ୍ୟକ୍ତି ସ୍ୱକ୍ଷେତ୍ରାଧିକାରକୁ ଫେରି ଆସିଥାଆନ୍ତି। ଆଗ ପୋଲିସ ଷ୍ଟେଶନକୁ ଚୋର ବିଷୟରେ ସୂଚନା ଦେବାରେ କେବଳ ତାଙ୍କ କାମ ଶେଷ ହୋଇଥାଏ। ସୀମାନ୍ତ ପୋଲିସ ଅଞ୍ଚଳରେ ଚୋରକୁ କାବୁ କରିବା ସହଜ ହେଉଥିଲେ ମଧ୍ୟ କ୍ଷେତ୍ରାଧିକାର ନିୟମକୁ ମାନି ବାବୁମାନେ ଆଗକୁ ବଢ଼ି ନ ଥାନ୍ତି। ଏଠାରେ ନିୟମକୁ ସମ୍ମାନ ଦେବା ଯେତିକି ଜରୁରୀ ବୋଲି ସେ ଭାବି ନ ଥାନ୍ତି, ତାହାଠାରୁ କାହିଁରେ କେତେ ଆଶ୍ୱସ୍ତି ପାଇଥାଆନ୍ତି ତାଙ୍କ ଏରିଆରୁ ଯାହା ହେଉ ଚୋର ପଳାଇଗଲା। ଏହିଭଳି ଅସଂଖ୍ୟ ଘଟଣା ଦେଖିବାକୁ ମିଳିଥାଏ। ଏବେ କେନ୍ଦୁଝର ଜିଲାରେ ଡାକ୍ତରଖାନାର ପରିସୀମାକୁ ଦେଖାଯାଇ ଜଣେ ଗଣବଳାତ୍କାର ପୀଡ଼ିତାଙ୍କୁ ଡାକ୍ତରୀ ମାଇନା ଲାଗି ଅନ୍ୟ ଡାକ୍ତରଖାନାକୁ ପଠାଯିବା ଓ ପୁନଶ୍ଚ ତାଙ୍କୁ ପ୍ରଥମ ଡାକ୍ତରଖାନାକୁ ଅଣାଯାଇ ପରୀକ୍ଷା କରାଯିବା ବିଷୟ ଅସ୍ୱସ୍ତିକର ସ୍ଥିତି ସୃଷ୍ଟି କରିଛି। ଜଣେ ବଳାତ୍କାର ପୀଡ଼ିତା ପୋଲିସ ଗାଡ଼ିରେ ପ୍ରାୟ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରହିବା ପ୍ରଶାସନିକ ତତ୍ପରତା କେଉଁଭଳି ସ୍ତରରେ ଯାଇ ପହଞ୍ଚିଲାଣି, ବୁଝିବା କଷ୍ଟକର ନୁହେଁ।

ମିଳିଥିବା ସୂଚନା ଅନୁଯାୟୀ ମୟୂରଭଞ୍ଜ ଜିଲାର ଜଣେ ମହିଳା ମକର ସଂକ୍ରାନ୍ତି ଉତ୍ସବରେ ଯୋଗଦେବା ଲାଗି ଗତ ସପ୍ତାହରେ ତାଙ୍କ ସମ୍ପର୍କୀୟଙ୍କ ଘର କେନ୍ଦୁଝରକୁ ଆସିଥିବା ବେଳେ ଗଣବଳାତ୍କାରର ଶିକାର ହୋଇଥିଲେ। ଯେଉଁଠାରେ ଏହା ଘଟିଥିଲା, ତାହା ହାଟଡିହି ଅଞ୍ଚଳର ସୋସୋ ବୋଲି କୁହାଯାଉଛି। ସ୍ଥାନୀୟ ପୋଲିସ ବଳାତ୍କୃତାଙ୍କ ଡାକ୍ତରୀ ମାଇନା କରିବା ଲାଗି ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାକାର ଡାକ୍ତରମାନେ ଘଟଣା ଘଟିଥିବା ଅଞ୍ଚଳ ସେମାନଙ୍କ କ୍ଷେତ୍ରାଧିକାର ନୁହେଁ ବୋଲି କହି ଫେରାଇ ଦେଇଥିଲେ। ପରେ ସମ୍ପୃକ୍ତ ପୀଡ଼ିତାଙ୍କୁ ସେଠାରୁ ୨୫ କିଲୋମିଟର ଦୂର ଘଟଣା ଘଟିଥିବା ଅଞ୍ଚଳର ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ସେଠାରେ ମହିଳା ଡାକ୍ତର ନାହାନ୍ତି ବୋଲି ଦର୍ଶାଯାଇ ପୀଡ଼ିତାଙ୍କୁ ପୁନଶ୍ଚ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିଲା। ସମ୍ପୃକ୍ତ ମହିଳାଙ୍କ ପରୀକ୍ଷା ହେବା ବେଳକୁ ୧୨ ଘଣ୍ଟା ଲାଗି ଯାଇଥିଲା। ଏଭଳି ଅବ୍ୟବସ୍ଥାକୁ ନେଇ ଡାକ୍ତର ଓ ପୋଲିସ କେବଳ ନିଜ ଦୋଷ ଛଡ଼ାଇବାରେ ଲାଗିଥିଲେ। ଏହି ଗୋଟିଏ ମାମଲାର ଘଟଣାକ୍ରମକୁ ଦେଖି ଚିନ୍ତା କରାଗଲେ ବ୍ୟବସ୍ଥା ଅସହାୟଙ୍କ ପ୍ରତି କେତେ ସମ୍ବେଦନହୀନ ତାହା ବୁଝାପଡ଼ିଯାଉଛି।

**ବଳାତ୍କାରର ଶିକାର ହୋଇଥିବା ମହିଳା ମାନସିକ ସ୍ତରରେ ଯନ୍ତ୍ରଣା ପାଇବାଠାରୁ ତାଙ୍କ ଡାକ୍ତରୀ ମାଇନା ଲାଗି ଦୀର୍ଘ ଘଣ୍ଟା ଅପେକ୍ଷା କରିବାଜନିତ ଯନ୍ତ୍ରଣା ନିଶ୍ଚିତ ବଳିଯାଇଥିବ।**

ଥାନା ଅଞ୍ଚଳ ବାହାରକୁ ଘଟଣା ଚାଲିଗଲେ ପୋଲିସ ଆଶ୍ୱସ୍ତ ହେଉଥିବା ଭଳି ଡାକ୍ତରମାନେ ଯଦି ସେହି ମାନସିକତାରେ ବଞ୍ଚିବେ, ତେବେ ସ୍ୱାସ୍ଥ୍ୟ ସେବା କେଉଁ ଆଡ଼କୁ ଗତି କରୁଛି ତାହା ସହଜେ ଅନୁମେୟ। ଉପରଲିଖିତ ଘଟଣାକୁ ଦେଖିଲେ ପୀଡ଼ିତା ଶେଷରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ପରୀକ୍ଷାର ସମ୍ମୁଖୀନ ହୋଇଥିଲେ। ଯଦି ଡାକ୍ତରୀ ମାଇନା ବିଳମ୍ବରେ ସେହିଠାରେ କରାଗଲା, ତାହା ହେଲେ ତାଙ୍କୁ ଶାଳନିଆଁ ପଠାଇବାର କି ଆବଶ୍ୟକତା ଥିଲା ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ବଳାତ୍କାରର ଶିକାର ହୋଇଥିବା ମହିଳା ମାନସିକ ସ୍ତରରେ ଯନ୍ତ୍ରଣା ପାଇବାଠାରୁ ତାଙ୍କ ଡାକ୍ତରୀ ମାଇନା ଲାଗି ଦୀର୍ଘ ଘଣ୍ଟା ଅପେକ୍ଷା କରିବାଜନିତ ଯନ୍ତ୍ରଣା ନିଶ୍ଚିତ ବଳିଯାଇଥିବ। ଯେକୌଣସି ବ୍ୟକ୍ତିଙ୍କ ପାଇଁ ଦୀର୍ଘ ୧୨ ଘଣ୍ଟା ପର୍ଯ୍ୟନ୍ତ ପୋଲିସ ଗାଡ଼ିରେ ସର୍ବସମ୍ମୁଖରେ ବସି ରହିବା ନିହାତି ଏକ ଦଣ୍ଡ ବୋଲି କୁହାଯାଇପାରେ। ଡାକ୍ତରଖାନା ବିଧିକୁ ଦେଖିଲେ ନାବାଳିକାଙ୍କ ବ୍ୟତୀତ ଅନ୍ୟ କେସ୍‌ରେ ଉଭୟ ପୁରୁଷ ଓ ମହିଳା ଡାକ୍ତର ପରୀକ୍ଷା କରିପାରିବେ। ତେଣୁ ଶାଳନିଆଁରେ ମହିଳା ଡାକ୍ତରଙ୍କ ଅଭାବ ବିଷୟ ଦର୍ଶାଇ ଉପସ୍ଥିତ ଡାକ୍ତର ଝମେଲାରେ ପଶିବାକୁ ନ ଚାହିଁବା ମଧ୍ୟ ତାଙ୍କ ଦୋଷ ଦୁର୍ବଳତାକୁ ପଦାରେ ପକାଇଛି। ଏକ ଭଦ୍ର ସମାଜରେ ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ସମ୍ବେଦନହୀନତା ପ୍ରଦର୍ଶନ କରିବାର ଅସଂଖ୍ୟ ଦୃଷ୍ଟାନ୍ତ ବାରମ୍ବାର ଦୃଷ୍ଟିଗୋଚର ହୋଇଥାଏ। କିନ୍ତୁ ଅତି ସମ୍ବେଦନଶୀଳ ଘଟଣାକୁ ହାଲୁକା ଭାବେ ନେଉଥିବା ବ୍ୟକ୍ତିଙ୍କ କାର୍ଯ୍ୟକୁ ତର୍ଜମା କରାଯିବା ଦରକାର। ଏମତି ଦେଖିଲେ ପୋଲିସ ଲୋକଙ୍କୁ ସୁରକ୍ଷା ଦେବାରେ ଅନେକାଂଶରେ ବିଫଳ ହେଉଛି। ଏଭଳି ସ୍ଥଳେ ଡାକ୍ତରମାନଙ୍କ ମାନସିକତା ପୋଲିସ ସମ ହେଲେ ସ୍ଥିତି ଆହୁରି ବିଗିଡ଼ିଯିବା ଥୟ। ବିମାନ, ରେଳଗାଡ଼ି କିମ୍ବା ବସ୍‌ରେ ଯାତାୟାତ କରୁଥିବା ଡାକ୍ତର ଅନେକ ସମୟରେ ପାଖରେ ରୋଗୀଙ୍କ ଯନ୍ତ୍ରଣା ଦେଖି ଲାଘବ କରିଥାଆନ୍ତି। ସେଥିପାଇଁ ସେମାନଙ୍କୁ ପ୍ରଶଂସା ମଧ୍ୟ ମିଳିଥାଏ। କିନ୍ତୁ ଡାକ୍ତର ଯଦି ଅମାନୁଷିକ ପାଲଟିଯିବେ, ତେବେ ସମାଜକୁ ରକ୍ଷା କରିବା କଷ୍ଟକର ହୋଇପଡ଼ିବ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | 8 | | | 3 | |
| | | | | | 2 | | | |
| 6 | | | | | | | 2 | 9 |
| 1 | | 8 | | 6 | | | 9 | |
| | | | | | | | | 7 |
| 4 | | | | 1 | | | | |
| 7 | | | | | | | 8 | 2 |
| | | | | 2 | 5 | | 6 | |
| | 8 | 3 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 6 | 3 | 1 | 4 | 8 | 2 | 9 |
| 2 | 4 | 3 | 7 | 9 | 8 | 1 | 6 | 5 |
| 9 | 1 | 8 | 2 | 6 | 5 | 3 | 4 | 7 |
| 7 | 3 | 2 | 1 | 8 | 6 | 9 | 5 | 4 |
| 8 | 9 | 4 | 5 | 7 | 3 | 6 | 1 | 2 |
| 1 | 6 | 5 | 9 | 4 | 2 | 7 | 3 | 8 |
| 6 | 5 | 7 | 8 | 2 | 1 | 4 | 9 | 3 |
| 4 | 2 | 9 | 6 | 3 | 7 | 5 | 8 | 1 |
| 3 | 8 | 1 | 4 | 5 | 9 | 2 | 7 | 6 |

ଗତକାଲିର ଉତ୍ତର

# ବିପ୍ଳବର ପ୍ରଜ୍ୱଳନ୍ତ ବହ୍ନିଶିଖା



ବିମଳ ପ୍ରସନ୍ନ ଦାସ

ବିପ୍ଳବର ଦୀପ୍ତସୂର୍ଯ୍ୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ୧୨୬ତମ ପବିତ୍ର ଜୟନ୍ତୀ ଚଳିତ ଜାନୁୟାରୀ ୨୩ ତାରିଖ ସାରା ଦେଶରେ ପାଳନ ହେଉଛି। ଏଥିନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ସ୍ତରରେ ଏକ କମିଟି ଗଠନ କରାଯାଇଛି, ଯେଉଁଥିରେ ଆମ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ପୂର୍ବତନ ପ୍ରଧାନମନ୍ତ୍ରୀ, ପୂର୍ବତନ ଲୋକ ସଭା ବାଚସ୍ପତି ଓ ପ୍ରତିଷ୍ଠିତ ରାଜନେତା ସଦସ୍ୟ ରହିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଓ ସାଙ୍ଗମା, ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନାଫୁରିଓ, ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ, ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମ ଥାଙ୍ଗା, ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ ପ୍ରମୁଖ ସଦସ୍ୟ ଅଛନ୍ତି। ଏମାନଙ୍କ ବ୍ୟତୀତ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭେଡକର, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି. ଦେବେଗୌଡା, ମନମୋହନ ସିଂହ, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟ ସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ପ୍ରମୁଖ ସଦସ୍ୟଙ୍କ ସହ ସାଂସଦ ଭର୍ତ୍ତୃହରି ମହତାବ ଓ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର ସଦସ୍ୟ ଅଛନ୍ତି। ଏହା ବ୍ୟତୀତ ଦେଶର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସମେତ ବରିଷ୍ଠ ଐତିହାସିକ, ଲେଖକ, ବିଶେଷଜ୍ଞ, ନେତାଜୀଙ୍କ ପରିବାର ସଦସ୍ୟ ଏବଂ ଆଜାଦ ହିନ୍ଦ୍ ଫୌଜର ବିଶିଷ୍ଟ କର୍ମକର୍ତ୍ତାମାନେ ମଧ୍ୟ ଏଥିରେ ସଦସ୍ୟ ଅଛନ୍ତି। ଉଦ୍ଦେଶ୍ୟ ହେଉଛି ଜାନୁୟାରୀ ୨୩ ତାରିଖରୁ ବର୍ଷବ୍ୟାପୀ ହେବାକୁ ଥିବା ନେତାଜୀଙ୍କ ଜନ୍ମୋତ୍ସବ କାର୍ଯ୍ୟକ୍ରମର ତଦାରଖ କରିବା।

ଦେଶ ଓ ଜାତି ପାଇଁ ଯେଉଁମାନେ ବଳିଦାନ ଦେଇଯାଇଛନ୍ତି ସେମାନେ ଜାତିର ଚିରନମସ୍ୟ। ବିଦେଶୀ ସରକାରଙ୍କ ବିରୋଧରେ ଓଡ଼ିଶା ମାଟିରେ ପ୍ରଥମେ ରଣ ଦୁନ୍ଦୁଭି ବାଜି ଉଠିଥିଲା। ୧୮୫୭ ମସିହାରେ ସିପାହୀ ବିଦ୍ରୋହ ହେଲା, କିନ୍ତୁ ତା'ର ୫୦ ବର୍ଷ ପୂର୍ବରୁ ଓଡ଼ିଶାରେ ପାଇକ ବିଦ୍ରୋହ ବାସ୍ତବତଃ ଆରମ୍ଭ ହୋଇଥିବାର ଐତିହାସିକ ପ୍ରମାଣ ରହିଛି। 'ବରୁଣେଇ' ତା'ର ମୂକସାକ୍ଷୀ। ଲକ୍ଷ ପାଇକ ବକ୍ଷ ରକତ ସିକ୍ତ ଏ ବୀର ମାଟିରେ ୧୮୯୭ ମସିହା ଜାନୁୟାରୀ ୨୩ ତାରିଖରେ ନେତାଜୀ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଜାନକୀ ନାଥ ବୋଷ ଓଡ଼ିଶାର ପ୍ରାଣକେନ୍ଦ୍ର କଟକରେ ଜଣେ ବିଖ୍ୟାତ ଆଇନଜୀବୀ। ମା' ପ୍ରଭାବତୀ ଦେବୀଙ୍କ ପ୍ରଭାବ ତାଙ୍କ ଜୀବନକୁ ବହୁଳାଂଶରେ ନିୟନ୍ତ୍ରିତ କରିଥିଲା।



ପ୍ରଥମେ ସେ ଏକ ଆଙ୍ଗ୍ଲୋ ଭାରତୀୟ ବିଦ୍ୟାଳୟରେ ବାଲ୍ୟଶିକ୍ଷା ପରେ ରେଭେନ୍‌ଶା କଲେଜିଏଟ ସ୍କୁଲରୁ ମାଟ୍ରିକ ପାସ୍ କରିଥିଲେ। କଲିକତା ପ୍ରେସିଡେନ୍‌ସି କଲେଜରୁ ଆଇ.ଏ. ପାସ୍ କରିବା ପରେ ସ୍କଟିସ୍ ଚର୍ଚ୍ଚ କଲେଜରୁ ଦର୍ଶନଶାସ୍ତ୍ରରେ ଅନର୍ସ ସହିତ ବି.ଏ. ପାସ୍ କରି ପିତାଙ୍କ ନିର୍ଦ୍ଦେଶରେ ବିଲାତ ଯାଇ ଆଇସିଏସ୍ ପରୀକ୍ଷା ଦେଲେ ଓ ଚତୁର୍ଥ ସ୍ଥାନ ଅଧିକାର କରିବାର କୃତିତ୍ୱ ହାସଲ କଲେ। ମହାଯୋଗୀ ଶ୍ରୀଅରବିନ୍ଦଙ୍କୁ ଯେପରି ଆଇସିଏସ୍ ଆକର୍ଷିତ କଲାନାହିଁ, ଅନରୂପ ଭାବରେ ଭାରତମାତାଙ୍କୁ ବ୍ରିଟିଶ ଶାସନର ଶୃଙ୍ଖଳରୁ ମୁକ୍ତ କରିବା ନିମନ୍ତେ ଦେଶପ୍ରାଣ ସୁଭାଷ (ନେତାଜୀ) ଆଇସିଏସ୍‌ରୁ ଇସ୍ତଫା ଦେଇ ଜାତିର ଜନକ ବାପୁଜୀଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନରେ ଝାସ ଦେଲେ। କ୍ଷମତା, ସ୍ୱାର୍ଥ, ଅର୍ଥ, ପଦ-ପଦବୀର ମୋହ ଓ ପ୍ରତିଷ୍ଠା ତଥା ପ୍ରତିପତ୍ତି ତାଙ୍କୁ ଆବଦ୍ଧ କରିପାରି ନ ଥିଲା। ନିଃସ୍ୱାର୍ଥପର ସେବା ଦିଗରେ ବାରିଷ୍ଟର ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଥିଲେ ତାଙ୍କ ପ୍ରେରଣାର ଉତ୍ସ। ଚିତ୍ତରଞ୍ଜନ ମଧ୍ୟ ଥିଲେ ଶ୍ରୀଅରବିନ୍ଦଙ୍କ ବନ୍ଧୁ ଓ ହିତାକାଂକ୍ଷୀ। ଦେଶବନ୍ଧୁଙ୍କ ବଳିଷ୍ଠ ପ୍ରେରଣାରେ ସେ ବଙ୍ଗଳାର ଗ୍ରାମେ ଗ୍ରାମେ ବୁଲି ଛାତ୍ର, ଶିକ୍ଷକ, ଶ୍ରମିକ, କୃଷକ, ଅଧ୍ୟାପକ, ସରକାରୀ, ବେସରକାରୀ କର୍ମଚାରୀ ସମସ୍ତଙ୍କୁ ବାପୁଜୀଙ୍କ ଅସହଯୋଗ ଆନ୍ଦୋଳନର ବାର୍ତ୍ତାରେ ଉଦ୍‌ବୁଦ୍ଧ କଲେ। ବିପ୍ଳବର ବହ୍ନି ବନାଗ୍ନିର ରୂପ ନେଲା। କିନ୍ତୁ ମୌଳିକତଃ ସେ ଥିଲେ ସ୍ୱାଧୀନଚେତା ପୁରୁଷ। ଭାରତର ସ୍ୱାଧୀନତା ତାଙ୍କୁ ଅହରହ ଉଦ୍‌ବେଳିତ କରୁଥିଲା। କିନ୍ତୁ ଗାନ୍ଧିଜୀଙ୍କ ନୀତି ସମ୍ପୂର୍ଣ୍ଣ ଅହିଂସାତ୍ମକ ଥିବାବେଳେ ନେତାଜୀଙ୍କ ସଂଗ୍ରାମୀ ଚେତନା ତାଙ୍କୁ ପ୍ରତ୍ୟକ୍ଷ ସଂଗ୍ରାମ ପାଇଁ ଉଦ୍‌ବେଳିତ କରୁଥିଲା।

ତଥାପି ସେ ବାପୁଜୀଙ୍କୁ ସମ୍ମାନପୂର୍ବକ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଏକାଧିକବାର କାରାବରଣ କଲେ। ଗାନ୍ଧିଜୀ ପ୍ରଥମେ ବ୍ରିଟିଶ ସରକାରଙ୍କ ବିରୋଧରେ ଯେଉଁ ଯୁବବାହିନୀ ଗଠନ କରିଥିଲେ, ଏହାର ନେତୃତ୍ୱ ନେଇଥିଲେ ସ୍ୱୟଂ ନେତାଜୀ, ନିଜର ବ୍ୟକ୍ତିଗତ ତ୍ୟାଗ, ନିଷ୍ଠା, କର୍ମଦକ୍ଷତା ଯୋଗୁ ସେ ଜଣେ ବୀରପୁରୁଷ ତଥା ତୁଙ୍ଗନେତା ଭାବରେ ସ୍ୱୀକୃତ ହେଲେ। ଦେଶର ବିଭିନ୍ନ ସ୍ଥାନରେ ତାଙ୍କର ଅଗ୍ନିବର୍ଷୀ ଉଦ୍‌ବୋଧନରେ ଯୁବପିଢ଼ି ଆଗ୍ନେୟ ଶପଥ ଗ୍ରହଣ କଲେ। ଏଥିପାଇଁ ନେତାଜୀଙ୍କୁ ବାରମ୍ବାର କାରାରୁଦ୍ଧ କରାଯିବାରୁ ତାଙ୍କ ସ୍ୱାସ୍ଥ୍ୟ ଭଙ୍ଗ ହେଲା ଓ ଚିକିତ୍ସା ପାଇଁ ତାଙ୍କୁ ସୁଇଜରଲାଣ୍ଡ ଯିବାକୁ ହେଲା। ସେଠାରୁ ଫେରିବା ପରେ ୧୯୩୮ ଓ ୧୯୩୯ରେ ସେ ଦୁଇଥର ଜାତୀୟ କଂଗ୍ରେସର ସଭାପତି ଭାବରେ ନିର୍ବାଚିତ ହୋଇ ଜଣେ ଅବିସମ୍ବାଦିତ ଜନନାୟକ ଭାବରେ ଆବିର୍ଭୂତ ହେଲେ।

ଭାଗ୍ୟର ବିଡ଼ମ୍ବନା- ଗାନ୍ଧିଜୀ ଓ ଗାନ୍ଧିବାଦୀ ନେତାଙ୍କ ସହ ତାଙ୍କର ମତଭେଦ ତଥା ମନୋମାଳିନ୍ୟ ସୃଷ୍ଟିହେଲା। କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇ 'ଫର୍‌ୱାର୍ଡ ବ୍ଲକ'ନାମରେ ଏକ ନୂତନ ଦଳ ଗଠନ କଲେ। ୧୯୪୦ ମସିହା ଥିଲା ନେତାଜୀଙ୍କ ନିମନ୍ତେ ଏକ 'ଅଗ୍ନି ପରୀକ୍ଷାର' ସମୟ। 'ଫର୍‌ୱାର୍ଡ ବ୍ଲକ' ଖବରକାଗଜରେ ଏକ ଲେଖା ପାଇଁ ବିଚାରାଳୟରେ ଜଣେ ଅଭିଯୁକ୍ତ ଆସାମୀ ଭାବରେ ତାଙ୍କୁ ହାଜର ହେବାକୁ ହେଲା। ଜାମିନରେ ଥିବାବେଳେ ସେ ତାଙ୍କ କଲିକତା ବାସଭବନରୁ ଗୁପ୍ତରେ ପଳାୟନ କଲେ। ପାଦରେ ଚାଲି ଚାଲି କାବୁଲରେ ଉପନୀତ ହେଲେ। ସେଠାରେ 'ନାଜି' ସରକାରଙ୍କ ସହାୟତା ଲାଭ କରି ଜର୍ମାନୀରେ ଥିବା ଭାରତୀୟ ସୈନ୍ୟମାନଙ୍କୁ ନେଇ ଇଂରେଜମାନଙ୍କ ବିରୋଧରେ 'ଆଜାଦ ହିନ୍ଦ୍ ଫୌଜ' ନାମକ ଏକ ସୈନ୍ୟବାହିନୀ ଗଠନ କଲେ।

୧୯୪୩ରେ ନେତାଜୀ ସମୁଦ୍ର ପଥରେ ବୁଡ଼ାଜାହାଜ ଯୋଗେ ଯାତ୍ରାକରି ସିଙ୍ଗାପୁରରେ ପହଞ୍ଚିଲେ। ସେଠାରେ ତାଙ୍କୁ ଜାପାନର ସହାୟତା ମିଳିଲା। ତାଙ୍କ ନେତୃତ୍ୱରେ ଏହି ସୈନ୍ୟବାହିନୀ ଦିଲ୍ଲୀ ଅଭିମୁଖେ ଯାତ୍ରା କଲେ। ନେତାଜୀଙ୍କ ଆଗ୍ନେୟ ଆହ୍ୱାନ ଥିଲା। 'ଦିଲ୍ଲୀ ଚଲୋ', ମଣିପୁରର ଇମ୍ଫାଲ ପର୍ଯ୍ୟନ୍ତ ଅଗ୍ରସର ହୋଇ ମଧ୍ୟ ତାଙ୍କ ଲକ୍ଷ୍ୟ ସଫଳ ହେଲାନାହିଁ। କାରଣ ଜାପାନୀମାନେ ଇଂରେଜମାନଙ୍କ ଦ୍ୱାରା ପରାସ୍ତ ହୋଇ ସନ୍ଧି କଲେ। ଏଥିରେ କିନ୍ତୁ ନେତାଜୀ ଭାଙ୍ଗି ନ ପଡ଼ି ୧୯୪୪ରେ ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ସହ ଟୋକିଓ ଅଭିମୁଖେ ଯାତ୍ରା ଆରମ୍ଭ କଲେ। ମାତ୍ର ଦୁର୍ଭାଗ୍ୟ ବିମାନଟି ଦୁର୍ଘଟଣାର ସମ୍ମୁଖୀନ ହେବାରୁ ଭାରତମାତାର ଏହି ବିରଳ ଓ ବୀର ସନ୍ତାନ 'ସୁଭାଷ' ମୃତ୍ୟୁବରଣ କରିଥିବାର ଖବର ବିଶ୍ୱର କୋଣ ଅନୁକୋଣରେ ପ୍ରଚାରିତ ହେଲା। କିନ୍ତୁ ସେ ପ୍ରବାଦପୁରୁଷ ଅଦ୍ୟାପି ଜୀବିତ ଓ ତାଙ୍କର ଅନ୍ତିମ ପରିଣତି ରହସ୍ୟାବୃତ।

କିନ୍ତୁ ତାଙ୍କର ଆଦର୍ଶ ଚିର ବହ୍ନିମାନ ରହିଛି ଓ ରହିଥିବ କାଳକାଳକୁ। ତାଙ୍କ ୧୨୬ ତମ ପବିତ୍ର ଜୟନ୍ତୀ ପାଳନ ସାର୍ଥକ ହେଉ ଏବଂ ନେତାଜୀ ଏ ଜାତିର ଆକାଶରେ ଚିର ପ୍ରଦୀପ୍ତ ଧ୍ରୁବତାରା ସଦୃଶ ଜାଜ୍ୱଲ୍ୟମାନ ରହିଥାନ୍ତୁ।

ମୋ : ୯୪୩୮୧୮୬୨୨୬

# ଡିଜିଟାଲ ଟୁଇନ୍



ଡ. ନରେନ୍ଦ୍ର ସେଠୀ

ଯାଁଆଳା ମଣିଷ ପିଲା କିମ୍ବା କୌଣସି ଜୀବର ଯମଜ ଦେଖିଲେ ବିଶେଷ କିଛି ଆଶ୍ଚର୍ଯ୍ୟ ହେବାର ନ ଥାଏ। କିନ୍ତୁ ଏବେ ବିଜ୍ଞାନ ତା'ର କରାମତି ଦେଖେଇ ଯେକୌଣସି ମଣିଷର ଅବିକଳ ତିଆରି କରିବାରେ ସମର୍ଥ ହେଲାଣି। ବଡ଼ କଥା ହେଲା ଏହି ଅବିକଳ ନିଜସ୍ୱ ଯମଜ ଜଣକ ଡିଜିଟାଲ ଦୁନିଆରେ ରହିବ ବା ଏହା ଏକ ଡିଜିଟାଲ ଟୁଇନ୍ ହେବ। ଆମର ବାସ୍ତବ ଶରୀରର ସବୁ ଗୁଣ, ରୁଚି, ବ୍ୟବହାର, ଭଲମନ୍ଦ ଏହି ଡିଜିଟାଲ ଟୁଇନ୍ ଭିତରେ ଡାଟା ଆକାରରେ ରେକର୍ଡ ହୋଇ ରହିଯିବ ଓ ଆମ ଶରୀରର ଏକ ଅବିକଳ ଅଶରୀରୀ ଡିଜିଟାଲ ଦୁନିଆରେ ରହିବ।

ଡିଜିଟାଲ ଟୁଇନ୍ ଏକ ଗାଣିତିକ ୩ ଆୟାମୀ ବିଶିଷ୍ଟ ମଡେଲ ଯାହା ଭିତରେ ବାସ୍ତବ ମଣିଷର ସବୁ ଗୁଣ ଥାଏ ଓ ଏହା ମଣିଷ ସହ ୱାଇଫାଇ, ବ୍ଲୁଟୁଥ୍ କିମ୍ବା ଇଣ୍ଟରନେଟ ଦ୍ୱାରା ସର୍ବଦା ଯୋଗସୂତ୍ର ରକ୍ଷା କରିଥାଏ। ପ୍ରକୃତରେ କହିବାକୁ ଗଲେ ଆମେ ଧୀରେ ଧୀରେ ସମସ୍ତେ ଅଜାଣତରେ ନିଜ ନିଜର ଏକ ଡିଜିଟାଲ ଟୁଇନ୍ ତିଆରି କରି ଚାଲିଛୁ। ଆମେ କିପରି ଆମ ସ୍ମାର୍ଟ ଫୋନ୍‌ରେ ଇଣ୍ଟରନେଟ ସରଫ କରି କି କି ଜିନିଷ ବିଷୟରେ ଜାଣିବାକୁ ଚାହିଁଛୁ, କୋଉ ସିନେମା ଦେଖୁଛୁ ଓ କୋଉ କୋଉ ଜିନିଷ କିଣୁଛୁ ତାହାକୁ ଆମ ଅଜାଣତରେ ଡିଜିଟାଲ ଦୁନିଆ ରେକର୍ଡ ରଖି ଭର୍ଚୁଆଲ ଦୁନିଆରେ ଆମର ଡୁପ୍ଲିକେଟ ତିଆରି କରିଥାଏ। ତେଣୁ ଆମେ ଲଗ୍‌ଇନ୍ କଲା ମାତ୍ରେ ଆମରି ପସନ୍ଦର ଜିନିଷର ବିଜ୍ଞାପନ, ଭିଡିଓ ଇତ୍ୟାଦି କମ୍ପ୍ୟୁଟର ପରଦାରେ ଆବିର୍ଭାବ ହୋଇଥାଏ। ତେବେ ଏହା ହେଉଛି କୃତ୍ରିମ ବୁଦ୍ଧିମତ୍ତା ବଳରେ ଜଣେ ମଣିଷର ରୁଚିକୁ ଜାଣିବା ଏକ ପ୍ରାରମ୍ଭିକ ପର୍ଯ୍ୟାୟ। ଆଗକୁ ପ୍ରତ୍ୟେକ ମଣିଷର ଅବିକଳ ଡିଜିଟାଲ ଟୁଇନ୍ ତିଆରି ହୋଇଯିବ। ଏପରିକି ବୟସ ସହିତ ବାସ୍ତବ ମଣିଷ ବଢ଼ିବା ସହିତ ଭର୍ଚୁଆଲ ଦୁନିଆରେ ଡିଜିଟାଲ ଟୁଇନ୍ ବଢ଼ିବ। ବାସ୍ତବ ମଣିଷର ଶରୀରରେ କିଛି ହଠାତ୍ ଅସୁବିଧା ହେବା ପୂର୍ବରୁ ଡିଜିଟାଲ ଟୁଇନ୍ ଆଗରୁ ସତର୍କ କରିଦେବ ଓ ମଣିଷ ତୁରନ୍ତ ତା' ପାଇଁ ଉଚିତ ପଦକ୍ଷେପ ନେବ। ବାସ୍ତବିକ ମଣିଷର ବୟସ, ବ୍ୟବହାର, ଓଜନ, ଶାରୀରିକ ଗତିବିଧି, ଖାଦ୍ୟ ଅଭ୍ୟାସ, ନିଦ୍ରା, ରକ୍ତଚାପ, ହୃଦ୍‌ସ୍ପନ୍ଦନ ଇତ୍ୟାଦି ସବୁ ଡାଟା ଭର୍ଚୁଆଲ ଡିଜିଟାଲ ଟୁଇନ୍ ପାଖରେ ଥିବ ଓ ବାସ୍ତବିକ ମଣିଷର ଗତିବିଧି ଓ ଯେକୌଣସି ଶାରୀରିକ ପରିବର୍ତ୍ତନକୁ ଖୁବ୍ ଶୀଘ୍ର ଧରିନେଇ ଆଗୁଆ ସ୍ମାର୍ଟଫୋନରେ ଜଣେଇଦେବ। ଏପରିକି ଘର ପରିବାରର ସମ୍ପର୍କୀୟ ଓ ନିଜସ୍ୱ ଡାକ୍ତର ଏ ବିଷୟରେ ଅବଗତ ହୋଇଯିବେ। ତେବେ ଡିଜିଟାଲ ଟୁଇନ୍‌ର ଆହୁରି ଅନେକ ଉପଯୋଗିତା ଅଛି।

ଏହି ଡିଜିଟାଲ ଯମଜ ମଣିଷର ଅନେକ କାମ କରିପାରିବ। ଏହା ଫଳରେ ଜଣେ ମଣିଷ ଏକାଧିକ ଜାଗାରେ ଏକ ସମୟରେ କାମ କରିପାରିବ ଯାହା ଜଣେ ମଣିଷ ପାଖରେ ସମ୍ଭବ ନୁହେଁ। ଏପରିକି ଜଣେ ମଣିଷ ମରିଗଲା ପରେ ତା'ର ଡିଜିଟାଲ ଯମଜ ସହ ଯୋଗସୂତ୍ର ରକ୍ଷାକରି ଦିବଂଗତ ବାସ୍ତବ ମଣିଷର କାର୍ଯ୍ୟକୁଶଳତାକୁ ବ୍ୟବହାର କରାଯାଇପାରିବ। ଅର୍ଥାତ୍ ଜଣେ ମରିଗଲା ପରେ ମଧ୍ୟ ତା'ର ଜ୍ଞାନ ଡିଜିଟାଲ ଯମଜ ସାହାଯ୍ୟରେ ଲୋକ କଲ୍ୟାଣରେ ଉପଯୋଗ ହେଇପାରିବ। ଅନ୍ୟ ଅର୍ଥରେ ଆମେ ନିଜର ଅତୀତ ଓ ଭବିଷ୍ୟତ ସହ ଏହି ଡିଜିଟାଲ ଟୁଇନ୍ ସାହାଯ୍ୟରେ ସମ୍ପର୍କ କରିପାରିବା ଯାହା ବାସ୍ତବ ଦୁନିଆରେ ଅସମ୍ଭବ। ବିଜ୍ଞାନର ଏହି ବିଚକ୍ଷଣ ସଫଳତା ମଣିଷକୁ ଆଗାମୀ ଦିନରେ ଅନେକ ଅସାଧ୍ୟ କାମ କରିବାରେ ସହାୟକ ହେବ। ଜଣେ ମଣିଷ ତା'ର ଡିଜିଟାଲ ଟୁଇନ୍ ସହିତ ଅନ୍ୟ କିଛି ନୂଆ ଜ୍ଞାନକୌଶଳ ଯଥା ନୂଆ ଭାଷା, ଯାନ୍ତ୍ରିକ ଜ୍ଞାନ ଇତ୍ୟାଦି ଯୋଡ଼ି ନିଜଠୁ ଅଧିକ ବିଚକ୍ଷଣ ଓ ଜ୍ଞାନୀ ଡିଜିଟାଲ ଆଉ ଏକ ଟୁଇନ୍ ତିଆରି କରି କାମରେ ଲଗେଇ ପାରିବ। ମଣିଷ ଡିଜିଟାଲ ଟୁଇନ୍ ତିଆରି ହେବା ପୂର୍ବରୁ ଶିଳ୍ପଜଗତରେ ଏହାର ବ୍ୟାପକ ବ୍ୟବହାର ହୋଇ ଆସିଛି। କୌଣସି ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ର ଯେମିତି ଯୁଦ୍ଧଜାହାଜ, ସ୍ପେସ୍ କ୍ରାଫ୍ଟ, କାର୍ ଇତ୍ୟାଦିର ନିର୍ମାଣ ପୂର୍ବରୁ ଏହାର ଡିଜିଟାଲ ଟୁଇନ୍ ପ୍ରସ୍ତୁତକରି ପରୀକ୍ଷା କରାଯାଇଥାଏ। ଏହାଦ୍ୱାରା ଅନେକ କାର୍ଯ୍ୟ କରାଯାଇପାରେ ଯାହା ବାସ୍ତବ ମଣିଷ ପାଖରେ କଷ୍ଟକର। ଉଦାହରଣ ସ୍ୱରୂପ ଏକ କାର୍ କ୍ରାସ୍ ଟେଷ୍ଟ କରିବା ପାଇଁ ଭର୍ଚୁଆଲ ଦୁନିଆରେ ଡିଜିଟାଲ ଟୁଇନ୍ ସାହାଯ୍ୟରେ ଅନେକ ଥର କରି ଏହାର ପରିଣାମ ବିଷୟରେ ସହଜରେ ଜାଣିହୁଏ ଯାହା ବାସ୍ତବ ମଣିଷ ପକ୍ଷରେ ଅସମ୍ଭବ। ଏହି ଯୁଗାନ୍ତକାରୀ ଜ୍ଞାନକୌଶଳକୁ ଆମେରିକାର ମିଶିଗାନ ବିଶ୍ୱବିଦ୍ୟାଳୟର ପ୍ରଫେସର ମାଇକେଲ ଗ୍ରୀବସ୍ ୨୦୦୨ରେ ପ୍ରଥମ କରି ଶିଳ୍ପଜଗତରେ ଉତ୍ପାଦନ ବଢ଼େଇବା ଲକ୍ଷ୍ୟରେ ଡିଜିଟାଲ ଟୁଇନ୍ ସଫ୍ଟୱେରକୁ ଲୋକ ଲୋଚନକୁ ଆଣିଥିଲେ। କିନ୍ତୁ ଏହା ପୂର୍ବରୁ ନାସା ୧୯୬୦ ଦଶକରେ ମହାକାଶ ଉତ୍କ୍ଷେପଣ କାର୍ଯ୍ୟକ୍ରମରେ ବ୍ୟାପକ ଭାବରେ ଡିଜିଟାଲ ଟୁଇନ୍ ଜ୍ଞାନକୌଶଳକୁ ବ୍ୟବହାର କରିଥିଲା।



ଏଠାରେ ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଏହି ଡିଜିଟାଲ ଟୁଇନ୍‌ର ବଜାର ଚାହିଦା ବିଶ୍ୱରେ ୩.୧ ବିଲିୟନ ଡଲାର ଯାହା ୨୦୨୬ ସୁଦ୍ଧା ୪୮ ବିଲିୟନ ଡଲାରରେ ପହଞ୍ଚିବ। ତେବେ ଏତିକି କୁହାଯାଇପାରେ ଯେ ଏହି ଡିଜିଟାଲ ଟୁଇନ୍‌ର ଭବିଷ୍ୟତ ଅସୀମିତ ଓ ଏହା ସମଗ୍ର ଦୁନିଆରେ ଏକ ଚହଳ ସୃଷ୍ଟି କରି ଆମର ଦୈନନ୍ଦିନ ଜୀବନକୁ ବ୍ୟାପକ ଭାବରେ ପ୍ରଭାବିତ କରିବାକୁ ଯାଉଛି। ତେବେ ଭବିଷ୍ୟତରେ ଏହି ଡିଜିଟାଲ ଟୁଇନ୍ ଜ୍ଞାନକୌଶଳର ବ୍ୟାପକ ବ୍ୟବହାରକୁ ଆଖି ଆଗରେ ରଖି ବୃହତ୍ ଡାଟାର ସୁରକ୍ଷା ଓ ସଂରକ୍ଷଣ କରିବା ମଧ୍ୟ ଏକ ଚିନ୍ତାର ବିଷୟ। କୌଣସି ବ୍ୟକ୍ତି, ଅନୁଷ୍ଠାନ କିମ୍ବା ଦେଶର ଗୁରୁତ୍ୱପୂର୍ଣ୍ଣ ଡାଟା ଏହି ଯୁଗାନ୍ତକାରୀ ବିଜ୍ଞାନ ଚମତ୍କାର ବଳରେ ଭୁଲ୍ ହାତରେ ନ ପଡୁ ଏଥିପ୍ରତି ଧ୍ୟାନଦେବାକୁ ପଡ଼ିବ।

ମୋ- ୭୦୦୪୦୬୮୧୧୦

## ଏଇ ଭାରତରେ

ଦିନକୁ ଦିନ ଦୁଇଚକିଆ ଯାନର ବିଭିନ୍ନ ମଡେଲ ବଜାରକୁ ଆସୁଛି। ଇ-ବାଇକ୍ ହେଉ କିମ୍ବା ପେଟ୍ରୋଲଚାଳିତ, ପ୍ରତ୍ୟେକ ମଡେଲର ଆଦର ମଧ୍ୟ ବଢ଼ିବାରେ ଲାଗିଛି। ଯେତେ ନୂଆ, ସେତେ ପସନ୍ଦ, ହେଲେ ପୁରୁଣା ଗାଡ଼ି ସାଇତି ରଖିବା ଲୋକ ବହୁତ କମ୍। ଏମାନଙ୍କ ମଧ୍ୟରେ ମହାରାଷ୍ଟ୍ର ପୁଣେର ବିନିତ୍ କେଞ୍ଜାଲେ ଅନ୍ୟତମ। ସେ ପଞ୍ଚଗାନି-ମହାବଳେଶ୍ୱର ରାସ୍ତା କଡ଼ ଗାଁ ମେଟଗୁଆଡ଼୍‌ରେ ଏକ ମ୍ୟୁଜିୟମ୍ ଖୋଲି ୫୦୦ରୁ ଊର୍ଦ୍ଧ୍ୱ ପୁରୁଣା ଗାଡ଼ି ରଖିଛନ୍ତି। ଏହା ଭାରତର ପ୍ରଥମ ପୁରୁଣା ଦୁଇଚକିଆ ଯାନ ମ୍ୟୁଜିୟମ୍। ଏଥିରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ୟବହୃତ ଗିର୍‌ନାର ସ୍କୁଟରଠାରୁ ଆରମ୍ଭ କରି 'ବବି' ବାଇକ୍ ଓ ୮୦ ଦଶକର ଦୁଇଚକିଆ ଯାନ ଆଦି ସ୍ଥାନ ପାଇଛି। ଏହା ବ୍ୟତୀତ ଜୱାର ପ୍ରଥମ ମୋଫେଡ୍, ବ୍ରିଟିଶ୍ ସୈନ୍ୟ ବ୍ୟବହାର କରୁଥିବା ରୟାଲ ଏନ୍‌ଫିଲ୍ଡର ଫାଣ୍ଟାବୁଲୋସ, ଲାମ୍ବ୍ରେଟା-୫୯, ରାମୋନା-୧୯୬୦ ଆଦି ବାଇକ୍ ଆକର୍ଷଣର କେନ୍ଦ୍ର ପାଲଟିଛି। ବିନିତ୍ ୨୦୨୧ରେ ଏହି ମ୍ୟୁଜିୟମ୍ ଆରମ୍ଭ କରିଥିଲେ। ମାତ୍ର ଦୁଇ ବର୍ଷ ମଧ୍ୟରେ ୫୦୦ରୁ ଊର୍ଦ୍ଧ୍ୱ ପୁରୁଣା ବାଇକ୍ ଯୋଗାଡ଼ କରିବାରେ ସକ୍ଷମ ହେବା ତାଙ୍କ ପାଇଁ ବଡ଼ ଉପଲବ୍ଧି ବୋଲି କହନ୍ତି ୫୬ ବର୍ଷୀୟ ବିନିତ୍। ଏହି ମ୍ୟୁଜିୟମ୍‌କୁ ବହୁ ପର୍ଯ୍ୟଟକ ଆସୁଛନ୍ତି ଓ ସେମାନେ ପୁରୁଣା ଗାଡ଼ିକୁ ଦେଖି ପୁରୁଣା ଦିନର ସ୍ମୃତିକୁ ଉଜାଗର କରୁଛନ୍ତି। ମ୍ୟୁଜିୟମ ବୁଲି ଦେଖିବା ଲାଗି ପ୍ରବେଶ ଦେୟ ୧୦୦ ଟଙ୍କା ରଖାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଜାନୁୟାରୀ ୧୯୯୮

- ପ୍ରଖ୍ୟାତ ଅଭିନେତା ଜ୍ୟାକ ଲର୍ଡଙ୍କ ୭୭ ବର୍ଷ ବୟସରେ ପରଲୋକ।
- ଆସାମର ଶାସକ ଆସାମ ଗଣପରିଷଦ (ଏଜିପି) ଦଳର ପ୍ରାୟ ୮୦୦ ବିଦ୍ରୋହୀ କର୍ମୀ ମୂଳ ଦଳଠାରୁ ସମ୍ପର୍କ ଛିନ୍ନ କରି 'ଆସାମ ଜାତୀୟ ସମ୍ମିଳନ' ନାମରେ ଏକ ନୂତନ ଦଳ ଗଠନ କରିଛନ୍ତି।
- ନାଗାଲାଣ୍ଡ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଜେ. ହୋଲୋହୋନଙ୍କ ତାଙ୍କ ପଦରୁ ଇସ୍ତଫା।

## ପାଠକ ଶ୍ରେଷ୍ଠ ବିଚାରକ

### କୃଷି କାର୍ଯ୍ୟାଳୟରେ ଅନିୟମିତତା

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ବ୍ଲକ କୃଷି କାର୍ଯ୍ୟାଳୟରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ବ୍ଲକର ହଜାର ହଜାର ଯୋଗ୍ୟ ଚାଷୀ ଆତ୍ମା ମାଧ୍ୟମରେ ଆସୁଥିବା ବିଭିନ୍ନ ଅର୍ଥ ପାଇବାରୁ ବଞ୍ଚିତ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ସାମୁଦ୍ରିକ ଝଡ଼ରେ ସତ୍ୟବାଦୀ ଚାଷୀଙ୍କ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ରାଜ୍ୟ ସରକାରଙ୍କ ତରଫରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବାକୁ କୃଷି ବିଭାଗ ପକ୍ଷରୁ ସର୍ଭେ କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ କ୍ଷତିପୂରଣ ରାଶି ମିଳି ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀ ସମସ୍ୟା ବୁଝିବା ପାଇଁ କୃଷି କାର୍ଯ୍ୟାଳୟକୁ ଗଲେ ଆତ୍ମା ଉଦ୍ୟାନ ଓ ଅନ୍ୟାନ୍ୟ ବିଭାଗର ସରକାରୀବାବୁଙ୍କ ରୋଷର ଶିକାର ହେଉଛନ୍ତି। ସତ୍ୟବାଦୀ ସମେତ ଅନ୍ୟାନ୍ୟ ବ୍ଲକର ଚାଷୀଙ୍କୁ ବିହନ ଚିନ୍ତା ଘାରିଛି। କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ସେମାନଙ୍କୁ ବିହନଠାରୁ ଆରମ୍ଭ କରି କୃଷି ଯନ୍ତ୍ରପାତି ମଧ୍ୟ ସବ୍‌ସିଡି ପ୍ରଦାନ କରାଯାଉଛି। ଏହା ଉପରେ ବିଭାଗୀୟ ମନ୍ତ୍ରୀ ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

**-ଦେବଦତ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେତେ ଶୀତ କେତେ ମଧୁମାସ
ଜୀବନର ଜୟ ପରାଜୟ
ଦୁର୍ଦ୍ଦିନ ଅମା କେତେ ଶତ
ଅନ୍ତରେ କାଟିଥିଲା କ୍ଷତ
ପୌଷର ମନ୍ଦ ମଳୟ
ପ୍ରାଣେ ପୁଣି ବଜାଏ ବଳୟ।
-(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଓଳାଶୁଣୀ ଗୁମ୍ଫାମେଳା
# ୫ମ ଦିନରେ ଅସମ୍ଭାଳ ଭିଡ଼



ଚଣ୍ଡିଖୋଲ,୨୨ା୧(ଡି.ଏନ.ଏ.): ଓଳାଶୁଣୀ ଗୁମ୍ଫାମେଳା ରବିବାର ୫ମ ଦିନରେ ପହଞ୍ଚିଥିବା ବେଳେ ମେଳା ପରିସରରେ ଅସମ୍ଭାଳ ଭିଡ଼ ହୋଇଛି। ଲକ୍ଷାଧିକ ଭକ୍ତଙ୍କ ସମାଗମ ଯୋଗୁ ୫୩ ନଂ. ଜାତୀୟ ରାଜପଥଠାରୁ ମେଳା ପଡ଼ିଆ ୨ କିଲୋମିଟର ଦୂର ହୋଇଥିବା ବେଳେ ସମ୍ପୂର୍ଣ୍ଣ ରାସ୍ତା ଜାମ ହୋଇଯାଇ ଥିଲା। ଏତେ ଭିଡ଼ ପରିଲକ୍ଷିତ ହୋଇଥିଲା ଯେ, ମେଳା ବୁଲିବାକୁ ଆସିଥିବା ଲୋକ ନାହିଁ ନ ଥିବା ଅସୁବିଧା ଭୋଗ କରିଥିଲେ। ଓଳାଶୁଣୀ ପାହାଡ଼କୁ ଆସିବାକୁ ୩ ରାସ୍ତା ସମ୍ପୂର୍ଣ୍ଣ ଭିଡ଼ ପରିଲକ୍ଷିତ ହୋଇଥିଲା। ଲଳିତଗିରି ପଟରୁ ଆସିବାକୁ ଥିବା ରାସ୍ତା ମଧ୍ୟ ସନ୍ଧ୍ୟାରେ ପୁରା ଜାମ ହୋଇଥିଲା। ଏପରି କି ମେଳା ପଡ଼ିଆ ବାହାରେ ହୋଇଥିବା ମୋଟର ସାଇକେଲ ଓ କାର୍ ଷ୍ଟାଣ୍ଡଗୁଡିକରେ ସ୍ଥାନ ମିଳି ନ ଥିଲା। ପୋଲିସ ଜାତୀୟ ରାଜପଥ କଡ଼ରୁ ମେଳା ପରିସରକୁ କୌଣସି ଗାଡ଼ି ଛାଡ଼ି ନ ଥିଲା।

### ଦୋଳିର ମଜା ନେଉଛନ୍ତି ସମସ୍ତେ

ମେଳା ପଡ଼ିଆରେ ୧୫ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ଦୋଳି ପଡ଼ିଛି। ସାଧାରଣ ତ ଛୋଟ ଛୋଟ ପିଲାମାନେ ଏହି ଦୋଳିର ମଜା ନେଇଥାନ୍ତି। ଏଠାରେ କିନ୍ତୁ ନିଆରା କଥା ଦେଖିବାକୁ ମିଳିଛି। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକମାନେ ଦୋଳି ଖେଳି ମଜା ନେଉଛନ୍ତି। ଚରକି ଦୋଳି, ଝୁଲା ଦୋଳି, ଘୋରି ଦୋଳି ଆଦି ବିଭିନ୍ନ ଦୋଳିରେ ପିଲାଠାରୁ ବୟସ୍କ ସମସ୍ତେ ମଜା ନେଉଥିବା ଦେଖିବାକୁ ମିଳିଛି।

## ତୋରଣରେ ଭର୍ତ୍ତି ମେଳା ପଡ଼ିଆ ରାସ୍ତା

ଓଳାଶୁଣୀ ମେଳା ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ପଞ୍ଚାୟତରେ ଅବସ୍ଥିତ ହୋଇଥିବା ବେଳେ ଏଠାରେ ବିଭିନ୍ନ ଜିଲାର ରାଜନୈତିକ ବ୍ୟକ୍ତିଙ୍କ ତୋରଣ ଦେଖିବାକୁ ମିଳୁଛି। ଅଧିକାଂଶ ତୋରଣ କଟକ ଜିଲା ମାହାଙ୍ଗା ଅଞ୍ଚଳର ହୋଇଥିବା ବେଳେ ଆଉ କିଛି କେନ୍ଦ୍ରାପଡ଼ା ଜିଲାର ଡେରାବିଶ ଅଞ୍ଚଳର। ଏପରି କି ପାରାଦୀପ ଅଞ୍ଚଳର ନେତାଙ୍କ ତୋରଣ ମଧ୍ୟ ଦେଖିବାକୁ ମିଳିଛି। ରବିବାର ବଡ଼ଚଣା ଅଞ୍ଚଳର ବିଜେଡି ନେତା ତଥା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା ଏକ ବିଶାଳ ପଟୁଆରରେ କର୍ମୀଙ୍କ ଗହଣରେ ଯାଇ ମହାପୁରୁଷଙ୍କ ଦର୍ଶନ କରିଛନ୍ତି। ସକାଳେ ପାହାଡ଼ ଶୀର୍ଷ ଦେଶରେ ଥିବା ମହାପୁରୁଷଙ୍କ ସମାଧି ମନ୍ଦିରରେ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ।



ମେଳାରେ ବିଭିନ୍ନ ବର୍ଗର ଲୋକ ଦୋଳିଖେଳିବାର ମଜା ନେଉଛନ୍ତି।

### ଜାତୀୟ ରାଜପଥଠାରୁ ଟ୍ରାଫିକ ଜାମ୍



### ଜାତୀୟ ରାଜପଥରେ ଫସିଲା ଆମ୍ବୁଲାନ୍ସ

ଓଳାଶୁଣୀ ମେଳା ପାଇଁ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲା ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକେ ରବିବାର ମେଳାପରିସରକୁ ଆସୁଥିବା ଦେଖିବାକୁ ମିଳିଥିଲା। ସେଥିପାଇଁ ୫୩ ନଂ. ଜାତୀୟ ରାଜପଥର ପଞ୍ଚୁପାଣ୍ଡବଠାରୁ ବନ୍ଦରେଶ୍ୱର୍ ଛକ ପର୍ଯ୍ୟନ୍ତ ଲୁହାପଥର ବୋଝେଇ ଟ୍ରକ ଓ ତେଲ ଟ୍ୟାଙ୍କର ଗୁଡ଼ିକର ଭିଡ଼ ରହିଥିଲା। ଏହାରି ମଧ୍ୟରେ ଏକ ୧୦୮ ଆମ୍ବୁଲାନ୍ସ ଫସି ଯାଇଥିଲା। ପ୍ରାୟ ଅଧ ଘଣ୍ଟା ପାଖାପାଖି ଆମ୍ବୁଲାନ୍ସ ରହିଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଘଣ୍ଟାଘଣ୍ଟା ଧରି ଅନ୍ୟ ଗାଡିଗୁଡ଼ିକ ଜାତୀୟ ରାଜପଥ ଉପରେ ଅଟକି ରହିଥିଲା।

### ମେଳା ପରିସରରେ ଅଘଟଣ

ମେଳା ପରିସରରେ ରବିବାର ଏକ ଅଘଟଣ ଘଟିଛି। ଏକ ଚାର୍ଟ ଦୋକାନରେ ଲାଗିଥିବା ଗ୍ୟାସ୍ ଲିକ ହୋଇ ପ୍ରଥମେ ନିଆଁ ବାହାରିଥିଲା। ଫଳରେ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ଏହି ସମୟରେ ମେଳା ପରିସରରେ ଥିବା ଦମକଳ ବାହିନୀ ସଙ୍ଗେସଙ୍ଗେ ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥିଲା।

## ଅଗ୍ନିକାଣ୍ଡ, ୨ ପରିବାର ସର୍ବସ୍ୱ ହରାଇଲେ

ପ୍ରୀତିପୁର,୨୨ା୧(ଡି.ଏନ୍.ଏ.)

ଯାଜପୁର ଜିଲା ବିଂଝାରପୁର ବ୍ଲକ ଅନ୍ତର୍ଗତ ଉଦ୍ରଙ୍ଗ ପଞ୍ଚାୟତ କୋରେହିପ୍ରହରାଜପୁର ଗ୍ରାମରେ ଏକ ଅଗ୍ନିକାଣ୍ଡ ଘଟି ୨ ପରିବାର ସର୍ବସ୍ୱ ହରାଇଛନ୍ତି । ସୂଚନା ଅନୁଯାୟୀ, କୋରେଇପ୍ରହରାଜପୁର ଗ୍ରାମର ଶରତ ରାଉତ, ଓ ଭରତ ରାଉତଙ୍କ ଘରେ ଶନିବାର ରାତିରେ କୋଣସି କାରଣ ନିଆଁ ଲାଗିଯାଇଥିଲା । ଘରର ଆବସବାବପତ୍ର ସହିତ ୨ ପରିବାରର ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ଏମିତିକି ପିନ୍ଧିବା ଲୁଗା ଖଣ୍ଡେ ନାହିଁ । ବିଂଝାରପୁର ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ସମସ୍ତ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି । ଉକ୍ତ ପରିବାର ସଦସ୍ୟଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି ।



ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଘର।

## ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ



ମହିଳାମାନେ ଜଖପୁରା ଥାନା ଘେରାଉ କରିଛନ୍ତି।

କଳିଙ୍ଗନଗର,୨୨ା୧(ଡି.ଏନ.ଏ.):

ଜଟିଆ ଷ୍ଟିଲ୍ କାରଖାନା ପାଚେରି ନିର୍ମାଣକୁ ବିରୋଧ କରି ଜଖପୁରାର ମମିତା ଏଣ୍ଟର ପ୍ରାଇଜେସ କ୍ୟାମ୍ପ ଉପରେ ହୋଇଥିବା ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରବିବାର ଯଖପୁରା ଥାନା ଘେରାଉ କରାଯାଇଛି। ଜଖପୁରା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଥାନା ଘେରାଉ କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ଠିକାସଂସ୍ଥା କ୍ୟାମ୍ପ ଉପରେ ଆକ୍ରମଣ ଘଟଣା

ଗତ ୧୮ ତାରିଖରେ ମମିତା ଏଣ୍ଟର ପ୍ରାଇଜେସ କ୍ୟାମ୍ପ ଉପରେ ୨୦ରୁ ଉର୍ଦ୍ଧ୍ୱ ଯୁବକ ସଂଘ ବଦ୍ଧ ଭାବେ ଆକ୍ରମଣ କରିଥିଲେ। କ୍ୟାମ୍ପ ଉପରେ ପେଟ୍ରୋଲ ବମ ପକାଇ ସଂସ୍ଥାର ମାଲିକ ପ୍ରସନ୍ନଜିତ ସାମଲଙ୍କୁ ମାରିଦେବାକୁ ଉଦ୍ୟମ କରିଥିଲେ। ଫଳରେ ପ୍ରସନ୍ନଜିତଙ୍କ ସମେତ ୩ଜଣ ଗୁରୁତର ହୋଇଥିଲେ। ଘଟଣାରେ ମୁଖ୍ୟ ଅଭିଯୁକ୍ତ ରାଜା ସାମଲ ବୋଲି ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଶୁକ୍ରବାର ପୋଲିସ ଜଖପୁରା ଗାଁରେ ଚଢ଼ାଉ କରି ଘଟଣାରେ ସମ୍ପୃକ୍ତ ୭ ଜଣଙ୍କୁ ଗିରଫ କରିଥିଲା।

## ଡାକ୍ତର ଧୀରେନ୍ଦ୍ର ରାୟଙ୍କ ପରଲୋକ

ଯାଜପୁର ଟାଉନ,୨୨ା୧ (ଡି.ଏନ.ଏ.)



କଟକ ଏସ୍‌ସିବି ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ସୋ।ଅ। ବିଶ୍ୱବିଦ୍ୟାଳୟର ଉପକୁଳପତି ଡାକ୍ତର ଧୀରେନ୍ଦ୍ର ରାୟ (୮୦)ଙ୍କ ରବିବାର ସକାଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ପରଲୋକ ଘଟିଛି। ରାୟଙ୍କ ଘର ଯାଜପୁର ଜିଲା ଦଶରଥପୁର ବ୍ଲକ୍ ମଙ୍ଗଳପୁର ଗ୍ରାମରେ। ସେ ନିଜ ଗ୍ରାମ ସମେତ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା କରି ଜନପ୍ରିୟ ହୋଇଥିଲେ। ମଙ୍ଗଳପୁର ମହିଳା ମହାବିଦ୍ୟାଳୟ ଓ ବାଳିକା ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ଥିଲେ। ବାର୍ଦ୍ଧକ୍ୟ ରୋଗରେ ପୀଡିତ ଥିଲେ। ପୁରୀର ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ପରଲେକ ଖବର ଜଣାପଡିବା ପରେ ବିଧାୟକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଜିଲା ଭାଜପା ସଭାପତି ଗୌତମ ରାୟ, ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ସାମାଜିକକର୍ମୀ କର୍ଣ୍ଣାଟକେଶରୀ ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

## ଆଦିବାସୀ ଯୁବକ ନିର୍ମାଣ କଲେ ସ୍ୱୟଂଚାଳିତ ପେଟ୍ରୋଲ ପମ୍ପ

କଳିଙ୍ଗନଗର,୨୨ା୧(ଡି.ଏନ୍.ଏ.):

ମାଟ୍ରିକ ପାସ୍ ପରେ ଅର୍ଥ ଅଭାବରୁ ପାଠପଢ଼ା ବନ୍ଦ ହୋଇଯାଇଥିଲା। ତେଣୁ କିଛି ରୋଜଗାର କରିବା ଲକ୍ଷ୍ୟରେ ନିକଟରେ ଥିବା ବ୍ରାହ୍ମଣୀ ପାଳ ବଜାରରେ ପେଟ୍ରୋଲ ଟାଙ୍କିରୁ ପେଟ୍ରୋଲ ଆଣି ବିକ୍ରି କଲେ। ହେଲେ ଏଠାରେ ତେଲ ଦେବାକୁ କେହି ନ ଥିବାବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବ୍ରାହ୍ମଣୀପାଳଠାରୁ ପ୍ରାୟ ୧୫/୧୬ କିଲୋମିଟର ଦୂରରେ ପେଟ୍ରୋଲ ପମ୍ପ ଅବସ୍ଥିତ। ତେଣୁ ଏହିସବୁ ଅସୁବିଧାକୁ ଦୂର କରିବା ପାଇଁ କବାଡ଼ିଆ ଲୁହାରେ ନିର୍ମିତ ହୋଇଛି ପେଟ୍ରୋଲ ପମ୍ପ ଆକୃତିର ଏକ ମେଶିନ। ମେଶିନରୁ ତୈଳ ଭରିବା ଭଳି ପାଇପ୍ ବାହାରକୁ ଲମ୍ବିଛି। ହ୍ୟାଣ୍ଡେଲ ନୋଜଲ ବି ପମ୍ପ ଅନୁରୂପ ସେମିତି ଖଞ୍ଜାଯାଇଛି। ପମ୍ପଠାରୁ ଅପେକ୍ଷାକୃତ ଛୋଟ ହେଲେ ବି ଏହା ଯେ ଏକ ଇନ୍ଧନ ଭରା ଯାଉଥିବା ପମ୍ପ ତାହା ଜାଣିବାକୁ ଆଦୌ ଅସୁବିଧା ହେଉନାହିଁ। ମାତ୍ର ଏଠାରେ ତୈଳ ଦେବା ପାଇଁ କେହିନାହାନ୍ତି। ମେଶିନ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ, ଯାହାର ପେଟ୍ରୋଲ ଆବଶ୍ୟକ ସେ ନିଜେ ନେଇ ଗାଡ଼ିରେ ଭରିପାରୁଛନ୍ତି। ମେଶିନରୁ ଥରକରେ ୧୦୦ ଟଙ୍କାର ପେଟ୍ରୋଲ ବାହାରୁଛି। ମେଶିନରେ ପ୍ରଥମେ ୧୦୦ ଟଙ୍କାର ଏକ ନୋଟ ଭରିବାକୁ ପଡ଼ିଥାଏ। ଏହାବ୍ୟତୀତ ଏଠାରେ ବାର୍ କୋଡ୍ ସ୍କାନିଂ ମାଧ୍ୟମରେ ବି ଟଙ୍କା ଦେବାର ବ୍ୟବସ୍ଥା ରହିଛି। ଟଙ୍କା ପ୍ରାପ୍ତ ହେବା ପରେ ଯାଇ ମେଶିନ ତୈଳ ଦେଉଛି। ଏମିତି ଏକ ବିକଳ୍ପ ଯନ୍ତ୍ରର ଉଦ୍ଭାବକ ହେଉଛନ୍ତି ଆଦିବାସୀ ଯୁବକ ଜିତେନ୍ଦ୍ର ହେମ୍ବ୍ରମ। ତାଙ୍କ ଘର ଯାଜପୁର ଜିଲା କିଆଝର ପଞ୍ଚାୟତ ଭାଲୁବସା ଗ୍ରାମରେ। କାହ୍ନୁ ଚରଣ ହେମ୍ବ୍ରମଙ୍କ ପୁଅ ଜିତେନ୍ଦ୍ରଙ୍କ ବୟସ ଏବେ ୨୩ ବର୍ଷ। ଅନେକ ଥର ଭଙ୍ଗା ଗଢ଼ା ପରେ ସେ ଏହି ଯନ୍ତ୍ରଟି ବିକଶିତ କରିପାରିଛନ୍ତି।





ସ୍ୱୟଂ ଚାଳିତ ପେଟ୍ରୋଲ ପମ୍ପରୁ ଜଣେ ବ୍ୟକ୍ତି ଗାଡ଼ିରେ ତେଲ ପକାଉଛନ୍ତି।

ଟିକିଏ ଆଶ୍ଚର୍ଯ୍ୟ କରିବା ଭଳି ଏହି ଯନ୍ତ୍ରଟି ରହିଛି ଯାଜପୁର ଓ କେନ୍ଦୁଝର ଜିଲା ସୀମାନ୍ତ ବ୍ରାହ୍ମଣୀପାଳ ବଜାରରେ। ଆଖପାଖରେ ପେଟ୍ରୋଲ ମିଳୁ ନ ଥିବାରୁ ଲୋକେ ପିଲା ଛୁଆ ପରିବାର ସହିତ ରାସ୍ତାରେ ଅନେକ ସମୟରେ ଗାଡ଼ି ଗଡାଇ ଗଡ଼ାଇ ଯିବାକୁ ବାଧ ହୁଅନ୍ତି। ତେଣୁ ଏଠାରେ ୨୪ ଘଣ୍ଟିଆ ସେବା ଦେବା ଭଳି ପେଟ୍ରୋଲ ପମ୍ପ ନିର୍ମାଣ ନିଶା ହିଁ ଜିତେନ୍ଦ୍ରଙ୍କୁ ଏହି ବିକଳ୍ପ ସାଧନ ପାଇଁ ବାଟ ଦେଖାଇଥିଲା। ଜିତେନ୍ଦ୍ର ଲିଟର ପ୍ରତି ୮ଟଙ୍କା ଲାଭ ରଖି ଲୋକଙ୍କୁ ପେଟ୍ରୋଲ ଦେଉଛନ୍ତି। ତାଙ୍କ କହିବା ମୁତାବକ, ଏହି ମେଶିନରୁ ଦୈନିକ ୪୦ରୁ ୫୦ ଲିଟର ତେଲ ବିକ୍ରି ହେଉଛି। ସେଥିରେ ତାଙ୍କ ପରିବାର ପ୍ରତିପୋଷଣ ହେଉଛି। ତେଲ ଭରିବା ସମୟରେ ପରିମାଣ ଓ ମୂଲ୍ୟ ସୂଚୀ ପ୍ରଦର୍ଶନ କରୁଥିବା ଡିସପ୍ଲେ ଟିକୁ ଅଧିକ ବିକଶିତ ପାଇଁ ସେ ପରୀକ୍ଷାନିରୀକ୍ଷା ଚଳାଇଛନ୍ତି। ମେଶିନକୁ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ ନିର୍ମାଣ କରିଛନ୍ତି। କେବଳ ଶହେ ଟଙ୍କିଆ ବ୍ୟତୀତ ଅନ୍ୟ ଯେ କୌଣସି ଟଙ୍କା ଦେଲେ ମେଶିନଟି ଫେରାଇ ଦେଉଛି। ଅନ୍ୟପକ୍ଷରେ ଡିଜିଟାଲ ପେମେଣ୍ଟ ହେବା ପରେ ଯାଇ ମେଶିନର ଚାବି ଖୋଲିଯାଉଛି। ଜିତେନ୍ଦ୍ରଙ୍କ ଏହି ମେଶିନ ଅଧିକ ନିର୍ମାଣ ହୋଇ ପାରିଲେ ଅନେକ ଅପହଞ୍ଚ ଇଲାକାରେ ଆବଶ୍ୟକତା ମେଣ୍ଟିପାରନ୍ତା। ଏ ଦିଗରେ ରାଜ୍ୟ ସରକାର ତାଙ୍କୁ ସହଯୋଗର ହାତ ବଢ଼ାଇଲେ ଜିତେନ୍ଦ୍ର ଅଧିକ ମେଶିନ ନିର୍ମାଣ କରିପାରନ୍ତେ ବୋଲି ପ୍ରକାଶ କରିଛନ୍ତି।

■ ଏକାଥରରେ ବାହାରୁଛି ୧୦୦ ଟଙ୍କାର ପେଟ୍ରୋଲ
■ ବାର୍ କୋଡ୍ ସ୍କାନିଂ ଓ ଟଙ୍କା ଭର୍ତ୍ତି କଲେ ମିଳୁଛି ତେଲ

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଜୟ



@ ହ୍ରିତିକ୍



@ ମଞ୍ଜୁଳା



@ ପ୍ରିୟବ୍ରତ



@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ରାତିରେ ମୋରମ ଚାଲାଣକାରୀଙ୍କ ରାଜ୍

କଳିଙ୍ଗନଗର,୨୨ା୧(ଡି.ଏନ୍.ଏ.)

ଶନିବାର ବିଳମ୍ବିତ ରାତିରେ ଜଖପୁରା ଥାନାରୁ ମାତ୍ର ୧୦୦ ମିଟର ଦୂର ବିଜୁ ପଟ୍ଟନାୟକ ମାର୍ଗ ରାସ୍ତା କଡ଼ରେ ଥିବା ସରକାରୀ ଜମିରୁ ହିଟାଜୀ ଓ ହାଇୱା ଲଗାଇ ମୋରମ ଚୋରି ହେଉଛି । ଏକ ବୃହତ୍ ଶିଳ୍ପ ସଂସ୍ଥାକୁ ଏହି ମୋରମ ଚୋରା ଚାଲାଣ କରାଯାଉଛି। ସୂଚନାଯୋଗ୍ୟ, ଦାନଗଦି ତହସିଲ ଅଧିନରେ ମାନତିରା ରାଜସ୍ୱ ଗ୍ରାମରୁ ରାତିରେ ମୋରମ ଲୁଟ ହେଉଥିବା ବେଳେ ତହସିଲ କର୍ତ୍ତୃପକ୍ଷ ଓ ନିକଟରେ ଥିବା ଯଖପୁରା ଥାନା ପୋଲିସ ନୀରବ ରହିବା ଜନସାଧାରଣଙ୍କୁ ଚିନ୍ତାରେ ପକାଇଛି । ମୋରମ ମାଫିଆମାନଙ୍କୁ ପ୍ରଶାସନିକ ଅଧିକାରୀମାନେ ସହଯୋଗ କରୁଥିବା ଅଭିଯୋଗ ହୋଇଛି । ଶନିବାର ରାତିରେ ପ୍ରାୟ ୬୦ ଟ୍ରିପ ମୋରମ ଚୋରା ଚାଲାଣ କରାଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ତହସିଲଦାର ନମ୍ରତା ମୋଦୀଙ୍କୁ ପଚାରିବାରୁ ଏ ସଂକ୍ରାନ୍ତରେ ସେ ଅବଗତ ନ ଥିଲେ । ଖୁବ୍ ଶୀଘ୍ର ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।



ମୋରମ ଚାଲାଣ ହୋଇଥିବା ସ୍ଥାନ।

# ସରିଲା ଜିଲା ମହୋତ୍ସବ କଲ୍ଲୋଳ, ଛାଡ଼ିଗଲା ଛାପ

ପ୍ରମୋଦ କୁମାର ନାୟକ
ଜଗତ୍‌ସିଂହପୁର ଅଫିସ, ୨୨।୧

## ■ସମ୍ମାନ ମିଳିଲାନି, ଅନେକେ ନିରାଶ
## ■ଏପଟେ ଖାଁ ଖାଁ, ସେପଟେ ଭିଡ଼

ଗୋଟିଏ ପଡ଼ିଆ, ଗୋଟିଏ ପରିସର। ଏପଟ ସଂକୀର୍ଣ୍ଣ ଅଞ୍ଚଳ, ଆଉ ସେପଟ ବିସ୍ତୀର୍ଣ୍ଣ। ଏପଟେ ଲାଗୁଥାଏ ଖାଁ ଖାଁ। ମଞ୍ଚାସୀନ ଥାନ୍ତି ଜଗତ୍‌ସିଂହପୁର ଜିଲାର ଅନ୍ୟତମ ଦାୟାଦ ତଥା ଓଡ଼ିଶାର ସୁନାମଧନ୍ୟ ଗୀତିକାର ଅରୁଣ ମନ୍ତ୍ରୀ। କିନ୍ତୁ ସେପଟେ ଲୋକାରଣ୍ୟ। ଆଉ ଭାସି ଆସୁଥାଏ ଜଗତ୍‌ସିଂହପୁର ଜିଲାର ଲୋକପ୍ରିୟ ଗୀତ ମାଟିର ସ୍ୱର...ମନର ଗୀତ। ଏହି ସମୟରେ ଅନୁଭବ ହେଉଥାଏ ସତେ ଯେପରି ଏହି ଗୀତର ଗୀତିକାର କିଏ ଅନେକ ଜାଣନ୍ତି ନାହିଁ। ଜାଣିଥିଲେ ବୋଧହୁଏ ଗୀତର ସ୍ରଷ୍ଟାଙ୍କ ପାଇଁ ଲୋକେ ସେପଟେ ରୁଣ୍ଡ ହୋଇ ନ ଥାନ୍ତେ। ଶନିବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ଜଗତ୍‌ସିଂହପୁରସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ। ପଡ଼ିଆର ଏପଟ ସଂକୀର୍ଣ୍ଣ ଅଞ୍ଚଳରେ କରାଯାଇଥିବା ପୁସ୍ତକ ମେଳାରେ ଅତିଥି ଭାବେ ଯୋଗ ଦେଇଥିଲେ ଗୀତିକାର ମନ୍ତ୍ରୀ। ଛୋଟିଆ ମଞ୍ଚରେ ସେ ବସିଥିଲେ। ସେଠାରେ ଖୁବ କମ୍ ସଂଖ୍ୟକ ଲୋକଙ୍କୁ ଦେଖିବାକୁ ମିଳିଥିଲା। କିନ୍ତୁ ଆରପଟେ ଥିଲା ଜିଲା ମହୋତ୍ସବ କଲ୍ଲୋଳର ବିଶାଳ ମଞ୍ଚ। ଆଉ ଭାସି ଆସୁଥାଏ ମାଟିର ସ୍ୱର...ମନର ଗୀତ। ଏହି ସମୟରେ ଗୀତର ସ୍ରଷ୍ଟାଙ୍କୁ କ'ଣ ଲାଗୁଥିବ ତାହା ତ କେବଳ ସେ କହିପାରିବେ। କିନ୍ତୁ ତାଙ୍କ ସମ୍ମୁଖରେ ଥିବା ଦର୍ଶକଙ୍କୁ ବହୁତ କଷ୍ଟ ଦେଇଥିଲା। କାରଣ ମାଟିର ପୁଅକୁ ମାଟିରେ ଅର୍ଥାତ୍ ଜିଲା ମହୋତ୍ସବରେ ଉଚିତ ସମ୍ମାନ ମିଳି ନ ଥିଲା। ଅର୍ଥାତ୍ ଡକାଯାଇ ନ ଥିଲା। ମନ୍ତ୍ରୀ ମଧ୍ୟ ଏହି ଗୀତ କେଉଁ ପରିସ୍ଥିତିରେ ଲେଖିଥିଲେ ତାହା ପୁସ୍ତକ ମେଳା ମଞ୍ଚରେ ଦର୍ଶକଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେତେବେଳେ ସ୍ୱର୍ଗତ ବିଷ୍ଣୁ ଚରଣ ଦାସ ଜଗତ୍‌ସିଂହପୁର ବିଧାୟକ ଥିଲେ ସେତେବେଳେ ଜିଲାର କଳାକାରମାନଙ୍କୁ କଲ୍ଲୋଳରେ ଗୋଟିଏ ସନ୍ଧ୍ୟା ଦେଇଥିଲେ। ସେତେବେଳେ ତାଙ୍କ ପରାମର୍ଶକ୍ରମେ ସେ ଏହି ଟାଇଟଲ୍ ସଙ୍ଗୀତଟି ଲେଖିଥିଲେ ଏବଂ ରାଜ୍ୟରେ ସୁନାମ ଅର୍ଜନ କରିଥିବା ଜିଲାର ବିଜୟ ମଲ୍ଲ, ସଂଗ୍ରାମ ନାୟକ, ଅନ୍ତରା ଚକ୍ରବର୍ତ୍ତୀ, ଶ୍ରୀଚରଣ, ଓମପ୍ରକାଶ ମହାନ୍ତି ଓ କରୁଣାକର ଆଦି ଅନେକ କଳାକାର କଲ୍ଲୋଳରେ ଏକାଠି ହେବାର ସୁଯୋଗ ପାଇଥିଲେ। କିନ୍ତୁ ଚଳିତବର୍ଷ କଲ୍ଲୋଳରେ ଜିଲାର ଗର୍ବ କୁହାଯାଉଥିବା ଅନେକ କଳାକାରଙ୍କୁ ଅତିଥି ତ ଦୂରର କଥା ଉତ୍ସବରେ ଯୋଗ ଦେବାକୁ ଆମନ୍ତ୍ରଣ କରାଯାଇନାହିଁ। ଏ ନେଇ ଅନେକ କଳାକାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ତଥା ଜିଲା ସାଂସ୍କୃତିକ ପରିଷଦ ଅଧ୍ୟକ୍ଷା ପାରୁଲ ପଟୱାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

### କଳାକାରଙ୍କୁ ଅଲୋଡ଼ା କରିବା ଦୁଃଖ ଦେଇଛି



"କଲ୍ଲୋଳରେ କଳାକାରମାନଙ୍କୁ ଅଲୋଡ଼ା କରି ଦିଆଯାଇଛି। ଆମର ବି ଭରସା ଥିଲା ଗୋଟିଏ ଦିନ ଜିଲାର କଳାକାରମାନଙ୍କ ପାଇଁ ସମର୍ପିତ ହେବା ନିମନ୍ତ୍ରଣ ଆସିବ ବୋଲି ଭାବିଥିଲୁ। କିନ୍ତୁ କେହି ମନେ ପକାଇଲେ ନାହିଁ। ଏହା ବହୁତ କଷ୍ଟ ଦେଇଛି।

- ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ବଦ୍ରି ମହାନ୍ତି

### ବିଳମ୍ବ ନିରାଶ କଲା



"ଗତ ୧୯ ତାରିଖରେ ଦିନସାରା ବହୁ କଷ୍ଟ କରି ନ ଖାଇ ଅସୁସ୍ଥତା ସତ୍ତ୍ୱେ ମଞ୍ଚରେ ନୃତ୍ୟ ପରିବେଷଣ କରିଥିଲି। କିନ୍ତୁ ସମ୍ମାନିତ ପାଇଁ ଘୋଷଣା ସତ୍ତ୍ୱେ ବିଳମ୍ବ ଯୋଗୁ ନିରାଶ ହୋଇ ଘରକୁ ଚାଲି ଯାଇଥିଲି। ଯଦି ସଭା ପୂର୍ବରୁ ସମ୍ମାନିତ କରାଯାଇଥାନ୍ତା ମୁଁ ଖୁସି ହୋଇଥାନ୍ତି।

- ଶିଶୁ କଳାକାର ଅର୍ପିତା ଦାସ

### ଲୋକଙ୍କ ଭାବାବେଗକୁ ବୁଝିବା ଆବଶ୍ୟକ



"ଏଇ ଜିଲା କଳାକାରର ମାଟି। ଯେଉଁ ନୂଆପିଢ଼ି ଆଗକୁ ଯିବାକୁ ଚାହୁଁଛନ୍ତି ସେମାନଙ୍କୁ ନିରାଶ କରାଯାଉଛି। ଯେଉଁମାନେ କଲ୍ଲୋଳର ଦାୟିତ୍ୱ ନେଇଛନ୍ତି ସେମାନେ ଲୋକଙ୍କ ଭାବାବେଗକୁ ବୁଝିବା ଦରକାର। ଯେଉଁମାନେ ଏ ମାଟିକୁ ନେଇ ପରିଚିତ, ପରିଚୟ ତିଆରି କରିଛନ୍ତି ସେମାନଙ୍କୁ ଏ ମାଟି ଭୁଲି ନ ଯାଉ। ନଚେତ ଇତିହାସ କାହାକୁ ଦୋଷ ଆଉ କ୍ଷମା ଦେବ ତାହା ସମୟ ହିଁ କହିବ।

-ଟେଲି ଅଭିନେତା ସୁଦୀପ୍ତ ସ୍ୱାଇଁ(ସୋନୁ)

### କଳାର ବିନାଶ ନୁହେଁ ବିକାଶ ଦରକାର



"କଳାକାରଟିଏ ସମ୍ମାନ ପାଇବାକୁ ଚାହେଁ। କିନ୍ତୁ ଚଳିତବର୍ଷ ଅଣଦେଖା କରାଯାଇଛି। ଅନେକ ପିଲାଙ୍କୁ ମଞ୍ଚରେ ଓଡ଼ିଶୀ ପରିବେଷଣ ପାଇଁ ସୁଯୋଗ ମିଳି ନ ଥିଲା। କେବଳ ଏତିକି ନୁହେଁ କଳାକାରମାନେ ଦିନଭରି ମେକଅପ୍‌ଠାରୁ ମଞ୍ଚକୁ ଯିବା ପର୍ଯ୍ୟନ୍ତ ଅଖିଆଅପିଆ ରହିଥିଲେ ସୁଦ୍ଧା ସେମାନଙ୍କ ଦୁଃଖ ଜିଲା ପ୍ରଶାସନ ବୁଝିବାକୁ ଚେଷ୍ଟା କରିନାହିଁ। ବୁଝିଥିଲେ ବୈଠକ ପୂର୍ବରୁ ସାର୍ଟିଫିକେଟ୍ ପାଇଁ ବୈଠକ ଶେଷ ପର୍ଯ୍ୟନ୍ତ କଳାକାରମାନଙ୍କୁ ଅପେକ୍ଷା କରିବାକୁ ବାଧ କରାଯାଇ ନ ଥାନ୍ତା। ତେଣୁ କଳାର ବିନାଶ ନୁହେଁ ବିକାଶ ପାଇଁ ଚେଷ୍ଟା ହେବା ଦରକାର।

- ଅଜୟ ଗୋଚ୍ଛାୟତ
ଜାତୀୟ ପୁରସ୍କାରପ୍ରାପ୍ତ କଳାକାର ତଥା ଦୁଃଖୀରାମ କଳା ପ୍ରତିଷ୍ଠାନର ପ୍ରତିଷ୍ଠାତା

# ପାଲା ସଂସ୍କୃତି ଗଣଚେତନା ସୃଷ୍ଟି କରେ



ଶାରଳା ପାଲା କଳାକାର ପରିଷଦ ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ବିରିଡି,୨୨।୧(ଡି.ଏନ.ଏ)

## ଜଗତ୍‌ସିଂହପୁର ଶାରଳା ପାଲା କଳାକାର ପରିଷଦ ସମ୍ମିଳନୀ ଉଦ୍‌ଯାପିତ

ପାଲା ଗାୟକମାନେ ଗଣ ଦରବାରରେ ସାହିତ୍ୟ, ସଂସ୍କୃତି ଓ ଐତିହ୍ୟକୁ ଜନମାନସ ଆଗରେ ପରିବେଷଣ କରି ଏକ ଗଣଚେତନାର ଜାଗରଣ ସୃଷ୍ଟି କରୁଥିଲେ। ଏହାଦ୍ୱାରା ଆମ ପ୍ରାଚୀନ ସଂସ୍କୃତି ଓ ଚଳନୀ ଉଜ୍ଜୀବିତ ହୋଇ ରହୁଥିଲା। ପାଲା ମାଧ୍ୟମରେ ଦିଆଯାଉ ଥିବା ନୈତିକ ଶିକ୍ଷାକୁ ତତ୍କାଳୀନ ସମାଜ ଗ୍ରହଣ କରି ଉଚିତ୍ ପଥ ନିର୍ଦ୍ଧାରଣ କରୁଥିଲା ବୋଲି ଜଗତ୍‌ସିଂହପୁର ଶାରଳା ପାଲା କଳାକାର ପରିଷଦ ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରବିବାର ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିରିଡି ବ୍ଲକ ବାଲିଆ ଗୋପୀନାଥପୁର ଗ୍ରାମର ଜଗନ୍ନାଥ ସଂସ୍କୃତି କଥା ପ୍ରଚାରକ ବାବା ଦିବାକର ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶ୍ରୀଶ୍ରୀ ଝୁଲା ଗୋପୀନାଥ ଜୀଉ ସାଂସ୍କୃତିକ ପରିଷଦ ଓ ଗ୍ରାମବାସୀ ମିଳିତଭାବେ ଏଥିରେ ସହଯୋଗ କରିଥିଲେ। ୩ ଦିନ ବ୍ୟାପୀ ଝୁଲା ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ପରିଷଦର ସଭାପତି ରବି ନାରାୟଣ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବା ଦିବାକର ଦାସ ମହାରାଜ, ସମ୍ପାଦକ ମନୋଜ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ। ଅନ୍ୟତମ ଅତିଥି ଭାବେ ଗାୟକ ଦୁଷ୍ମନ୍ତ କୁମାର ବେହେରା, ସହ ସମ୍ପାଦକ ଗାୟକ ଶିଶିର କୁମାର ପଣ୍ଡା, ହୃଦାନନ୍ଦ ନାୟକ, କବୟିତ୍ରୀ ପ୍ରିୟତମା ସାହୁ, ସାମାଜିକ କର୍ମୀ ସୁଶାନ୍ତ ମଲ୍ଲିକ ଯୋଗଦେଇଥିଲେ। ଏହି ଅବସରରେ ଗାୟକ ଧ୍ରୁବ ଚରଣ ପଣ୍ଡାଙ୍କ ସମେତ ଉପସ୍ଥିତ ଖବରଦାତାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟକ ନାରାୟଣ ମହାରଣା ପରିଚୟ ପ୍ରଦାନ, ସ୍ୱାଗତ ଭାଷଣ ଦେଇଥିଲେ। ଗାୟକ ବସନ୍ତ କୁମାର ଶତପଥୀ ମଙ୍ଗଳାଚରଣ ପାଠ କରିଥିଲେ। ଶେଷରେ ହୃଦାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୀଡ଼ା ଶିକ୍ଷା ଆହରଣ ପାଇଁ ପ୍ରେରଣା ଯୋଗାଏ

ରଘୁନାଥପୁର,୨୨।୧(ଡି.ଏନ୍.ଏ.)

## ନବକୃଷ୍ଣ ଚୌଧୁରୀ ଜୁନିୟର କଲେଜ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ରଘୁନାଥପୁର ବ୍ଲକ ତରିକୁନ୍ଦସ୍ଥିତ ନବକୃଷ୍ଣ ଚୌଧୁରୀ ଶିକ୍ଷା ଓ ବୈଷୟିକ ଶିକ୍ଷା ପ୍ରତିଷ୍ଠାନ ଜୁନିୟର କଲେଜର ୨ ଦିନ ବ୍ୟାପୀ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡ଼ା ଶିକ୍ଷକ ଅଜୟ ବେହେରା ପୌରୋହିତ୍ୟ କରିଥିଲେ। କଲେଜ ପ୍ରତିଷ୍ଠାତା ବୀରକିଶୋର ରାଉତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡା ସମ୍ବନ୍ଧୀୟ ଦିଗ୍‌ଦର୍ଶନ ଦେବାସହ କ୍ରୀଡ଼ା ଶିକ୍ଷା ଆହରଣ ପାଇଁ ପ୍ରେରଣା ଯୋଗାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁକ୍ତ ୨ କଲେଜ ଅଧ୍ୟକ୍ଷା ଜୟନ୍ତୀ ମହାନ୍ତି ଓ ଯୁକ୍ତ ୩ ଅଧ୍ୟକ୍ଷା ବିଷ୍ଣୁପ୍ରିୟା ମହାରଣା ଯୋଗଦେଇ କିଶୋର ଅବସ୍ଥାରେ କ୍ରୀଡ଼ାର ଉପାଦେୟତା ଓ ଏହାର ଶିକ୍ଷା ସହ ସମ୍ବନ୍ଧ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ଅମିତା ମହାନ୍ତି, ଲୋଚନା ବେହେରା, କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ପ୍ରକାଶ ମିଶ୍ର ଓ ଧରଣୀଧର ଜେନା ଅନ୍ୟତମ ଅତିଥି ଭାବେ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଚାମ୍ପିୟନ ହୋଇଥିବା ଛାତ୍ର ଅଭିଜିତ ରାଉତଙ୍କୁ ଟ୍ରଫି ଓ ଅନ୍ୟାନ୍ୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ବିଜୟଲକ୍ଷ୍ମୀ ତ୍ରିପାଠୀ ଅତିଥି ପରିଚୟ, ସ୍ମୃତିରଞ୍ଜନ ମହାରଣା ସ୍ୱାଗତ ଭାଷଣ ଓ ଦେବେନ୍ଦ୍ରନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁକ୍ତ ୩ କ୍ରୀଡ଼ା ଶିକ୍ଷକ ଦୁଷ୍ମନ୍ତ ବେହେରା ଧନ୍ୟବାଦ ଦେବା ପରେ ଅଧ୍ୟାପିକା ଈପ୍ସିତା ଦାସ ଓ ରଶ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଜାତୀୟ ରାଜପଥ ହେଲେ ଅଞ୍ଚଳର ସାମଗ୍ରିକ ଉନ୍ନତି ହେବ

ନାଉଗାଁ/ବାଲିକୁଦା,୨୨।୧(ସ୍ୱ.ପ୍ର)

## ସାଗର ମେଳା ଯୋଜନା ଅଗ୍ରଗତି ନିମନ୍ତେ ଜନଜାଗରଣ ସମାବେଶ

ନାଉଗାଁ ବ୍ଲକ କୋରୁଅ ପଞ୍ଚାୟତ ତେଲସରାସ୍ଥିତ ମାଉସୀ ମା' ମନ୍ଦିର ପରିସରରେ ସାଗର ମେଳା ଯୋଜନାର ଅଗ୍ରଗତିନିମନ୍ତେ ଜନଜାଗରଣ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ନାଉଗାଁ, ବାଲିକୁଦା, କାକଟପୁର ଉପକୂଳ ବିକାଶ ପରିଷଦର ଆହ୍ୱାନକ୍ରମେ ଆୟୋଜିତ ଏହି ସମାବେଶରେ ବିଭିନ୍ନ ପଞ୍ଚାୟତର ସଚେତନ ମହିଳା, ଯୁବ ଗୋଷ୍ଠୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ସରକାରଙ୍କ ଏହି ବିସ୍ତୀର୍ଣ୍ଣ ଓ ଜନାଭିମୁଖୀ ଯୋଜନାକୁ ଆଗେଇ ନେବାରେ ସମସ୍ତେ ସହଯୋଗ କରିବାକୁ ଏକାଠି ହୋଇଥିଲେ। ସରକାର ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ପୁରୀରୁ ଗୋପାଳପୁର ଦୀଘା ପର୍ଯ୍ୟନ୍ତ ଉପକୂଳ ରାଜପଥ ନିର୍ମାଣ କରିବାକୁ ଚାହିଁଛନ୍ତି, ତାହା କରାଗଲେ ଅଞ୍ଚଳର ସାମଗ୍ରିକ ବିକାଶ ନିଶ୍ଚିତ ଭାବେ ସମ୍ଭବ ବୋଲି ମଞ୍ଚାସୀନ ଅତିଥିମାନେ କହିଛନ୍ତି। ଏହାଦ୍ୱାରା ବାଲିକୁଦା, ନାଉଗାଁ, କାକଟପୁର ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସୁବିଧା ହେଲେ ଚାଷୀଙ୍କ ସାମଗ୍ରିକ ବିକାଶ ହୋଇପାରିବ। ବେକାରି ସମସ୍ୟା ଦୂର ହୋଇପାରିବ। ଏହି ରାଜପଥ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିବାବେଳେ ଜମି ଅଧିଗ୍ରହଣ କରିବାରେ ବିଳମ୍ବ କରୁଛନ୍ତି। ପ୍ରଶାସନ ତରଫରୁ ଯଥାଶୀଘ୍ର ଜମି ଅଧିଗ୍ରହଣ କରାଯାଇ ପ୍ରକଳ୍ପ କାର୍ଯ୍ୟକୁ ଆଗକୁ ବଢାଇବା ପାଇଁ ଆୟୋଜିତ ସମାବେଶରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ବିକାଶ ପରିଷଦର ସଭାପତି ସୁବାସ ଚନ୍ଦ୍ର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ବେହୁରା, ସାମାଜିକକର୍ମୀ ପ୍ରଦୀପ୍ତ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ସୁଜିତ ପୁହାଣ, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, କୋରୁଅ ସରପଞ୍ଚ ସନ୍ଧ୍ୟାରାଣୀ ବେହେରା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ, ଓଷକଣା ସରପଞ୍ଚ ନାରାୟଣ ସ୍ୱାଇଁ, ସାମାଜିକ କର୍ମୀ ପ୍ରତ୍ୟୁଷ ପରିଡା, ଡାବର ସଭ୍ୟ, ସୁବଳ ବେହେରା, ମାଗୁ ଚରଣ ନାୟକ,କୋରୁଅ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅରଣ୍ୟ ନାୟକ, ସୁବାସ ଚନ୍ଦ୍ର ବିଶ୍ୱାଳ, ଶିବ ପ୍ରସାଦ ପରିଡା, ଜଟାଧାରୀ ଦାସ, ବିଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ। ସୁକାନ୍ତ କୁମାର ଲେଙ୍କା ମଞ୍ଚ ପରିଚାଳନା କରିଥିବାବେଳେ ନିରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ସୂଚନାଯୋଗ୍ୟ, ଏହି ପ୍ରକଳ୍ପ ପାଇଁ ପୂର୍ବ ନିର୍ଦ୍ଧାରିତ ସୀମା ଚୟନ ପରେ ସରକାର ନୂତନ ଭାବେ ଏହାର ଗତିପଥ ବଦଳାଇଥିଲେ। ଏନେଇ ବାଲିକୁଦା ଓ ନାଉଗାଁ ଅଞ୍ଚଳରେ ସରକାରଙ୍କ ପୁନଃ ନିଷ୍ପତ୍ତି ବିରୋଧରେ ସ୍ୱର ଉଠିଥିଲା। ନାଉଗାଁ ବ୍ଲକରେ ପୂର୍ବରୁ ଏକ ସଭା କରାଯାଇ ବିରୋଧ କରାଯିବା ସହ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଇଥିଲା।

ଏ ସମ୍ପର୍କରେ ମଞ୍ଚର ଆବାହକ ଗୌରାଙ୍ଗ ସ୍ୱାଇଁ କହିଛନ୍ତି, ଜାତୀୟ ରାଜପଥ ନିର୍ମାଣ ସରକାରଙ୍କ ଏକ ସୁନ୍ଦର ଓ ସୁଚିନ୍ତିତ ପରିକଳ୍ପନା। ଯେଉଁ ସ୍ଥାନ ଦେଇ ରାଜପଥ ଯିବାକୁ ପଥ ଚିହ୍ନଟ କରାଯାଇଛି, ସେଥିରେ ଅନେକ ଚାଷୀଙ୍କ ଚାଷଜମି ଓ ଘରଡିହ ରହିଛି। ତେଣୁ ସରକାର ଜମି ଅଧିଗ୍ରହଣ ପାଇଁ ଚାଷୀମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରନ୍ତୁ।



ସମାବେଶରେ ଯୋଗଦେଇଥିବା ଅତିଥିମାନେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଜୟ



@ ହ୍ରିତିକ



@ ମଞ୍ଜୁଳା



@ ପ୍ରିୟବ୍ରତ



@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାସ୍ତା ଉପରେ ବାଲି ଗଦା: ବଢୁଛି ଦୁର୍ଘଟଣା

କୁଜଙ୍ଗ, ୨୨।୧ (ଡି.ଏନ୍.ଏ.)

କୁଜଙ୍ଗ କୋର୍ଟ ଛକରୁ ବିବି ହାଇସ୍କୁଲ୍ ଓ ଜଗନ୍ନାଥପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ମଝିରେ ବାଲିଗଦା ହୋଇ ରହିଛି। ଏନେଇ ବହୁ ସମୟରେ ଛାତ୍ରୀଛାତ୍ର ଓ ବାଇକ୍ ଆରୋହୀ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ମାତ୍ର ବିଭାଗୀୟ ଅଧିକାରୀ ଏହି ଘଟଣାକୁ ହାଲୁକା ଭାବେ ନେଉଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କୁଜଙ୍ଗର ଉପ କୋଷାଗାର କାର୍ଯ୍ୟାଳୟ ନିମନ୍ତେ ଜନୈକ ଠିକାଦାର ଏହି ରାସ୍ତା ମଝିରେ ବାଲି ଗଦା କରିଛନ୍ତି। ଫଳରେ ବାଇକ୍ ଆରୋହୀ ଓ ସାଧାରଣ ପଥଚାରୀ ବହୁ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗଦ୍ୱାରା ନିର୍ମାଣ କରାଯାଉଥିବା ଏହି କାର୍ଯ୍ୟାଳୟ ପାଇଁ ଠିକା ନେଇଥିବା ଠିକାଦାର ଜଣକ ମନମୁଖି ଭାବେ ରାସ୍ତା ମଝିରେ ବାଲି ଗଦା କରି ଚାଲିଯାଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ସନ୍ତୋଷ ଦାଶଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ ଘଟଣାକୁ ଗୁରୁତ୍ୱ ନ ଦେଇ ଦୁର୍ଘଟଣାଗ୍ରସ୍ତମାନଙ୍କୁ ମଦ୍ୟପ ବୋଲି କହି ଏଡ଼ାଇ ଯାଇଛନ୍ତି। ସୂଚନାଯୋଗ୍ୟ, ବିବି ହାଇସ୍କୁଲ୍‌କୁ ଯିବାପାଇଁ ଅନ୍ୟ ଏକ ରାସ୍ତା କାମ ହେଉଥିବାରୁ ଯାତାୟାତ ବନ୍ଦ ରହିଛି। ଏବେ ବିବି ହାଇସ୍କୁଲ୍ ଓ ଜଗନ୍ନାଥପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଉପରେ ସାଧାରଣ ଜନତା ଓ ଛାତ୍ରୀଛାତ୍ର ନିର୍ଭରଶୀଳ। ତୁରନ୍ତ ରାସ୍ତାରୁ ବାଲି ହଟାଇବା ପାଇଁ ଅକ୍ଷୟ ନାଥ, ସୁରେଶ ଚନ୍ଦ୍ର ଲେଙ୍କା ପ୍ରମୁଖ ଦାବି କରିଛନ୍ତି।

## ସଂକ୍ଷେପରେ

### ଖଣ୍ଡାୟତ ମହାନାୟକ ସମାଜର ବନ୍ଧୁ ମିଳନ

**ଖଣ୍ଡପଡ଼ା,୨୨।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ରାମଚଣ୍ଡୀ ପୀଠରେ ରବିବାର ନଅ ରାଜ୍ୟ ଖଣ୍ଡାୟତ ମହାନାୟକ ସମାଜର ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ନଅ ରାଜ୍ୟ ଖଣ୍ଡାୟତ ମହାନାୟକ ସମାଜର ସଭାପତି ସ୍ୱପତି ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଉକ୍ତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ଖଣ୍ଡପଡ଼ା ରାଜ୍ୟର କରବର, ଗୁଣ୍ଡୁଣି, ବୋଦସା, ବେଣାଗାଡିଆ, ଧାନଚେଙ୍ଗଡା, ବାଲିଆପଙ୍ଗା, ଗୋଳାପୋଖରୀ ଆଦି ଅଞ୍ଚଳର ୨ଶହରୁ ଉର୍ଦ୍ଧ୍ୱ ଜାତି ଭାଇ ଯୋଗଦେଇ ଜାତିର ବିକାଶ ତଥା ଉନ୍ନତି ଦିଗରେ ଆଲୋଚନା କରିଥିଲେ । ସମସ୍ତଙ୍କ ସହଯୋଗରେ ଅନୁଷ୍ଠାନକୁ ସୁଦୃଢ କରିବାକୁ ସଭାପତି ସ୍ୱାଇଁ ଜାତିଭାଇମାନଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ବିଶିଷ୍ଟ ଅତିଥି ରୂପେ ବୈକୁଣ୍ଠ ପ୍ରଧାନ, ପ୍ରସନ୍ନ ସାହୁ, ଆର୍ତ୍ତବନ୍ଧୁ ଗୋଛି, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

### ଫେରିଲା ନିଖୋଜ ନାବାଳକ

**ସାଇକେଲରେ ପୁରୀ ଚାଲି ଯାଇଥିଲେ**

**ନୟାଗଡ଼ ଅଫିସ,୨୨।୧:** ନୟାଗଡ଼ ଜିଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଗୋଡିମଡା ଗାଁର ନିଖୋଜ ଶୁଭମ ନାୟକ ପୁରୀରୁ ମିଳିଛନ୍ତି । କେତେଜଣ ଫଟୋଗ୍ରାଫର ଶୁଭମଙ୍କୁ ପୁରୀ ସମୁଦ୍ରକୂଳରୁ ଶନିବାର ଉଦ୍ଧାର କରି ରବିବାର ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ପୁରୀ ଯାଇ ପୁଅକୁ ଫେରାଇ ଆଣିଛନ୍ତି । ଶୁଭମ ସାଇକେଲରେ ପୁରୀ ଚାଲି ଯାଇଥିଲେ ବୋଲି କହିଛନ୍ତି । ଗତ ଶୁକ୍ରବାର ପୂର୍ବାହ୍ନରେ ଶୁଭମ ନିଖୋଜ ହୋଇଯାଇଥିଲେ । ସାଇକେଲ ନେଇ ଟିଉଶନ ଯାଇ ଆଉ ଘରକୁ ଫେରି ନ ଥିଲେ । ପୁଅ ଫେରିବାରେ ବିଳମ୍ବ ହେବାରୁ ଖୋଜାଖୋଜି ଆରମ୍ଭ ହୋଇଥିଲା । ସେଦିନ ସେ ଟିଉଶନ ଯାଇ ନ ଥିବା ଜଣାପଡିବା ପରେ ଚିନ୍ତା ବଢ଼ିଥିଲା । ଏ ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିଲା । ପୋଲିସ ତଦନ୍ତ ଆରମ୍ଭ କରି ଖୋଜା ଖୋଜି କରିଥିଲା । ତେବେ ପାଠପଢ଼ାକୁ ଭୟ କରି ଶୁଭମ ପୁରୀ ଚାଲି ଯାଇଥିବା କୁହାଯାଉଛି । ପୁରୀ ଯିବାର କାରଣ ନେଇ ପରିବାର ପକ୍ଷରୁ କିଛି କୁହାଯାଉ ନାହିଁ ।ପୁଅକୁ ପାଇ ପରିବାର ଲୋକେ ଖୁସ୍ ବୋଲି କହିଛନ୍ତି । ପୁଅ ମିଳିବା ସମ୍ପର୍କରେ ପୋଲିସକୁ ମଧ୍ୟ ଅବଗତ କରାଯାଇଛି ।

### ପ୍ରଫେସର ଚନ୍ଦ୍ରଶେଖର ଷଡ଼ଙ୍ଗୀଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ

**ନୟାଗଡ଼ ଅଫିସ/ ଭୁବନେଶ୍ୱର,୨୨।୧(ବ୍ୟୁରୋ):** ଓଡିଶାର ଅନ୍ୟତମ ଦକ୍ଷ ପ୍ରଶାସକ ତଥା ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ପ୍ରଫେସର ଚନ୍ଦ୍ରଶେଖର ଷଡ଼ଙ୍ଗୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ତାଙ୍କ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା । ଉକ୍ତ ସଭାରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସମ୍ବଲପୁର ଜିଏମ୍ କଲେଜର ଉଦ୍ଭିଦବିଜ୍ଞାନର ପୂର୍ବତନ ପ୍ରଫେସର ଅରୁଣ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରି କହିଲେ ରେଭେନ୍ସା କଲେଜର ପୂର୍ବତନ ଉଦ୍ଭିଦ ବିଭାଗ ମୂଖ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି, ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ ପ୍ରଫେସର ଷଡଙ୍ଗୀ ଭାରତୀୟ ସଂସ୍କୃତିର ସୁରକ୍ଷା ପାଇଁ ଶତ ଚେଷ୍ଟିତ ଥିଲେ । ସେ ଥିଲେ ସମସ୍ତଙ୍କ ପ୍ରିୟ ମଣିଷ । ତାଙ୍କର ଅନେକ ଛାତ୍ରାଛାତ୍ର ଆଜି ବିଶ୍ୱରେ ପ୍ରତିଷ୍ଠିତ । ଏହି କାର୍ଯ୍ୟକ୍ରମରେ ଓଡିଶା ଉଚ୍ଚ ନ୍ୟାୟାଳୟର ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ଚିତ୍ତରଞ୍ଜନ ଦାଶ, ରାମଚନ୍ଦ୍ର ପାତ୍ର, ବରିଷ୍ଠ ଶିକ୍ଷାବିତ୍ ଅଶୋକ କୁମାର ମହାପାତ୍ର, ଅବସରପ୍ରାପ୍ତ ସହକାରୀ ବନସଂରକ୍ଷକ ସୁରେଶ ଚନ୍ଦ୍ର ହୋତା, ପ୍ରଫେସର ଷଡ଼ଙ୍ଗୀଙ୍କ ସ୍ତ୍ରୀ ଓ ଦୁଇ ପୁଅ ତ୍ରିବିକ୍ରମ ଷଡ଼ଙ୍ଗୀ ଏବଂ ତ୍ରିନୟନ ଷଡ଼ଙ୍ଗୀ ଉପସ୍ଥିତ ଥିଲେ । ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ତଥା ଦୂରଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଡ. ଭାରତ ଭୂଷଣ ରଥ ସ୍ମୃତିସଭାକୁ ସଂଯୋଜନା କରିଥିଲେ । ସୂଚନାଯୋଗ୍ୟ, ପ୍ରଫେସର ଷଡ଼ଙ୍ଗୀଙ୍କ ଘର ନୟାଗଡ଼ ଜିଲା ଅଧୀନ ଓଡ଼ଗାଁ ନିକଟସ୍ଥ ପଣ୍ଡିଖାରୀଶାସନ ।

### ୩୯ ୟୁନିଟ୍ ରକ୍ତ ସଂଗ୍ରହ

**ନୟାଗଡ଼ ଅଫିସ, ୨୨।୧:** ନୟାଗଡ଼ ଜିଲା ଗୋଡିପଡା ନିକଟବର୍ତ୍ତୀ ଭାଲିଆଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୩୯ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ବିନାୟକ ମହାନ୍ତି,ବଳଭଦ୍ର ମାଝି,ରବୀନ୍ଦ୍ର କୁମାର ପଣ୍ଡା, ଟୁକୁନା ପ୍ରଧାନ, ପ୍ରିୟବ୍ରତ ଦାଶ ଓ ରକ୍ତ ଭଣ୍ଡାର କର୍ମଚାରୀଙ୍କ ସହଯୋଗରେ ଶିବିର ସମାପନ ହୋଇଛି । ଭାରତ ବିକାଶ ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ,ପ୍ରଫୁଲ୍ଲ କୁମାର ନାୟକ ଓ ସାମାଜିକ କର୍ମୀ ଦାମୋଦର ସାହୁ ଉପସ୍ଥିତ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

# ଲିଙ୍ଗ ନିରୂପଣ ଉପରେ ଲଗାମ ନାହିଁ

■ପୁରସ୍କାର ଘୋଷଣା କରି ସ୍ୱାସ୍ଥ୍ୟ ବିଭାଗ ଚୁପ୍

■ପିସି ପିଏନ୍‌ଡିଟି ପରାମର୍ଶ ସମିତି ବୈଠକରେ ଅଟକିଛି ଫାଇଲ

**ନୟାଗଡ଼ ଅଫିସ,୨୨।୧**

ନୟାଗଡ଼ ଜିଲାରେ ପିସି ପିଏନ୍‌ଡିଟି ଆଇନ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଭ୍ରୂଣହତ୍ୟାକୁ ଲଗାମ ଦିଆଯାଇପାରୁନି ବୋଲି ଅଭିଯୋଗ ହୋଇଆସୁଛି । ଜିଲାରେ ବିଭିନ୍ନ ସମୟରେ ଭ୍ରୂଣହତ୍ୟା ଧରାପଡିବା ପରେ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟଦକ୍ଷତା ଉପରେ ସନ୍ଦେହ ସୃଷ୍ଟି ହୋଇଛି । ଭ୍ରୂଣହତ୍ୟା ଧରାପଡିଲେ ଅଳ୍ପ କିଛିଦିନ ପାଇଁ ଚଢ଼ାଉ, ଧରପଗଡ଼ କରି ଲୋକଦେଖାଣିଆ ଭାବେ କାମ ଶେଷ କରି ଦିଆଯାଉଛି । ଅନ୍ୟପକ୍ଷେ ଲିଙ୍ଗ ନିରୂପଣ କରୁଥିବା ନେଇ ସୂଚନା ଦେଲେ ସୂଚନାଦାତା ୨୫ ହଜାର ଟଙ୍କା ପୁରସ୍କାର ପାଇବେ ବୋଲି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା । ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟବିଭାଗ ନୀରବ ରହିବା ସବୁ ସଫଳତାକୁ ବିଗାଡି ଦେଉଛି । ଅନ୍ୟପକ୍ଷେ ପିସି ପିଏନ୍‌ଡିଟି ପରାମର୍ଶ ବୈଠକରେ ସମୀକ୍ଷା କରାଯାଇ ପ୍ରସଙ୍ଗକୁ ଶୀତଳଭଣ୍ଡାରକୁ ଫୋପାଡି ଦିଆଯିବା ପରେ ବିଫଳତା ମିଳୁଛି ବୋଲି ଅଭିଯୋଗ ହୋଇଛି ।

ଲିଙ୍ଗ ନିରୂପଣ କରାଯାଉଥିବା ସଂକ୍ରାନ୍ତରେ ସୂଚନା ଦେଲେ ସୂଚନାଦାତା ୨୫ ହଜାର ଟଙ୍କା ପୁରସ୍କାର ପାଇବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଣମାଧ୍ୟକୁ ସୂଚନା ଦିଆଯାଇଥିଲା । ଲିଙ୍ଗ ନିରୂପଣ ନେଇ ସୂଚନା ଦେଇଥିବା ବ୍ୟକ୍ତିଙ୍କ ରିପୋର୍ଟ ସତ୍ୟତା ଜଣାପଡିଲେ ପ୍ରଥମେ ୧୦ ହଜାର ଟଙ୍କା ପୁରସ୍କାର ଦିଆଯିବ । ମାମଲା କୋର୍ଟକୁ ଗଲେ ପୁଣି ୧୦ ହଜାର ଓ ଦଣ୍ଡ ହେଲେ ପୁଣି ୫ ହଜାର ଟଙ୍କା ପୁରସ୍କାର ରାଶି ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା । ପୁରସ୍କାର ରାଶି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବହନ କରିବ । ଜନସାଧାରଣ ଏହାର ଫାଇଦା ନେଇ ଲିଙ୍ଗ ନିରୂପଣ କରୁଥିବା ବ୍ୟକ୍ତିଙ୍କୁ ଧରାଇବାକୁ ଗର୍ଭଧାରଣ ପୂର୍ବ ଓ ପ୍ରସୂତି ନିଦାନ କୌଶଳ(ପିସି ପିଏନ୍‌ଡିଟି) ପରାମର୍ଶ ସମିତି ବୈଠକରେ ଗତ ଡିସେମ୍ବର ୭ରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ କହିଥିଲେ । ଅପରପକ୍ଷେ ସହାୟକ ପ୍ରଜନନ ପ୍ରଯୁକ୍ତି ବିଦ୍ୟା ଅଧିନିୟମ ଓ ସରୋଗେସି ନିୟମାବଳୀର ଠିକ୍ ଅନୁପାଳନ ପୂର୍ବକ ଟେକ୍ନୋଲୋଜିର ଅପବ୍ୟବହାରକୁ ରୋକି ଗର୍ଭସ୍ଥ ଶିଶୁର ଜୀବନ ଅଧିକାର ରକ୍ଷା କରାଯାଇ ପାରିବ ବୋଲି ସେ କହିଥିଲେ । ତେବେ ବୈଠକ ଶେଷ ପରେ ଯୋଜନାର ସଫଳତା ନେଇ ସ୍ୱାସ୍ଥ୍ୟ ବିଭାଗର ପ୍ରଚେଷ୍ଟା ନ ଥିବା ଆଲୋଚନା ହେଉଛି ।

## ଶୀତଳଭଣ୍ଡାରରେ ଧରପଗଡ଼

ନୟାଗଡ଼ ଜିଲାରେ ୨୦୧୧ ଜନଗଣନାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଜନ୍ମିତ ଶିଶୁକନ୍ୟା ସଂଖ୍ୟାର ଅନୁପାତ ହାର ରାଜ୍ୟସ୍ତରଠାରୁ କମ୍ ରହୁଛି । ଶିଶୁକନ୍ୟାଙ୍କ ସଂଖ୍ୟା କାହିଁକି କମ୍ ରହୁଛି, କ'ଣ କରାଗଲେ ସେହି ସଂଖ୍ୟା ବଢ଼ି ଚାଲିବ ଏ ଉପରେ ସେପରି ପଦକ୍ଷେପ ନ ଥିବା ଓ ସଚେତନତା କରାଯାଉନାହିଁ । ପୁଣି ଠିକ୍ ସମୀକ୍ଷା କରାଯାଉ ନ ଥିବାର ଅଭିଯୋଗ ରହିଛି । ଅଲଟ୍ରାସାଉଣ୍ଡ୍ କ୍ଲିନିକଗୁଡିକୁ ଅତର୍କିତ ଭାବେ ଚଢ଼ାଉ, ଧରପଗଡ଼ କରାଯାଉ ନାହିଁ । ୨୦୨୧ ଜାନୁୟାରୀ ପରେ ଆଉ ଚଢ଼ାଉ ପ୍ରାୟ ନାହିଁ । ୨୦୨୧ ଡିସେମ୍ବରରେ ଭ୍ରୂଣହତ୍ୟାର ପ୍ରମାଣ ମିଳିବା ପରେ କିଛି ଦିନ ଚଢ଼ାଉ କରାଯାଇଥିଲା । ଅନ୍ୟପକ୍ଷେ ଅଲଟ୍ରାସାଉଣ୍ଡ୍ କ୍ଲିନିକର ମାଲିକମାନେ ସରକାରୀ ନୀତି ନିୟମ ଭଙ୍ଗ କରୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନାହିଁ ବୋଲି ଅଭିଯୋଗ ଉଠିଛି । କେତେକ କ୍ଲିନିକର ରିପୋର୍ଟ ଠିକ୍ ରହୁ ନାହିଁ ବୋଲି ରୋଗୀମାନେ କହିଛନ୍ତି । ଗୋଟିଏ ରୋଗ ପାଇଁ ଭିନ୍ନ ଭିନ୍ନ ଅଲଟ୍ରାସାଉଣ୍ଡ୍ କ୍ଲିନିକରେ ରିପୋର୍ଟ ସଂଗ୍ରହ କଲେ ଅଲଗା ରହୁଛି । ଅନ୍ୟପକ୍ଷେ ଅଲଟ୍ରାସାଉଣ୍ଡ୍ କ୍ଲିନିକର ମାଲିକମାନେ ସଂସ୍ଥାର ସମସ୍ତ ଦସ୍ତାବିଜ୍‌କୁ ସାଇତି ରଖିବାକୁ ତତ୍କାଳୀନ ଜିଲାପାଳ ୨୦୨୨ ମାର୍ଚ୍ଚ ୧୬ରେ ଅନୁଷ୍ଠିତ ଗର୍ଭଧାରଣ ପୂର୍ବ ଏବଂ ଜନ୍ମପୂର୍ବ ଲିଙ୍ଗ ନିରୂପଣ ଅଧିନିୟମ ୧୯୯୪ ପିସି ପିଏନ୍‌ଡିଟି ପରାମର୍ଶ ସମିତିର ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପ୍ରତିମାସର ୫ତାରିଖ ସୁଦ୍ଧା କ୍ଲିନିକର ଆନୁଷଙ୍ଗିକ ତଥ୍ୟ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କଠାରେ ପ୍ରୋଫର୍ମାରେ ଦାଖଲ କରିବା ନିମନ୍ତେ ଅନୁରୂପ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ଅବହେଳା କଲେ ପଞ୍ଜୀକରଣ ରଦ୍ଦ କରିବା ପାଇଁ ଚେତାବନୀ ଦିଆଯାଇଥିଲା । ହେଲେ କେତେକ ଅଲଟ୍ରାସାଉଣ୍ଡ ସଂସ୍ଥାର ମନମାନିକୁ ରୋକାଯାଇ ପାରୁନି ବୋଲି ଅଭିଯୋଗ ଉଠିଛି । ଏନେଇ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ସୁବାସ ନାୟକଙ୍କୁ ଯୋଗାଯୋଗ କରିବାରୁ କହିଥିଲେ ସବୁ କିଛି ଠିକ୍‌ଠାକ୍ ଚାଲିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ ହେଉଛି ।

# ହୀରକ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ



ଅତିଥିମାନେ କଲେଜର ସ୍ମରଣିକା ମିଶ୍ରରାଗକୁ ଲୋକାର୍ପଣ କରୁଛନ୍ତି ।

**ନୟାଗଡ଼ ଅଫିସ,୨୨।୧**

**ସ୍ମୃତି ସାଉଁଟି ଭାବବିହ୍ୱଳ ହେଲେ ଆଲୁମ୍ନି**

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ହୀରକ ଜୟନ୍ତୀ ଉଦ୍‌ଯାପନ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଛି । ଏଥିରେ ଯୋଗ ଦେଇଥିବା ଆଲୁମିନ୍‌ମାନେ ପୁରୁଣା ଦିନର ସ୍ମୃତିକୁ ରୋମନ୍ଥନ କରି ଭାବବିହ୍ୱଳ ହୋଇଥିଲେ । ଆଲୁମିନି ଆସୋସିଏଶନ ସଭାପତି ତଥା ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ନାଥ ମାନସିଂ, ଛାତ୍ର ସଂସଦର ପୂର୍ବତନ ସମ୍ପାଦକ କିଶୋର ଚନ୍ଦ୍ର ମହାପାତ୍ର, ଆଲୁମିନ କମିଟି ସଂଯୋଜକ ବିଶ୍ୱନାଥ ମହାପାତ୍ର, ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ କୁମାର ପ୍ରଧାନ, ପରିଚାଳନା କମିଟି ସଭାପତି ପୂର୍ବତନ ସିଡିଏମ୍‌ଓ ସୁରେଶ ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ମହାବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ଦାୟାଦମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୁଣି ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ଓ ସମ୍ପାଦକଙ୍କୁ ଅନୁରୂପ ଭାବେ ସମ୍ବର୍ଦ୍ଧିତ କରାଯାଇଛି । ମହାବିଦ୍ୟାଳୟର ସ୍ମରଣିକା ମିଶ୍ର ରାଗ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ଅଧ୍ୟାପକ ଗଣେଶ ମିଶ୍ର ଓ ଆଶୁତୋଷ ମିଶ୍ର ସଂଯୋଜନା କରିଥିଲେ । ଶେଷରେ ସାଂସ୍କୃତିକ ଆସର ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ୧୯୬୧ରୁ ୨୦୨୩ ପର୍ଯ୍ୟନ୍ତ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

## ଜୟମଙ୍ଗଳ ପ୍ରସାଦରେ ଚୋରି

**ସୁନା, ରୁପା ଅଳଙ୍କାର ସହ ଚାଉଳ ବିରି ନେଇଗଲେ**

**ନୟାଗଡ଼ ଅଫିସ,୨୨।୧**

ନୟାଗଡ଼ ସଦର ଥାନା ବାଲୁଗାଁ ନିକଟସ୍ଥ ଜୟମଙ୍ଗଳପ୍ରସାଦରେ ବିକ୍ରମ ନାୟକଙ୍କ ଘରେ ଚୋର କଳାକନା ବୁଲାଇ ଦେଇଛନ୍ତି । ବିକ୍ରମଙ୍କ ପରିବାର ଲୋକେ ଶୋଇଥିବା ସମୟରେ ଚୋରମାନେ ବାଡିପଟ କବାଟ ଭାଙ୍ଗି ଗ୍ରୀଲ କାଟି ଚୋରି କରିଛନ୍ତି । ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ସହ ଚାଉଳ, ବିରି ବସ୍ତା ନେଇ ଯାଇଥିବାରୁ ସ୍ଥାନୀୟ ଅଞ୍ଚଳର କୌଣସି ବ୍ୟକ୍ତି ଏଥିରେ ସାମିଲ ଥିବା ସନ୍ଦେହ କରାଯାଉଛି । ଯେଉଁ ଘରୁ ଚୋରି ହୋଇଛି ପୂର୍ବରୁ ବିକ୍ରମଙ୍କ ପରିବାର ସେହି ଘରେ ରହୁଥିଲେ । ଗତ କିଛି ଦିନ ହେଲା ବିକ୍ରମ ଅନ୍ୟ ଘରେ ଶୋଉଛନ୍ତି । ଚୋରମାନେ ବିକ୍ରମଙ୍କ ଘର ବିଷୟରେ ଜାଣି ପାରିଚୋରିକରିଥିବା ଅନୁମାନ କରାଯାଉଛି । ବିକ୍ରମ ତାଙ୍କ ଝିଅ ବାହାଘର ପାଇଁ ୨ ସୁନା ପଲା, କାନ ଫୁଲ ୩ ହଳ, ରୁପା ପାଉଁଜି ୪ ହଳ, ସୁନା ଚେନ ରଖିଥିଲେ । ସମସ୍ତ ଅଳଙ୍କାର ଚୋରି ହୋଇଛି । ସେହିପରି ଘରେ ଥିବା ବିରି ଓ ଚାଉଳ ବସ୍ତା ଅନୁରୂପ ଭାବେ ଚୋରି ହୋଇଛି । ଏନେଇ ଅଭିଯୋଗ ପରେ ରବିବାର ସାଇଣ୍ଟିଫିକ ଟିମ୍ ସହ ସନ୍ଧାନୀ କୁକୁର ଘଟଣାସ୍ଥଳକୁ ଯାଇ ଯାଞ୍ଚ କରି ଫେରିଛି । ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ନାବାଳିକା ନିଖୋଜ ଅଭିଯୋଗ

**ପାଟଣା,୨୨।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଞ୍ଚଳରେ ଜଣେ ୧୪ ବର୍ଷିଆ ନାବାଳିକା ନିଖୋଜ ଅଭିଯୋଗ ହୋଇଛି । ନାବାଳିକା ଜଣଙ୍କ ଜାନୁୟାରୀ ୨୦ରୁ ଘରୁ କେଉଁଆଡ଼େ ଚାଲି ଯାଇଛନ୍ତି । ଏ ନେଇ ପରିବାର ପକ୍ଷରୁ ତୁରୁମୁଙ୍ଗା ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ ତଦନ୍ତ କରୁଥିବା ଥାନା ଅଧିକାରୀ ମଦନମୋହନ ନାଏକ ସୂଚନା ଦେଇଛନ୍ତି ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳିତ

**ନୟାଗଡ଼ ଅଫିସ,୨୨।୧:** ନୟାଗଡ଼ ସତ୍‌ସଙ୍ଗ ବିହାର ପରିସରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି । ଭୋରୁ ଆର୍ଯ୍ୟ ଭାରତ ବର୍ଷ ଅମର ସଙ୍ଗୀତ ଗାନ କରାଯାଇ ପ୍ରଭାତ ପରିକ୍ରମା କରାଯାଇଥିଲା । ଉଦ୍‌ଘାଟନୀ ଉତ୍ସବରେ ନୟାଗଡ଼ ବିଧାୟକ ଅରୁଣ ସାହୁ ଯୋଗଦେଇଥିଲେ । ପରେ ସମବେତ ପ୍ରାର୍ଥନା, ଭଜନ, କୀର୍ତ୍ତନ ହୋଇଥିଲା । ସତ୍‌ସଙ୍ଗ ଜିଲା ସଭାପତି ଦାମୋଦର ସାହୁ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫ଶହ ସତ୍‌ସଙ୍ଗୀ ଗୁରୁଭାଇ, ମା'ମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ମେଗା ପାନୀୟ ଜଳ ପ୍ରକଳ୍ପରେ ଉପକୃତ ହେବେ ୧୫୮ ଗ୍ରାମର ପରିବାର

**ନୂଆଗାଁ,୨୨।୧(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ୧୪ ପଞ୍ଚାୟତର ୧୫୮ ଗ୍ରାମର ୫୯୨୨୪ ପରିବାର ସରକାରଙ୍କ ମେଗା ପାନୀୟ ଜଳ ପ୍ରକଳ୍ପରେ ଉପକୃତ ହେବେ । ରବିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଏହି ସୂଚନା ଦେଇଛନ୍ତି ।

ନୂଆଗାଁ ବ୍ଲକର ୨୨ ପଞ୍ଚାୟତ ମଧ୍ୟରୁ ୮ ପଞ୍ଚାୟତକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ନୟାଗଡ଼ ମେଗା ଜଳ ପ୍ରକଳ୍ପରେ ସାମିଲ କରାଯାଇଥିଲା । ଏଥିପାଇଁ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇସାରିଛି । ବାକି ଥିବା ୧୪ ପଞ୍ଚାୟତକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର ଅନୁଦାନ ଯୋଗାଇ ଦେଇଛନ୍ତି । ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ୩ ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ସରକାର ୩୯୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହାଦ୍ୱାରା ନୂଆଗାଁ ବ୍ଲକର ୧୪ ପଞ୍ଚାୟତର ୧୫୮ ଗ୍ରାମର ୫୯୨୨୪ ପରିବାର ପାନୀୟ ଜଳ ପାଇ ପାରିବେ । ନୂଆଗାଁ ବ୍ଲକର ଅନେକ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଲାଗି ରହିଛି । ଏହି ମେଗା ପ୍ରକଳ୍ପ ଦ୍ୱାରା ପାନୀୟ ଜଳ ସମସ୍ୟାର ଦୂରୀକରଣ ହୋଇପାରିବ ବୋଲି ବିଧାୟକ ବେହେରା କହିଛନ୍ତି । ନୂଆଗାଁ ଡାକ ବଙ୍ଗଳାରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା,ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଦିଲୀପ କୁମାର ଦଳବେହେରା, ଏମ୍‌ପିଙ୍କ ପ୍ରତିନିଧି ବିଜୟ କୁମାର ସାସମଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଆସିଲେନି ମିଲର,ତାତିଲେ ଚାଷୀ

**ନୂଆଗାଁ,୨୨।୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ମହିତମା ସେବା ସମବାୟ ସମିତି ଅଧୀନରେ ଥିବା ନୂଆଗାଁ ମଣ୍ଡିରୁ ରବିବାର ଏବଂ ସୋମବାର ଦୁଇଦିନ ମିଲର ଧାନ ନେବା ପାଇଁ ସ୍ଥିର କରାଯାଇଛି । କିନ୍ତୁ ରବିବାର ଧାନ ନେବା ପାଇଁ ମିଲର ନ ଆସିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ପାଟିତୁଣ୍ଡ କରିଥିଲେ ।

ନୂଆଗାଁ ସେବା ସମବାୟ ସମିତି ଅଧୀନରେ ନୂଆଗାଁ ଧାନମଣ୍ଡି ଚାଲିଥିଲା । କିନ୍ତୁ ଅସାଧୁ ବେପାରୀ, ସଭାପତିଙ୍କ ଅନିୟମିତତା କାର୍ଯ୍ୟକଳାପ ଯୋଗୁ ନୂଆଗାଁ ମଣ୍ଡିକୁ ମହିତମା ସେବା ସମବାୟ ସମିତି ଅଧୀନକୁ ଟେକି ଦିଆଯାଇଛି । ଏହାର ଲାଭାଂଶ ମହିତମା ସମବାୟ ସମିତିକୁ ଯାଉଛି । ହେଲେ ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ମହିତମା ସୋସାଇଟି ମଣ୍ଡି ନେବା ଫଳରେ ନୂଆଗାଁ ସୋସାଇଟିର ଚାଷୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି । ଚଳିତ ବର୍ଷ ନୂଆଗାଁ ମଣ୍ଡିରୁ ପ୍ରତି ରବିବାର ଓ ସୋମବାର ଧାନ କିଣି ନେବା ପାଇଁ ମହିତମା ସମବାୟ ସମିତି ସମ୍ପାଦକ, ନୂଆଗାଁ ସମବାୟ ସମିତି ସଭାପତି ଓ ଚାଷୀମାନଙ୍କ ଉପସ୍ଥିତିରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସେହି ଅନୁସାରେ ଚାଷୀମାନେ ରବିବାର ସକାଳୁ ଧାନ ଆଣି ମଣ୍ଡିରେ ରଖିଥିଲେ । ହେଲେ ମିଲର କିମ୍ବା ସମ୍ପାଦକ ଆସି ନ ଥିଲେ । ପରେ ସମ୍ପାଦକ ଓ ମିଲରଙ୍କୁ ଯୋଗାଯୋଗ କରିବାରେ ଉଭୟେ ନ ଆସିବାର ଭିନ୍ନ ଭିନ୍ନ କାରଣ କହିଥିଲେ । ଏ ବାବଦରେ ମହିତମା ସୋସାଇଟି ସମ୍ପାଦକ ସୀତାରାମ ସୁବୁଦ୍ଧିଙ୍କୁ ପଚାରିବାରେ ଗାଡ଼ି ଖରାପ ଥିବାରୁ ମିଲର ଆସି ପାରିଲେନି । ସୋମବାର ସମସ୍ତ ଧାନ କିଣାଯିବ ବୋଲି ସେ କହିଛନ୍ତି ।



ମଣ୍ଡିରେ ଚାଷୀମାନେ ପାଟିତୁଣ୍ଡ କରୁଛନ୍ତି ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଜୟ



@ ହ୍ରିତିକ୍



@ ମଞ୍ଜୁଳା



@ ପ୍ରିୟବ୍ରତ



@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।

## ସଂକ୍ଷେପରେ

### ଉପକୂଳ ଅଞ୍ଚଳରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ

ପଟ୍ଟାମୁଣ୍ଡାଇ,୨୨।୧(ସ୍ୱ.ପ୍ର.):କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ, ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ସରକାରୀ ଡାକ୍ତର ଅଭାବ ଯୋଗୁ ଲୋକେ ବିକଳ୍ପ ଭାବେ ନକଲି ଡାକ୍ତରଙ୍କ ସହାୟତା ନେଉଛନ୍ତି। ନକଲି ଡାକ୍ତରଙ୍କ ଔଷଧ ଖାଇ ଅନେକ ରୋଗୀ ସଙ୍କଟାପନ୍ନ ହେବା ସହ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହେଉଛି। ଏମାନେ ଡାକ୍ତରୀ ପାଠ ପଢ଼ି ନ ଥିବା ବେଳେ ନିଜକୁ ଆତ୍ମଘୋଷିତ ଡାକ୍ତର କହି ଗାଁ ଲୋକଙ୍କୁ ଭୁଆଁ ବୁଲାଇ ବେସ୍ ଫାଇଦା ଉଠାଉଛନ୍ତି। ରାଜ୍ୟ ଓ ଜିଲା ବାହାରୁ କୋଲକାତା, ଯାଜପୁର, ବାଲେଶ୍ୱର ଓ ଜଳେଶ୍ୱର ପ୍ରଭୃତି ଅଞ୍ଚଳରୁ କେତେଜଣ ନକଲି ଡାକ୍ତର କ୍ଲିନିକ୍ ଖୋଲି ମାଇକ୍‌ରେ ପ୍ରଚାର କରି ରୋଗୀଙ୍କୁ ଲୁଟୁଛନ୍ତି। ଏହି ନକଲି ଡାକ୍ତରମାନେ ଗାଁଗୁଡ଼ିକରେ ଘରଭଡ଼ା ନେଇ ଆସ୍ଥା ଜମାଇଛନ୍ତି। ହେଲେ ପ୍ରଶାସନ ସବୁ ଜାଣି ନୀରବଦ୍ରଷ୍ଟା ସାଜିଛି। ଉପକୂଳ ଅଞ୍ଚଳରେ ଏହି ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। ଏମାନେ ଏଲୋପାଥିକ, ହୋମିଓପାଥିକ, ଆୟୁର୍ବେଦିକ ଔଷଧ ଦେଇ ଶିଶୁ ଓ ମହିଳାଙ୍କ ଚିକିତ୍ସା କରୁଥିବା କୁହାଯାଉଛି। ସ୍ୱାସ୍ଥ୍ୟ ବିଭାଗ ଏହି ଅଞ୍ଚଳର ନକଲି ଡାକ୍ତର, କ୍ୱାକ୍‌ଙ୍କ ଉପରେ ନଜର ରଖିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଧିକାରିଣୀ ଡା. ଅନିତା ପଟ୍ଟନାୟକଙ୍କୁ ପଚାରିବାରେ ସେପରି କିଛି ଅଭିଯୋଗ ନାହିଁ। ଅଭିଯୋଗ ଆସିଲେ ସେମାନଙ୍କ ଉପରେ ନଜର ରଖାଯିବାକୁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ବୁଣାକାରଙ୍କ ଗାଁରେ ୟୁନେସ୍କୋ ପ୍ରତିନିଧି ଦଳ

**କାରିଗରଙ୍କ କଳାକୃତି ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବାକୁ ପ୍ରୟାସ**


ୟୁନେସ୍କୋର ପ୍ରତିନିଧି ଦଳ ଲୁଗା ତିଆରି କାରଖାନା ବୁଲି ଦେଖୁଛନ୍ତି।

ରସୁଲପୁର,୨୨।୧(ଡି.ଏନ.ଏ.): ଯାଜପୁର ଜିଲା ରସୁଲପୁର ବ୍ଲକ୍‌ର ବୁଣାକାର ଗାଁ ଗୋପାଳପୁରରେ ରବିବାର ମିଳିତ ଜାତିସଂଘର ଶିକ୍ଷା, ବିଜ୍ଞାନ ଓ ସଂସ୍କୃତି ସଂଗଠନ(ୟୁନେସ୍କୋ)ର ପ୍ରତିନିଧି ଦଳ ପହଞ୍ଚି ମା'ତାରିଣୀ ତନ୍ତୁବାୟ ସହଯୋଗ ସମିତି ଲୁଗା ତିଆରି କାରଖାନା ପରିଦର୍ଶନ କରିଛନ୍ତି।

ଏଠାରେ ଟସର କୋସାରୁ ସୂତା ପରେ ତା'କୁ କିଭଳି ରଙ୍ଗବେରଙ୍ଗର ବସ୍ତ୍ରରେ ପରିଣତ କରାଯାଉଛି, ସେ ସମ୍ପର୍କରେ କାରଖାନାରେ ସ୍ଥାପିତ ସମସ୍ତ ୟୁନିଟକୁ ପ୍ରତିନିଧି ଦଳ ବୁଲି ଦେଖିଛନ୍ତି। ବୁଣାକାର ନେତା ଅଶୋକ କୁମାର ଗୁଇଁ, ରମେଶ ଚନ୍ଦ୍ର ଦାସ, ବୟନ ଶିଳ୍ପ ବୈଷୟିକ ସହାୟକ ଶ୍ରୀକାନ୍ତ ମିଶ୍ରଙ୍କ ସହ ଆଲୋଚନା କରି ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି। ଲୁଗାର ଗୁଣବତ୍ତା ଓ ଯୁଗୋପଯୋଗୀ କାରିଗରି କାର୍ଯ୍ୟକୁ ନେଇ ପ୍ରତିନିଧି ଦଳ ସନ୍ତୋଷବ୍ୟକ୍ତ କରିଛନ୍ତି। ଏହି ଗାଁର ହସ୍ତତନ୍ତ ଓ ହସ୍ତଶିଳ୍ପ କାରିଗରଙ୍କ କଳାକୃତିକୁ କିଭଳି ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଯିବ ସେ ଦିଗରେ ପ୍ରୟାସ କରାଯିବ। କାରିଗରଙ୍କ ସମସ୍ୟା ଦୂର ସମ୍ପର୍କରେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ। ଆସନ୍ତା ଦିନରେ ୟୁନେସ୍କୋର ଏକ ବଡ଼ ପ୍ରତିନିଧି ଦଳ ଗୋପାଳପୁର ଗାଁ ଆସିବେ। ଏହି ଗାଁରେ ସବୁ କିସମର କଳାକୃତି ଉପଲବ୍ଧ ହେଉଛି। ଏହିସବୁ କଳାକୃତିକୁ ପ୍ରୋତ୍ସାହିତ ପାଇଁ ପ୍ରୟାସ କରାଯିବ ବୋଲି ୟୁନେସ୍କୋର ଦିଲ୍ଲୀ କାର୍ଯ୍ୟାଳୟ ପ୍ରତିନିଧି ଚିରଞ୍ଜିତ ଗାଙ୍ଗୁଲି ପ୍ରକାଶ କରିଛନ୍ତି।

ଜିଲାର ଯାଜପୁର ରୋଡ୍‌ଠାରେ ୨ଦିନ ବ୍ୟାପୀ ଅନୁଷ୍ଠିତ ଅନ୍ତର୍ଜାତୀୟ ହସ୍ତଶିଳ୍ପ ସମ୍ମିଳନୀ ଶେଷ ହେବାପରେ ରବିବାର ୟୁନେସ୍କୋର ପ୍ରତିନିଧି ଦଳ ପକ୍ଷରୁ ଫିଲ୍ମ ମେକିଂ ଓ ଆର୍ଟିଷ୍ଟ ଡିଜାଇନର ଅରୁଣ ଦାସ, ନଟ୍ ଅନ୍ ମ୍ୟାପ୍ ସଂସ୍ଥାର ଗ୍ରାମାଞ୍ଚଳ ସ୍ଥାୟୀ ସଂସ୍କୃତି ଓ ପର୍ଯ୍ୟଟନ ବିଶେଷଜ୍ଞ କୁମାର ଅନୁଭବ, ଭିର୍କ୍ସ ସଂସ୍ଥାର ହସ୍ତତନ୍ତ ଓ ହସ୍ତକଳାର ଡିଜାଇନର ଗୁନ୍ ଜେନ, ଜିଲା ଖଣିଜ ଫାଣ୍ଡିର ଜୀବିକା ମିଶନ ଏକ୍ସପର୍ଟ ଅନୁଭବ ପ୍ରସାଦ, ଜିଲା ମିଶନ ଶକ୍ତିର ପ୍ରକଳ୍ପ ସଂଯୋଜକ ସେଫାଳି ସ୍ୱାଗତିକା ପ୍ରମୁଖ ପହଞ୍ଚି ଲୁଗାବୁଣା କାରଖାନାର କ୍ୟାଲେଣ୍ଡରିଂ ମେଶିନ, ତନ୍ତ, ସୂତାକୁ ପ୍ରସେସିଂ ମେଶିନ ଆଦି ବୁଲି ଦେଖିଥିଲେ। କାରଖାନାରେ ପ୍ରସ୍ତୁତ ବସ୍ତ୍ରର ବଜାରୀକରଣ ଓ ତାର ଦାମ୍ ଆଦି ସମ୍ପର୍କରେ ପଚାରି ବୁଝିଥିଲେ।

ଗୋପାଳପୁର ଗାଁରେ ୫୦୦୦ରୁ ଊର୍ଦ୍ଧ୍ୱ ହସ୍ତତନ୍ତ ଓ ଶିଳ୍ପୀ କାରିଗର ରହିଛନ୍ତି। ସେମାନଙ୍କ ପାଇଁ ଡାକ୍ତରଖାନାର ସୁବିଧା, ଉତ୍ପାଦିତ ଦ୍ରବ୍ୟକୁ କାରବାର ପାଇଁ ବଜାର ସୁବିଧା, ବୁଣାକାରଙ୍କ ପାଇଁ ସାଧାରଣ ସୁବିଧା କେନ୍ଦ୍ର, କଞ୍ଚାମାଲ ଉତ୍ପାଦନ ପାଇଁ ଭିତ୍ତିଭୂମିର ବିନିଯୋଗ, ବୁଣାକାରଙ୍କ ଦୈନନ୍ଦିନ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ସମ୍ପର୍କରେ ବୁଣାକାର ନେତାମାନେ ପ୍ରତିନିଧି ଦଳର ଦୃଷ୍ଟି ଆକର୍ଷଣ କରିଥିଲେ। ବୁଣାକାର ଲୁଗାରେ ବ୍ୟବହାରକରୁଥିବା ରଙ୍ଗର ସଦ୍ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏ ଦିଗରେ ସଚେତନତା ଓ ସତର୍କତା ଉପରେ ଧ୍ୟାନ ଦେବାକୁ ବୁଣାକାରଙ୍କୁ ପ୍ରତିନିଧି ଦଳ ପରାମର୍ଶ ଦେଇଥିଲେ। ରାଜ୍ୟର କଳା, ସଂସ୍କୃତି ଉପରେ ସଂକୀର୍ତ୍ତନମଣ୍ଡଳୀର କାର୍ଯ୍ୟକ୍ରମ ଦେଖିଥିଲେ। ଟେରାକୋଟା ଶିଳ୍ପୀ ତଥା ମାଷ୍ଟର ଟ୍ରେନର ପର୍ଶୁରାମ ବେହେରାଙ୍କ ଟେରାକୋଟା ସାମଗ୍ରୀ ଉତ୍ପାଦନ କାରଖାନା ଓ ଅନ୍ୟ କାରିଗରଙ୍କ କାରଖାନା ବୁଲି ଦେଖିଥିଲେ। ହସ୍ତଶିଳ୍ପ ଜରିଆରେ ଆମ ସଂସ୍କୃତି, ପରମ୍ପରାର ପ୍ରତୀକ ଭାବରେ ସୂଚାଉଥିବା ସାମଗ୍ରୀଗୁଡ଼ିକୁ ଦେଖି ଖୁସି ପ୍ରକଟ କରିଥିଲେ। ଏହି କାରିଗରଙ୍କ ବିକାଶ ଉପରେ ପ୍ରତିନିଧି ଦଳ ଗୁରୁତ୍ୱ ଦେଇଥିଲେ।

ପ୍ରତିନିଧି ଦଳ ସମଗ୍ର ଜିଲାରେ କାର୍ଯ୍ୟରତ ଆର୍ଟିସିଆନ, ଟେରାକୋଟା ଶିଳ୍ପ, ବାଉଁଶ କାରିଗର, ପାଲା, ଦାସକାଠିଆ, ସଂକୀର୍ତ୍ତନ, ପାରମ୍ପରିକ କୃଷି ଆଦିର ବିକାଶ ଉପରେ ଅନୁଧ୍ୟାନ କରିଛନ୍ତି। ଏହି କ୍ଷେତ୍ରରେ ସମ୍ବଳ ବ୍ୟବହାର ସହ ସମ୍ପ୍ରଦାୟର ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା, ଯୁବଗୋଷ୍ଠୀଙ୍କ ମଧ୍ୟରେ ଏ ନେଇ ଆଗ୍ରହ ସୃଷ୍ଟି କରିବା, ଏହି କ୍ଷେତ୍ରରେ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରି ଦେଶ ଓ ଅନ୍ତର୍ଜାତୀୟ ସଂସ୍ଥାକୁ ଅବଗତ କରାଇବା ପ୍ରତିନିଧି ଦଳର ଲକ୍ଷ୍ୟ ବୋଲି ଜଣାଯାଇଛି। ଏହାବାଦ୍ ଟାଟା ଟ୍ରଷ୍ଟର ଅନ୍ତରନ କ୍ରାଷ୍ଟ ଓ ବୟନ ଶିଳ୍ପ ଡିଜାଇନର ନଥି ସିଂ, ଦକ୍ଷିଣ ଚିତ୍ର ମିୟୁଜିଅ-ଚେନ୍ନାଇର ନିର୍ଦ୍ଦେଶକ ଟ୍ୟାଗ୍ ରାଜନ, ସୁଦକ୍ଷିଣା ବାନାର୍ଜୀ ପ୍ରମୁଖ ମା' ତାରିଣୀ ସମିତିର ବିଭିନ୍ନ କଳାକୃତି ବୁଲି ଦେଖିଛନ୍ତି।

### ରୂପାନ୍ତରୀକରଣ ବିଦ୍ୟାଳୟରେ ବାଳିକା ଶିକ୍ଷାକୁ ପ୍ରାଧାନ୍ୟ ଛାତ୍ରୀଙ୍କ ବହୁବିଧ ଗୁଣର ବିକାଶ କରିବ ଷ୍ଟେମ

ରସୁଲପୁର,୨୨।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଜାବରା ସରକାରୀ ରୂପାନ୍ତରୀକରଣ ଉଚ୍ଚ ବିଦ୍ୟାଳୟରେ ଏସ୍‌ଟିଇଏମ୍(ଷ୍ଟେମ) କାର୍ଯ୍ୟକ୍ରମ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୫-ଟି ରୂପାନ୍ତରୀକରଣ ବିଦ୍ୟାଳୟରେ ବାଳିକା ଶିକ୍ଷାକୁ ପ୍ରାଧାନ୍ୟ ଦିଆଯିବା ପାଇଁ ଏତାଦୃଶ କାର୍ଯ୍ୟକ୍ରମକୁ ସରକାର ହାତକୁ ନେଉଛନ୍ତି। ଗ୍ରାମାଞ୍ଚଳର ଗରିବ ପରିବାର ବାଳିକାଙ୍କ ବହୁବିଧ ଗୁଣର ବିକାଶ ପାଇଁ ଷ୍ଟେମ କାର୍ଯ୍ୟକ୍ରମ ସହାୟକ ହେବ। ଗାଁ ସରକାରୀ ବିଦ୍ୟାଳୟରେ ଘରୋଇ ବିଦ୍ୟାଳୟର ବ୍ୟୟବହୁଳ ଶିକ୍ଷା ଉପଲବ୍ଧ ହେବ। ସମାଜରେ ମହିଳାଙ୍କ ବିଜ୍ଞାନ, ବୈଷୟିକ, ଇଞ୍ଜିନିୟରିଂ, ଗଣିତ ଆଦିରେ ସହଭାଗିତା ନୈରାଶ୍ୟଜନକ ରହିଛି। ଏସବୁ କ୍ଷେତ୍ରରେ ଛାତ୍ରୀଙ୍କୁ ବିଦ୍ୟାଳୟସ୍ତରରୁ ଅଧିକ ସଶକ୍ତ ପାଇଁ ଷ୍ଟେମର ଲକ୍ଷ୍ୟ ବୋଲି କୁହାଯାଉଛି। ଏହି କାର୍ଯ୍ୟକ୍ରମରେ ବାଳିକାଙ୍କ ପାଇଁ ବିଭିନ୍ନ ବିଷୟରେ ଅଧ୍ୟୟନର ସୁଯୋଗ ସୃଷ୍ଟି ହେବ। ଏନେଇ ବିଦ୍ୟାଳୟରେ ସମ୍ବଳ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ବାଳିକାଙ୍କୁ ସୂଚନା ଦିଆଯାଇଛି। ସରପଞ୍ଚ ଝରଣା ତରାଇଙ୍କ ନେତୃତ୍ୱରେ ସ୍ୱୟଂସହାୟିକା ଗୋଷ୍ଠୀ ମହିଳା ଓ ଅଭିଭାବକଙ୍କୁ ସଚେତନ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମ ଜରିଆରେ ଅଭିଭାବକମ ଅବଗତ ହୋଇ ବିଦ୍ୟାଳୟକୁ ସହଯୋଗ କଲେ ସରକାରଙ୍କ ଉଦ୍ଦେଶ୍ୟ ପୂରଣ ହୋଇପାରିବ ବୋଲି ସୂଚନା ଦିଆଯାଇଛି।

## ଖବରଦାତାଙ୍କୁ ଦୁର୍ବ୍ୟବହାରକୁ ନିନ୍ଦା

ରସୁଲପୁର,୨୨।୧(ଡି.ଏନ.ଏ.): ଯାଜପୁର ଜିଲା ଓଟିଭିର ଖବରଦାତା ସଞ୍ଜୀବ କୁମାର ନାୟକଙ୍କୁ ଯାଜପୁର ଥାନା ଅଧିକାରୀ ଅଜୟ କୁମାର ଜେନା ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଥାନା ଅଧିକାରୀ ଜେନା ଖବରଦାତାଙ୍କ ବୁମ୍‌କୁ ଠେଲି ଦେବା ଓ ମାଡ ମାରିବାକୁ ଧମକ ଦେବା ଘଟଣାକୁ ବିଭିନ୍ନ ସଂଗଠନ ପକ୍ଷରୁ ନିନ୍ଦା କରାଯାଇଛି। ରାଜ୍ୟର ପ୍ରତିଷ୍ଠିତ ସାମ୍ବାଦିକ ସଂଗଠନ ଓଡ଼ିଶା ସାମ୍ବାଦିକ ୟୁନିୟନ ପକ୍ଷରୁ ଘଟଣାର ତୀବ୍ର ବିରୋଧ କରାଯାଇଛି।

ପ୍ରେସ୍ ଟ୍ରଷ୍ଟ କାଉନସିଲ ଅଫ୍ ଇଣ୍ଡିଆର ସଦସ୍ୟ ପ୍ରସନ୍ନ ମହାନ୍ତି ପୋଲିସର ସୀମା ଉଲ୍ଲଘଂନକୁ ବିରୋଧ କରିଛନ୍ତି। ଏହିକ୍ରମରେ ଯାଜପୁର ଜିଲା ସାମ୍ବାଦିକ ୟୁନିୟନ ଆନୁକୂଲ୍ୟରେ ରସୁଲପୁର ୟୁନିଟ ପକ୍ଷରୁ କୁଆଖିଆସ୍ଥିତ ଗ୍ରାମ୍ୟ ଉନ୍ନୟନ ଡାକବଙ୍ଗଳା ପରିସରରେ ରବିବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଖବରଦାତାଙ୍କ ପ୍ରତି ଏତାଦୃଶ ଆଚରଣକୁ ୟୁନିଟ ପକ୍ଷରୁ ନିନ୍ଦା କରାଯିବା ସହ ଅଭିଯୁକ୍ତ ଥାନା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଉକ୍ତ ପ୍ରତିବାଦ ସଭାରେ ଜିଲା ସାମ୍ବାଦିକ ୟୁନିୟନର ସାଧାରଣ ସମ୍ପାଦକ ପ୍ରବୋଧ କୁମାର ମିଶ୍ର, ଉପସଭାପତି ହେମେସ ଜେନା, ରସୁଲପୁର ପ୍ରେସ୍ ଫୋରମ ସଭାପତି ବିଶ୍ୱଜ୍ୟୋତି ପତି, ସାଧାରଣ ସମ୍ପାଦକ ଜଗମୋହନ ରାଉତ, ସଂଗଠନ ସମ୍ପାଦକ ଗଗନ ବିହାରୀ ଦାସ, ବିଶ୍ୱଜିତ୍ ନାୟକ, ରଞ୍ଜିତ ରାଉତ, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଘଟଣାକୁ ମୁଖ୍ୟମନ୍ତ୍ରୀ, ପୋଲିସ ପ୍ରଶାସନର ମୁଖ୍ୟ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା, ସାମ୍ବାଦିକ ସୁରକ୍ଷା ଆଇନକୁ ତୁରନ୍ତ ଲାଗୁ କରିବାକୁ ଦାବି ହୋଇଛି।



ଖବରଦାତାମାନେ ପ୍ରତିବାଦ କରୁଛନ୍ତି।

## ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ଅତିଥି ଜଣେ କଲେଜ୍ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବ୍ରହ୍ମବରଦା,୨୨।୧(ଡି.ଏନ୍.ଏ.): ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟର ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଦର୍ଶନ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏମ୍‌ପି ସୁଲତା ଦେଓ, ସମ୍ମାନିତ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ସାମାଜିକ କର୍ମୀ ରୀନା ରାଉତରାୟ, ଯୁକ୍ତ ୩ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ, ୩୬ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶନୀ ଦେଓ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ଡ. ବିକ୍ରମ କୁମାର ମହାପାତ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଛାତ୍ରୀ ଋତୁପର୍ଣ୍ଣା ଦେଓ ଓ ମୁଦଲାପୀ ପରୱିନ ମହାବିଦ୍ୟାଳୟ ବିଷୟରେ ନିଜର ଅଭିଭାଷଣ ଉପସ୍ଥାପନ କରିଥିଲେ। ଦୀର୍ଘ ଦିନ ଧରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟ କରିଆସୁଥିବା ରାଜନୀତି ବିଭାଗ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ଲିପିକାର ଅଜୟ କୁମାର ଜେନା, ଗ୍ରନ୍ଥାଗାର ସହାୟକ ସେକ୍ ସୋଲେମାନ ଖାଁ, ଶିକ୍ଷା କର୍ମଚାରୀ ଫୈଜୁଲ୍ଲା ଖାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟରେ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ହରିହର ଫାଉଣ୍ଡେଶନ ତରଫରୁ ଅର୍ଥରାଶି ଦିଆଯାଇ ପୁରସ୍କୃତ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସଭା ମଞ୍ଚରେ ମହାବିଦ୍ୟାଳୟ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଶେଷରେ ମହାବିଦ୍ୟାଳୟ ଶିକ୍ଷାବିଭାଗର ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଦାସ, ନୃସିଂହ ଚରଣ ନାୟକ, କିଶୋର ଚନ୍ଦ୍ର ସାହୁ, ଅବ୍ଦୁଲ ରୋଫ ଖାଁ, ଶଶିଭୂଷଣ ମାହାନ୍ତି ଓ ପୂର୍ବତନ ସରପଞ୍ଚ ବିପିନ ବିହାରୀ ଦେଓ, ଅବସରପ୍ରାପ୍ତ ଶିକ୍ଷକ ଆଲ୍ଲାଉଦ୍ଦିନ ଖାଁ, ପରମାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ସିଂହପୁର,୨୨।୧(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ୍ ଅଧୀନ ହାଟସାହିସ୍ଥିତ ବାରାହା ଆଞ୍ଚଳିକ ବିଜ୍ଞାନ ଜୁନିୟର ମହାବିଦ୍ୟାଳୟରେ ବାଳିକା ଅତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷା କନକଲତା ନାୟକ ସଭାପତିତ୍ୱ କରି ଛାତ୍ରୀଙ୍କ ଆତ୍ମିକ ବିକାଶ ଓ ମାନସିକ ସାହସିକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ କୁମାର ନାୟକ ଯୋଗଦେଇ ତାଲିମପ୍ରାପ୍ତ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିବା ସହିତ ତାଲିମ ଶିକ୍ଷା ବାଳିକାଙ୍କୁ ସଶକ୍ତ ଓ ସକ୍ଷମ ନାଗରିକ ଭାବେ ଗଢ଼ିତୋଳିବାରେ ସହାୟକ ହୋଇପାରିବ ବୋଲି କହିଥିଲେ। ପ୍ରାଧ୍ୟାପିକା ସ୍ମୃତିମଞ୍ଜରୀ ବିଶ୍ୱାଳ, ଡ. ଆର୍ଯ୍ୟବାଳା ନାୟକ, ଅଧ୍ୟାପିକା ପୂର୍ଣ୍ଣମୟୀ ମଲିକ, ଡ. ଆଲଫା ସରିତା ମହାନ୍ତି, ରୀନା ଟେଟେ, ନିହାରିକା ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ମହିଳା ସଶକ୍ତୀକରଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଶିକ୍ଷିକା ମଞ୍ଜୁଲତା ସେନାପତି ଓ ତାଲିମପ୍ରାପ୍ତ ଛାତ୍ରୀମାନେ ବାଳିକା ସୁରକ୍ଷାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ।



ଅତିଥିଙ୍କ ଗହଣରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନେ।

## ଭିସା ଷ୍ଟିଲ୍‌ର ସ୍ୱାସ୍ଥ୍ୟସେବା ଶିବିର

କଳିଙ୍ଗନଗର,୨୨।୧(ଡି.ଏନ.ଏ.): କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସା ଗ୍ରୁପ୍ ତରଫରୁ ସ୍ଥାନୀୟ ମାନତିରା ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୧୨ ଜଣ ଲୋକ ଉପକୃତ ହୋଇଛନ୍ତି। ସୂଚନା ମୁତାବକ, ଭିସା ଗ୍ରୁପ ଆମେ ସୁସ୍ଥ, ସୁସ୍ଥ ଆମ ପରିବାର ମନ୍ତ୍ରକୁ ଆଧାର କରି କାରଖାନା ପାର୍ଶ୍ୱବର୍ତ୍ତୀ ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଆସୁଛି। ଏହିକ୍ରମରେ ମାନତିରାଠାରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ରକ୍ତ ଚାପ, ମଧୁମେହ ଓ ଆରବିସି ପରି ପରୀକ୍ଷା ମଧ୍ୟ କରାଯାଇଥିଲା। ଭିସା ଷ୍ଟିଲ୍‌ର ବରିଷ୍ଠ ପ୍ରଶାସକ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଭିସା ଗ୍ରୁପର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ।



ଶିବିରରେ ଯୋଗଦେଇଥିବା ଜନସାଧାରଣ।

# ଜିଲାସ୍ତରୀୟ ହକି ଫେଷ୍ଟ ଉଦ୍‌ଯାପିତ


ହକି ଫେଷ୍ଟ ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।


ଜଣେ କଳାକାର ସଙ୍ଗୀତ ପରିବେଷଣ କରୁଛନ୍ତି।

କଳିଙ୍ଗନଗର,୨୨।୧(ଡି.ଏନ.ଏ.): ଯାଜପୁର ରୋଡ୍ ଚାନ୍ଦମା ଖେଳ ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ହକି ଫେଷ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯାଜପୁର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝି, ପୌରନିର୍ବାହୀ ଅଧିକାରୀ ବିକ୍ରମ କୁମାର ମଲିକ, ଯାଜପୁର ଜିଲାପରିଷଦ ସଭାପତି ନଳିନୀପ୍ରଭା ଯେନା, ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ପୌର ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଓ କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶୀ, ସମ୍ବଲପୁରୀ ଏବଂ ଫକ୍ସ ନୃତ୍ୟ ମନମୋହିଲା**

ହକି ଫେଷ୍ଟର ଉଦ୍‌ଯାପନୀ ସନ୍ଧ୍ୟାରେ ବ୍ୟାସଶ୍ରୀ କଳାନିକେତନର କଳାକାରଙ୍କ ଦ୍ୱାରା ଉଚ୍ଚ କୋଟିର ଜଗନ୍ନାଥ ବନ୍ଦନା ପରିବେଷଣ କରାଯିବା ସହିତ ଓଡ଼ିଶୀ ନୃତ୍ୟର ଆସର ଅନୁଷ୍ଠିତ ହୋଇଥିଲା। ନିଖୁଣ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଉପସ୍ଥିତ ଜନତାଙ୍କ ମନ ମୋହିଥିଲେ କଳାକାରମାନେ। ସେହିପରି ସମ୍ବଲପୁରୀ ଗୀତ ଏବଂ ନୃତ୍ୟରେ ମଞ୍ଚରେ ଏକ ଉନ୍ମାଦନା ସୃଷ୍ଟି ହୋଇଥିଲା। ଭୁବନେଶ୍ୱରର ଏକ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ରାଜସ୍ଥାନର ଫକ୍ସ ନୃତ୍ୟ ପରିବେଷିତ ହୋଇଥଲା। ଏହା କିଛି ସମୟ ଧରି ଦର୍ଶକଙ୍କୁ ବାନ୍ଧି ରଖିଥିଲା।

**ସମ୍ବର୍ଦ୍ଧିତ ହେଲେ ଯାଜପୁରର କ୍ରୀଡ଼ା ପ୍ରତିଭା ଏବଂ ଭାସ୍କର୍ଯ୍ୟ ପ୍ରତିଭା**

ଜିଲାସ୍ତରୀୟ କବାଡ଼ି ଏବଂ ଭଲିବଲ ଚାମ୍ପିୟନଶିପ୍‌ରେ ଦଳଗତ ଭାବେ କବାଡ଼ିରେ ରସୁଲପୁର ବ୍ଲକ ଚାମ୍ପିୟନ ହୋଇଥିବା ବେଳେ କୋରେଇ ବ୍ଲକ ରନର୍ସ ଅପ୍ ଏବଂ ଭଲିବଲରେ କୋରେଇ ବ୍ଲକ ଚାମ୍ପିୟନ ହୋଇଥିବାବେଳେ ରସୁଲପୁର ବ୍ଲକ ରନର୍ସ ଅପ ହୋଇଥିଲା। ଫଳରେ ଏହି ୪ ଦଳକୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଯାଜପୁର ଜିଲାର କଳା ଏବଂ ଭାସ୍କର୍ଯ୍ୟର ବୁଦ୍ଧିମନ୍ତ ପ୍ରତୀକ ଭାବେ ବିଶ୍ୱଦରବାରରେ ନିଜର କଳା ଏବଂ ଭାସ୍କର୍ଯ୍ୟ ନିପୁଣତା ଦେଖାଇଥିବା ରାଜ୍ୟ, ଜାତୀୟ ପୁରସ୍କାରପ୍ରାପ୍ତ ପ୍ରସ୍ତର ଶିଳ୍ପୀ ମହେଶ୍ୱର ଓଝା, ୨୦୧୯ରେ ଜାତୀୟ ପୁରସ୍କାର ବିଜେତା ପ୍ରସ୍ତର ଶିଳ୍ପୀ ଯାଜପୁର ବଡ଼ଚଣା ପଲେଇର ସୁଶାନ୍ତ କୁମାର ଦାସ, ଟେରାକୋଟା ଶିଳ୍ପୀ ରସୁଲପୁର ପ୍ରଥମାଖଣ୍ଡୀର ପର୍ଶୁରାମ ବେହେରା, ୨୦୧୯ରେ ଜାତୀୟ ତାଏକୋଣ୍ଡୋ ଚାମ୍ପିୟନସିପର ସ୍ୱର୍ଣ୍ଣପଦକ ବିଜେତା ସୁକିନ୍ଦା ଖରଡିର ଶୁଭଜିତ ମଲ୍ଲିକ ପ୍ରମୁଖଙ୍କୁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ରାଜକନିକା, ୨୨।୧(ଡି.ଏନ.ଏ.):** ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ୪୭ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରରିପ୍ରେକ୍ଷୀରେ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ସୁରେଖା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶକ୍ତି, ଶିଳ୍ପ ଓ ଲଘୁଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଆଜିର ଛାତ୍ରୀଛାତ୍ର ଆସନ୍ତାକାଲିର ଭବିଷ୍ୟତ ବୋଲି କହିଥିଲେ। ଲଘୁ ଉଦ୍ୟୋଗ ମାଧ୍ୟମରେ ଓଡ଼ିଶାକୁ ଆଗେଇ ନେବାରେ ଛାତ୍ରୀଛାତ୍ରଙ୍କ ଉଦ୍ୟମ ରହିବା ଦରକାର। ଏଥିସହ କନିକାର ଗୌରବ ଓ ଐତିହ୍ୟ ସମ୍ପର୍କରେ ମଧ ମନ୍ତ୍ରୀ ଦେବ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଳକା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତଥା ଓଡ଼ିଶା ସିନେ ଜଗତର ଭେଟେରାନ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଯୋଗଦେଇ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ଆଜି ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ମତ ରଖିଥିଲେ। ନାକ୍ କୋଅର୍ଡିନେଟର ଅଧାପିକା ଡ. ମିଥିଳା ଦାସ ମହାବିଦ୍ୟାଳୟ ସମ୍ପର୍କରେ ଅଭିଭାଷଣ ରଖିଥିବା ବେଳେ ଛାତ୍ର ସଙ୍ଗଠନର ଉପଦେଷ୍ଟା ପ୍ରଫେସର ସଚ୍ଚିକାନ୍ତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ପାର୍ଥସାରଥି ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇଡିପି ରୁସା କୋଅର୍ଡିନେଟର ପ୍ରଫେସର ମିର୍ଜା ଇବ୍ରାହିମ ବେଗ୍ ଧନ୍ୟବାଦ ଦେଇଥିଲେ। ଅତିଥିମାନେ ମୁଖପତ୍ର 'କନିକା'କୁ ଉନ୍ମୋଚନ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ତୃପ୍ତି ରାଉତ, କାଜଲ ଜ୍ୟୋତି ସାହୁ, ମିସ୍ ଟୁଲୀ, ଅଧାପକ ଅଜୟ କୁମାର କୁଣ୍ଡ, ଦେବଦାସ ପ୍ରଧାନ, ଶରତ ବାରିକ, ସଞ୍ଜୀବ ଦାଶ, ଜୟନ୍ତ ମଲ୍ଲିକ ଓ ଦେବେନ୍ଦ୍ର ଲେଙ୍କାଙ୍କ ସମେତ କଲେଜର ସମସ୍ତ ଅଧାପିକାଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ପୋଲିସ ମାଡ଼ ଭୟରେ ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

**ମୋରଡ଼ା,୨୨।୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଧୀନ ଧାଡିକା ପଞ୍ଚାୟତ ଶରଡିହା ଗାଁର ରଜ ପାଣିପାତ୍ର ରବିବାର ସକାଳେ ଏକ ଗଛରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମାଡ଼ ଭୟରେ ରଜ ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ କନ୍ଦି ପାଣିପାତ୍ରଙ୍କ ସମେତ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏକ ହତ୍ୟା ମାମଲାରେ ପଚରାଉଚରା ପାଇଁ ଗତ ଶୁକ୍ରବାର ରାତି ୧୨ଟାରେ ଶୁଳିଆପଦା ପୋଲିସ ରଜଙ୍କୁ ଘରୁ ପିଟି ପିଟି ଜୋର ଜବରଦସ୍ତ ଗାଡ଼ିରେ ଉଠାଇ ନେଇଥିଲା। ଥାନାରେ ପଚରାଉଚରା ବାହାନାରେ ତାଙ୍କୁ ଥାର୍ଡ ଡିଗ୍ରୀ ଦେବା ସହ ମାଡ଼ ମାରିଥିଲେ। ଶନିବାର ରାତିରେ ତାଙ୍କୁ ପୋଲିସ ଛାଡ଼ି ଦେଇଥିଲା। ପୋଲିସର ମାଡ଼ ଡରରେ ସେ ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ଶୁଳିଆପଦା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଥିଲା। ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ନେଇ ଶୁଳିଆପଦା ଥାନାଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

# ଲକ୍ଷ୍ୟଠାରୁ ଦୂରରେ ୩ ସାମୁଦ୍ରିକ ଥାନା




- ଭିତ୍ତିଭୂମି ପାଇଁ ପରିଚାଳନାରେ ବ୍ୟତିକ୍ରମ
- ବଙ୍ଗ ଅନୁପ୍ରବେଶକାରୀଙ୍କ ହେଉଛି ଅବାଧ ପ୍ରବେଶ
- କର୍ମଚାରୀ ଅଭାବ ପୂରଣ ପାଇଁ ଅଞ୍ଚଳବାସୀଙ୍କ ଦାବି

**କେନ୍ଦ୍ରାପଡ଼ା ଅଫିସ, ୨୨।୧**

କେନ୍ଦ୍ରାପଡ଼ା ଜିଲାର ମାତ୍ର ୪୮ କିଲୋମିଟର ତଟାଞ୍ଚଳରେ ୩ ସାମୁଦ୍ରିକ ଥାନା ପ୍ରତିଷ୍ଠା ହୋଇଛି। ଅନୁପ୍ରବେଶ ରୋକିବା ସହିତ ସ୍ଥାନୀୟ ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା ସହ କାର୍ଯ୍ୟାନୁଷ୍ଠାନ ନେବା ଏହାର ଲକ୍ଷ୍ୟ ଥିଲା। ତେବେ ଥାନା ପ୍ରତିଷ୍ଠାର ଦୀର୍ଘଦିନ ବିତିବା ସତ୍ତ୍ୱେ ବିଭିନ୍ନ କାରଣରୁ ଏହାର ପରିଚାଳନାରେ ତ୍ରୁଟି ହେଉଛି। ଏହି ଥାନାଗୁଡିକର ଅଞ୍ଚଳ ବଙ୍ଗଭାଷୀ ଅଧ୍ୟୁଷିତ ହୋଇଥିବାବେଳେ ବାଂଲାଦେଶ ଅନୁପ୍ରବେଶକାରୀଙ୍କ ଅବାଧ ପ୍ରବେଶ ଜାରି ରହିଛି। କର୍ମଚାରୀ ସମେତ ଭିତ୍ତିଭୂମି ଅଭାବ ମଧ୍ୟରେ ଏହି ୩ ସାମୁଦ୍ରିକ ଥାନା ନିଜର ଲକ୍ଷ୍ୟଠାରୁ ଦୂରରେ ଅଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ କହିଛନ୍ତି, ୨୦୦୮ ନଭେମ୍ବର ୨୬ରେ ଆତଙ୍କବାଦୀମାନେ ଜଳପଥ ମାଧ୍ୟମରେ ଆସି ମୁମ୍ବାଇରେ ଆକ୍ରମଣ କରିଥିଲେ। ସାମୁଦ୍ରିକ ଜଳପଥକୁ ନଜର ରକ୍ଷା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଦେଶର ବିଭିନ୍ନ ସ୍ଥାନରେ ସାମୁଦ୍ରିକ ଥାନା ପ୍ରତିଷ୍ଠା ହେଲା। ଏହି କାରଣ ପାଇଁ ଜିଲାର ଜମ୍ବୁ, ତାଳଚୁଆ ଓ ତଣ୍ଡିଆପାଳଠାରେ ଥାନା ପ୍ରତିଷ୍ଠା ହେଲା। ଥାନା ପ୍ରତିଷ୍ଠା ସତ୍ତ୍ୱେ ଏହାର ଉଦ୍ଦେଶ୍ୟ ସଫଳ ହୋଇନାହିଁ। ବର୍ଷରେ ୨ଥର ମକ୍‌ଡ୍ରିଲରେ ଭାଗ ନେବା ବ୍ୟତୀତ ଭିତ୍ତିଭୂମିର ଅଭାବ ପାଇଁ ସମୁଦ୍ର ଆଡକୁ ନଜରରେ ରଖାଯାଇ ପାରୁନାହିଁ। ଏହି ୩ ସାମୁଦ୍ରିକ ଥାନା ମଧ୍ୟରେ ଜମ୍ବୁ ଥାନା ବୋଟ୍ ଜେଟିଠାରୁ ଅନ୍ୟୂନ ୫ କିଲୋମିଟର ଦୂରରେ ଅଛି। ୨୦୦୯ ମସିହାରେ ଖରିନାସୀଠାରେ ଥାନା ଆରମ୍ଭ ହୋଇଥିଲା। ୨୦୧୨ରେ ଜମ୍ବୁଠାରେ ନୂତନ ଥାନା ଗୃହ ପ୍ରତିଷ୍ଠା ହୋଇଛି। ତେବେ ଏହି ଥାନା ନିକଟକୁ ବର୍ଷାଦିନେ ୨ ଚକିଆ ଗାଡି ଯିବା ଅସମ୍ଭବ ହୋଇପଡୁଛି। ସେହିପରି ସମୁଦ୍ର ପଥ ନଜର ପାଇଁ ଆବଶ୍ୟକ ସ୍ପିଡ୍ ବୋଟ ଓ କର୍ମଚାରୀ ଅଭାବ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ଲକ୍ଷ୍ମୀଧର ସ୍ୱାଇଁ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଅନୁପ୍ରବେଶ ସମସ୍ୟା ରହିଛି। ଏଥିସହ ଗହୀରମଥା ସାମୁଦ୍ରିକ ଅଞ୍ଚଳର ସୁରକ୍ଷା ଅତି ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ସାମୁଦ୍ରିକ ଥାନା ପ୍ରତିଷ୍ଠା ହୋଇଛି। ପ୍ରତ୍ୟେକ ଥାନାରେ ୮୧ ଜଣ କର୍ମଚାରୀ ରହିବାକୁ ନିୟମ ଅଛି। ତେବେ ୩ ଥାନାରେ ନାମକୁମାତ୍ର ପୋଲିସ କର୍ମଚାରୀ ଅଛନ୍ତି। ନାଭାଲ ଅଫିସର, ବୋଟ ଚାଳକ ସହ ସ୍ପିଡ୍ ବୋଟର ଅଭାବ ରହିଛି। ଗତ ନଭେମ୍ବରରୁ ମେ' ଶେଷ ପର୍ଯ୍ୟନ୍ତ ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ପାଇଁ ସାମୁଦ୍ରିକ ଅଞ୍ଚଳକୁ କଟକଣା ବଳୟରେ ରଖାଯାଇଛି। ତେବେ ଏହି କାର୍ଯ୍ୟକୁ ଏବେ ବନ ବିଭାଗ କରୁଛି। ସାମୁଦ୍ରିକ ଥାନା ପୋଲିସ ଏଥିରେ ସହାୟକ ହୋଇପାରୁନାହାନ୍ତି। ଅପରପକ୍ଷରେ ଖୋଲାମେଲା ସମୁଦ୍ର ତଟ ଅନୁପ୍ରବେଶକାରୀଙ୍କ ପାଇଁ ସୁଯୋଗ ଦେଇଛି। ରାତି ଅନ୍ଧାରରେ ସମୁଦ୍ର ମଧ ଦେଇ ଅନୁପ୍ରବେଶକାରୀ ଏଠାକୁ ଆସୁଥିବା ବେଳେ ଦେଶର ସୁରକ୍ଷା ଏବେ ପ୍ରଶ୍ନବାଚୀ ହୋଇଛି। ଭିତ୍ତିଭୂମି ସଜାଡି ସାମୁଦ୍ରିକ ଥାନାକୁ କାର୍ଯ୍ୟକ୍ଷମ କରିବାକୁ ସେ ଦାବି କରିଛନ୍ତି। ସ୍ଥାନୀୟ ଅଞ୍ଚଳର ପ୍ରଭୁପ୍ରସାଦ ମହାପାତ୍ର କହିଛନ୍ତି, ସାମୁଦ୍ରିକ ଥାନା ହୋଇଥିଲେ ମଧ ସ୍ଥାନୀୟ କେତେଗୋଟି ରାଜସ୍ୱ ଗ୍ରାମର ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ଜିଲା ପୋଲିସ ପକ୍ଷରୁ ନିର୍ଦ୍ଦେଶନାମା ଅଛି। ଏହି ନିର୍ଦ୍ଦେଶକୁ ପାଳନରେ ସାମୁଦ୍ରିକ ଥାନା କର୍ମଚାରୀମାନେ ବ୍ୟସ୍ତ ରହୁଛନ୍ତି। ଅଧିକ କର୍ମଚାରୀ ଓ ଭିତ୍ତିଭୂମି ଯୋଗାଇ ଦିଆଗଲେ ଅନୁପ୍ରବେଶ ରୋକିବା ସହ ସାମୁଦ୍ରିକ ଅଞ୍ଚଳର ସୁରକ୍ଷା ହୋଇପାରିବ। ଏ ସମ୍ପର୍କରେ ଏସ୍‌ପି ମଡକର ସନ୍ଦିପ ସମ୍ପଦଙ୍କୁ ପଚାରିବାରେ ଚଳିତ ଆର୍ଥିକ ବର୍ଷରେ ସାମୁଦ୍ରିକ ଥାନା କର୍ମଚାରୀଙ୍କ ସଂଖ୍ୟା ବଢ଼ାଯାଇଛି। ଖାଲିଥିବା ପଦବୀ ଓ ଆବଶ୍ୟକ ସ୍ପିଡ୍ ବୋଟ ପାଇଁ ଯୋଜନା ଥିବା ସେ କହିଛନ୍ତି।

# କନ୍ଧମାଳ ଆଥଲେଟିକ ଆସୋସିଏଶନ ଚାମ୍ପିୟନ




ଚାମ୍ପିୟନ କନ୍ଧମାଳ ଆଥ୍‌ଲେଟିକ ଆସୋସିଏଶନ ଦଳକୁ ମନ୍ତ୍ରୀ ଟ୍ରଫି ପ୍ରଦାନ କରୁଛନ୍ତି।

**ଆଳି,୨୨।୧(ଡି.ଏନ.ଏ.)**

### ରାଜ୍ୟସ୍ତରୀୟ ଶରତ କୁମାର ଦେବ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ

ଆଳି ହାଇସ୍କୁଲ ମିନିଷ୍ଟାଡିୟମ ପରିସରରେ ଆଳି ଆଥଲେଟିକ ଆସୋସିଏଶନର ସହଯୋଗରେ ୧୫ ତାରିଖଠାରୁ ଆରମ୍ଭ ହୋଇଥିବା ୧୬ ତମ ରାଜ୍ୟସ୍ତରୀୟ ଶରତ କୁମାର ଦେବ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ରବିବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଛି। ୟୁନାଇଟେଡ କ୍ଲବ ଗଣ୍ଡରପୁର ସହ ବୌଦ୍ଧର କନ୍ଧମାଳ ଆଥଲେଟିକ ଆସୋସିଏଶନ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ଖେଳର ନିର୍ଦ୍ଧାରିତ ସମୟ ଶେଷ ହେବା ପରେ ମଧ କେହି କାହାରିକୁ ଗୋଲ ଦେବାରେ ସକ୍ଷମ ହୋଇ ପାରି ନ ଥିଲେ। ଶେଷରେ ଟାଇବ୍ରେକର ନିୟମରେ ବୌଦ୍ଧ କନ୍ଧମାଳ ଆଥଲେଟିକ ଆସୋସିଏଶନ ୧୦-୯ ଗୋଲରେ ୟୁନାଇଟେଡ ଟିମ୍‌କୁ ହରାଇ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଳି ବିଧାୟକ ତଥା ଶିଳ୍ପ, ଶକ୍ତି ଓ ଲଘୁଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ସମ୍ମାନିତ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରାଧାପକ ରମେଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଳି ଆଥଲେଟିକ ଆସୋସିଏଶନର ସମ୍ପାଦକ ବିଜୟାନନ୍ଦ ସେନାପତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଚାମ୍ପିୟନ ଟିମ୍ ବୌଦ୍ଧ କନ୍ଧମାଳ ଆଥଲେଟିକ ଆସୋସିଏଶନ ଟିମ୍‌କୁ ମୁଖ୍ୟ ଅତିଥି ମନ୍ତ୍ରୀ ଦେବ ଚାମ୍ପିୟନ ଟ୍ରଫି ସହ ନଗଦ ୨୫ ହଜାର ଟଙ୍କା ଓ ୟୁନାଇଟେଡ ଟିମ୍ ଗଣ୍ଡରପୁରକୁ ରନରଅପ୍ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟକୁ ରେଫରି ଭାବେ କ୍ରୀଡା ଶିକ୍ଷକ ସୁଶାନ୍ତ ମଲ୍ଲିକ, ମନୋଜ ମହାନ୍ତି, ସୁବ୍ରତ ଦାଶ, ନିର୍ମଳ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପାରାଦୀପକୁ ହରାଇ ଜଗତ୍‌ସିଂହପୁର ଚାମ୍ପିୟନ




ଚାମ୍ପିୟନ ଜଗତ୍‌ସିଂହପୁର ହିନ୍ଦୁସ୍ତାନ କ୍ରିକେଟ କ୍ଲବକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

**ରାଜନଗର, ୨୨।୧(ଡି.ଏନ.ଏ.)**

### ମଦନପୁର ମହାବୀର ଚାଲେଞ୍ଜ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ

ସ୍ଥାନୀୟ ମଦନପୁର ଯଜ୍ଞ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ମଦନପୁର ମହାବୀର ଚାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଡାଇମଣ୍ଡ କ୍ରିକେଟ କ୍ଲବ ପାରାଦୀପକୁ ହରାଇ ଜଗତ୍‌ସିଂହପୁର ହିନ୍ଦୁସ୍ତାନ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଥିଲା। ଏଥିରେ ଜଗତ୍‌ସିଂହପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୮ ରନ କରିଥିଲା। ଦଳର ଅରୁଣ ମହାରଣା ୪୨ବଲରୁ ୬ଟି ଛକା ଓ ୪ଟି ଚୌକା ସହାୟତାରେ ୮୬ରନ ଓ ପବିତ୍ର ବିଶୋଇ ୧୮ବଲରୁ ୩୦ ରନ କରିଥିଲେ। ପାରାଦୀପର ସଂଗ୍ରାମ ଓ ଦିବ୍ୟାଂଶୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୦୯ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ପାରାଦୀପ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୬ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ସଂଗ୍ରାମ ୧୭ ବଲରୁ ୩ଟି ଛକା ଓ ୨ଟି ଚୌକା ସହାୟତାରେ ୩୨ ରନ କରିଥିଲେ। ଜଗତ୍‌ସିଂହପୁରର ଅରୁଣ ମହାରଣା ୩ ଓଭରରେ ୧୨ରନ ଦେଇ ୪ଟି ଉଇକେଟ ଓ ଚନ୍ଦ୍ରକାନ୍ତ ୪ ଓଭରରେ ୧୮ ରନ ଦେଇ ୩ ଉଇକେଟ ନେଇଥିଲେ। ଅରୁଣ ମହାରଣାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଗାଳ୍ପିକ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଉଦ୍‌ଯାପନୀ ଉତ୍ସବରେ ଖବରଦାତା ଭାସ୍କର ରାଉତରାୟ, ଓଡ଼ିଶା ସାଇନ ଫାଉଣ୍ଡେଶନର ସମୀର ବାଇ, ମଳୟ କୁମାର ଦାସ, ଦେବେନ୍ଦ୍ର ଜେନା, ସୁଜାତା ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସୁଧୀର କୁମାର ଜେନା ଧନ୍ୟବାଦ ଦେଇଥିଲେ। ବଂଶୀଧର ସ୍ୱାଇଁ, ନିରଞ୍ଜନ ଦାସ, ଅଞ୍ଜନ ବେହୁରା ଅମ୍ପାୟରର ଭୂମିକା ତୁଲାଇ ଥିବା ବେଳେ ମହାବୀର ୟୁଥ୍ କ୍ଲବର ସଭାପତି ଆଶିଷ କୁମାର ରାଉଳ, ଶଶଧର ପ୍ରଧାନ, ପ୍ରକାଶ କୁମାର ବେହେରା, ପ୍ୟାରୀ ମୋହନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡେରାବିଶ ମହୋତ୍ସବ କମିଟିର ବାର୍ଷିକ ସାଧାରଣ ବୈଠକ

**ଡେରାବିଶ ୨୨।୧(ସ୍ୱ.ପ୍ର.)**

ଡେରାବିଶ ସାଂସ୍କୃତିକ ସଙ୍ଗଠନ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଡିସେମ୍ବର ୨୫ରୁ ୩୧ ଅନୁଷ୍ଠିତ ହୋଇଥିବା ଡେରାବିଶ ମହୋତ୍ସବ ପରେ ରବିବାର ମହୋତ୍ସବ କମିଟି ପକ୍ଷରୁ ବ୍ଲକ ଅଧୀନ ଚାଟରାଚକଡ଼ାସ୍ଥିତ କିରଣକୁଞ୍ଜଠାରେ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ସଭାପତି ଡ. ଭକ୍ତକବି ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅଧାପକ ଗୁରୁଚରଣ ସେଠୀ ଚଳିତ ମହୋତ୍ସବରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିବା ବେଳେ ଆଗାମୀ ବର୍ଷ ମହୋତ୍ସବର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ କୋଷାଧକ୍ଷ ରାମଚନ୍ଦ୍ର ରାଉତ ଚଳିତ ମହୋତ୍ସବରେ ହୋଇଥିବା ବ୍ୟୟ ଅଟକଳ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ସଙ୍ଗଠନର ଉପସଭାପତି ମହେନ୍ଦ୍ର କୁମାର ସିଂ, ମହୋତ୍ସବ କମିଟିର ବରିଷ୍ଠ ସଦସ୍ୟ ସରୋଜକାନ୍ତ ସାହୁ, ହଳଧର ଦାଶ, ସଚ୍ଚିଦାନନ୍ଦ ରଥ, ପ୍ରାଧାପକ ଅଜୟ କୁମାର ରାଉତ, ରବି ସାମଲ, ବିପିନି ବିହାରୀ ସାହୁ, ତ୍ରିଲୋଚନ ରାଉତ, ସାହାଜାନ୍ ଖାଁ, ଜୟନ୍ତ ବଳ, ପ୍ରମୋଦ ବେହେରା ପ୍ରମୁଖ ଯୋଗଦେଇ ଆଗାମୀ ମହୋତ୍ସବକୁ କିପରି ବ୍ୟାପକ କରାଯିବ ସେ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ସରୋଜକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

# ଉପକୂଳରେ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ

**ପଟ୍ଟାମୁଣ୍ଡାଇ,୨୨।୧(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ, ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ସରକାରୀ ଡାକ୍ତର ଅଭାବ ଯୋଗୁ ଲୋକେ ବିକଳ୍ପ ଭାବେ ନକଲି ଡାକ୍ତରଙ୍କ ସହାୟତା ନେଉଛନ୍ତି। ନକଲି ଡାକ୍ତରଙ୍କ ଔଷଧ ଖାଇ ଅନେକ ରୋଗୀ ସଙ୍କଟାପନ୍ନ ହେବା ସହ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହେଉଛି। ଏମାନେ ଡାକ୍ତରୀ ପାଠ ପଢି ନ ଥିବା ବେଳେ ନିଜକୁ ଆତ୍ମଘୋଷିତ ଡାକ୍ତର କହି ଗାଁ ଲୋକଙ୍କୁ ଭୁଆଁ ବୁଲାଇ ବେସ୍ ଫାଇଦା ଉଠାଉଛନ୍ତି। ରାଜ୍ୟ ଓ ଜିଲା ବାହାରୁ କୋଲକାତା, ଯାଜପୁର, ବାଲେଶ୍ୱର ଓ ଜଳେଶ୍ୱର ପ୍ରଭୃତି ଅଞ୍ଚଳରୁ କେତେଜଣ ନକଲି ଡାକ୍ତର କ୍ଲିନିକ୍ ଖୋଲି ମାଇକ୍‌ରେ ପ୍ରଚାର କରି ରୋଗୀଙ୍କୁ ଲୁଟୁଛନ୍ତି। ବିଭିନ୍ନ ରୋଗର ମେଡିସିନ କହି ଚଢ଼ା ଦରରେ ବିକୁଥିବା ଦେଖିବାକୁ ମିଳିଛି। ଏହି ନକଲି ଡାକ୍ତରମାନେ ଗାଁଗୁଡିକରେ ଘରଭଡ଼ା ନେଇ ଆସ୍ଥା ଜମାଇଛନ୍ତି। ଅପରପକ୍ଷେ କିଛିମାସ ତଳେ ଚଉଦକୁଲାଟ ଅଞ୍ଚଳର ଜଣେ ନକଲି ଡାକ୍ତରଙ୍କ ଟିକାରେ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ହେଲେ ପ୍ରଶାସନ ସବୁ ଜାଣି ନୀରବଦ୍ରଷ୍ଟା ସାଜିଛି। ଉପକୂଳ ଅଞ୍ଚଳରେ ଏହି ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବଢି ଚାଲିଛି। ଏମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟ ତଥା ବେଆଇନ ଗର୍ଭପାତ କରିବା ସହ ଗର୍ଭପାତ ପାଇଁ ଟାବ୍‌ଲେଟ ଓ ତରଳ ଔଷଧ ରୋଗୀଙ୍କୁ ଦେଉଛନ୍ତି। ଏଲୋପାଥିକ, ହୋମିଓପାଥିକ, ଆୟୁର୍ବେଦିକ ଔଷଧ ଦେଇ ଶିଶୁ ଓ ମହିଳାଙ୍କ ଚିକିତ୍ସା କରୁଥିବା କୁହାଯାଉଛି। ସ୍ୱାସ୍ଥ୍ୟ ବିଭାଗ ଏହି ଅଞ୍ଚଳର ନକଲି ଡାକ୍ତର, କ୍ୱାକ୍‌ଙ୍କ ଉପରେ ନଜର ରଖିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଧିକାରିଣୀ ଡା. ଅନିତା ପଟ୍ଟନାୟକଙ୍କୁ ପଚାରିବାରେ ସେପରି କିଛି ଅଭିଯୋଗ ନାହିଁ। ଅଭିଯୋଗ ଆସିଲେ ସେମାନଙ୍କ ଉପରେ ନଜର ରଖାଯିବାକୁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଆଇନ ସଚେତନତା କର୍ମଶାଳା

**ପଟ୍ଟାମୁଣ୍ଡାଇ୨୨।୧(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ତୃତୀୟ ଲିଙ୍ଗମାନଙ୍କ ଅଧିକାର ଓ ସାମାଜିକ କର୍ତ୍ତବ୍ୟ ସମ୍ପର୍କରେ ଆଇନଗତ ସଚେତନତା ସୃଷ୍ଟି କରିବାକୁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅପର୍ଣ୍ଣା ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ପଟ୍ଟାମୁଣ୍ଡାଇ କୋର୍ଟର ସିଭିଲ ଜଜ୍ ସୁଶ୍ରୀ ସଙ୍ଗୀତା ମଲ୍ଲିକ ଉଦ୍‌ଘାଟନ କରି ତୃତୀୟ ଲିଙ୍ଗମାନଙ୍କ ପାଇଁ ଆଇନଗତ ବ୍ୟବସ୍ଥା ଓ ସେମାନଙ୍କ ସାମ୍ବିଧାନିକ ଅଧିକାର ସମ୍ପର୍କରେ ଆଲୋକପାତ କରିବା ସହ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଜେଏମ୍‌ଏଫସି ମୋନାଲିସା ପ୍ରଧାନ ତୃତୀୟ ଲିଙ୍ଗ ଭଗବାନଙ୍କ ସୃଷ୍ଟି ହୋଇଥିବାରୁ ସମସ୍ତେ ସେମାନଙ୍କ ପ୍ରତି ସହାନୁଭୂତିଶୀଳ ହେବାକୁ ନିବେଦନ କରିଥିଲେ। ଏଥିରେ ଶ୍ରୀରାମପୁର ସରପଞ୍ଚ ପ୍ରତିନିଧି ପ୍ରତାପ ସେଠୀ, ସମିତିସଭ୍ୟ ଉତମ ଜେନା, ବିଭିନ୍ନ ମହିଳା ସଙ୍ଗଠନ ସଦସ୍ୟା, ଆଇନଜୀବୀ ଓ କୋର୍ଟ କର୍ମଚାରୀମାନେ ଯୋଗ ଦେଇଥିଲେ।

# ମା'ଙ୍କୁ ମୁଣ୍ଡିଆ ମାରି ସମୁଦ୍ରକୁ ଯାଆନ୍ତି ମତ୍ସ୍ୟଜୀବୀ

**ମହାକାଳପଡ଼ା, ୨୨।୧(ଡି.ଏନ.ଏ.)**

### ସାର୍ବଜନୀନ ଗଙ୍ଗାମାତା, ମକର ମେଳା ଅନୁଷ୍ଠିତ

ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତ ପାଞ୍ଚଗୋଛିଆ-କଣ୍ଟିଲୋ ଗ୍ରାମ ନିକଟ ମିଲନମୋଡ଼ଠାରେ ୨୧ତମ ସାର୍ବଜନୀନ ମା' ଗଙ୍ଗାମାତା ଓ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ବଙ୍ଗୀୟ ପରମ୍ପରା ଅନୁଯାୟୀ ମା' ଗଙ୍ଗାମାତାଙ୍କୁ ପୂଜା କଲେ ପରିବାର ତଥା ସମାଜର ମଙ୍ଗଳ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ସ୍ଥାନୀୟ ମତ୍ସ୍ୟଜୀବୀମାନେ ଗଭୀର ସମୁଦ୍ରକୁ ମାଛ ଧରିବାକୁ ଯିବା ପୂର୍ବରୁ ଡଙ୍ଗା ମଙ୍ଗରେ ମା'ଙ୍କୁ ମୁଣ୍ଡିଆ ମାରି ସମୁଦ୍ରକୁ ପ୍ରବେଶ କରିଥାନ୍ତି। ଏହି ମେଳାରେ ସ୍ଥାନୀୟ ଅଞ୍ଚଳ ତଥା ସୁନିତି ପଞ୍ଚାୟତ ସମେତ ବିଭିନ୍ନ ଅଞ୍ଚଳରୁ ବହୁ ଲୋକ ଦୋକାନ ବଜାର ପକାଇଛନ୍ତି। ସନ୍ଧ୍ୟାରେ ବହୁ ଶ୍ରଦ୍ଧାଳୁ ପୂଜା ମଣ୍ଡପରେ ପହଞ୍ଚି ମା'ଙ୍କୁ ଦର୍ଶନ କରୁଥିବା ଦେଖିବାକୁ ମିଳୁଛି। ଏହି ମେଳା ମକର ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ରବିବାର ସନ୍ଧ୍ୟାରେ ପହଞ୍ଚି ମା'ଙ୍କୁ ଦର୍ଶନ କରିଥିଲେ। ପୂଜା ମଣ୍ଡପରେ ମଗର ମାଛ ପୃଷ୍ଠରେ ମା' ଗଙ୍ଗାମାତା ପୂଜା ପାଉଥିବା ବେଳେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ପାର୍ବତୀ, ଭାଗୀରଥ, ଋଷି ବଶିଷ୍ଠ ସମେତ ୨ ଦାସୀ ଥିବା ଦେଖିବାକୁ ମିଳିଛି। ଏହି ପୂଜା କମିଟିରେ ସଭାପତି ସମବାୟବିତ୍ ଉଦୟ କୁମାର ଦାସ, ସରପଞ୍ଚ ଭଗବତୀ ମଣ୍ଡଳ, ସମିତିସଭ୍ୟ ସବିତା ମଲ୍ଲିକ, ପ୍ରାକ୍ତନ ସରପଞ୍ଚ ମନୋଜ କୁମାର ପାତ୍ର, ଜମ୍ବୁ ପଞ୍ଚାୟତ ସରପଞ୍ଚ ବିଶ୍ୱଜିତ୍ ବସୁ, ପ୍ରାକ୍ତନ ବ୍ଲକ ଅଧକ୍ଷା ସସ୍ମିତା ବରାଳ, ବରିଷ୍ଠ ମୁରବି ହରିପଦ ଜାନାଙ୍କ ସମେତ ଶତାଧିକ ଜନସାଧାରଣ ମା'ଙ୍କ ପୂଜା ମଣ୍ଡପରେ ଉପସ୍ଥିତ ରହି ଦର୍ଶନ ଲାଭ କରିଥିଲେ।



ସୁନିତି ମିଳନମୋଡ଼ଠାରେ ମା' ଗଙ୍ଗାମାତାଙ୍କ ପୂଜା।

# ସ୍ୱାଭିମାନୀ ହେବାକୁ ଓଡ଼ିଆ ଭାଷାର ପରିବ୍ୟାପ୍ତି ଜରୁରୀ

**କେନ୍ଦ୍ରାପଡ଼ା ଅଫିସ, ୨୨।୧**

### ରାଜ୍ୟସ୍ତରୀୟ ପୁସ୍ତକ ମେଳା ଉଦ୍‌ଘାଟିତ

ସହରର ମହିପାଳ ଟେଲିକମ ଗ୍ରାଉଣ୍ଡଠାରେ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ) ପକ୍ଷରୁ ବିଂଶତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାକୁ ବିଶିଷ୍ଟ ସାହିତ୍ୟିକ ତଥା ପ୍ରବନ୍ଧିକ ହରପ୍ରସାଦ ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରାବନ୍ଧିକ ନଟବର ଶତପଥୀ, ସାହିତ୍ୟିକ ରାଜାରାମ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପୁସ୍ତକର ଉପାଦେୟତା ସମ୍ପର୍କରେ କହିଥିଲେ ଯେ, ସାମ୍ପ୍ରତିକ ସମୟରେ ଓଡ଼ିଆ ଭାଷାର ବ୍ୟାପ୍ତି ପର୍ଯ୍ୟାପ୍ତ ନୁହେଁ। ନୂତନ ପିଢ଼ିଙ୍କୁ ସ୍ୱାଭିମାନୀ ହେବା ପାଇଁ ଓଡ଼ିଆ ଭାଷାକୁ ପରିବ୍ୟାପ୍ତ କରିବାକୁ ପଡିବ। ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଓଡ଼ିଶାର ପ୍ରକୃତ ମୂଲ୍ୟାୟନ ହୋଇପାରୁନାହିଁ। ଏହାର କାରଣ ହେଉଛି ଓଡ଼ିଆର ଚାଲିଚଳଣୀ, ସଂସ୍କୃତି, ପରମ୍ପରା ଆଦିକୁ କେବଳ ବ୍ୟବହାରିକ ଜ୍ଞାନରେ ସୀମିତ ରଖାଯାଇଛି। ଭାଷା ସଂସ୍କୃତିକୁ ନଷ୍ଟ କରିବାକୁ ବିଭିନ୍ନ ସମୟରେ ବୌଦ୍ଧିକ ଆକ୍ରମଣ ହୋଇଛି। ଏପରିକି ଓଡ଼ିଆକୁ ଏକ ଭାଷା ଭାବେ ଗ୍ରହଣ କରିବାକୁ ବଙ୍ଗଭାଷୀ ଲେଖକମାନେ ପୂର୍ବରୁ ଚକ୍ରାନ୍ତ ଚଳାଇ ଆସିଛନ୍ତି। ଗୀତଗୋବିନ୍ଦ ହେଉ ଅଥବା ପଦଚର୍ଯ୍ୟାକୁ ସେମାନେ ନିଜର ବୋଲି ଦାବି କରୁଥିବା ବେଳେ ଏ ନେଇ ପ୍ରତିବାଦର ସ୍ୱର କ୍ଷୀଣ। ସମ୍ପ୍ରତି ଇଂରାଜି ମାଧମ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ମାତୃଭାଷାରେ ଶିକ୍ଷା ଅର୍ଥ ରୋଜଗାର ବାଟ ବନ୍ଦ ହୋଇଯିବ ଭାବି ଅଭିଭାବକ ବିତୃଷ୍ଣା ପ୍ରକାଶ କରୁଛନ୍ତି। ଓଡ଼ିଆ ଭାଷାର ଶାସ୍ତ୍ରୀୟତାକୁ ବିଭିନ୍ନ ସମୟରେ ପ୍ରଶ୍ନ ଉଠାଯାଉଛି। ନୂତନ ପିଢ଼ିର ସାହିତ୍ୟିକ ଏ ଦିଗରେ ଧ୍ୟାନ ଦେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ କେମର ମୁଖପତ୍ର କେନ୍ଦ୍ରାପଡ଼ା ପରିକ୍ରମାକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। କେମ ସଭାପତି ଇଂ. ଅକ୍ଷୟ କୁମାର ପାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବଂଶୀଧର ମହାନ୍ତି ସ୍ୱାଗତ ଭାଷଣ, ସୁନନ୍ଦା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ମହମ୍ମଦ ଜାହିଦ ଖାଁ କେମ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଶାନ୍ତନୁ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଉପଦେଷ୍ଟା ଡ. ବିରଜା ରାଉତରାୟ, ସମ୍ବିତ ଶ୍ରୀଚନ୍ଦନ, ଶେଷଦେବ ଦାସ, ତାରିଣୀ ପାଙ୍ଗଯୋଶୀ ପ୍ରମୁଖ ପରିଚାଳନା କରିଥିଲେ।



ପୁସ୍ତକ ମେଳାରେ ଅତିଥିମାନେ କେମ୍‌ର ମୁଖପତ୍ର 'କେନ୍ଦ୍ରାପଡ଼ା ପରିକ୍ରମା'କୁ ଉନ୍ମୋଚିତ କରୁଛନ୍ତି।

## ସଂକ୍ଷେପରେ

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ପାରଳାଖେମୁଣ୍ଡି,୨୨।୧(ଡି.ଏନ୍‌.ଏ): ସ୍ଥାନୀୟ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ ଯୋଗଦେଇ ଛାତ୍ରମାନଙ୍କର ଶିକ୍ଷା ସହିତ କ୍ରୀଡ଼ାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସୁସ୍ଥ ଶରୀର ଓ ସୁସ୍ଥ ମନ ନିୟମିତ କ୍ରୀଡ଼ା ଓ ଯୋଗ ଦ୍ୱାରା ହିଁ ସମ୍ଭବ ହୋଇଥାଏ। ଶିକ୍ଷକ ୱାଇ. ଧର୍ମାରାଓ ଛାତ୍ରମାନଙ୍କର ମାନସିକ ବିକାଶ କେବଳ କ୍ରୀଡ଼ା ଦ୍ୱାରା ସମ୍ଭବ ବୋଲି କହିଥିଲେ। ଦଶମ ଶ୍ରେଣୀ ଛାତ୍ର ପାଇନ ଭୂୟାଁ ବରିଷ୍ଠ ବର୍ଗରେ ଏବଂ ଅଷ୍ଟମ ଶ୍ରେଣୀ ଛାତ୍ର ରେଭ୍ରେଶନ ଗମାଙ୍ଗ କନିଷ୍ଠ ବର୍ଗରେ ଚାମ୍ପିୟନ ହୋଇଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଏସ୍‌. ଲକ୍ଷ୍ମଣ ରାଓ ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତଥା କର୍ମଚାରୀ ସହଯୋଗ କରିଥିଲେ।

### ଗୋରୁ ଫସଲ ଖାଇବାରୁ ୨ ପରିବାର ହାତାହାତି, ୪ ଗିରଫ

ଆସିକା,୨୨।୧(ଡି.ଏନ୍‌.ଏ.): କୋଟିନଡା ଥାନା ଅନ୍ତର୍ଗତ ସାନ୍ତରାପୁର ଗ୍ରାମରେ ଗତ ଗୁରୁବାର ଗାଈ ମୁଗ ଫସଲ ଖାଇଯିବା ନେଇ ଦୁଇ ପରିବାର ମଧ୍ୟରେ ବଚସା ଓ ହାତାହାତି ହୋଇଥିଲା। ଉଭୟ ପକ୍ଷ ଠେଙ୍ଗାରେ ଆକ୍ରମଣ ପ୍ରତିଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ଉଭୟ ପକ୍ଷ ପରସ୍ପର ବିରୋରେ କୋଟିନଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ଉଭୟ ପକ୍ଷ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇଛି। ଗୋଟିଏ ପକ୍ଷର ଦନାରି ବିଶ୍ୱାଳଙ୍କ ଅଭିଯୋଗ କ୍ରମେ କୋଟିନଡା ଥାନାରେ ୧୮/୨୩ରେ ଏକ ମାମଲା ରୁଜୁ କରାଯାଇଛି। ଏହି ମାମଲାରେ ବାଲେଶ୍ୱର ସ୍ୱାଇଁ, ବାଳକୃଷ୍ଣ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା ବେଳେ ମାମଲାର ଅଭିଯୁକ୍ତ ଜଣେ ନାବାଳକଙ୍କୁ ବ୍ରହ୍ମପୁରସ୍ଥିତ ଜୁଭେଇନାଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ଅପରପକ୍ଷର ବାଲେଶ୍ୱର ସ୍ୱାଇଁଙ୍କ ଅଭିଯୋଗ କ୍ରମେ ନଂ. ୧୯/୨୩ରେ ଅନ୍ୟ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦନାରି ବିଶ୍ୱାଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହା ସୂଚନା ଦେଇଛନ୍ତି।

### କିଶୋରୀ ମେଳା ଉଦ୍‌ଯାପିତ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୨।୧- ଫିରିଙ୍ଗିଆ ବ୍ଲକ୍ କେଳାପଡା ପଞ୍ଚାୟତ ହାଟପଦାଠାରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୁଲ୍ୟରେ ୩ ଦିନ ଧରି ଚାଲିଥିବା କିଶୋରୀ ମେଳା ଉଦ୍‌ଯାପିତ ହୋଇଯାଇଛି। କେଳାପଡା ସରପଞ୍ଚ ସ୍ୱର୍ଣ୍ଣଲତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ରଶ୍ମିରଞ୍ଜନ ମହନ୍ତ, ସମ୍ମାନିତ ଅତିଥି ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳୀ ମିଶ୍ର, ଡା. ଗୋପାଳ କୃଷ୍ଣ ପଟ୍ଟନାୟକ , ସିଡିପିଓ ହରପ୍ରିୟା ମେହେର, ସମିତି ସଭ୍ୟ ବୈରାଗୀ କହଁର, ନାଏବ ସରପଞ୍ଚ ଶ୍ରୀକାନ୍ତ ଦିଗାଳ, ସୁପରଭାଇଜର ବନ୍ଦନା ମଲିକ , ସାମାଜିକ କର୍ମୀ ଅକ୍ଷୟ କୁମାର ନାୟକ, ଅନ୍ତରଙ୍ଗ ଯୁବ ମହାସଂଘ ସମ୍ପାଦକ ବୁନା କହଁର ପ୍ରମୁଖ ଯୋଗ ଦେଇଥିଲେ। ସେମାନେ କିଶୋରୀ ମାନଙ୍କ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇ ବାଲ୍ୟ ବିବାହକୁ ନା କହିବା, ବିଦ୍ୟାଳୟକୁ ହଁ କହିବା ସହିତ ସ୍ୱାସ୍ଥ୍ୟ ସଚେତନ ଉପରେ ପ୍ରେରଣା ଦେଇଥିଲେ। କିଶୋରୀମାନଙ୍କ ଦ୍ୱାରା ନୃତ୍ୟ, ଗୀତ ଓ ଭାଷଣ ଆଦି କାର୍ଯ୍ୟକ୍ରମ ହୋଇଥିଲା।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଛତ୍ରପୁର ବ୍ଲକ ପଛୁଆ



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ।

## ଗଞ୍ଜାମ ଜିଲାର ଉନ୍ନୟନ କାର୍ଯ୍ୟ ସମୀକ୍ଷା

■ ଲକ୍ଷ୍ୟ ପୂରଣ ନିର୍ଦ୍ଦେଶ ଦେଲେ ଜିଲାପାଳ

ଛତ୍ରପୁର,୨୨।୧(ଡି.ଏନ୍‌.ଏ.):

ଗଞ୍ଜାମ ଜିଲାର ଗ୍ରାମାଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ନେଇ ଏକ ସମୀକ୍ଷା ବୈଠକ ଗଞ୍ଜାମ ଜିଲାପରିଷଦର ଋଷିକୁଲ୍ୟା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଅଧ୍ୟକ୍ଷତା କରିଥିଲେ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ), ରୁରାଲ ହାଉସିଂ, ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଆଦି ଯୋଜନାର ସମୀକ୍ଷା କରାଯାଇଥିଲା। ଉକ୍ତ ଯୋଜନା ଗୁଡିକ ଲାଗି ଥିବା ଲକ୍ଷ୍ୟ ପୂରଣ ସହ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଏମ୍‌ଜିଏନ୍‌ଆର୍‌ଇଜିଏସର କାର୍ଯ୍ୟକାରୀତା ନେଇ ଗଞ୍ଜାମ ଜାତୀୟ ସ୍ତରରେ ଉଭୟ ଶ୍ରମ ଦିବସ ସୃଷ୍ଟି ଓ ୧୦୦ ଦିନ କାମ ଯୋଗାଇବାରେ ଆଗରେ ରହିଛି। ତେବେ ଜିଲାର ୨୨ବ୍ଲକ ମଧ୍ୟରୁ ଛତ୍ରପୁର ବ୍ଲକ ଏମଜିଏନଆରଇଜିଏସ କାର୍ଯ୍ୟକାରୀତାରେ ପଛରେ ଥିବା ସମୀକ୍ଷାରୁ ଜଣାପଡିଥିଲା। ଅନ୍ୟପକ୍ଷରେ ସାନଖେମୁଣ୍ଡି ବ୍ଲକ ଏହି ଯୋଜନାର ସଫଳ ରୂପାୟନ କରି ଜିଲାରେ ପ୍ରଥମ ସ୍ଥାନରେ ଥିବା ସୂଚନା ଦିଆଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ବ ଏବେ ସୁଦ୍ଧା ଏଏମ୍‌ଜିଏନ୍‌ଆର୍‌ଇଜିଏସରେ ଜିଲାର ୩ ଲକ୍ଷ ୬୮ ହଜାର ୮୭ ଜଣଙ୍କୁ କାମ ଯୋଗାଇ ଦିଆଯାଇ ଥିବାବେଳେ ୨ କୋଟି ୨୬ ଲକ୍ଷ ୩୦ ହଜାର ୩୧୦ ଶ୍ରମ ଦିବସ ସୃଷ୍ଟି ହୋଇଛି। ସେହିପରି ୬୩ , ୪୪୯ ପରିବାରଙ୍କୁ ଶହେ ଦିନର କାମ ମିଳିଛି ଏବଂ ଏଥିରେ ୬୩ ଲକ୍ଷ ୯୩ ହଜାର ୨୩୨ ଶ୍ରମ ଦିବସ ସୃଷ୍ଟି ହୋଇଛି। ଜିଲାରେ ସାନଖେମୁଣ୍ଡି ବ୍ଲକରେ ସର୍ବାଧିକ ୨୨,୫୮୨ ପରିବାରକୁ କାମ ଦିଆଯାଇ ୧୪ ଲକ୍ଷ ୫୯ ହଜାର ୧୧୫ ଶ୍ରମ ଦିବସ ସୃଷ୍ଟି ସହ ୪୫୪୦ ପରିବାରଙ୍କୁ ଶହେ ଦିନର କାମ ଯୋଗାଇବାରେ ସକ୍ଷମ ହୋଇଛି। ଜିଲାରେ ସର୍ବନିମ୍ନ ଛତ୍ରପୁର ବ୍ଲକ ରେ ଏହି ଯୋଜନାରେ ୧୧ ହଜାର ୩୮୪ ପରିବାରଙ୍କୁ କାମ ଯୋଗାଇବାରେ ସକ୍ଷମ ହୋଇ ୬ ଲକ୍ଷ ୪୭ ହଜାର ୬୮ ଶ୍ରମଦିବସ ସୃଷ୍ଟି କରାଯାଇଛି। ଏହି ବ୍ଲକରେ ମାତ୍ର ୧୨୯୧ ପରିବାରଙ୍କୁ ଶହେ ଦିନର କାମ ମିଳିଛି। ସୂଚନାଯୋଗ୍ୟ, ଜବକାର୍ଡଧାରୀଙ୍କୁ ବର୍ଷକରେ ଅତିକମ୍‌ରେ ଶହେ ଦିନର କାମ ଯୋଗାଇବା ବାଧ୍ୟତାମୂଳକ ରହିଛି। ବୈଠକରେ ଗଞ୍ଜାମ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କର୍ତ୍ତୀ ଭାସନଙ୍କ ସମେତ ବିଡିଓ, ଯନ୍ତ୍ରୀ ମାନେ ଉପସ୍ଥିତ ଥିଲେ।

# ୧୦୮ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ



ସ୍ୱାମିଜୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

■ଯଜ୍ଞ, ବେଦ ରହିଲେ ମଣିଷ ସମାଜ ରହିବ: ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

ଭଞ୍ଜନଗର,୨୨।୧(ଡି.ଏନ୍‌.ଏ.):

ବେଲେଶ୍ୱର ପୀଠରେ ରବିବାର ଭଞ୍ଜନଗର ଜଳସମ୍ପଦ ବିଭାଜନ କର୍ମଚାରୀ ସାଂସ୍କୃତିକ ପରିଷଦ (ବିଡେକା) ପକ୍ଷରୁ ୧୦୮ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରବଚନ ଦେଇଥିଲେ। ବେଦ ଭାରତୀୟ ସଂସ୍କୃତିର ମୂଳ। ବେଦର ପୁନଃ ପ୍ରଚାର ପାଇଁ ଘୁମୁସର ମାଟିରେ ଉନବିଂଶ ଶତାବ୍ଦୀରେ ସଂସ୍କାରକ ଶ୍ରୀବତ୍ସ ପଣ୍ଡା ପ୍ରୟାସ ଆରମ୍ଭ କରିଥିଲେ। ଗଞ୍ଜାମ ଜିଲାରେ ଗତ କିଛି ବର୍ଷ ହେବ ବେଦର ପ୍ରଚାର ଓ ପ୍ରସାର ପାଇଁ ପଦକ୍ଷେପ ନିଆଯାଇଛି। ଏଠାରେ ବେଦ ମନ୍ତ୍ର ଉଚ୍ଚାରଣ ପୂର୍ବକ ପବିତ୍ର ଯଜ୍ଞ କର୍ମ ସମ୍ପାଦନ ହେଉଛି। ଯଜ୍ଞ, ବେଦ ରହିଲେ ମଣିଷ ସମାଜ ରହିବ ବୋଲି ସ୍ୱାମୀ ସୁଧାନନ୍ଦ ସରସ୍ୱତୀ କହିଥିଲେ। ଅନ୍ତର୍ଯ୍ୟାମୀ ପଣ୍ଡା, ବୁବୁଲି ମହାନ୍ତି, ଟୁନା ଜେନା, ସୀମାଞ୍ଚଳ ପଟ୍ଟନାୟକ, ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଦେଶର ପ୍ରଗତିରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି




କର୍ମଶାଳାରେ ଯୋଗଦେଇଥିବା ଅତିଥି।

## ମହିଳା ସଶକ୍ତୀକରଣ କର୍ମଶାଳା

ଖଣ୍ଡପଡ଼ା,୨୨।୧(ସ୍ୱ.ପ୍ର.)

ଖଣ୍ଡପଡ଼ା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ସ୍ଥାନୀୟ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ରବିବାର ମହିଳା ସଶକ୍ତୀକରଣ ସଚେତନତା କର୍ମଶାଳ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବରିଷ୍ଠ ଦେୱାନୀ ଜଜ୍ ବିଭୂତି ଭୂଷଣ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ୬୦ରୁ ଉର୍ଦ୍ଧ୍ୱ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା, ଅଙ୍ଗନୱାଡି କର୍ମୀ, ଶିକ୍ଷୟିତ୍ରୀ, ଛାତ୍ରୀ ଓ ଗୃହିଣୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ନୀଳମାଧବ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ. ଅଶୋକ କୁମାର ପାତ୍ର ଯୋଗଦେଇ ସମାଜରେ ନାରୀର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ବାଲ୍ୟ ବିବାହ ନିରୋଧ ସଙ୍ଗଠନର କୋଅର୍ଡିନେଟର ଇପ୍‌ସିତା ଅଗ୍ରୱାଲା, ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଆଇନଜୀବୀ ଯୁଧିଷ୍ଠିର ସାହୁ, ସିଦ୍ଧାର୍ଥ ଶଙ୍କର ରାୟ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଘାସିରାମ ପଣ୍ଡା ଯୋଗ ଦେଇ କର୍ମଶାଳା ଆୟୋଜନର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଦେଶର ପ୍ରଗତିରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କ ନିମନ୍ତେ ଆଇନରେ ଥିବା ବିଧି ବ୍ୟବସ୍ଥା ସମ୍ପର୍କରେ ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ ମତ ରଖିଥିଲେ। ଖଣ୍ଡପଡ଼ା ଓକିଲ ସଂଘର ସମ୍ପାଦକ ବିକ୍ରମ କେଶରୀ ଦେଓ ସଂଯୋଜନା କରିଥିଲେ। ମହିଳାମାନଙ୍କୁ ସଶକ୍ତୀକରଣ କରିବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ରହିଥିବା ପ୍ରୟାସ ସମ୍ପର୍କରେ ଅତିଥିମାନେ ମତ ରଖିଥିଲେ।

# ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ

ଶରଣକୁଳ,୨୨।୧(ଡି.ଏନ.ଏ.)

ଶରଣକୁଳଠାରେ ସ୍ଥାପିତ ଲଡୁବାବାଙ୍କ ମନ୍ଦିର ନିକଟରେ ଥିବା ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ନୂତନ ଗୃହ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମାଉଣ୍ଟଆବୁ ମୁଖ୍ୟ କାର୍ଯ୍ୟାଳୟରୁ ଆସିଥିବା ବ୍ରହ୍ମା କୁମାରୀ ଉଷା ଦିଦି ଏହି ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ନୂତନ ଗୃହର ନାମ ଗୁପ୍ତେଶ୍ୱର ଭବନ ରଖାଯାଇଛି। ଶତାଧିକ ବ୍ରହ୍ମା କୁମାରୀ ଓ ବ୍ରହ୍ମା କୁମାର ମୁଣ୍ଡରେ କଳସୀ ଧରି ନୂତନ ଗୃହରେ କଳସ ସ୍ଥାପନା କରିଥିଲେ। ପରେ ଶରଣକୁଳ ଲଡୁବାବାଙ୍କ ଯାତ୍ରା ପଡିଆରେ ଆଧାତ୍ମିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମା କୁମାରୀ ଉଷା ଦିଦିଙ୍କ ସମେତ ବ୍ରହ୍ମ କୁମାର ସୁରେନ୍ଦ୍ର ଭାଇ, ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରୁ ଆସିଥିବା ବ୍ରହ୍ମ କୁମାରୀ ଲିନା ଦିଦି, କଳ୍ପନା ଦିଦି, ବ୍ରହ୍ମ କୁମାର ବିଜୟ ଭାଇ, ନୟାଗଡ଼ ଜିଲା କାର୍ଯ୍ୟାଳୟର ବ୍ରହ୍ମା କୁମାରୀ ମୀନା ଦିଦି ଏବଂ ପ୍ରବକ୍ତା ପ୍ରତିଭା ମହାରଥି, ନୟାଗଡ଼ ପୌର ଅଧ୍ୟକ୍ଷା ନିରୂପମା ଖଟେଇ, ଶରଣକୁଳ ମହାବିଦ୍ୟାଳୟ ଅଧ୍ୟକ୍ଷ ବସନ୍ତ କୁମାର ରଥ, ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ଅତିଥି ଭାବେ ଯୋଗଦେଇଥିଲେ। ବ୍ରହ୍ମାକୁମାରୀ ଉଷା ଦିଦି ନିଜ ବକ୍ତବ୍ୟରେ ସମ୍ପ୍ରତି ନିଜେ ପରିବର୍ତ୍ତନ ହେଲେ ବିଶ୍ୱ ପରିବର୍ତ୍ତନ ସମ୍ଭବ ବୋଲି କହିଥିଲେ। ଏହି ଅବସରରେ ଠାକୁରଙ୍କ ଫଟୋଚିତ୍ର ସହିତ ପୂଜା ଓ ନିତିକାନ୍ତି ସମ୍ପର୍କୀୟ ଏକ ଥଳି ଭକ୍ତମାନଙ୍କୁ ପ୍ରଦାନ କରାଯାଇଥିଲା। ସନ୍ଧ୍ୟା ସମାବେଶରେ ବରିଷ୍ଠ ଖବରଦାତା ଦିଲ୍ଲୀପ କୁମାର ମିଶ୍ର ଯୋଗ ଦେଇଥିଲେ। ଏହି ସମାବେଶକୁ ଶରଣକୁଳର ବ୍ରହ୍ମା କୁମାର ସମୀର କୁମାର ରଥ ଏବଂ ସୁବାସ ଚନ୍ଦ୍ର ପଣ୍ଡା ସହଯୋଗ କରିଥିଲେ।



ଆଧାତ୍ମିକ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିବୃନ୍ଦ।

### ତହସିଲ କାର୍ଯ୍ୟାଳୟରେ ଶିଶୁ ମନୋରଞ୍ଜନକୁ ନେଇ ପ୍ରୟାସ

ଗଞ୍ଜାମ,୨୨।୧(ଡି.ଏନ୍‌.ଏ.):

ଗଞ୍ଜାମ ତହସିଲ କାର୍ଯ୍ୟାଳୟରେ ଶିଶୁମାନଙ୍କ ମନୋରଞ୍ଜନ ପାଇଁ ତହସିଲଦାର ଅରୁଣ କୁମାର ନାୟକ ଅଭିନବ ପ୍ରୟାସ କରିଛନ୍ତି। କାର୍ଯ୍ୟାଳୟ ବିଶ୍ରାମ ପ୍ରକୋଷ୍ଠରେ ବିଭିନ୍ନ ଖେଳଣା ସାମଗ୍ରୀ ସଜେଇ ରଖିଥିବା ଦେଖିବାକୁ ମିଳିଛି। ଯେଉଁ ମହିଳାମାନେ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ପାଇଁ ଆସନ୍ତି ସେମାନଙ୍କ ସହିତ ଆସିଥିବା ଶିଶୁଙ୍କୁ ଖେଳିବାର ସୁଯୋଗ ମିଳିଥାଏ। ଫଳରେ ଶିଶୁ ମାନଙ୍କ ମଧ୍ୟରେ ବିରକ୍ତି ଭାବ ପ୍ରକାଶ ପାଇନଥାଏ।

### ଭାଗବତ ପାରାୟଣ

ସୋରଡା,୨୨।୧(ଡି.ଏନ୍‌.ଏ.):

ଭାଗବତ ସେବା ପରିଷଦ ତରଫରୁ ସୋରଡା ବ୍ଲକ ଲାଇନରେ ଭାଗବତ ପାରାୟଣ ସୁନୀଲ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ବରୁଣ ପୂଜା ପରେ କୁମ୍ଭ ସ୍ଥାପନ, ଆବାହନ ପରେ ଭାଗବତ ପାରାୟଣ ଆରମ୍ଭ ହୋଇଥିଲା। କ୍ରମାଗତ ଗୀତା ପାଠ ପରେ ସନ୍ଧ୍ୟାରେ ଆଳତି ହୋଇଥିଲା। ପୁରୋହିତ ରାଧାକୃଷ୍ଣ ଦାସ, ଲଡୁକିଶୋର ଦାସଙ୍କ ସମେତ ରଞ୍ଜନ ସାହୁ, ସଞ୍ଜୟ ପଣ୍ଡା, ତ୍ରିନାଥ ପାତ୍ର ଓ ସ୍ୱସ୍ତିକ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନୀଳକଣ୍ଠେଶ୍ୱରଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଯାତ୍ରା

କବିସୂର୍ଯ୍ୟନଗର,୨୨।୧(ଡି.ଏନ.ଏ.):

ସ୍ଥାନୀୟ ଦଣ୍ଡକାଳୀ ମନ୍ଦିରରୁ ବାହାରି ସହର ପରିକ୍ରମା ପରେ ନଦୀକୁ ଯାଇ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞଶାଳାରେ ପହଞ୍ଚିଥିଲେ ଭକ୍ତ। ୨୨ ତାରିଖରୁ ୨୬ ତାରିଖ ୫ ଦିନ ବ୍ୟାପୀ ହେବାକୁ ଥିବା ଉତ୍ସବରେ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞର ଆୟୋଜନ କରାଯାଇଥିବା ଜଣାପଡ଼ିଛି। ସେହିପରି ୨୬ ତାରିଖରେ ବିଗ୍ରହ ପ୍ରତିଷ୍ଠା ପରେ ସିଂହାସନ ଆରୋହଣ ପରେ ପୂର୍ଣ୍ଣାହୁତି ହୋଇ ଉତ୍ସବ ସମାପନ ହେବ ବୋଲି କୁହାଯାଇଛି।

# କୋରାପୁଟ ଟିମ୍ ଚାମ୍ପିୟନ

ଦଶପଲ୍ଲା,୨୨।୧(ଡି.ଏନ.ଏ.)




## ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଗତ ୧୧ତାରିଖରୁ ସ୍ପୋଟିଭ ସ୍ପୋର୍ଟସ୍ ସୋସାଇଟି ଆନୁକୂଲ୍ୟରେ ଦଶପଲ୍ଲାର ଗାନ୍ଧୀ ମଇଦାନରେ ଚାଲିଥିବା ୨୩ତମ ଆନ୍ତରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଅନୁଗୋଳର ପତାକା କ୍ଲବ୍ ସହ କୋରାପୁଟ୍ ଜିଲା ଆଥ୍‌ଲେଟିକ ଆସୋସିଏଶନ୍ ଟିମ୍‌ର ମୁକାବିଲା ହୋଇଥିଲା। କୋରାପୁଟ ଟିମ୍ ୨ଟି ଗୋଲ ଦେଇଥିବା ବେଳେ ଅନୁଗୋଳ ଟିମ୍ ଗୋଟିଏ ଗୋଲ୍ ପରିଶୋଧ କରି ପରାଜିତ ହୋଇଛି। ଫଳରେ କୋରାପୁଟ ଟିମ୍ ଚଳିତ ବର୍ଷର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ରେଫରୀ ଶ୍ୟାମସୁନ୍ଦର ସାହା ଖେଳ ପରିଚାଳନା କରିଥିଲେ। ଚମ୍ପିୟାନ ଦଳକୁ ୩୧ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ରନର୍ସ ଅପ୍ ଅନୁଗୋଳକୁ ଟ୍ରଫି ସହ ୨୧ହଜାର ଟଙ୍କା ଦିଆଯାଇଛି। ଏଥିସହିତ ଭଲି ଖେଳର ଚମ୍ପିୟାନ, ତାସ୍ ଖେଳର ଚମ୍ପିୟାନଙ୍କୁ ମଧ୍ୟ ଟ୍ରଫି ଦିଆଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ରମେଶ ଚନ୍ଦ୍ର ବେହେରା, କୋଅପରେଟିଭ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରଭାତ କୁମାର ଜେନା, ସିନେ ତାରକା କୁନା ତ୍ରିପାଠୀ, ଶୀତଳ, ଜିନା , ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ , ଏନ୍‌ଏସି ଅଧ୍ୟକ୍ଷା ଇ.ପୁନମ୍ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି କୁଞ୍ଜବିହାରି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ବାର୍ଷିକ ବିବରଣୀ ପାଠ କରି ପଡିଆର ଉନ୍ନତିକରଣ ପାଇଁ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟଅତିଥି ଦଶପଲ୍ଲା ବିଧାୟକ ବେହେରା ଆସନ୍ତା ବର୍ଷ କ୍ରୀଡା ମହୋତ୍ସବ ସହ ସମସ୍ତ କ୍ରୀଡା ଉକ୍ତ ମଇଦାନରେ କରାଯିବ। ଏଥି ସହିତ ପଡିଆର ଉନ୍ନତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଉପସଭାପତି ବୈକୁଣ୍ଠ ନାଥ ପରିଡ଼ାଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ସିନେ ଅଭିନେତ୍ରୀ, ଅଭିନେତାମାନେ ଗୀତ ଗାଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

# ପାଣିଗଣ୍ଡାକୁ ହରାଇ ମାଣ୍ଡିଆପଲ୍ଲୀ ବିଜୟୀ

ଛତ୍ରପୁର,୨୨।୧(ଡି.ଏନ୍‌.ଏ.):

## ଆନ୍ତଃଜିଲା ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଛତ୍ରପୁର ଷ୍ଟାଡିୟମ ପରିସରରେ ସନରାଇଜ ସ୍ପୋର୍ଟସ କ୍ଲବ ପକ୍ଷରୁ ଆନ୍ତଃଜିଲା ଭଲିବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଘାଟିତ ହୋଇଛି।ଏଥିରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ପ୍ରେସ କ୍ଲବର ସଭାପତି ପ୍ରଶାନ୍ତ କୁମାର ମହାରଣା, କ୍ରୀଡାବିତ୍ ପୂର୍ଣ୍ଣଚନ୍ଦ୍ର ବେହେରା, ସିଏଚ ଜନାର୍ଦ୍ଦନ ରେଡ୍ଡୀ, ସନରାଇଜ ସ୍ପୋର୍ଟସ କ୍ଲବର ସଭାପତି ଏଲ. ଶ୍ରୀନିବାସ ରାଓ, ସମ୍ପାଦକ ରଜନୀକାନ୍ତ ପଟ୍ଟନାୟକ, କୋଷାଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପାତ୍ର, ଏନ. ନରେଶ କୁମାର ପାତ୍ର, ବି. କୃଷ୍ଣମୂର୍ତ୍ତି, ଶ୍ରୀନୁ ପଟ୍ଟନାୟକ, ସମୀର ପଟ୍ଟନାୟକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଉଦଘାଟନୀ ମ୍ୟାଚ ମାଣ୍ଡିଆପଲ୍ଲୀ ଦଳ ସହ ପାଣିଗଣ୍ଡା(ଗଜପତି) ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ମାଣ୍ଡିଆପଲ୍ଲୀ ଦଳ ବିଜୟୀ ହୋଇଛି। ଏନ. ନରେଶ କୁମାର ଦୋରା ରେଫରି ଭାବେ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ କୃଷ୍ଣ ଓ ସାଙ୍କୁ ଏବଂ ଲାଇନମ୍ୟାନ ଭାବେ ରାଜେଶ ଓ ସୁଧା ଦାୟିତ୍ୱ ତୁଲାଇଥିଲେ। ଜି. ଜୟରାମ ରେଡ୍ଡୀ ଧାରା ବିବରଣୀ ପ୍ରଦାନ କରିଥିଲେ। ସନରାଇଜ ସ୍ପୋର୍ଟସ କ୍ଲବର ସଦସ୍ୟମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୨୯ତାରିଖରେ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହେବ। ଜିଲା ଓ ଜିଲା ବାହାରର ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଦ୍ୱିତୀୟ ଦିବସ ତଥା ସୋମବାର ଗଜପତି ଦଳ ସହ ଭୁବନେଶ୍ୱର ଦଳ ମଧ୍ୟରେ ମୁକାବିଲା ହେବ। ଉଦଘାଟନୀ ମ୍ୟାଚ ରେ ମାଣ୍ଡିଆପଲ୍ଲୀଦଳର ଟିଙ୍ଗିରିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା



ଖେଳାଳିଙ୍କ ସହ ଅତିଥି।

# ବିପଦ ସାଜିଛି ଟ୍ରାନ୍ସଫର୍ମର

ପାରଳାଖେମୁଣ୍ଡି, ୨୨।୧(ଡି.ଏନ୍‌.ଏ):




ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗାରବନ୍ଧ ଗ୍ରାମରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାନାନ୍ତର କରିବା ପାଇଁ ଦାବି ହୋଇଛି। ଏହି ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ମୁଖ୍ୟ ରାସ୍ତା ତଥା ଗାରବନ୍ଧ ଗ୍ରାମର ମୁଖ୍ୟ ବଜାର ଅଞ୍ଚଳରେ ରହିଥିବାରୁ ଯାତାୟାତରେ ନାନା ସମସ୍ୟା ଉପୁଜୁଥିବା ବେଳେ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମର ମଧ୍ୟଭାଗର ରାସ୍ତାକୁ ଲାଗି ଟ୍ରାନ୍ସଫର୍ମର ରହିଥିବାରୁ ଯାନବାହନ ଯାତାୟାତ କିମ୍ବା ଭିଡ ଜମିଗଲେ ଟ୍ରାଫିକ ସମସ୍ୟା ଉପୁଜିବା ସହ ବିଭିନ୍ନ ସମସ୍ୟା ଦେଖାଦେଉଛି। ଏନେଇ ଗାରବନ୍ଧ ସମିତି ସଭ୍ୟ କେ.ଭେଙ୍କଟରାବଣା କହିଛନ୍ତି ଯେ, ଉକ୍ତ ସମସ୍ୟାକୁ ନେଇ ଆମ୍ଭେ ଜନପ୍ରତିନିଧି ହିସାବରେ ସମିତି ବୈଠକରେ ବାରମ୍ବାର ଉପସ୍ଥାପନ କରିଛୁ। ହେଲେ କୌଣସି ଦୃଷ୍ଟି ନିକ୍ଷେପ କରୁନଥିବାର ଜଣାଇଛନ୍ତି। ସେହିଭଳି ଏନ. ଦଶରଥ ରାଓ, ଆର୍.ଭୂପତି, କେ.ଗୋବିନ୍ଦା, ଏସ. ନୀଳକଣ୍ଠ, ଇ.ଲକ୍ଷ୍ମୀ ନାରାୟଣା, ସୁବାସ ଶବର, ପାର୍ଥ ଦାସ, ଟିଭି ରାମଣା, ଚକ୍ରବର୍ତ୍ତୀ ପାଣିଗ୍ରାହୀ, ଏସ.ଆନନ୍ଦ ରାଓ, ପି.ତିରୁପତି ରାଓ, ବି. କିଶୋର କୁମାର ଟ୍ରାନ୍ସଫର୍ମର ଯୋଗୁ ମୁଖ୍ୟରାସ୍ତାର ପ୍ରଶସ୍ତୀକରଣ ହୋଇପାରୁ ନଥିବା ବେଳେ ଗ୍ରାମରେ ଡ୍ରେନେଜ ବ୍ୟବସ୍ଥା ହୋଇପାରୁ ନଥିବା କହିଛନ୍ତି। ତେଣୁ ଉକ୍ତ ଟ୍ରାନ୍ସଫର୍ମକୁ ସ୍ଥାନାନ୍ତର କରିବା ପାଇଁ ଦାବି କରିଛନ୍ତି।

# କୃଷିକ୍ଷେତ୍ରରେ ଡ୍ରୋନ୍‌ର ବ୍ୟବହାର ଉପରେ ପ୍ରଦର୍ଶନ



ଚାଷ କାର୍ଯ୍ୟରେ ଡ୍ରୋନ୍‌ର ବ୍ୟବହାର ସମ୍ପର୍କରେ ଚାଷୀଙ୍କୁ ବୁଝାଯାଉଛି।

ରାଜନଗର, ୨୨।୧(ଡି.ଏନ.ଏ.)

କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରି କୃଷକଙ୍କ ଉତ୍ପାଦନ ଓ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି ନିମନ୍ତେ ଡ୍ରୋନ୍‌ର ବ୍ୟବହାର ଗ୍ରାମୀଣ ଚାଷୀଙ୍କ ମଧ୍ୟରେ ଲୋକପ୍ରିୟ କରାଯିବ। ଏହି ଉଦ୍ଦେଶ୍ୟ ରଖି ବାବା ଅନାଦି କୃଷକ ଉତ୍ପାଦକ କମ୍ପାନୀ, ରାଜନଗର ଦ୍ୱାରା ନୂଆଦିଲ୍ଲୀସ୍ଥିତ ଗରୁଡ ଏରୋସ୍ପେଶ ମାଧ୍ୟମରେ ଏକ ପ୍ରଦର୍ଶନ କାର୍ଯ୍ୟକ୍ରମ ଘଡିଆମାଳ, ନୂଆଗାଁଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବାବା ଅନାଦି କୃଷକ ଉତ୍ପାଦକ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବର୍ଦ୍ଧନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଭାଗ ନେଇ ଡ୍ରୋନ୍ ଦ୍ୱାରା କିପରି ସାର ଓ ଔଷଧ ସିଞ୍ଚନ କରାଯାଇ ପାରିବ ସେ ସମ୍ପର୍କରେ ଦେଖାଇଥିଲେ। ସ୍ଥାନୀୟ ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ଯୁବନେତା ରାକେଶ ନାୟକ, ଆକାଉଣ୍ଟାଣ୍ଟ ସମରେନ୍ଦ୍ର ମିଶ୍ର, ବୋର୍ଡ ଡାଇରେକ୍ଟର ରଞ୍ଜନ ପ୍ରଧାନ, ଶୁଭ୍ରକାନ୍ତ ଭ୍ରମରରାୟ, ବିଜୟାଲକ୍ଷ୍ମୀ ସାହୁ, କ୍ଷୀରୋଦ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଦେକଣୀ ନଦୀରେ ଯାତ୍ରୀବାହୀ ଡଙ୍ଗା ଓଲଟିଲା

- ପାଣି କମ୍ ଥିବାରୁ ୨୮ ଯାତ୍ରୀ ରକ୍ଷା ପାଇଲେ
- ବିନା ଲାଇଫ ଜ୍ୟାକେଟରେ ଡଙ୍ଗାରେ ଯାତ୍ରୀ ପରିବହନ

ବାଲିକୁଦା,୨୨।୧(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ କୁଶୁପୁର ପଞ୍ଚାୟତର ସମୁଦ୍ରକୂଳ ଆକାଶିଆ ଜଙ୍ଗଲରୁ ବଣଭୋଜି ସାରି ଫେରୁଥିବାବେଳେ ରବିବାର ସନ୍ଧ୍ୟାରେ ଦେକଣୀ ନଦୀରେ ଯାତ୍ରୀବାହୀ ଡଙ୍ଗା ଓଲଟି ପଡ଼ିବାରୁ ବୁଡ଼ି ଯାଇଥିଲା। ସୌଭାଗ୍ୟବଶତଃ ସେଥିରେ ଥିବା ସମସ୍ତ ଯାତ୍ରୀ ରକ୍ଷା ପାଇଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟଙ୍କ ଚିକିତ୍ସା କରାଯାଇଛି। ସରକାରୀ ନିୟମ ଅନୁସାରେ ଯାତ୍ରୀଙ୍କୁ ଡଙ୍ଗାରେ ବସାଇବା ସମୟରେ ନାଉରିଆ ସମସ୍ତଙ୍କୁ ଲାଇଫ ଜ୍ୟାକେଟ ପିନ୍ଧାଇବା କଥା। ହେଲେ ଯାତ୍ରୀମାନେ କେହି ଲାଇଫ ଜ୍ୟାକେଟ ପିନ୍ଧି ନ ଥିବା ଜଣାପଡିଛି।

ସ୍ଥାନୀୟ ନେନ୍ଦେରା ଗାଁର କେତେଜଣ ଯୁବକଙ୍କ ସହ ବାଲିକୁଦା, ଜଗତ୍‌ସିଂହପୁର, କଟକ ଓ ଭୁବନେଶ୍ୱରରରୁ ମୋଟ ୨୮ ଜଣ ବଣଭୋଜି ପାଇଁ ଆକାଶିଆ ଜଙ୍ଗଲକୁ ଯାଇଥିଲେ। ବଣଭୋଜି ସାରି ସନ୍ଧ୍ୟାରେ ଫେରିବା ବେଳେ ଡଙ୍ଗାରେ ପରିବହନ କ୍ଷମତାଠାରୁ ଅଧିକ ଯାତ୍ରୀ ବସିଥିଲେ। ଡଙ୍ଗାର ମୋଟର ଷ୍ଟାର୍ଟ ମାରିବା ସମୟରେ ନାଉରିଆ ଭାରସାମ୍ୟ ହରାଇ ନଦୀ ଭିତରକୁ ଖସି ପଡ଼ିଥିଲେ। ସେତେବେଳକୁ ଡଙ୍ଗା ଚାଲିବା ଆରମ୍ଭ କରି ଦେଇଥିଲା। ନାଉରିଆ ନ ଥିବାରୁ ଡଙ୍ଗାଟି କିଛି ବାଟ ଗଲା ପରେ ଓଲଟି ପଡ଼ିଥିଲା। ଉକ୍ତ ସ୍ଥାନରେ ପାଣି କମ୍ ଥିବାରୁ ୨୮ଜଣ ଯାତ୍ରୀ ରକ୍ଷା ପାଇ ଯାଇଥିଲେ। ଯାତ୍ରୀମାନଙ୍କ ଭିତରୁ କେହି ଜଣେ ଅଗ୍ନିଶମ ବାହିନୀକୁ ମୋବାଇଲ୍‌ରେ ଫୋନ୍ କରିଥିଲେ। ଖବରପାଇ ବାଲିକୁଦା ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ପାଣିରୁ ଉଦ୍ଧାର କରିଛନ୍ତି।

# ଭାଗନେବେ ୨ ଜିଲାର ୧୧୦ ଛାତ୍ରୀଛାତ୍ର

## ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା

ପାରାଦୀପ,୨୨।୧(ସ୍ୱ.ପ୍ର.)

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ସୋମବାର ପରାକ୍ରମ ଦିବସ ପାଳନ କରାଯିବ। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ୫୦୦ କେନ୍ଦ୍ରୀୟ ବିଦ୍ୟାଳୟର ୫୦ ହଜାର ଛାତ୍ରୀଛାତ୍ରଙ୍କ ସହ ପରୀକ୍ଷା ପେ ଚର୍ଚ୍ଚାରେ ଭାଗ ନେବେ। ଏହି କାର୍ଯ୍ୟକ୍ରମରେ ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ୧୭ ବିଦ୍ୟାଳୟର ୧୧୦ ଛାତ୍ରୀଛାତ୍ର ସାମିଲ ହେବେ ବୋଲି ଅଧ୍ୟକ୍ଷ ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି। ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଜିଲାର କେନ୍ଦ୍ରୀୟ ବିଦ୍ୟାଳୟ ସମେତ ନବୋଦୟ ବିଦ୍ୟାଳୟ, ଡିଏଭି, ଡିପିଏସ୍, ଜାଭିୟର, ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ଓ ଏନ୍ଏସି ହାଇସ୍କୁଲ ପିଲା ଏଥିରେ ଅଂଶଗ୍ରହଣ କରିବେ।

# ପ୍ରଗତି ସ୍ପୋର୍ଟିଂ ଚାମ୍ପିୟନ



ଅତିଥିମାନେ ଚାମ୍ପିୟନ୍ ପ୍ରଗତି ସ୍ପୋର୍ଟିଂ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

## ରାଜ୍ୟସ୍ତରୀୟ ଜୟ ବଜରଙ୍ଗବଲି କପ୍ କ୍ରିକେଟ ଟୁର୍ନାମେଣ୍ଟ

ଡେରାବିଶ ୨୨।୧(ସ୍ୱ.ପ୍ର.)

ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳସାହି ପଡିଆରେ ୨ୟ ବାର୍ଷିକ ରାଜ୍ୟସ୍ତରୀୟ ଜୟ ବଜରଙ୍ଗବଲି କପ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଫାଇନାଲ୍ ମ୍ୟାଚ୍ ଥିଲା। ନୋଳସାହିସ୍ଥିତ ଜୟବଜରଙ୍ଗବଲି କ୍ରିକେଟ୍ କ୍ଲବ, ପଞ୍ଚୁପାଣ୍ଡବ ଆଞ୍ଚଳିକ ଯୁବ ପରିଷଦ, ନେତୁଆସ୍ଥିତ ମହାଲକ୍ଷ୍ମୀ ପୂଜା କମିଟି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ୍ କଟକ ଜୁଭେନାଇଲ୍ କ୍ଲବ ଓ ପ୍ରଗତି ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ପ୍ରଥମେ ଜୁଭେନାଇଲ୍ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ୨୨ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସ୍ୱାଧୀନ କୁମାର ପାତ୍ର ଓ ଶିବମ୍ ଜେନା ଉଭୟ ୨୬ ରନ୍ ଲେଖାଏ ସଂଗ୍ରହ କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ କ୍ଲବ ୨୨ ଓଭରରେ ୧୨୯ ରନ କରି ଚାମ୍ପିୟନ ହୋଇଥିଲା। ପ୍ରଗତି କ୍ଲବର ଅମିତ୍ କୁମାର ସାହୁ ୩୦ ବଲ୍‌ରେ ୩୫ ରନ୍ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ପ୍ରଗତି କ୍ଲବର ଟୁକୁନା ସାହୁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଘୋଷିତ କରାଯାଇଥିଲ। ପୂର୍ବାହ୍ନରେ ଅନୁଷ୍ଠିତ ଉତ୍ସବକୁ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ମଲିକ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଓ କୁରୁଜଙ୍ଗା ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବରେ ପଞ୍ଚୁପାଣ୍ଡବ ଆଞ୍ଚଳିକ ଯୁବ ପରିଷଦର ସଭାପତି ଅଶୋକ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ଅଜୟ କୁମାର ରାଉତ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରବି ସାମଲ, ଯୁବ ବିଜେଡି ରାଜ୍ୟ ସମ୍ପାଦକ ସୁଦୀପ୍ତ ସାମଲ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଜିଲା କ୍ରିକେଟ୍ ଆସୋସିଏଶନ୍ ସମ୍ପାଦକ ଶୁଭାଶିଷ ସେନାପତି ଉପସ୍ଥିତ ଥିଲେ। ଅତିଥି ଭାବେ ମନୀଷା ପଣ୍ଡା, ରଘୁଦେଇପୁର ସରପଞ୍ଚ ଭକ୍ତିଲତା ନାୟକ, ସମିତିସଭ୍ୟା ମୋନାଲିସା ମଲିକ, ଛୋଟି ସରପଞ୍ଚ ରଜନୀ ମଲିକ, ଭବାନୀ ପ୍ରସାଦ ଓଝା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ପ୍ରଗତି ସ୍ପୋର୍ଟିଂ କ୍ଲବକୁ ଚାମ୍ପିୟନ ଟ୍ରଫି ଓ ଜୁଭେନାଇଲ୍ କ୍ଲବକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ।


## ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪
ବିଜ୍ଞାପନ ସଂଖ୍ୟା: ୭୫/ଓ.ସା.ଏ ତା : ୨୧.୦୧.୨୦୨୩

### ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର-୨୦୧୭ରୁ ୨୦୨୩ ବର୍ଷ ପାଇଁ ପୁସ୍ତକ ଆହ୍ୱାନ
**ଯେଉଁ ବର୍ଷ ପାଇଁ ପୁରସ୍କାର ଉଦ୍ଦିଷ୍ଟ ତାହାର ପୂର୍ବବର୍ତ୍ତୀ ୫ ବର୍ଷ ମଧ୍ୟରେ ପ୍ରକାଶିତ ପୁସ୍ତକ ବିଚାର ପରିସରଭୁକ୍ତ ହେବ**

**No.RR-58:-** ପୁରସ୍କାର ନିମନ୍ତେ ପାଠକ, ଲେଖକ ଓ ପ୍ରକାଶକମାନେ ଓଡ଼ିଆ ଭାଷାରେ ପ୍ରକାଶିତ ନିମ୍ନଲିଖିତ ୧୧ଟି ବିଭାଗ ପାଇଁ ପ୍ରଥମ ସଂସ୍କରଣ ପୁସ୍ତକଗୁଡ଼ିକର ନାମ ପ୍ରସ୍ତାବ କରିପାରିବେ। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ସଂଶୋଧିତ ନିୟମାବଳୀ ଅନୁସାରେ ଯୋଗ୍ୟ ବିବେଚିତ ପୁସ୍ତକକୁ ପୁରସ୍କୃତ କରାଯିବ। ଏଥିପାଇଁ ପ୍ରସ୍ତାବକ ନିମ୍ନରେ ଦିଆଯାଇଥିବା ପ୍ରୋଫର୍ମା ଅନୁଯାୟୀ ପ୍ରସ୍ତାବିତ ପୁସ୍ତକର ତିନିକିତା ସହିତ ଆବେଦନ କରିପାରିବେ। ତା୧୨.୦୮.୨୦୧୮ରିଖ ଏବଂ ତା୨୦.୦୧.୨୦୨୧ରିଖରେ ଖବରକାଗଜରେ ଏକାଡେମୀର ପ୍ରକାଶିତ ବିଜ୍ଞାପନ ଅନୁଯାୟୀ ଗ୍ରହଣ ହୋଇସାରିଥିବା ପୁସ୍ତକଗୁଡ଼ିକ ଓଡ଼ିଶା ସରକାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପତ୍ର ସଂଖ୍ୟା ୧୪୯୮/ଓଭାସାସଂ ତା ୦୨.୦୫.୨୦୨୨ରିଖ କ୍ରମେ ଅନୁମୋଦିତ ଓଡ଼ିଶା ସାହିତ୍ୟ ଏକାଡେମୀର ସଂଶୋଧିତ ପୁରସ୍କାର ନିୟମାବଳୀ ଆଧାରରେ ଉପଯୁକ୍ତ ବିବେଚିତ ହେଲେ ସେହି ପୁସ୍ତକଗୁଡ଼ିକୁ ପୁରସ୍କାର ପାଇଁ ବିଚାର ନିମନ୍ତେ ଗ୍ରହଣ କରାଯିବ। **ପୁରସ୍କାର ପାଇଁ ଉଦ୍ଦିଷ୍ଟ ବିଭାଗ : ୧.** ଉପନ୍ୟାସ, **୨.** ଗଳ୍ପ , **୩.** କାବ୍ୟ-କବିତା, **୪.** ନାଟକ ଓ ଏକାଙ୍କିକା, **୫.** ପ୍ରବନ୍ଧ ଓ ସମାଲୋଚନା, **୬.** ଜୀବନୀ ଓ ଭ୍ରମଣ ସାହିତ୍ୟ, **୭.** ଅନୁବାଦ (ଅନ୍ୟ ଭାରତୀୟ ଭାଷାରୁ ଓଡ଼ିଆ ଭାଷାକୁ ଅନୂଦିତ ପୁସ୍ତକ), ୮. ଶିଶୁ-ସାହିତ୍ୟ , ୯. ଗୀତି କବିତା, ୧୦. ଐତିହାସିକ ଗବେଷଣା, ୧୧. ବିଜ୍ଞାନ ସାହିତ୍ୟ।

**ଏହି ପୁରସ୍କାର ପାଇଁ ନିମ୍ନ ପର୍ଯ୍ୟାୟଭୁକ୍ତ ପୁସ୍ତକଗୁଡ଼ିକ ଯୋଗ୍ୟ ବିବେଚିତ ହେବ ନାହିଁ :**

**(କ)** ସମ୍ପ୍ରତି ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ରହିଥିବା ଲେଖକଙ୍କର ପୁସ୍ତକ; **(ଖ)** ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ଓ ଜ୍ଞାନପୀଠ ଦ୍ୱାରା ପୁରସ୍କୃତ ପୁସ୍ତକ; **(ଗ)** ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକଙ୍କ ପୁସ୍ତକ; **(ଘ)** ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ପୁସ୍ତକ; **(ଙ)** କୌଣସି ପୁସ୍ତକର ଛାୟାରେ ଲିଖିତ ପୁସ୍ତକ; **(ଚ)** ଅସମ୍ପୂର୍ଣ୍ଣ ପୁସ୍ତକ; **(ଛ)** ପୁରସ୍କାର କାଳପରିଧି ବହିର୍ଭୂତ ପୁସ୍ତକ ଏବଂ ତାହାର ପୁନଃ ମୁଦ୍ରିତ ସଂସ୍କରଣ କିମ୍ବା ସଂକଳନ (ଯଦି କୌଣସି ପୁସ୍ତକର ଶତକଡ଼ା ୭୫ ଭାଗ ନୂତନ ସଂଯୋଜନ ହୋଇଥାଏ, ତେବେ ଏଭଳି ପୁସ୍ତକ ବିଚାର ଯୋଗ୍ୟ); **(ଜ)** କୌଣସି ଡିଗ୍ରୀପ୍ରାପ୍ତି ପାଇଁ ରଚିତ ସନ୍ଦର୍ଭ; **(ଝ)** ବିଚାରକାଳ ପୂର୍ବରୁ ମୃତ୍ୟୁବରଣ କରିଥିବା ଲେଖକଙ୍କ ପୁସ୍ତକ; **(ଞ)** ଭାରତୀୟ ନାଗରିକ ହୋଇନଥିବା ଲେଖକଙ୍କ ପୁସ୍ତକ; **(ଟ)** ଆଇ.ଏସ.ବି.ଏନ୍. ନମ୍ବର ଲିପିବଦ୍ଧ ହୋଇନଥିବା ପୁସ୍ତକ।

ପୁରସ୍କାର ବିଚାର ପାଇଁ ଆଗ୍ରହୀ ପାଠକ, ଲେଖକ ଓ ପ୍ରକାଶକଙ୍କ ପ୍ରସ୍ତାବ ନିମ୍ନ ପ୍ରଦତ୍ତ ପ୍ରୋଫର୍ମାରେ **ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪**ଙ୍କ ଠିକଣାରେ ସରକାରୀ ଛୁଟିଦିନ ବ୍ୟତୀତ କାର୍ଯ୍ୟଦିବସ ମାନଙ୍କରେ **ତା ୦୭.୦୨.୨୦୨୩ ରିଖ** ସୁଦ୍ଧା ପହଞ୍ଚିବା ଆବଶ୍ୟକ । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏକାଡେମୀ କାର୍ଯ୍ୟାଳୟରେ ପ୍ରାପ୍ତ ହୋଇନଥିବା ପୁସ୍ତକର ପ୍ରସ୍ତାବ ଗ୍ରହଣ ଯୋଗ୍ୟ ହେବ ନାହିଁ। ଯେଉଁ ପୁସ୍ତକଗୁଡ଼ିକ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇନଥିବ ସେଗୁଡ଼ିକ ବିଚାର ପରିସରଭୁକ୍ତ ହେବ ନାହିଁ । ଯଦି କୌଣସି ପ୍ରସ୍ତାବକ ଏକାଧିକ ବର୍ଷ ଓ ବିଭାଗରେ ପୁରସ୍କାର ପାଇଁ ବିଚାର ନିମିତ୍ତ ପୁସ୍ତକର ନାମ ପଠାଇବାକୁ ଇଚ୍ଛା କରୁଥାନ୍ତି, ତେବେ ତାହା ପୃଥକ୍ ପୃଥକ୍ ଫର୍ମରେ ପ୍ରତିବର୍ଷ ପାଇଁ ତିନିକିତା ପୁସ୍ତକ ସହିତ ଏକାଡେମୀ କାର୍ଯ୍ୟାଳୟକୁ ପଠାଇବେ। ପ୍ରସ୍ତାବିତ ପୁସ୍ତକକୁ ପୁରସ୍କୃତ କରିବା ପାଇଁ କୌଣସି ଅସାଧୁ ଉପାୟ ଅବଲମ୍ବନ କରାଯାଇଥିବା ପ୍ରମାଣିତ ହେଲେ ଉକ୍ତ ପ୍ରସ୍ତାବକୁ ପୁରସ୍କାରରୁ ବଞ୍ଚିତ କରିବାର ଅଧିକାର ଏକାଡେମୀର ରହିବ। ଏହି ବିଜ୍ଞାପନକୁ ରଦ୍ଦ କରିବା ଏକାଡେମୀ କ୍ଷମତା ପରିସରଭୁକ୍ତ। ଉକ୍ତ ବିଜ୍ଞାପନଟି ଏକାଡେମୀ ୱେବସାଇଟ୍ **www.odishasahityaakademi.org**ରେ ଉପଲବ୍ଧ ।

#### ପ୍ରୋଫର୍ମା
୧. କେଉଁ ବର୍ଷ ପାଇଁ ପ୍ରସ୍ତାବ ଦିଆଯାଉଛି, ୨. ପୁସ୍ତକର ନାମ : ୩. ଲେଖକ / ଲେଖିକାଙ୍କ ନାମ, ଠିକଣା ଓ ଫୋନ୍ ନଂ., ଇ-ମେଲ୍: ୪. ପିତା / ମାତାଙ୍କ ନାମ: ୫. ପ୍ରକାଶକଙ୍କ ନାମ, ଠିକଣା ଓ ଫୋନ୍ ନଂ., ଇ-ମେଲ୍: ୬. କେଉଁ ବିଭାଗର ପୁସ୍ତକ : ୭. ପୁସ୍ତକର ଆକୃତି ଓ ପୃଷ୍ଠା ସଂଖ୍ୟା : ୮. ପୁସ୍ତକର ମୂଲ୍ୟ : ୯. ପୁସ୍ତକର ପ୍ରଥମ ପ୍ରକାଶନ ସମୟ: (ଯଦି କୌଣସି ପୁସ୍ତକର ଶତକଡ଼ା ୭୫ ଭାଗ ନୂତନ ସଂଯୋଜନ ହୋଇଥାଏ ତେବେ ଏଭଳି ପୁସ୍ତକ ପୁରସ୍କାର ପାଇଁ ବିଚାର ଯୋଗ୍ୟ): ୧୦. ପୁସ୍ତକରେ ମୁଦ୍ରିତ ଆଇ.ଏସ୍.ବି.ଏନ୍ ନମ୍ବର ।

ପୁରସ୍କାର ପାଇଁ ବିଚାର ନିମିତ୍ତ ନିର୍ଦ୍ଧାରିତ ନିୟମାବଳୀର ମୁଁ ଉଲ୍ଲଂଘନ କରୁନାହିଁ।
ପ୍ରସ୍ତାବିତ ପୁସ୍ତକ ସମ୍ବନ୍ଧରେ ଉଲ୍ଲେଖିତ ଉପରୋକ୍ତ ସମସ୍ତ ତଥ୍ୟ ମୋ' ଜାଣିବାରେ ଠିକ୍ ଅଟେ।

ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର, ଠିକଣା ଓ ଫୋନ ନଂ., ଇ-ମେଲ୍ ଆଇଡି

**ସ୍ୱା./- ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ**

## ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪
ବିଜ୍ଞାପନ ସଂଖ୍ୟା: ୭୬/ଓ.ସା.ଏ ତା : ୨୧.୦୧.୨୦୨୩

### ଓଡ଼ିଶା ସାହିତ୍ୟ ଏକାଡେମୀ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର-୨୦୨୧, ୨୦୨୨ ଓ ୨୦୨୩' ପାଇଁ ପ୍ରସ୍ତାବ ଆହ୍ୱାନ

ପୁରସ୍କାର ନିମନ୍ତେ ପ୍ରାର୍ଥୀ ନିଜେ କିମ୍ବା ତାଙ୍କ ପାଇଁ କେହି ପ୍ରସ୍ତାବକ (ସାଧାରଣ ବ୍ୟକ୍ତି ବିଶେଷ କିମ୍ବା ଅନୁଷ୍ଠାନ) ନିମ୍ନପ୍ରଦତ୍ତ ପ୍ରୋଫର୍ମାରେ ମୁଦାଲଫାପାରେ ଗୋପନୀୟ ଉଲ୍ଲେଖ କରି ତ୍ୱରିତ ଡାକ ଯୋଗେ କିମ୍ବା ସ୍ୱହସ୍ତରେ ସରକାରୀ ଛୁଟିଦିନ ବ୍ୟତୀତ କାର୍ଯ୍ୟଦିବସ ମାନଙ୍କରେ ତା୨୨.୦୨.୨୦୨୩ରିଖ ସୁଦ୍ଧା ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪ଙ୍କ ଠିକଣାରେ ଆବେଦନ କରିପାରିବେ। ଯଦି କୌଣସି ପ୍ରସ୍ତାବକ ଏକାଧିକ ବର୍ଷ ପାଇଁ ବିଚାର ନିମିତ୍ତ ପ୍ରସ୍ତାବ ପଠାଇବାକୁ ଇଚ୍ଛା କରୁଥାନ୍ତି, ତେବେ ତାହା ପୃଥକ୍ ପୃଥକ୍ ଫର୍ମରେ ପ୍ରତିବର୍ଷ ପାଇଁ ପ୍ରସ୍ତାବ ଏକାଡେମୀ କାର୍ଯ୍ୟାଳୟକୁ ପଠାଇବେ। ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରଥିତଯଶା ସାହିତ୍ୟିକ/ସାହିତ୍ୟିକାଙ୍କର ସାମଗ୍ରିକ ସାହିତ୍ୟ କୃତିକୁ ବିଚାରକୁ ନେଇ ଏହି ପୁରସ୍କାର ପ୍ରଦାନ କରାଯିବ ।

**ଏହି ପୁରସ୍କାର ପାଇଁ ପ୍ରସ୍ତାବିତ ବ୍ୟକ୍ତିବିଶେଷ ନିମ୍ନପ୍ରଦତ୍ତ ଯୋଗ୍ୟତାର ଅଧିକାରୀ ହୋଇଥିବେ:**

**(କ)** ଏହି ପୁରସ୍କାର ନିମିତ୍ତ ସାହିତ୍ୟିକ/ସାହିତ୍ୟିକାଙ୍କ ବୟସ ଅନ୍ୟୂନ ୬୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ। (ପ୍ରସ୍ତାବକ ଆବେଦନ ପତ୍ର ସହ ବୟସ ପ୍ରମାଣପତ୍ର ନକଲ ସଂଯୁକ୍ତ କରିବେ) **(ଖ)** ମରଣୋତ୍ତର ଭାବେ ଏହି ପୁରସ୍କାର ପାଇଁ କୌଣସି ସାହିତ୍ୟିକ/ସାହିତ୍ୟିକାଙ୍କ ସାହିତ୍ୟକୃତି ବିଚାରଯୋଗ୍ୟ ହେବନାହିଁ କିମ୍ବା ସେମାନଙ୍କୁ ଏହା ପ୍ରଦାନ କରାଯିବ ନାହିଁ। **(ଗ)** ପ୍ରସ୍ତାବିତ ସାହିତ୍ୟିକ/ସାହିତ୍ୟିକାମାନେ ପୂର୍ବରୁ ଏକାଡେମୀ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ପ୍ରାପ୍ତ ହୋଇନଥିବେ (ତାଲିକା ଏକାଡେମୀ ୱେବ୍‌ସାଇଟ୍‌ରେ ଉପଲବ୍ଧ) । **(ଘ)** ଯେଉଁ ସାରସ୍ୱତ ସାଧକ/ସାଧିକାଙ୍କୁ ଏହି ପୁରସ୍କାର ନିମିତ୍ତ ଚୟନ କରାଯିବ, ସେ ଓଡ଼ିଆ ସାହିତ୍ୟର ଏକ/ଏକାଧିକ ବିଭାଗରେ ନିରବଚ୍ଛିନ୍ନ ଭାବରେ ଆପଣାର ଉତ୍କର୍ଷ ପ୍ରତିପାଦନ କରୁଥିବେ। **(ଙ)** ଏହି ସାରସ୍ୱତ ସାଧକ/ସାଧିକାଙ୍କର ଏକ ନିର୍ଦ୍ଦିଷ୍ଟ ପୁସ୍ତକ ପରିବର୍ତ୍ତେ ପୁରସ୍କାର ପ୍ରଦାନ କାଳରେ ତାଙ୍କର ଜୀବନବ୍ୟାପୀ ସାହିତ୍ୟ ସାଧନା ସହିତ ସାମଗ୍ରିକ କୃତିକୁ ବିଚାରକୁ ନିଆଯିବ।

ଏହି ପୁରସ୍କାର ପାଇଁ ଆସିଥିବା ପ୍ରସ୍ତାବ/ଆବେଦନରେ ପ୍ରଦତ୍ତ ତଥ୍ୟ ଓ ବିବରଣୀରେ ଯଦି କୌଣସି ମିଥ୍ୟା ତଥ୍ୟ ପ୍ରଦତ୍ତ ହୋଇଥାଏ କିମ୍ବା ଅସାଧୁ ବେନିୟମ ଉପାୟ ଅବଲମ୍ବନ କରାଯାଇଥିବା ଅଭିଯୋଗ ପ୍ରମାଣିତ ହୁଏ, ତେବେ ପୁରସ୍କାର ଘୋଷଣା ଓ ପ୍ରଦାନକୁ ବାତିଲ କରିବାର ନିଷ୍ପତ୍ତି ଏକାଡେମୀର କାର୍ଯ୍ୟକାରୀ ପରିଷଦ ଗ୍ରହଣ କରିପାରିବେ। ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଦରଖାସ୍ତ ବିଚାର ପାଇଁ ଗୃହୀତ ହେବନାହିଁ କିମ୍ବା ଅସମ୍ପୂର୍ଣ୍ଣ ଆବେଦନପତ୍ର/ ପ୍ରସ୍ତାବପତ୍ର ବିଚାର ପରିସରଭୁକ୍ତ ହେବନାହିଁ। ଏହି ବିଜ୍ଞାପନକୁ ରଦ୍ଦ କରିବା ଏକାଡେମୀ କ୍ଷମତା ପରିସରଭୁକ୍ତ। ଉକ୍ତ ବିଜ୍ଞାପନଟି ଏକାଡେମୀ ୱେବ୍‌ସାଇଟ୍ **www.odishasahityaakademi.org**ରେ ଉପଲବ୍ଧ।

#### ପ୍ରୋଫର୍ମା
୧. କେଉଁ ବର୍ଷ ପାଇଁ ପ୍ରସ୍ତାବ ଦିଆଯାଉଛି: ୨. ପ୍ରସ୍ତାବିତ ସାହିତ୍ୟିକ/ସାହିତ୍ୟିକାଙ୍କ ନାମ: ୩. ଜନ୍ମ ତାରିଖ ଓ ସ୍ଥାନ: (ପ୍ରସ୍ତାବକ ଆବେଦନ ପତ୍ର ସହ ବୟସ ପ୍ରମାଣପତ୍ର ନକଲ ସଂଯୁକ୍ତ କରିବେ) ୪. ପିତା / ମାତାଙ୍କ ନାମ: ୫. ସ୍ୱୀକୃତି, ସମ୍ମାନ ବା ପୁରସ୍କାରପ୍ରାପ୍ତି ପ୍ରମାଣପତ୍ରର ସମ୍ପୂର୍ଣ୍ଣ ତାଲିକା: (ପ୍ରମାଣପତ୍ରର ନକଲ ସଂଯୁକ୍ତ କରିବେ) ୬. ଅନୁବାଦ ହୋଇ ଅନ୍ୟ ଭାଷାରେ ପ୍ରକାଶିତ ହୋଇଥିବା ପୁସ୍ତକର ସମ୍ପୂର୍ଣ୍ଣ ତାଲିକା: (ପ୍ରଚ୍ଛଦ ଓ ଇନର୍ ପୃଷ୍ଠାର ଜେରକ୍ସ ନକଲ) ୭. ପୁରସ୍କୃତ ହୋଇଥିବା ପୁସ୍ତକର ତାଲିକା ଓ ନକଲ: (ପ୍ରଚ୍ଛଦ ଓ ଇନର୍ ପୃଷ୍ଠାର ଜେରକ୍ସ ନକଲ), ୮. ରାଷ୍ଟ୍ରୀୟ ପୁରସ୍କାର / ଉପାଧି ପାଇଥିବା ତାଲିକାର ସଂପୂର୍ଣ୍ଣ ବିବରଣୀ (ପ୍ରମାଣପତ୍ରର ନକଲ): ୯. ବର୍ତ୍ତମାନର ଠିକଣା ଏବଂ ଦୂରଭାଷ/ମୋବାଇଲ ନମ୍ବର, ଇ-ମେଲ୍: ୧୦. ସ୍ଥାୟୀ ଠିକଣା: ବି.ଦ୍ର: ଦାଖଲ ହେଉଥିବା ସମସ୍ତ କାଗଜାଦି ସ୍ୱ-ସ୍ୱାକ୍ଷରିତ ହେବା ଆବଶ୍ୟକ ଅଟେ।

ପୁରସ୍କାର ପାଇଁ ବିଚାର ନିମିତ୍ତ ନିର୍ଦ୍ଧାରିତ ନିୟମାବଳୀର ମୁଁ ଉଲ୍ଲଂଘନ କରୁନାହିଁ।
ପ୍ରସ୍ତାବିତ ପୁରସ୍କାର ସମ୍ବନ୍ଧରେ ଉଲ୍ଲେଖିତ ଉପରୋକ୍ତ ସମସ୍ତ ତଥ୍ୟ ମୋ' ଜାଣିବାରେ ଠିକ୍ ଅଟେ।

ଆବେଦନକାରୀ / ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର, ଠିକଣା, ଦୂରଭାଷ ନମ୍ବର ଓ ଇ-ମେଲ୍ ଆଇଡି:

**ସ୍ୱା./- ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ**

## ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪
ବିଜ୍ଞାପନ ସଂଖ୍ୟା: ୭୭/ଓ.ସା.ଏ ତା : ୨୧.୦୧.୨୦୨୩

### ଓଡ଼ିଶା ସାହିତ୍ୟ ଏକାଡେମୀ 'ସାରସ୍ୱତ ସାଧକ/ସାଧିକା ସମ୍ବର୍ଦ୍ଧନା-୨୦୨୧, ୨୦୨୨ ଓ ୨୦୨୩' ପାଇଁ ପ୍ରସ୍ତାବ ଆହ୍ୱାନ

ସମ୍ବର୍ଦ୍ଧନା ନିମନ୍ତେ ପ୍ରାର୍ଥୀ ନିଜେ କିମ୍ବା ତାଙ୍କ ପାଇଁ କେହି ପ୍ରସ୍ତାବକ ନିମ୍ନପ୍ରଦତ୍ତ ପ୍ରୋଫର୍ମାରେ ମୁଦାଲଫାପାରେ ଗୋପନୀୟ ଉଲ୍ଲେଖ କରି ତ୍ୱରିତ ଡାକ ଯୋଗେ କିମ୍ବା ସ୍ୱହସ୍ତରେ ସରକାରୀ ଛୁଟିଦିନ ବ୍ୟତୀତ କାର୍ଯ୍ୟଦିବସ ମାନଙ୍କରେ ତା ୨୨.୦୨.୨୦୨୩ରିଖ ସୁଦ୍ଧା ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪ଙ୍କ ଠିକଣାରେ ଆବେଦନ କରିପାରିବେ। ନାମପ୍ରସ୍ତାବ କରୁଥିବା ବ୍ୟକ୍ତିବିଶେଷ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ସାରସ୍ୱତ ସାଧକ/ସାଧିକା ହୋଇଥିବେ। ଯଦି କୌଣସି ପ୍ରସ୍ତାବକ ଏକାଧିକ ବର୍ଷ ପାଇଁ ବିଚାର ନିମିତ୍ତ ପ୍ରସ୍ତାବ ପଠାଇବାକୁ ଇଚ୍ଛା କରୁଥାନ୍ତି, ତେବେ ତାହା ପୃଥକ୍ ପୃଥକ୍ ଫର୍ମରେ ପ୍ରତିବର୍ଷ ପାଇଁ ପ୍ରସ୍ତାବ ଏକାଡେମୀ କାର୍ଯ୍ୟାଳୟକୁ ପଠାଇବେ। କୌଣସି ସାରସ୍ୱତ ସାଧକ/ସାଧିକା ଏକାଡେମୀ ସାଧାରଣ ପରିଷଦର କୌଣସି ଜଣେ ସଦସ୍ୟଙ୍କ ଦ୍ୱାରା ନିଜ ନାମକୁ ପ୍ରସ୍ତାବିତ କରାଇ ନିର୍ଦ୍ଧାରିତ ଫର୍ମରେ ଏକାଡେମୀର ସଚିବଙ୍କ ନିକଟକୁ ପଠାଇପାରିବେ।

**ଏହି ପୁରସ୍କାର ପାଇଁ ପ୍ରସ୍ତାବିତ ବ୍ୟକ୍ତିବିଶେଷ ନିମ୍ନପ୍ରଦତ୍ତ ଯୋଗ୍ୟତାର ଅଧିକାରୀ ହୋଇଥିବେ:**

**(କ)** ପ୍ରସ୍ତାବିତ ସାରସ୍ୱତ ସାଧକ/ସାଧିକାଙ୍କ ବୟସ ୬୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ। **(ଖ)** ଏଥିପୂର୍ବରୁ ଏହି ସାରସ୍ୱତ ସାଧକ/ସାଧିକା ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ ହୋଇନଥିବେ। (ତାଲିକା ଏକାଡେମୀ ୱେବ୍‌ସାଇଟ୍‌ରେ ଉପଲବ୍ଧ) **(ଗ)** ଦୀର୍ଘ ଦୁଇ ଦଶନ୍ଧି କିମ୍ବା ତଦୂର୍ଦ୍ଧ୍ୱ ସମୟ ଧରି ଅବିଚ୍ଛିନ୍ନ ଭାବେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏହି ସାଧକ/ସାଧିକା ନିଜର ସାଧନା ଜାରି ରଖିଥିବେ। **(ଘ)** ସମ୍ବର୍ଦ୍ଧିତ ହେବାକୁ ଥିବା ବ୍ୟକ୍ତିବିଶେଷଙ୍କର ଓଡ଼ିଆ ଭାଷା ସାହିତ୍ୟରେ ଅନ୍ୟୂନ ପାଞ୍ଚଖଣ୍ଡ ସୃଜନଶୀଳ ସାହିତ୍ୟ ପୁସ୍ତକ ପ୍ରକାଶିତ ହୋଇଥିବ। ଏଥିରେ ସମ୍ପାଦିତ, ସଂଯୋଜିତ, ବୈଷୟିକ ପୁସ୍ତକ, ସାଧାରଣଜ୍ଞାନ ପୁସ୍ତକ, ପାଠ୍ୟପୁସ୍ତକ ଓ ପାଠ୍ୟପୁସ୍ତକର ସହାୟକ ପୁସ୍ତକ ବିଚାର୍ଯ୍ୟ ହେବନାହିଁ। **(ଙ)** ସର୍ବାଧିକ ପୁସ୍ତକ ରଚନା ଓ ପ୍ରକାଶନ କରିଥିବା ବ୍ୟକ୍ତିଙ୍କୁ ତାଙ୍କ ନିରନ୍ତର ସାଧନା ଆଧାରରେ ଏହି ସମ୍ବର୍ଦ୍ଧନା ପାଇଁ ଅଗ୍ରାଧିକାର ଦିଆଯିବ।

ଏହି ସମ୍ବର୍ଦ୍ଧନା ପାଇଁ ଆସିଥିବା ପ୍ରସ୍ତାବ/ଆବେଦନ କିମ୍ବା ପୁରସ୍କାର ପ୍ରଦାନରେ ପ୍ରଦତ୍ତ ତଥ୍ୟ ଓ ବିବରଣୀରେ ଯଦି କୌଣସି ମିଥ୍ୟା ତଥ୍ୟ କିମ୍ବା ଅସାଧୁ ବେନିୟମ ଉପାୟ ଅବଲମ୍ବନ କରାଯାଇଥିବା ଅଭିଯୋଗ ପ୍ରମାଣିତ ହୁଏ, ତେବେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ସମ୍ବର୍ଦ୍ଧନା ପ୍ରଦାନକୁ ବାତିଲ କରିବାର ନିଷ୍ପତ୍ତି ଏକାଡେମୀର କାର୍ଯ୍ୟକାରୀ ପରିଷଦ ଗ୍ରହଣ କରିପାରିବେ। ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଦରଖାସ୍ତ ବିଚାର ପାଇଁ ଗୃହୀତ ହେବନାହିଁ କିମ୍ବା ଅସମ୍ପୂର୍ଣ୍ଣ ଆବେଦନପତ୍ର/ ପ୍ରସ୍ତାବପତ୍ର ବିଚାର ପରିସରଭୁକ୍ତ ହେବନାହିଁ। ଏହି ବିଜ୍ଞାପନକୁ ରଦ୍ଦ କରିବା ଏକାଡେମୀ କ୍ଷମତା ପରିସରଭୁକ୍ତ ଅଟେ। ଉକ୍ତ ବିଜ୍ଞାପନଟି ଏକାଡେମୀ ୱେବ୍‌ସାଇଟ୍ **www.odishasahityaakademi.org**ରେ ଉପଲବ୍ଧ।

#### ପ୍ରୋଫର୍ମା
୧. କେଉଁ ବର୍ଷ ପାଇଁ ପ୍ରସ୍ତାବ ଦିଆଯାଉଛି: ୨. ସାଧକ/ସାଧିକାଙ୍କ ନାମ: ୩. ଜନ୍ମ ତାରିଖ ଓ ସ୍ଥାନ: (ପ୍ରସ୍ତାବକ/ପ୍ରାର୍ଥୀ ଆବେଦନ ପତ୍ର ସହ ବୟସ ପ୍ରମାଣପତ୍ର ନକଲ ସଂଯୁକ୍ତ କରିବେ) ୪. ପିତା / ମାତାଙ୍କ ନାମ: ୫. ଦୁଇ ଦଶନ୍ଧି କିମ୍ବା ତଦୂର୍ଦ୍ଧ୍ୱ ସମୟ ଧରି ସାହିତ୍ୟ କ୍ଷେତ୍ରରେ ସାଧକ/ସାଧିକା ନିଜର ନିରନ୍ତର ସାଧନା ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିବେ। (ପ୍ରମାଣ ସ୍ୱରୂପ ସେମାନେ କିମ୍ବା ତାଙ୍କ ପାଇଁ ଆବେଦନ କରୁଥିବା ବ୍ୟକ୍ତି ପ୍ରସ୍ତାବିତ ବ୍ୟକ୍ତିଙ୍କର ପ୍ରଥମ ପ୍ରକାଶିତ ପୁସ୍ତକ ଓ ସଦ୍ୟତମ ପୁସ୍ତକର ପ୍ରଚ୍ଛଦ ଓ ଇନର୍ ପୃଷ୍ଠାର ଜେରକ୍ସ ନକଲ ଦରଖାସ୍ତ ସହ ସଂଗ୍ରଥିତ କରିବେ) । ୬. ଏଯାବତ୍ ପ୍ରକାଶିତ ପୁସ୍ତକର ସମ୍ପୂର୍ଣ୍ଣ ବିବରଣୀ: (ପ୍ରମାଣ ସ୍ୱରୂପ ସେମାନେ କିମ୍ବା ତାଙ୍କ ପାଇଁ ଆବେଦନ କରୁଥିବା ବ୍ୟକ୍ତିବିଶେଷ ସମସ୍ତ ପ୍ରକାଶିତ ପୁସ୍ତକର ନାମ, ପ୍ରକାଶକଙ୍କ ନାମ, ପୁସ୍ତକର ପୃଷ୍ଠା ସଂଖ୍ୟା, ମୂଲ୍ୟ, ପୁସ୍ତକର ଯେଉଁପୃଷ୍ଠାରେ ପ୍ରକାଶନ କାଳ ଉଲ୍ଲେଖ ଥିବ ତାହାର ନକଲ ଆବେଦନପତ୍ର ସହ ସଂଯୁକ୍ତ କରିବେ। ସମ୍ପାଦିତ, ସଂଯୋଜିତ, ବୈଷୟିକ ପୁସ୍ତକ, ସାଧାରଣଜ୍ଞାନ ପୁସ୍ତକ, ପାଠ୍ୟପୁସ୍ତକ ଓ ପାଠ୍ୟପୁସ୍ତକର ସହାୟକ ପୁସ୍ତକ ଏବଂ କୌଣସି କ୍ଷୁଦ୍ରପୁସ୍ତିକା ଏ କ୍ଷେତ୍ରରେ ବିଚାରଯୋଗ୍ୟ ନୁହେଁ) ୭. ଅନୂଦିତ ହୋଇଥିବା ପୁସ୍ତକର ସମ୍ପୂର୍ଣ୍ଣ ତାଲିକା: (ପ୍ରଚ୍ଛଦ ଓ ଇନର୍ ପୃଷ୍ଠାର ଜେରକ୍ସ ନକଲ ସହ) ୮. ସାହିତ୍ୟ ସଙ୍ଗଠନ କ୍ଷେତ୍ରରେ କୃତିତ୍ୱର ସମ୍ପୂର୍ଣ୍ଣ ବିବରଣୀ: (ପ୍ରମାଣ ସ୍ୱରୂପ ସମସ୍ତ ନକଲ ପ୍ରଦାନ) । ୯. ବର୍ତ୍ତମାନ ଠିକଣା ଏବଂ ଦୂରଭାଷ/ମୋବାଇଲ ନମ୍ବର ୧୦. ସ୍ଥାୟୀ ଠିକଣା: ୧୧. କୌଣସି ସାଧକ/ସାଧିକାଙ୍କ ପାଇଁ ପ୍ରସ୍ତାବ ଦେଉଥିବା ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ସଦସ୍ୟଙ୍କ ନାମ, ସ୍ୱାକ୍ଷର, ତାରିଖ, ଠିକଣା ଓ ମୋବାଇଲ ନମ୍ବର: (ସୁପାରିସ କରୁଥିବା ସାଧକ/ସାଧକାଙ୍କ ଯୋଗ୍ୟତା ସଂପର୍କରେ ସୁପାରିସକର୍ତ୍ତା/କର୍ତ୍ତ୍ରୀଙ୍କ ମନ୍ତବ୍ୟ ସହ।)

ବି.ଦ୍ର: ଦାଖଲ ହେଉଥିବା ସମସ୍ତ କାଗଜାଦି ସ୍ୱ-ସ୍ୱାକ୍ଷରିତ ହେବା ଆବଶ୍ୟକ ଅଟେ ।
ସମ୍ବର୍ଦ୍ଧନା ପାଇଁ ବିଚାର ନିମିତ୍ତ ନିର୍ଦ୍ଧାରିତ ନିୟମାବଳୀର ମୁଁ ଉଲ୍ଲଂଘନ କରୁନାହିଁ।
ପ୍ରସ୍ତାବିତ ସମ୍ବର୍ଦ୍ଧନା ସମ୍ବନ୍ଧରେ ଉଲ୍ଲେଖିତ ଉପରୋକ୍ତ ସମସ୍ତ ତଥ୍ୟ ମୋ' ଜାଣିବାରେ ଠିକ୍ ଅଟେ।

ଆବେଦନକାରୀ / ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର, ଠିକଣା, ଦୂରଭାଷ ନମ୍ବର ଓ ଇ-ମେଲ ଆଇଡି:

OIPR-03006/11/0001/2223

**ସ୍ୱା./- ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ**

# ଗଜପତି ଉତ୍ସବ ଉଦ୍‌ଯାପିତ



ଗଜପତି ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ପାରଳାଖେମୁଣ୍ଡି, ୨୨।୧ (ଡି.ଏନ.ଏ):**

ପାଞ୍ଚ ଦିନ ଧରି ଆୟୋଜିତ ହେଉଥିବା ଗଜପତି ଉତ୍ସବ ରବିବାର ଉଦଯାପିତ ହୋଯାଇଛି। ଶେଷ ସନ୍ଧ୍ୟାରେ ଆକର୍ଷଣୀୟ ନାଚଗୀତ ଦର୍ଶକଙ୍କ ମନ ମୋହିଥିଲା। ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ ଯୋଗଦେଇ ଚିତ୍ତାକର୍ଷକ ନାଚଗୀତ ପରିବେଷଣ କରିଥିଲେ । ପାରଳାଖେମୁଣ୍ଡି ପୌରପରିଷଦ ତରଫରୁ ସଫେଇ କର୍ମଚାରୀ ଗ୍ରୁପ, ଚନ୍ଦ୍ରଗିରିର ତିବ୍ବତୀୟନ ଗ୍ରୁପ ଦ୍ୱାରା ଲୋକନୃତ୍ୟ, କଳିଙ୍ଗ ବୈଶ୍ୟ ମହିଳା ସଂଘ ତରଫରୁ ତେଲୁଗୁ ଦାଣ୍ଡିଆ ନୃତ୍ୟ, ଗଜପତି ସ୍କେଟିଂ ଗ୍ରୁପ ପକ୍ଷରୁ ଶିବତାଣ୍ଡବ ନୃତ୍ୟ, ରାୟଗଡ଼ ଜିଲାର ଡଙ୍ଗରିଆ ଲୋକନୃତ୍ୟ, ମୋହନା ବ୍ଲକର ଲୋକନୃତ୍ୟ, ପାରଳାଖେମୁଣ୍ଡିସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗ୍ରୁପ ଡ୍ୟାନ୍ସ, ଚନ୍ଦ୍ରଗିରିର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଗ୍ରୁପ ଡ୍ୟାନ୍ସ, ସମର୍ଥ ଅନୁଷ୍ଠାନ ତରଫରୁ ଦିବ୍ୟାଙ୍ଗମାନଙ୍କ ଦଳଗତ ନୃତ୍ୟ, ଆର୍.ଉଦୟଗିରି ବ୍ଲକର ଲୋକନୃତ୍ୟ, ଗଜପତି ସର୍ଗଫୁଲର ଆଦିବାସୀ ନୃତ୍ୟ, କାଶୀନଗର ବ୍ଲକର ଲୋକନୃତ୍ୟ, ସମ୍ବଲପୁର ଜିଲାର ଲୋକନୃତ୍ୟ, ଗୁମ୍ମା ବ୍ଲକର ଲୋକନୃତ୍ୟ ଆଦି ଦର୍ଶକଙ୍କ ମନମୋହିଥିଲା। ଗଜପତି ପ୍ରେସ କ୍ଲବ ଶେଷ ସନ୍ଧ୍ୟାରେ ଯୋଗଦେଇଥିଲା। ସେହିପରି ଉଦଯାପନୀ ସନ୍ଧ୍ୟାରେ ବ୍ରହ୍ମପୁରର ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଟି.ଆଓ, ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ ରେଞ୍ଜର ଆରକ୍ଷୀ ମହାନିରୀକ୍ଷକ ସତ୍ୟବ୍ରତ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ. କୁମାର, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ପ୍ରଦୀପ କୁମାର ନାୟକ, ଗଜପତି ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରୋମାଞ୍ଚଳ ଖମାରୀ, ପାରଳାଖେମୁଣ୍ଡି ଉପଜିଲାପାଳ ଆଲୋକ କୁମାର ପ୍ରଧାନ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଫଲ୍‌ଗୁନା ମାଝୀ ପ୍ରମୁଖ ମଞ୍ଚାସୀ ଥିଲେ ।

# ନାବାଳିକା ଗର୍ଭବତୀ ମାମଲାରେ ଅଭିଯୁକ୍ତ ଗିରଫ

**ଆର.ଉଦୟଗିରି, ୨୨।୧ (ଡି.ଏନ.ଏ.):**

ଗଜପତି ଜିଲା ଅଡ଼ବା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖିବା ସହ ତାଙ୍କୁ ଗର୍ଭବତୀ କରାଇବା ଅଭିଯୋଗରେ ପୋଲିସ ବିରିକୋଟ ପଞ୍ଚାୟତ ଅନ୍ତର୍ଗତ ଉଲିଆପଦା ଗ୍ରାମର ସୁମନ୍ତ ସାହୁ (୪୫)ଙ୍କୁ ଗିରଫ କରିଛି। ସୂଚନାପ୍ରକାରେ ବିନୋଦ ସେହି ଗ୍ରାମର ଜଣେ ବିଧବା ମହିଳାଙ୍କୁ ପ୍ରାୟ ତିନି ବର୍ଷ ହେଲା ପାଖରେ ରଖିବା ସହ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ବିନୋଦ ବିବାହିତ ଥିବା ବେଳେ ତାର ସ୍ତ୍ରୀ ଏବଂ ଛୁଆ ତାଙ୍କୁ ଛାଡି ବହୁ ବର୍ଷ ହେଲା ଚାଲିଯାଇଛନ୍ତି। ବିଧବା ମହିଳା ଜଣଙ୍କର ତିନୋଟି ଝିଅ ଏବଂ ଗୋଟିଏ ପୁଅ ଅଛନ୍ତି। ବିଧବା ମହିଳା ଜଣକ ପାଖରେ ସୁମନ୍ତ ରହୁଥିବା ବେଳେ ତାଙ୍କ ସହ ଶାରୀରିକ ସମ୍ପର୍କ ମଧ ରଖି ଆସୁଥିଲେ। ପରେ ସମ୍ପୃକ୍ତ ବିଧବା ମହିଳାଙ୍କ ୧୭ ବର୍ଷର ନାବାଳିକା ଝିଅଙ୍କୁ ମଧ ବିଭିନ୍ନ ପ୍ରଲୋଭନ ଦେଖାଇ ତା' ସହ ଶାରୀରିକ ସମ୍ପର୍କ ରଖିଥିଲା। ଫଳରେ ନାବାଳିକା ଜଣକ ଦୁଇ ମାସର ଗର୍ଭବତୀ ଥିବା ଜଣାପଡିଥିଲା। ଏନେଇ ନାବାଳିକାର ମା' ଲିଖିତ ଅଭିଯୋଗ ପ୍ରକାରେ ଅଡବା ପୋଲିସ ଥାନା କେସ୍ ନଂ ୧୦ / ୨୩ ରେ ଏକ ମାମଲା ରୁଜୁ କରିବା ସହ ସୁମନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୋହନା ଚାଇଲଡ ଲାଇନ୍ ଟିମ୍ ଥାନାରେ ପହଞ୍ଚି ପୀଡ଼ିତା ନାବାଳିକାଙ୍କୁ ଉଦ୍ଧାର କରିଛି। ନାବାଳିକାଙ୍କୁ ରବିବାର ଜିଲା ଶିଶୁ ମଙ୍ଗଳ ସମିତିରେ ହାଜର କରାଯିବ ବୋଲି ମୋହନା ଚାଇଲଡ ଲାଇନ ପକ୍ଷରୁ ସୂଚନା ମିଳିଛି।

# ଶ୍ରୀକର ଭଞ୍ଜ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ବୈଠକ

**ବୁଗୁଡ଼ା, ୨୨।୧ (ଡି.ଏନ.ଏ.):**

ବୁଗୁଡା ଶ୍ରୀକର ଭଞ୍ଜ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦର ଏକ ବୈଠକ ନିୟୁ ଏରା ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡ଼.ସୁବାଷ ଚନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସମ୍ପାଦକ ଅନିଲ ପଟ୍ଟନାୟକଙ୍କ ଦ୍ୱାରା ଆଗତ ପ୍ରସ୍ତାବ କ୍ରମେ ସଂଗଠନର ପଞ୍ଜୀକରଣ ସାଙ୍ଗକୁ ଆଗାମୀ ଦିନରେ ଏକ କବାଡ଼ି ଟୁର୍ନାମେଣ୍ଟ ଆୟୋଜନ କରାଯିବା ନିମନ୍ତେ ସର୍ବସମ୍ମତି ପ୍ରକାଶ ପାଇଥିଲା। ଏଥିସହ ବୁଗୁଡ଼ାର ପୁରୁଷ ଓ ମହିଳା କବାଡି ଟିମ୍ ରାଜ୍ୟସ୍ତରରେ ବେଶ ଭଲ ପ୍ରଦର୍ଶନ କରୁଥିବାରୁ ସଂଘ ପକ୍ଷରୁ ଖୁସି ବ୍ୟକ୍ତ କରାଯିବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସବୁ ପ୍ରକାର ସାହାଯ୍ୟ କରିବା ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଘର ଦୁଇ ଜଣ ଦିବଙ୍ଗତ ସଦସ୍ୟ ମଧୁସୂଦନ ପଟ୍ଟନାୟକ ଓ ନାରାୟଣ ପାତ୍ରଙ୍କ ଉଦ୍ଦେଶ୍ୟରେ ୨ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଉପଦେଷ୍ଟା କ୍ରିଷ୍ଣା ରାଓ ପାତ୍ରଙ୍କ ସମେତ ସଂଘ ସଦସ୍ୟ ଓ ଖେଳାଳିମାନେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବୈଠକରେ ସହ ସମ୍ପାଦକ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ସଦସ୍ୟ କିଶୋର କୁମାର ପଣ୍ଡା, ଦୁର୍ଗା ପ୍ରସାଦ ଦାଶ, ଲଲାଟେନ୍ଦୁ ପଟ୍ଟନାୟକ, କ୍ରୀଡ଼ାବିତ ଏମ ଶ୍ରୀନିବାସ ଦୋରା, ବାଦଲ ସ୍ୱାଇଁ, ଦୀପକ କୁମାର ସାହୁ, ଅମରେଶ ପ୍ରଧାନ, ରବୀନ୍ଦ୍ର ବେହେରା, ସନ୍ତୋଷ ଖଣ୍ଡେଇ, କେ.ପ୍ରେମ କୁମାର ପାତ୍ର, ବିଭୁ ପ୍ରସାଦ ବେହେରା, ସ୍ୱରାଜ ସାହୁ, ଜଗନ୍ନାଥ ମହାନ୍ତି, ଅକ୍ଷୟ ନାୟକ, ଅର୍ପିତା ସେଠି, ସାଗରୀକା ପ୍ରଧାନ, ତାରାବାଇ ନାୟକ, ଲିମା ବେହେରା, ସନ୍ତୋଷିନୀ ନାୟକ, ଶର୍ମିଳି ସ୍ୱାଇଁ କେ. ରୋଜା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ଭଗବାନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନଜୀବୀ ସଂଘ ରାଜ୍ୟ ପରିଷଦ ବୈଠକ

**ରମ୍ଭା, ୨୨।୧:**

ସ୍ଥାନୀୟ ପାନ୍ଥନିବାସ ସଭାଗୃହ ପରିସରରେ ଭାରତୀୟ ଆଇନଜୀବୀ ସଂଘ ଓଡ଼ିଶା ଶାଖାର ପରିବର୍ଦ୍ଧିତ ରାଜ୍ୟ ପରିଷଦ ବୈଠକ ବରିଷ୍ଠ ଆଇନଜୀବୀ ଗୋକୁଳ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଗଠନ ସମ୍ପାଦକ ଡ଼ଃ ପ୍ରଶାନ୍ତ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ଓ ସାଙ୍ଗଠନିକ ବିବରଣୀ ଉପସ୍ଥାପନ କରିବା ପରେ ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନନ୍ଦ, ବରିଷ୍ଠ ଆଇନଜୀବୀ ଅଶୋକ ଦାସ, ସୁବାସ ରାଓ, ଅମରେନ୍ଦୁ ମହାନ୍ତି, ଅଗସ୍ତି କାନୁନଗୋ ସଂଗଠନର ଆଭିମୁଖ୍ୟ, ଆଇନଜୀବୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଉପରେ ବକ୍ତବ୍ୟ ରଖିଥିଲେ। ରାଜ୍ୟରେ ୯ଟି ଜିଲାରୁ ଶତାଧିକ ସଭ୍ୟ ଯୋଗଦେଇଥିବା ବେଳେ ସଦାନନ୍ଦ ସାହୁ, ସୀମାଞ୍ଚଳ ବେହେରା, ପଞ୍ଚାନନ ସାହୁ, ସନ୍ତୋଷ ଆଚାର୍ଯ୍ୟ, ରମେଶ ତ୍ରିପାଠୀ, ରମେଶ ସାହୁ, ଟୁଟୁ ପାତ୍ର, ହରପ୍ରସାଦ ରଥ, ବିଦେଶୀ ନାହାକ, ଆଦିତ୍ୟ ମିଶ୍ର, ଅକ୍ଷୟ ବିଶ୍ୱାଳ, ମଧୁସ୍ମିତା ଯାଦବ, ଜୟରାମ ଦାଶ, ଅନନ୍ତ ନାରାୟଣ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସମ୍ବଲପୁର ଠାରେ ଆନ୍ଦୋଳନରେ ସାମିଲ ଗିରଫ ଆଇନଜୀବୀମାନଙ୍କୁ ତୁରନ୍ତ ଖଲାସ କରିବା, ସମସ୍ତ ଆଇନଜୀବୀମାନଙ୍କୁ ରାଜ୍ୟ ସରକାର ମାଗଣା ସ୍ୱାସ୍ଥ୍ୟ ବୀମା ଯୋଗାଇଦେବା, ନୂତନ ଆଇନଜୀବୀ ଭାବେ ଯୋଗଦେଉଥିବା ଯୁବକମାନଙ୍କୁ ମାସିକ ୧୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ୫ ବର୍ଷ ପର୍ଯ୍ୟନ୍ତ ଯୋଗାଇବା ପାଇଁ ଦାବି କରିବା ସହ ଆଇନଜୀବୀମାନଙ୍କ ଆନ୍ଦୋଳନକୁ ବେଆଇନ ବୋଲି ସୁପ୍ରିମକୋର୍ଟଙ୍କ ମତକୁ ନାପସନ୍ଦ କରିଥିଲେ। ରାଜ୍ୟ ସମ୍ମିଳନୀର ପ୍ରସ୍ତୁତି ପାଇଁ ଅଗସ୍ତି କାନୁନଗୋଙ୍କ ଆବାହକ, ସଦାନନ୍ଦ ସାହୁ, ସିମାଞ୍ଚଳ ବେହେରାଙ୍କ ସହ ଆବାହକତ୍ୱରେ ଏକ ପ୍ରସ୍ତୁତି କମିଟି ଗଠିତ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ବାରରୁ ୨୭ ଜଣ ସଭ୍ୟ ରହିଛନ୍ତି। ଆଇନଜୀବୀ ପ୍ରଦୀପ ସେଠୀ ସମସ୍ତ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ମୋହନା ବ୍ଲକ ସମ୍ମୁଖରେ ସିପିଏମ୍‌ର ବିକ୍ଷୋଭ

**ଆର.ଉଦୟଗିରି, ୨୨।୧ (ଡି.ଏନ.ଏ.):**

ବିଭିନ୍ନ ଦାବି ନେଇ ଗଜପତି ଜିଲା ମୋହନାରେ ସିପିଆଇଏମ୍ ପକ୍ଷରୁ ଶୋଭାଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିପିଆଇଏମ ଜିଲା ସମ୍ପାଦକ ଦଣ୍ଡପାଣି ରଇତଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ସ୍ଥାନୀୟ ହାଇସ୍କୁଲ ଛକରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାର ବିକ୍ଷୋଭ ପ୍ରଦର୍ଶନ କରିବା ସହ ଚାଷୀଙ୍କୁ ଜମିପଟ୍ଟା ପ୍ରଦାନ, ବାସଗୃହ ଓ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ପାଇଁ ତହସିଲଦାର ହିମାଂଶୁ ଭୂଷଣ ପଲେଇଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଏହା ପରେ ବ୍ଲକ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଢେପଗୁଡା ପଞ୍ଚାୟତର ବିଭିନ୍ନ ଗାଁକୁ ରାସ୍ତା ନିର୍ମାଣ, ଭତ୍ତା ପ୍ରଦାନ, ସ୍କୁଲ କଲେଜରେ କର୍ମଚାରୀ ନିଯୁକ୍ତି, ଗରିବ ହିତାଧିକାରୀଙ୍କୁ ବାସଗୃହ ପ୍ରଦାନ ପାଇଁ ବିଡ଼ିଓ ତପସ୍ୱିନୀ ହାଁସଦାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ବିକ୍ଷୋଭରେ ସିପିଆଇଏମ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଜଗନ୍ନାଥ ମିଶ୍ର, ମୋହନା ଆଞ୍ଚଳିକ ସଭାପତି ଗୋକୁଳ ଦଳବେହେରା, ମାନସ ଜେନା, ସୁନାମ ମଣ୍ଡଳ ଓ ଶିବ ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ।


## ଓଡ଼ିଶା ସାହିତ୍ୟ ଏକାଡେମୀ

ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪

ଓଡ଼ିଶା ସାହିତ୍ୟ ଏକାଡେମୀ

ବିଜ୍ଞାପନ ସଂଖ୍ୟା: ୭୫/ଓ.ସା.ଏ ତା : ୨୧.୦୧.୨୦୨୩

### ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର-୨୦୧୭ରୁ ୨୦୨୩ ବର୍ଷ ପାଇଁ ପୁସ୍ତକ ଆହ୍ୱାନ

**ଯେଉଁ ବର୍ଷ ପାଇଁ ପୁରସ୍କାର ଉଦ୍ଦିଷ୍ଟ ତାହାର ପୂର୍ବବର୍ତ୍ତୀ ୫ ବର୍ଷ ମଧ୍ୟରେ ପ୍ରକାଶିତ ପୁସ୍ତକ ବିଚାର ପରିସରଭୁକ୍ତ ହେବ**

**No.RR-58:-** ପୁରସ୍କାର ନିମନ୍ତେ ପାଠକ, ଲେଖକ ଓ ପ୍ରକାଶକମାନେ ଓଡ଼ିଆ ଭାଷାରେ ପ୍ରକାଶିତ ନିମ୍ନଲିଖିତ ୧୧ଟି ବିଭାଗ ପାଇଁ ପ୍ରଥମ ସଂସ୍କରଣ ପୁସ୍ତକଗୁଡ଼ିକର ନାମ ପ୍ରସ୍ତାବ କରିପାରିବେ। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ସଂଶୋଧିତ ନିୟମାବଳୀ ଅନୁସାରେ ଯୋଗ୍ୟ ବିବେଚିତ ପୁସ୍ତକକୁ ପୁରସ୍କୃତ କରାଯିବ। ଏଥିପାଇଁ ପ୍ରସ୍ତାବକ ନିମ୍ନରେ ଦିଆଯାଇଥିବା ପ୍ରୋଫର୍ମା ଅନୁଯାୟୀ ପ୍ରସ୍ତାବିତ ପୁସ୍ତକର ତିନିକିତା ସହିତ ଆବେଦନ କରିପାରିବେ। ତା୧୨.୦୮.୨୦୧୮ରିଖ ଏବଂ ତା୨୦.୦୧.୨୦୨୧ରିଖରେ ଖବରକାଗଜରେ ଏକାଡେମୀର ପ୍ରକାଶିତ ବିଜ୍ଞାପନ ଅନୁଯାୟୀ ଗ୍ରହଣ ହୋଇସାରିଥିବା ପୁସ୍ତକଗୁଡ଼ିକ ଓଡ଼ିଶା ସରକାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପତ୍ର ସଂଖ୍ୟା ୧୪୯୮/ଓଭାସାସଂ ତା ୦୨.୦୫.୨୦୨୨ରିଖ କ୍ରମେ ଅନୁମୋଦିତ ଓଡ଼ିଶା ସାହିତ୍ୟ ଏକାଡେମୀର ସଂଶୋଧିତ ପୁରସ୍କାର ନିୟମାବଳୀ ଆଧାରରେ ଉପଯୁକ୍ତ ବିବେଚିତ ହେଲେ ସେହି ପୁସ୍ତକଗୁଡ଼ିକୁ ପୁରସ୍କାର ପାଇଁ ବିଚାର ନିମନ୍ତେ ଗ୍ରହଣ କରାଯିବ। **ପୁରସ୍କାର ପାଇଁ ଉଦ୍ଦିଷ୍ଟ ବିଭାଗ : ୧.** ଉପନ୍ୟାସ, **୨.** ଗଳ୍ପ , **୩.** କାବ୍ୟ-କବିତା, **୪.** ନାଟକ ଓ ଏକାଙ୍କିକା, **୫.** ପ୍ରବନ୍ଧ ଓ ସମାଲୋଚନା, **୬.** ଜୀବନୀ ଓ ଭ୍ରମଣ ସାହିତ୍ୟ, **୭.** ଅନୁବାଦ (ଅନ୍ୟ ଭାରତୀୟ ଭାଷାରୁ ଓଡ଼ିଆ ଭାଷାକୁ ଅନୂଦିତ ପୁସ୍ତକ), ୮. ଶିଶୁ-ସାହିତ୍ୟ , ୯. ଗୀତି କବିତା, ୧୦. ଐତିହାସିକ ଗବେଷଣା, ୧୧. ବିଜ୍ଞାନ ସାହିତ୍ୟ।

**ଏହି ପୁରସ୍କାର ପାଇଁ ନିମ୍ନ ପର୍ଯ୍ୟାୟଭୁକ୍ତ ପୁସ୍ତକଗୁଡ଼ିକ ଯୋଗ୍ୟ ବିବେଚିତ ହେବ ନାହିଁ :**

**(କ)** ସମ୍ପ୍ରତି ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ରହିଥିବା ଲେଖକଙ୍କର ପୁସ୍ତକ; **(ଖ)** ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ଓ ଜ୍ଞାନପୀଠ ଦ୍ୱାରା ପୁରସ୍କୃତ ପୁସ୍ତକ; **(ଗ)** ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକଙ୍କ ପୁସ୍ତକ; **(ଘ)** ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ ପୁସ୍ତକ; **(ଙ)** କୌଣସି ପୁସ୍ତକର ଛାୟାରେ ଲିଖିତ ପୁସ୍ତକ; **(ଚ)** ଅସମ୍ପୂର୍ଣ୍ଣ ପୁସ୍ତକ; **(ଛ)** ପୁରସ୍କାର କାଳପରିଧି ବହିର୍ଭୂତ ପୁସ୍ତକ ଏବଂ ତାହାର ପୁନଃ ମୁଦ୍ରିତ ସଂସ୍କରଣ କିମ୍ବା ସଂକଳନ (ଯଦି କୌଣସି ପୁସ୍ତକର ଶତକଡ଼ା ୭୫ ଭାଗ ନୂତନ ସଂଯୋଜନ ହୋଇଥାଏ, ତେବେ ଏଭଳି ପୁସ୍ତକ ବିଚାର ଯୋଗ୍ୟ); **(ଜ)** କୌଣସି ଡିଗ୍ରୀପ୍ରାପ୍ତି ପାଇଁ ରଚିତ ସନ୍ଦର୍ଭ; **(ଝ)** ବିଚାରକାଳ ପୂର୍ବରୁ ମୃତ୍ୟୁବରଣ କରିଥିବା ଲେଖକଙ୍କ ପୁସ୍ତକ; **(ଞ)** ଭାରତୀୟ ନାଗରିକ ହୋଇନଥିବା ଲେଖକଙ୍କ ପୁସ୍ତକ; **(ଟ)** ଆଇ.ଏସ.ବି.ଏନ୍. ନମ୍ବର ଲିପିବଦ୍ଧ ହୋଇନଥିବା ପୁସ୍ତକ।

ପୁରସ୍କାର ବିଚାର ପାଇଁ ଆଗ୍ରହୀ ପାଠକ, ଲେଖକ ଓ ପ୍ରକାଶକଙ୍କ ପ୍ରସ୍ତାବ ନିମ୍ନ ପ୍ରଦତ୍ତ ପ୍ରୋଫର୍ମାରେ **ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪**ଙ୍କ ଠିକଣାରେ ସରକାରୀ ଛୁଟିଦିନ ବ୍ୟତୀତ କାର୍ଯ୍ୟଦିବସ ମାନଙ୍କରେ **ତା ୦୭.୦୨.୨୦୨୩ ରିଖ** ସୁଦ୍ଧା ପହଞ୍ଚିବା ଆବଶ୍ୟକ । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏକାଡେମୀ କାର୍ଯ୍ୟାଳୟରେ ପ୍ରାପ୍ତ ହୋଇନଥିବା ପୁସ୍ତକର ପ୍ରସ୍ତାବ ଗ୍ରହଣ ଯୋଗ୍ୟ ହେବ ନାହିଁ। ଯେଉଁ ପୁସ୍ତକଗୁଡ଼ିକ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇନଥିବ ସେଗୁଡ଼ିକ ବିଚାର ପରିସରଭୁକ୍ତ ହେବ ନାହିଁ । ଯଦି କୌଣସି ପ୍ରସ୍ତାବକ ଏକାଧିକ ବର୍ଷ ଓ ବିଭାଗରେ ପୁରସ୍କାର ପାଇଁ ବିଚାର ନିମିତ୍ତ ପୁସ୍ତକର ନାମ ପଠାଇବାକୁ ଇଚ୍ଛା କରୁଥାନ୍ତି, ତେବେ ତାହା ପୃଥକ୍ ପୃଥକ୍ ଫର୍ମରେ ପ୍ରତିବର୍ଷ ପାଇଁ ତିନିକିତା ପୁସ୍ତକ ସହିତ ଏକାଡେମୀ କାର୍ଯ୍ୟାଳୟକୁ ପଠାଇବେ। ପ୍ରସ୍ତାବିତ ପୁସ୍ତକକୁ ପୁରସ୍କୃତ କରିବା ପାଇଁ କୌଣସି ଅସାଧୁ ଉପାୟ ଅବଲମ୍ବନ କରାଯାଇଥିବା ପ୍ରମାଣିତ ହେଲେ ଉକ୍ତ ପ୍ରସ୍ତାବକୁ ପୁରସ୍କାରରୁ ବଞ୍ଚିତ କରିବାର ଅଧିକାର ଏକାଡେମୀର ରହିବ। ଏହି ବିଜ୍ଞାପନକୁ ରଦ୍ଦ କରିବା ଏକାଡେମୀ କ୍ଷମତା ପରିସରଭୁକ୍ତ। ଉକ୍ତ ବିଜ୍ଞାପନଟି ଏକାଡେମୀ ୱେବସାଇଟ୍ **www.odishasahityaakademi.org**ରେ ଉପଲବ୍ଧ ।

**ପ୍ରୋଫର୍ମା**

୧. କେଉଁ ବର୍ଷ ପାଇଁ ପ୍ରସ୍ତାବ ଦିଆଯାଉଛି, ୨. ପୁସ୍ତକର ନାମ : ୩. ଲେଖକ / ଲେଖିକାଙ୍କ ନାମ, ଠିକଣା ଓ ଫୋନ୍ ନଂ., ଇ-ମେଲ୍: ୪. ପିତା / ମାତାଙ୍କ ନାମ: ୫. ପ୍ରକାଶକଙ୍କ ନାମ, ଠିକଣା ଓ ଫୋନ୍ ନଂ., ଇ-ମେଲ୍: ୬. କେଉଁ ବିଭାଗର ପୁସ୍ତକ : ୭. ପୁସ୍ତକର ଆକୃତି ଓ ପୃଷ୍ଠା ସଂଖ୍ୟା : ୮. ପୁସ୍ତକର ମୂଲ୍ୟ : ୯. ପୁସ୍ତକର ପ୍ରଥମ ପ୍ରକାଶନ ସମୟ: (ଯଦି କୌଣସି ପୁସ୍ତକର ଶତକଡ଼ା ୭୫ ଭାଗ ନୂତନ ସଂଯୋଜନ ହୋଇଥାଏ ତେବେ ଏଭଳି ପୁସ୍ତକ ପୁରସ୍କାର ପାଇଁ ବିଚାର ଯୋଗ୍ୟ): ୧୦. ପୁସ୍ତକରେ ମୁଦ୍ରିତ ଆଇ.ଏସ୍.ବି.ଏନ୍ ନମ୍ବର ।

ପୁରସ୍କାର ପାଇଁ ବିଚାର ନିମିତ୍ତ ନିର୍ଦ୍ଧାରିତ ନିୟମାବଳୀର ମୁଁ ଉଲ୍ଲଂଘନ କରୁନାହିଁ।

ପ୍ରସ୍ତାବିତ ପୁସ୍ତକ ସମ୍ବନ୍ଧରେ ଉଲ୍ଲେଖିତ ଉପରୋକ୍ତ ସମସ୍ତ ତଥ୍ୟ ମୋ' ଜାଣିବାରେ ଠିକ୍ ଅଟେ।

ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର, ଠିକଣା ଓ ଫୋନ ନଂ., ଇ-ମେଲ୍ ଆଇଡି

**ସ୍ୱା./- ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ**

## ଓଡ଼ିଶା ସାହିତ୍ୟ ଏକାଡେମୀ

ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪

ଓଡ଼ିଶା ସାହିତ୍ୟ ଏକାଡେମୀ

ବିଜ୍ଞାପନ ସଂଖ୍ୟା: ୭୬/ଓ.ସା.ଏ ତା : ୨୧.୦୧.୨୦୨୩

### ଓଡ଼ିଶା ସାହିତ୍ୟ ଏକାଡେମୀ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର-୨୦୨୧, ୨୦୨୨ ଓ ୨୦୨୩' ପାଇଁ ପ୍ରସ୍ତାବ ଆହ୍ୱାନ

ପୁରସ୍କାର ନିମନ୍ତେ ପ୍ରାର୍ଥୀ ନିଜେ କିମ୍ବା ତାଙ୍କ ପାଇଁ କେହି ପ୍ରସ୍ତାବକ (ସାଧାରଣ ବ୍ୟକ୍ତି ବିଶେଷ କିମ୍ବା ଅନୁଷ୍ଠାନ) ନିମ୍ନପ୍ରଦତ୍ତ ପ୍ରୋଫର୍ମାରେ ମୁଦାଲଫାପାରେ ଗୋପନୀୟ ଉଲ୍ଲେଖ କରି ତ୍ୱରିତ ଡାକ ଯୋଗେ କିମ୍ବା ସ୍ୱହସ୍ତରେ ସରକାରୀ ଛୁଟିଦିନ ବ୍ୟତୀତ କାର୍ଯ୍ୟଦିବସ ମାନଙ୍କରେ ତା୨୨.୦୨.୨୦୨୩ରିଖ ସୁଦ୍ଧା ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪ଙ୍କ ଠିକଣାରେ ଆବେଦନ କରିପାରିବେ। ଯଦି କୌଣସି ପ୍ରସ୍ତାବକ ଏକାଧିକ ବର୍ଷ ପାଇଁ ବିଚାର ନିମିତ୍ତ ପ୍ରସ୍ତାବ ପଠାଇବାକୁ ଇଚ୍ଛା କରୁଥାନ୍ତି, ତେବେ ତାହା ପୃଥକ୍ ପୃଥକ୍ ଫର୍ମରେ ପ୍ରତିବର୍ଷ ପାଇଁ ପ୍ରସ୍ତାବ ଏକାଡେମୀ କାର୍ଯ୍ୟାଳୟକୁ ପଠାଇବେ। ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରଥିତଯଶା ସାହିତ୍ୟିକ/ସାହିତ୍ୟିକାଙ୍କର ସାମଗ୍ରିକ ସାହିତ୍ୟ କୃତିକୁ ବିଚାରକୁ ନେଇ ଏହି ପୁରସ୍କାର ପ୍ରଦାନ କରାଯିବ ।

**ଏହି ପୁରସ୍କାର ପାଇଁ ପ୍ରସ୍ତାବିତ ବ୍ୟକ୍ତିବିଶେଷ ନିମ୍ନପ୍ରଦତ୍ତ ଯୋଗ୍ୟତାର ଅଧିକାରୀ ହୋଇଥିବେ:**

**(କ)** ଏହି ପୁରସ୍କାର ନିମିତ୍ତ ସାହିତ୍ୟିକ/ସାହିତ୍ୟିକାଙ୍କ ବୟସ ଅନ୍ୟୂନ ୬୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ। (ପ୍ରସ୍ତାବକ ଆବେଦନ ପତ୍ର ସହ ବୟସ ପ୍ରମାଣପତ୍ର ନକଲ ସଂଯୁକ୍ତ କରିବେ) **(ଖ)** ମରଣୋତ୍ତର ଭାବେ ଏହି ପୁରସ୍କାର ପାଇଁ କୌଣସି ସାହିତ୍ୟିକ/ସାହିତ୍ୟିକାଙ୍କ ସାହିତ୍ୟକୃତି ବିଚାରଯୋଗ୍ୟ ହେବନାହିଁ କିମ୍ବା ସେମାନଙ୍କୁ ଏହା ପ୍ରଦାନ କରାଯିବ ନାହିଁ। **(ଗ)** ପ୍ରସ୍ତାବିତ ସାହିତ୍ୟିକ/ସାହିତ୍ୟିକାମାନେ ପୂର୍ବରୁ ଏକାଡେମୀ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ପ୍ରାପ୍ତ ହୋଇନଥିବେ (ତାଲିକା ଏକାଡେମୀ ୱେବ୍‌ସାଇଟ୍‌ରେ ଉପଲବ୍ଧ) । **(ଘ)** ଯେଉଁ ସାରସ୍ୱତ ସାଧକ/ସାଧିକାଙ୍କୁ ଏହି ପୁରସ୍କାର ନିମିତ୍ତ ଚୟନ କରାଯିବ, ସେ ଓଡ଼ିଆ ସାହିତ୍ୟର ଏକ/ଏକାଧିକ ବିଭାଗରେ ନିରବଚ୍ଛିନ୍ନ ଭାବରେ ଆପଣାର ଉତ୍କର୍ଷ ପ୍ରତିପାଦନ କରୁଥିବେ। **(ଙ)** ଏହି ସାରସ୍ୱତ ସାଧକ/ସାଧିକାଙ୍କର ଏକ ନିର୍ଦ୍ଦିଷ୍ଟ ପୁସ୍ତକ ପରିବର୍ତ୍ତେ ପୁରସ୍କାର ପ୍ରଦାନ କାଳରେ ତାଙ୍କର ଜୀବନବ୍ୟାପୀ ସାହିତ୍ୟ ସାଧନା ସହିତ ସାମଗ୍ରିକ କୃତିକୁ ବିଚାରକୁ ନିଆଯିବ।

ଏହି ପୁରସ୍କାର ପାଇଁ ଆସିଥିବା ପ୍ରସ୍ତାବ/ଆବେଦନରେ ପ୍ରଦତ୍ତ ତଥ୍ୟ ଓ ବିବରଣୀରେ ଯଦି କୌଣସି ମିଥ୍ୟା ତଥ୍ୟ ପ୍ରଦତ୍ତ ହୋଇଥାଏ କିମ୍ବା ଅସାଧୁ ବେନିୟମ ଉପାୟ ଅବଲମ୍ବନ କରାଯାଇଥିବା ଅଭିଯୋଗ ପ୍ରମାଣିତ ହୁଏ, ତେବେ ପୁରସ୍କାର ଘୋଷଣା ଓ ପ୍ରଦାନକୁ ବାତିଲ କରିବାର ନିଷ୍ପତ୍ତି ଏକାଡେମୀର କାର୍ଯ୍ୟକାରୀ ପରିଷଦ ଗ୍ରହଣ କରିପାରିବେ। ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଦରଖାସ୍ତ ବିଚାର ପାଇଁ ଗୃହୀତ ହେବନାହିଁ କିମ୍ବା ଅସମ୍ପୂର୍ଣ୍ଣ ଆବେଦନପତ୍ର/ ପ୍ରସ୍ତାବପତ୍ର ବିଚାର ପରିସରଭୁକ୍ତ ହେବନାହିଁ। ଏହି ବିଜ୍ଞାପନକୁ ରଦ୍ଦ କରିବା ଏକାଡେମୀ କ୍ଷମତା ପରିସରଭୁକ୍ତ। ଉକ୍ତ ବିଜ୍ଞାପନଟି ଏକାଡେମୀ ୱେବ୍‌ସାଇଟ୍ **www.odishasahityaakademi.org**ରେ ଉପଲବ୍ଧ।

**ପ୍ରୋଫର୍ମା**

୧. କେଉଁ ବର୍ଷ ପାଇଁ ପ୍ରସ୍ତାବ ଦିଆଯାଉଛି: ୨. ପ୍ରସ୍ତାବିତ ସାହିତ୍ୟିକ/ସାହିତ୍ୟିକାଙ୍କ ନାମ: ୩. ଜନ୍ମ ତାରିଖ ଓ ସ୍ଥାନ: (ପ୍ରସ୍ତାବକ ଆବେଦନ ପତ୍ର ସହ ବୟସ ପ୍ରମାଣପତ୍ର ନକଲ ସଂଯୁକ୍ତ କରିବେ) ୪. ପିତା / ମାତାଙ୍କ ନାମ: ୫. ସ୍ୱୀକୃତି, ସମ୍ମାନ ବା ପୁରସ୍କାରପ୍ରାପ୍ତି ପ୍ରମାଣପତ୍ରର ସମ୍ପୂର୍ଣ୍ଣ ତାଲିକା: (ପ୍ରମାଣପତ୍ରର ନକଲ ସଂଯୁକ୍ତ କରିବେ) ୬. ଅନୁବାଦ ହୋଇ ଅନ୍ୟ ଭାଷାରେ ପ୍ରକାଶିତ ହୋଇଥିବା ପୁସ୍ତକର ସମ୍ପୂର୍ଣ୍ଣ ତାଲିକା: (ପ୍ରଚ୍ଛଦ ଓ ଇନର୍ ପୃଷ୍ଠାର ଜେରକ୍ସ ନକଲ) ୭. ପୁରସ୍କୃତ ହୋଇଥିବା ପୁସ୍ତକର ତାଲିକା ଓ ନକଲ: (ପ୍ରଚ୍ଛଦ ଓ ଇନର୍ ପୃଷ୍ଠାର ଜେରକ୍ସ ନକଲ), ୮. ରାଷ୍ଟ୍ରୀୟ ପୁରସ୍କାର / ଉପାଧି ପାଇଥିବା ତାଲିକାର ସଂପୂର୍ଣ୍ଣ ବିବରଣୀ (ପ୍ରମାଣପତ୍ରର ନକଲ): ୯. ବର୍ତ୍ତମାନର ଠିକଣା ଏବଂ ଦୂରଭାଷ/ମୋବାଇଲ ନମ୍ବର, ଇ-ମେଲ୍: ୧୦. ସ୍ଥାୟୀ ଠିକଣା: ବି.ଦ୍ର: ଦାଖଲ ହେଉଥିବା ସମସ୍ତ କାଗଜାଦି ସ୍ୱ-ସ୍ୱାକ୍ଷରିତ ହେବା ଆବଶ୍ୟକ ଅଟେ।

ପୁରସ୍କାର ପାଇଁ ବିଚାର ନିମିତ୍ତ ନିର୍ଦ୍ଧାରିତ ନିୟମାବଳୀର ମୁଁ ଉଲ୍ଲଂଘନ କରୁନାହିଁ।

ପ୍ରସ୍ତାବିତ ପୁରସ୍କାର ସମ୍ବନ୍ଧରେ ଉଲ୍ଲେଖିତ ଉପରୋକ୍ତ ସମସ୍ତ ତଥ୍ୟ ମୋ' ଜାଣିବାରେ ଠିକ୍ ଅଟେ।

ଆବେଦନକାରୀ / ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର, ଠିକଣା, ଦୂରଭାଷ ନମ୍ବର ଓ ଇ-ମେଲ୍ ଆଇଡି:

**ସ୍ୱା./- ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ**

## ଓଡ଼ିଶା ସାହିତ୍ୟ ଏକାଡେମୀ

ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪

ଓଡ଼ିଶା ସାହିତ୍ୟ ଏକାଡେମୀ

ବିଜ୍ଞାପନ ସଂଖ୍ୟା: ୭୭/ଓ.ସା.ଏ ତା : ୨୧.୦୧.୨୦୨୩

### ଓଡ଼ିଶା ସାହିତ୍ୟ ଏକାଡେମୀ 'ସାରସ୍ୱତ ସାଧକ/ସାଧିକା ସମ୍ବର୍ଦ୍ଧନା-୨୦୨୧, ୨୦୨୨ ଓ ୨୦୨୩' ପାଇଁ ପ୍ରସ୍ତାବ ଆହ୍ୱାନ

ସମ୍ବର୍ଦ୍ଧନା ନିମନ୍ତେ ପ୍ରାର୍ଥୀ ନିଜେ କିମ୍ବା ତାଙ୍କ ପାଇଁ କେହି ପ୍ରସ୍ତାବକ ନିମ୍ନପ୍ରଦତ୍ତ ପ୍ରୋଫର୍ମାରେ ମୁଦାଲଫାପାରେ ଗୋପନୀୟ ଉଲ୍ଲେଖ କରି ତ୍ୱରିତ ଡାକ ଯୋଗେ କିମ୍ବା ସ୍ୱହସ୍ତରେ ସରକାରୀ ଛୁଟିଦିନ ବ୍ୟତୀତ କାର୍ଯ୍ୟଦିବସ ମାନଙ୍କରେ ତା ୨୨.୦୨.୨୦୨୩ରିଖ ସୁଦ୍ଧା ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪ଙ୍କ ଠିକଣାରେ ଆବେଦନ କରିପାରିବେ। ନାମପ୍ରସ୍ତାବ କରୁଥିବା ବ୍ୟକ୍ତିବିଶେଷ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ସାରସ୍ୱତ ସାଧକ/ସାଧିକା ହୋଇଥିବେ। ଯଦି କୌଣସି ପ୍ରସ୍ତାବକ ଏକାଧିକ ବର୍ଷ ପାଇଁ ବିଚାର ନିମିତ୍ତ ପ୍ରସ୍ତାବ ପଠାଇବାକୁ ଇଚ୍ଛା କରୁଥାନ୍ତି, ତେବେ ତାହା ପୃଥକ୍ ପୃଥକ୍ ଫର୍ମରେ ପ୍ରତିବର୍ଷ ପାଇଁ ପ୍ରସ୍ତାବ ଏକାଡେମୀ କାର୍ଯ୍ୟାଳୟକୁ ପଠାଇବେ। କୌଣସି ସାରସ୍ୱତ ସାଧକ/ସାଧିକା ଏକାଡେମୀ ସାଧାରଣ ପରିଷଦର କୌଣସି ଜଣେ ସଦସ୍ୟଙ୍କ ଦ୍ୱାରା ନିଜ ନାମକୁ ପ୍ରସ୍ତାବିତ କରାଇ ନିର୍ଦ୍ଧାରିତ ଫର୍ମରେ ଏକାଡେମୀର ସଚିବଙ୍କ ନିକଟକୁ ପଠାଇପାରିବେ।

**ଏହି ପୁରସ୍କାର ପାଇଁ ପ୍ରସ୍ତାବିତ ବ୍ୟକ୍ତିବିଶେଷ ନିମ୍ନପ୍ରଦତ୍ତ ଯୋଗ୍ୟତାର ଅଧିକାରୀ ହୋଇଥିବେ:**

**(କ)** ପ୍ରସ୍ତାବିତ ସାରସ୍ୱତ ସାଧକ/ସାଧିକାଙ୍କ ବୟସ ୬୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ। **(ଖ)** ଏଥିପୂର୍ବରୁ ଏହି ସାରସ୍ୱତ ସାଧକ/ସାଧିକା ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ ହୋଇନଥିବେ। (ତାଲିକା ଏକାଡେମୀ ୱେବ୍‌ସାଇଟ୍‌ରେ ଉପଲବ୍ଧ) **(ଗ)** ଦୀର୍ଘ ଦୁଇ ଦଶନ୍ଧି କିମ୍ବା ତଦୂର୍ଦ୍ଧ୍ୱ ସମୟ ଧରି ଅବିଚ୍ଛିନ୍ନ ଭାବେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏହି ସାଧକ/ସାଧିକା ନିଜର ସାଧନା ଜାରି ରଖିଥିବେ। **(ଘ)** ସମ୍ବର୍ଦ୍ଧିତ ହେବାକୁ ଥିବା ବ୍ୟକ୍ତିବିଶେଷଙ୍କର ଓଡ଼ିଆ ଭାଷା ସାହିତ୍ୟରେ ଅନ୍ୟୂନ ପାଞ୍ଚଖଣ୍ଡ ସୃଜନଶୀଳ ସାହିତ୍ୟ ପୁସ୍ତକ ପ୍ରକାଶିତ ହୋଇଥିବ। ଏଥିରେ ସମ୍ପାଦିତ, ସଂଯୋଜିତ, ବୈଷୟିକ ପୁସ୍ତକ, ସାଧାରଣଜ୍ଞାନ ପୁସ୍ତକ, ପାଠ୍ୟପୁସ୍ତକ ଓ ପାଠ୍ୟପୁସ୍ତକର ସହାୟକ ପୁସ୍ତକ ବିଚାର୍ଯ୍ୟ ହେବନାହିଁ। **(ଙ)** ସର୍ବାଧିକ ପୁସ୍ତକ ରଚନା ଓ ପ୍ରକାଶନ କରିଥିବା ବ୍ୟକ୍ତିଙ୍କୁ ତାଙ୍କ ନିରନ୍ତର ସାଧନା ଆଧାରରେ ଏହି ସମ୍ବର୍ଦ୍ଧନା ପାଇଁ ଅଗ୍ରାଧିକାର ଦିଆଯିବ।

ଏହି ସମ୍ବର୍ଦ୍ଧନା ପାଇଁ ଆସିଥିବା ପ୍ରସ୍ତାବ/ଆବେଦନ କିମ୍ବା ପୁରସ୍କାର ପ୍ରଦାନରେ ପ୍ରଦତ୍ତ ତଥ୍ୟ ଓ ବିବରଣୀରେ ଯଦି କୌଣସି ମିଥ୍ୟା ତଥ୍ୟ କିମ୍ବା ଅସାଧୁ ବେନିୟମ ଉପାୟ ଅବଲମ୍ବନ କରାଯାଇଥିବା ଅଭିଯୋଗ ପ୍ରମାଣିତ ହୁଏ, ତେବେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ସମ୍ବର୍ଦ୍ଧନା ପ୍ରଦାନକୁ ବାତିଲ କରିବାର ନିଷ୍ପତ୍ତି ଏକାଡେମୀର କାର୍ଯ୍ୟକାରୀ ପରିଷଦ ଗ୍ରହଣ କରିପାରିବେ। ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଦରଖାସ୍ତ ବିଚାର ପାଇଁ ଗୃହୀତ ହେବନାହିଁ କିମ୍ବା ଅସମ୍ପୂର୍ଣ୍ଣ ଆବେଦନପତ୍ର/ ପ୍ରସ୍ତାବପତ୍ର ବିଚାର ପରିସରଭୁକ୍ତ ହେବନାହିଁ। ଏହି ବିଜ୍ଞାପନକୁ ରଦ୍ଦ କରିବା ଏକାଡେମୀ କ୍ଷମତା ପରିସରଭୁକ୍ତ ଅଟେ। ଉକ୍ତ ବିଜ୍ଞାପନଟି ଏକାଡେମୀ ୱେବ୍‌ସାଇଟ୍ **www.odishasahityaakademi.org**ରେ ଉପଲବ୍ଧ।

**ପ୍ରୋଫର୍ମା**

୧. କେଉଁ ବର୍ଷ ପାଇଁ ପ୍ରସ୍ତାବ ଦିଆଯାଉଛି: ୨. ସାଧକ/ସାଧିକାଙ୍କ ନାମ: ୩. ଜନ୍ମ ତାରିଖ ଓ ସ୍ଥାନ: (ପ୍ରସ୍ତାବକ/ପ୍ରାର୍ଥୀ ଆବେଦନ ପତ୍ର ସହ ବୟସ ପ୍ରମାଣପତ୍ର ନକଲ ସଂଯୁକ୍ତ କରିବେ) ୪. ପିତା / ମାତାଙ୍କ ନାମ: ୫. ଦୁଇ ଦଶନ୍ଧି କିମ୍ବା ତଦୂର୍ଦ୍ଧ୍ୱ ସମୟ ଧରି ସାହିତ୍ୟ କ୍ଷେତ୍ରରେ ସାଧକ/ସାଧିକା ନିଜର ନିରନ୍ତର ସାଧନା ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିବେ। (ପ୍ରମାଣ ସ୍ୱରୂପ ସେମାନେ କିମ୍ବା ତାଙ୍କ ପାଇଁ ଆବେଦନ କରୁଥିବା ବ୍ୟକ୍ତି ପ୍ରସ୍ତାବିତ ବ୍ୟକ୍ତିଙ୍କର ପ୍ରଥମ ପ୍ରକାଶିତ ପୁସ୍ତକ ଓ ସଦ୍ୟତମ ପୁସ୍ତକର ପ୍ରଚ୍ଛଦ ଓ ଇନର୍ ପୃଷ୍ଠାର ଜେରକ୍ସ ନକଲ ଦରଖାସ୍ତ ସହ ସଂଗ୍ରଥିତ କରିବେ) । ୬. ଏଯାବତ୍ ପ୍ରକାଶିତ ପୁସ୍ତକର ସମ୍ପୂର୍ଣ୍ଣ ବିବରଣୀ: (ପ୍ରମାଣ ସ୍ୱରୂପ ସେମାନେ କିମ୍ବା ତାଙ୍କ ପାଇଁ ଆବେଦନ କରୁଥିବା ବ୍ୟକ୍ତିବିଶେଷ ସମସ୍ତ ପ୍ରକାଶିତ ପୁସ୍ତକର ନାମ, ପ୍ରକାଶକଙ୍କ ନାମ, ପୁସ୍ତକର ପୃଷ୍ଠା ସଂଖ୍ୟା, ମୂଲ୍ୟ, ପୁସ୍ତକର ଯେଉଁପୃଷ୍ଠାରେ ପ୍ରକାଶନ କାଳ ଉଲ୍ଲେଖ ଥିବ ତାହାର ନକଲ ଆବେଦନପତ୍ର ସହ ସଂଯୁକ୍ତ କରିବେ। ସମ୍ପାଦିତ, ସଂଯୋଜିତ, ବୈଷୟିକ ପୁସ୍ତକ, ସାଧାରଣଜ୍ଞାନ ପୁସ୍ତକ, ପାଠ୍ୟପୁସ୍ତକ ଓ ପାଠ୍ୟପୁସ୍ତକର ସହାୟକ ପୁସ୍ତକ ଏବଂ କୌଣସି କ୍ଷୁଦ୍ରପୁସ୍ତିକା ଏ କ୍ଷେତ୍ରରେ ବିଚାରଯୋଗ୍ୟ ନୁହେଁ) ୭. ଅନୂଦିତ ହୋଇଥିବା ପୁସ୍ତକର ସମ୍ପୂର୍ଣ୍ଣ ତାଲିକା: (ପ୍ରଚ୍ଛଦ ଓ ଇନର୍ ପୃଷ୍ଠାର ଜେରକ୍ସ ନକଲ ସହ) ୮. ସାହିତ୍ୟ ସଙ୍ଗଠନ କ୍ଷେତ୍ରରେ କୃତିତ୍ୱର ସମ୍ପୂର୍ଣ୍ଣ ବିବରଣୀ: (ପ୍ରମାଣ ସ୍ୱରୂପ ସମସ୍ତ ନକଲ ପ୍ରଦାନ) । ୯. ବର୍ତ୍ତମାନ ଠିକଣା ଏବଂ ଦୂରଭାଷ/ମୋବାଇଲ ନମ୍ବର ୧୦. ସ୍ଥାୟୀ ଠିକଣା: ୧୧. କୌଣସି ସାଧକ/ସାଧିକାଙ୍କ ପାଇଁ ପ୍ରସ୍ତାବ ଦେଉଥିବା ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ସଦସ୍ୟଙ୍କ ନାମ, ସ୍ୱାକ୍ଷର, ତାରିଖ, ଠିକଣା ଓ ମୋବାଇଲ ନମ୍ବର: (ସୁପାରିସ କରୁଥିବା ସାଧକ/ସାଧିକାଙ୍କ ଯୋଗ୍ୟତା ସଂପର୍କରେ ସୁପାରିସକର୍ତ୍ତା/କର୍ତ୍ତ୍ରୀଙ୍କ ମନ୍ତବ୍ୟ ସହ।)

ବି.ଦ୍ର: ଦାଖଲ ହେଉଥିବା ସମସ୍ତ କାଗଜାଦି ସ୍ୱ-ସ୍ୱାକ୍ଷରିତ ହେବା ଆବଶ୍ୟକ ଅଟେ ।

ସମ୍ବର୍ଦ୍ଧନା ପାଇଁ ବିଚାର ନିମିତ୍ତ ନିର୍ଦ୍ଧାରିତ ନିୟମାବଳୀର ମୁଁ ଉଲ୍ଲଂଘନ କରୁନାହିଁ।

ପ୍ରସ୍ତାବିତ ସମ୍ବର୍ଦ୍ଧନା ସମ୍ବନ୍ଧରେ ଉଲ୍ଲେଖିତ ଉପରୋକ୍ତ ସମସ୍ତ ତଥ୍ୟ ମୋ' ଜାଣିବାରେ ଠିକ୍ ଅଟେ।

ଆବେଦନକାରୀ / ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର, ଠିକଣା, ଦୂରଭାଷ ନମ୍ବର ଓ ଇ-ମେଲ ଆଇଡି:

OIPR-03006/11/0001/2223

**ସ୍ୱା./- ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ..............................


କ୍ରୀଶ୍
ପରିବାରବର୍ଗ


ଅନ୍ୱେଷ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରିଲାଏନ୍ସ ଡିଜିଟାଲରେ 'ଡିଜିଟାଲ ଇଣ୍ଡିଆ ସେଲ୍'

**ନୂଆଦିଲ୍ଲୀ,୨୨।୧**

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ରିଲାଏନ୍ସ ଗ୍ରୁପ ସହଯୋଗୀ କମ୍ପାନୀ ରିଲାଏନ୍ସ ଡିଜିଟାଲ୍ ପକ୍ଷରୁ ଚଳିତ ନବ ବର୍ଷ ଓ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଭାରତର ସର୍ବବୃହତ୍ ଇଲେକ୍‌ଟ୍ରୋନିକ ସେଲ୍ 'ଡିଜିଟାଲ୍ ଇଣ୍ଡିଆ ସେଲ୍' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡ ତା'ର ଗ୍ରାହକଙ୍କର ଟେକ୍ ଉତ୍ପାଦକୁ ଅପଗ୍ରେଡ୍ କରିବାର ଏକ ନୂତନ ସୁଯୋଗ ନେଇ ଆସିଛି। ବିଶେଷକରି ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ଉତ୍ପାଦ ଉପରେ ଅତୁଳନୀୟ ଅଫର ଓ ରିହାତି ଲାଭ କରନ୍ତୁ ଏବଂ କେବଳ ଏତିକି ନୁହେଁ, ଦେଶରେ ପ୍ରଚଳିତ ସମସ୍ତ କ୍ରେଡିଟ୍ ଓ ଡେବିଟ୍ କାର୍ଡ଼ରେ ୨୦,୦୦୦ଟଙ୍କା ପର୍ଯ୍ୟନ୍ତ ଇନ୍‌ଷ୍ଟାଟ ଡିସ୍‌କାଉଣ୍ଟ ସୁବିଧାକୁ କେବଳ ରିଲାଏନ୍ସ ଡିଜିଟାଲ, ମାଇଁ ଜିଓ ଷ୍ଟୋରରେ ୨୯ ଜାନୁୟାରୀ ପର୍ଯ୍ୟନ୍ତ ଉପଭୋଗ କରନ୍ତୁ। ଅପରପକ୍ଷରେ ଉକ୍ତ ଅଫରଗୁଡ଼ିକ ବ୍ୟତୀତ ରିଲାଏନ୍ସ ଡିଜିଟାଲର ସମସ୍ତ ଇଲେକ୍‌ଟ୍ରୋନିକ୍ସ ବର୍ଗ ଯଥା ଟିଭି, ସ୍ମାର୍ଟଫୋନ୍, ଲାପଟପ୍, ରେଫ୍ରିଜରେଟର, ଅଡିଓ ଡିଭାଇସ୍, ସ୍ମଲ୍ ଡୋମେଷ୍ଟିକ୍ ଡିଭାଇସ୍ ଓ ଆହୁରି ଅନେକ ଉପରେ ଆକର୍ଷଣୀୟ ଅଫର ମଧ୍ୟ ଗ୍ରାହକଙ୍କୁ ପ୍ରଦାନ କରାଯାଉଛି।

# 'ଡିଜିଟାଇଜେଶନକୁ ଗୁରୁତ୍ୱାରୋପ'

**ନୂଆଦିଲ୍ଲୀ,୨୨।୧**

ଦେଶର ପ୍ରମୁଖ ଫିନ୍‌ଟେକ ପ୍ଲାଟଫର୍ମ ଫୋନ୍ ପେ ଡିଜିଟାଇଜେଶନ କ୍ଷେତ୍ରର ସମ୍ପ୍ରସାରଣ ଓ ଗୁରୁତ୍ୱାରୋପକୁ ଆଖି ଆଗରେ ରଖି ପାଣ୍ଠି ସଂଗ୍ରହ ସମ୍ପର୍କରେ ଘୋଷଣା କରିଥିଲା। ଫଳରେ କମ୍ପାନୀ ଅଳ୍ପ ସମୟ ମଧ୍ୟରେ ୧୨ ବିଲିୟନ ଡଲାରର ପ୍ରି-ମନି ଭାଲ୍ୟୁଏଶନରେ ଜେନେରାଲ ଆଟଲାଣ୍ଟିକଠାରୁ ଫଣ୍ଡିଂରେ ୩୫୦ମିଲିୟନ ଡଲାର ସଂଗ୍ରହ କରିଛି। ଏପରିକି ଜେନେରାଲ ଆଟଲାଣ୍ଟିକ ବିନିଯୋଗ ଏକ ବିଲିୟନ ପର୍ଯ୍ୟନ୍ତର ସମୁଦାୟ ପାଣ୍ଠି ସଂଗ୍ରହର ପ୍ରଥମ କିସ୍ତି ଅଟେ, ଯାହାକୁ ଫୋନ୍ ପେ ୨୦୨୩ ଜାନୁୟାରୀ ପ୍ରଥମ ସପ୍ତାହରୁ ଆରମ୍ଭ କରିଥିଲା। ଏ ସମ୍ପର୍କରେ ଫୋନ୍ ପେ ର ପ୍ରତିଷ୍ଠାତା ତଥା ସିଇଓ ସମୀର ନିଗମ କହିଛନ୍ତି, ଆମ ଉପରେ ବିଶ୍ୱାସ ରଖିଥିବାରୁ ମୁଁ ଜେନେରାଲ ଆଟଲାଣ୍ଟିକ ଏବଂ ଆମର ସମସ୍ତ ବିଦ୍ୟମାନ ଏବଂ ନୂତନ ବିନିଯୋଗକାରୀମାନଙ୍କୁ ଧନ୍ୟବାଦ ଜଣାଉଛି, ଫୋନ୍‌ପେ ଭାରତର ଦେଶବ୍ୟାପୀ ଡିଜିଟାଇଜେଶନକୁ ଆଗେଇ ନେବାରେ ସାହାଯ୍ୟ କରିଥିବାରୁ ଗର୍ବିତ ଏବଂ ଏହା ବିଶ୍ୱାସ କରୁଛି ଯେ ଏହି ଶକ୍ତିଶାଳୀ ସରକାରୀ-ବେସରକାରୀ ସହଯୋଗ ଭାରତୀୟ ଡିଜିଟାଲ ଇକୋସିଷ୍ଟମକୁ ଏକ ବିଶ୍ୱସ୍ତରୀୟ ଉଦାହରଣ ରୂପେ ପ୍ରସ୍ତୁତ କରିପାରିଛି ବୋଲି ନିଗମ ମତପ୍ରକାଶ କରିଛନ୍ତି। ସେମାନେ ଓପନ ଏପିଆଇ ଆଧାରିତ 'ଇଣ୍ଡିଆ ଷ୍ଟେକ୍'ରେ ବିକଶିତ ଅନ୍ତର୍ଭୁକ୍ତ ଉତ୍ପାଦ ଗ୍ରହଣ ଉପରେ ଧ୍ୟାନକେନ୍ଦ୍ରିତ କରିଛନ୍ତି।

# ମାରୁତି ସୁଜୁକିର ଗ୍ରାଣ୍ଡ ୱିକେଣ୍ଡ ଗେଟ୍ ୱେ

**ବ୍ରହ୍ମପୁର ଅଫିସ,୨୨।୧**



ଦେଶର ପ୍ରମୁଖ ଅଟୋମୋବାଇଲ୍ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମ୍‌ଏସ୍‌ଆଇଏଲ୍) ପକ୍ଷରୁ ଏକ ୩ ଦିନିଆ ଗ୍ରାଣ୍ଡ ୱିକେଣ୍ଡ ଗେଟ୍ ୱେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବିଶେଷ କରି ଓଡ଼ିଶା ବଜାରରେ ନେକ୍ସା ଗ୍ରାଣ୍ଡ ଭିଟାରା ଏସ୍‌ୟୁଭି କାର କିଣିଥିବା ଗ୍ରାହକଙ୍କ ପାଇଁ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀର ପ୍ରମୁଖ ଗ୍ରାହକଙ୍କ ପରିବାରଙ୍କୁ ନେଇ ଦାରିଙ୍ଗବାଡି ଇକୋ ରିଟ୍ରିଟ୍‌ଠାରେ ନେକ୍ସାର ଗାଡ଼ି ଚାଳନା କରାଯାଇଥିଲା। ଅପରପକ୍ଷରେ ରବିବାର ସ୍ଥାନୀୟ ଗୋପାଳପୁରସ୍ଥିତ ଏକ ହୋଟେଲଠାରେ ଗ୍ରାଣ୍ଡ ୱିକେଣ୍ଡ ଗେଟ୍ ୱେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାରୁତି ସୁଜୁକି ନେକ୍ସାର ରିଜିଓନାଲ ମ୍ୟାନେଜର କାର୍ତ୍ତିକ ରାଜା ଓ ସ୍କାଏ ଅଟୋମୋବାଇଲ୍ସ ଡିଲର ମାଲିକ ଅଭିନାଶ ସିଂଘାନିଆ ପ୍ରମୁଖ ଯୋଗଦେଇଥିଲେ।

ଏ ସମ୍ପର୍କରେ ମାରୁତି ସୁଜୁକି ନେକ୍ସାର ରିଜିଓନାଲ ମ୍ୟାନେଜର କାର୍ତ୍ତିକ ରାଜା କହିଛନ୍ତି, ଗତ ବର୍ଷ ସେପ୍ଟେମ୍ବରରେ ନେକ୍ସା ଗ୍ରାଣ୍ଡ ଭିଟାରା ଏସ୍‌ୟୁଭି କାର ବଜାର ପ୍ରବେଶ କରିଥିଲା। ସେଥିରେ ଥରେ ପେଟ୍ରୋଲ ଭରିବା ପରେ ୧୨୦୦ କି.ମି.ରୁ ଅଧିକ ଯାତ୍ରା କରିପାରିବେ। ଏପରିକି ଏଥିରେ ରହିଥିବା ଅଟୋମେଟିକ୍ ଇଭି ମୋଡ୍ ଦ୍ୱାରା ପେଟ୍ରୋଲ ଖର୍ଚ୍ଚକୁ ଅନେକ ପରିମାଣରେ ହ୍ରାସ କରାଯାଇପାରିବ, ଯାହାଦ୍ୱାରା ଗାଡ଼ି କିଣିବା ନେଇ ଗ୍ରାହକଙ୍କ କ୍ଷେତ୍ରରେ ଆଗ୍ରହ ବୃଦ୍ଧି ପାଇଛି। ଗାଡ଼ି ଚାଲୁଥିବା ସମୟରେ ହିଁ ଇଭି ଚାର୍ଜ ହୋଇଥାଏ। ଏହାକୁ ବିଦ୍ୟୁତ୍ ମାଧ୍ୟମରେ ଚାର୍ଜ କରିବାର ଆବଶ୍ୟକତା ନାହିଁ ବୋଲି ରାଜା କହିଛନ୍ତି। ସେହିଭଳି ସ୍କାଏ ଅଟୋମୋବାଇଲ୍ସ ଡିଲର ମାଲିକ ଅଭିନାଶ ସିଂଘାନିଆ କହିଛନ୍ତି, ଆଜିସୁଦ୍ଧା ରାଜ୍ୟରେ ଏହି କାର କିଣିବାକୁ ୨୩୦୦ ଗ୍ରାହକ ବୁକିଂ କରିଛନ୍ତି। ଏଥିମଧ୍ୟରୁ ୬୫୦ ଜଣଙ୍କୁ କାର ପ୍ରଦାନ କରାଯାଇଛି। ରାଜ୍ୟରେ ସର୍ବାଧିକ କାର ବିକ୍ରି କ୍ଷେତ୍ରରେ ୧ ନମ୍ବର ହେବା ନେଇ ଲକ୍ଷ୍ୟ ରଖାଯାଇଛି। ସେହିପରି କାରରେ ରହିଥିବା ଅଟୋମେଟିକ୍ ଇଭି ସିଷ୍ଟମ ଦ୍ୱାରା ପେଟ୍ରୋଲ ସଞ୍ଚୟ ହୋଇପାରୁଛି। ଏହି କାରରେ ଯାତ୍ରା କରିବା ଏକ ଅଭୂତପୂର୍ବ ଅନୁଭୂତି ବୋଲି ଜଣେ ଗ୍ରାହକ ସସ୍ମିତା ପଟ୍ଟନାୟକ କହିଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE ! SAME PRICE
For Booking Contact: 0674-2580385

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଇସିଆଇସିଆଇ ବ୍ୟାଙ୍କର ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୨୨।୧**

ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷର ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ନେଟ୍ ଲାଭ ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ୩୪% ବୃଦ୍ଧି ପାଇ ୮,୩୧୨ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ୨୦୨୧-୨୨ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ବ୍ୟାଙ୍କର ନେଟ୍ ଲାଭ ୬,୧୯୪ କୋଟି ଟଙ୍କା ରହିଥିଲା ବିଶେଷ କରି ୨୦୨୨-୨୩ ଆର୍ଥିକ ବର୍ଷର ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ମୋଟ ଆୟ ୩୩,୫୨୯ କୋଟି ଟଙ୍କାକୁ ବୃଦ୍ଧି ପାଇ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୨୭,୦୬୯ କୋଟି ଟଙ୍କା ହୋଇଛି। ସେହିପରି ବ୍ୟାଙ୍କର ନେଟ୍ ସୁଧ ଆୟରେ ୩୪.୬% ବୃଦ୍ଧି ଘଟି ୧୬,୪୬୫ କୋଟି ଟଙ୍କାରେ ପହଞ୍ଚିଛି। ଯାହାକି ବର୍ଷକ ପୂର୍ବେ ୩ୟ ତ୍ରୈମାସିକରେ ୧୨,୨୩୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ତେବେ ବ୍ୟାଙ୍କର ବର୍ଷକ ବର୍ଷ ପୂର୍ବେ ସମାନ ଅବଧିରେ ୩.୯୬% ତୁଳନାରେ ନେଟ୍ ସୁଧ ହାରରେ ୪.୬୫% ବୃଦ୍ଧିହୋଇଛିବୋଲି ବ୍ୟାଙ୍କ ପକ୍ଷରୁ ସୂଚନାଦିଆଯାଇଛି।




# ଦିଲ୍ଲୀରେ ଲାଲ୍‌ଚାନ୍ଦର ଏକ୍ସକ୍ଲୁସିଭ ଷ୍ଟୋର 'ଆରୋହୀ'

**ନୂଆଦିଲ୍ଲୀ,୨୨।୧**



ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ ଜୁଏଲର୍ସର ଆଉ ଏକ ବ୍ରାଣ୍ଡ ଆଉଟ୍‌ଲେଟ୍ ସୁଦୂର ଦିଲ୍ଲୀରେ ଶୁଭାରମ୍ଭ କରାଯାଇଛି। ଏପରିକି ଶନିବାର ଦିଲ୍ଲୀର ଲାଜପତନଗର ମାର୍କେଟଠାରେ ଲାଲ୍‌ଚାନ୍ଦ ବ୍ରାଣ୍ଡର ପ୍ରଥମ ଏକ୍ସକ୍ଲୁସିଭ ଷ୍ଟୋର 'ଆରୋହୀ' ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭାରତର ପୂର୍ବତନ ସୂଚନା କମିଶନର ସତ୍ୟାନନ୍ଦ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲାଲ୍‌ଚାନ୍ଦ ଗ୍ରୁପ୍‌ର ବହୁ ବରିଷ୍ଠ ଅଧିକାରୀ ତଥା ଆରୋହୀର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଲାଲ୍‌ଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି, ଓଡ଼ିଶାର ଲୋକପ୍ରିୟ ବ୍ରାଣ୍ଡ ବର୍ତ୍ତମାନ ଦିଲ୍ଲୀ ସହରରେ ତା'ର କାୟା ବିସ୍ତାର ସହ ଗ୍ରାହକଙ୍କ ବିଶ୍ୱାସଭାଜନ ଓ ସୁଲଭ ମୂଲ୍ୟରେ ଗୁଣାତ୍ମକ ସାମଗ୍ରୀ ଆରୋହୀ ଗ୍ରାହକଙ୍କୁ ଯୋଗାଇଦେବ। ସେହିଭଳି ଲାଲ୍‌ଚାନ୍ଦର ସିଇଓ ପଲକ ହଂସ ସେନ୍ କହିଥିଲେ, ଦିଲ୍ଲୀବାସୀ ଓ ଦିଲ୍ଲୀକୁ ଆସୁଥିବା ସବୁ ବର୍ଗର ଗ୍ରାହକଙ୍କୁ ଉନ୍ନତ ତଥା ଗୁଣାତ୍ମକ ସାମଗ୍ରୀ ସହ କଳା ସଂସ୍କୃତିର ଡିଜାଇନ ଓ ଗ୍ରାହକ ଚାହିଦାକୁ ଗୁରୁତ୍ୱ ଦିଆଯିବ। ଏପରିକି ଦିଲ୍ଲୀର ଗ୍ରାହକ ଅଳଙ୍କାର ପ୍ରିୟ ହୋଇଥିବାରୁ ସେମାନଙ୍କୁ ସବୁ ପ୍ରକାର ଡିଜାଇନ ଓ ବିଶୁଦ୍ଧ ସୁନାର ଉତ୍ପାଦ ଯୋଗାଇବା ଆମର ପ୍ରଥମ ଦାୟିତ୍ୱ ରହିବ। ବିଶେଷକରି ଯୁବବର୍ଗର ଗ୍ରାହକଙ୍କ ପାଇଁ ହାଲୁକା ଓ ଡିଜାଇନକୁ ବେଶ୍ ଗୁରୁତ୍ୱ ଦେବା ସହ ଅତ୍ୟାଧୁନିକ ଡିଜାଇନ ସମ୍ଭାର ଉପଲବ୍ଧ କରାଇବା ଆମର ମୂଳ ଲକ୍ଷ୍ୟ ହେବ ବୋଲି ପଲକ ମତପ୍ରକାଶ କରିଥିଲେ।

# ପ୍ରତି ମିନିଟ୍‌ରେ ଗୋଟିଏ ଶାଢ଼ି ବିକ୍ରି

**ନୂଆଦିଲ୍ଲୀ,୨୨।୧**

ଦେଶର ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମ ଫ୍ଲିପ୍‌କାର୍ଟରେ ପ୍ରତି ମିନିଟ୍‌ରେ ଗୋଟିଏ ଶାଢ଼ି ବିକ୍ରି ହେଉଥିବା ଫ୍ଲିପ୍‌କାର୍ଟ ପକ୍ଷରୁ କୁହାଯାଇଛି। କାରଣ ଭାରତୀୟ ଶାଢ଼ିକୁ ବିଶ୍ୱରେ ଅନ୍ୟତମ ପୁରାତନ ପୋଷାକ ଭାବେ ପରିଗଣିତ କରାଯାଇଥାଏ। ଏପରିକି ଜେନ୍ ଜେଡ୍‌ଠାରୁ ଆରମ୍ଭକରି ମିଲେନିଆଲ ଓ ବୟସ୍କ ମହିଳାଙ୍କ ପର୍ଯ୍ୟନ୍ତ ବିଭିନ୍ନ ପିଢ଼ି ଓ ବର୍ଗର ଭାରତୀୟ ମହିଳାମାନେ ସୌନ୍ଦର୍ଯ୍ୟତାର ଏହି ଉତ୍କର୍ଷତାକୁ ଗ୍ରହଣ କରିଥାନ୍ତି। ବିଶେଷକରି ବଲିଉଡ୍ ଦ୍ୱାରା ଅନୁପ୍ରାଣିତ ବନାରସି ଶାଢ଼ି,ଦୈନନ୍ଦିନ ବ୍ୟବହାର ପାଇଁ କଟନ୍ ଶାଢ଼ି, କାଞ୍ଜିବରମ୍, ବାନ୍ଧନି, ଜାମଦାନି, ଚନ୍ଦେରି, ହ୍ୟାଣ୍ଡଲୁମ୍, ମହୀଶୂର ଓ ମେଖେଲା ଚାଦୋର ଆଦି ଶାଢ଼ି ସର୍ବାଧିକ କ୍ରୟହୋଇଥିବା ଶୀର୍ଷ ୧୦ଟି ଶାଢ଼ିଭାରିଆଣ୍ଟ ପ୍ଲାଟଫର୍ମରେ ଅନ୍ତର୍ଭୁକ୍ତ ହୋଇଛି।


# Classified Everyday
**0674-2580101, 2549949**


REAL ESTATE

**SALE**

ଝିଅ ବିଭାଘର ପାଇଁ ଗଙ୍ଗପଡ଼ାରେ ୩୦ ଫୁଟ ରୋଡ୍ ଥାଇ ୧୦ ଗୁଣ୍ଠ ଘରବାଡ଼ି ଜମି ବିକ୍ରି ହେବ (ଗୁଣ୍ଠ- 7,50,000/-)। 9853150290. D-74193

Schedulecaste ପ୍ଲଟ୍ ଝାଁଳା 1200sqft., 9,60,000/-, ଅରଗୁଳ ଷ୍ଟେସନ 4000sqft. 14,00,000/-, ନଖରା ବ୍ରାହ୍ମଣଝରିଲୋ 2400sqft. 24,00,000/-. 8260032051. D-74194

**ଭୁବନେଶ୍ୱର ପଟିଆ ଷ୍ଟେସନ 2 K.M., New Rly Station 400mtr. ଦୂରତାରେ yellowzone plot ମିଳୁଛି sqft.- 650/-. 8249081980.** D-74187

ଭୁବନେଶ୍ୱର ରସୁଲଗଡ଼ **3BHK flat, ନଖରା ଛକ, ହଂସପାଳ ଛକ, 3BHK Duplex, ଘରବାରି ପ୍ଲଟ୍ ସାଇ ମନ୍ଦିର, ରଙ୍ଗବଜାର, ବାଲକାଟୀ ନିକଟରେ ମିଳୁଛି। 8327785834, 9658122456.** D-74188

ଭୁବନେଶ୍ୱର ଖଣ୍ଡଗିରି **AMRI Hospital** ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - **9348767829.** D-74173

ଭୁବନେଶ୍ୱର ହଂସପାଳଛକରୁ **5 K.M.** ମଧ୍ୟରେ ବେଣୁପୁରରେ **30'** ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। **6371364640, 9776366322.** D-74184

ଭୁବନେଶ୍ୱର ବାଲିଅନ୍ତା ପୋଲିସ ଷ୍ଟେସନ ପାଖରେ ଘରବାରି ପ୍ଲଟ୍ 30'Road, Electricity ଥାଇ ମିଳୁଛି। (Boundary, registration free). 9337922588. D-74190

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex** ମିଳୁଛି। **8327785834, 9658122456.** D-74197

ଗଙ୍ଗପଡ଼ା NHରୁ 700mtr. distance (per sqft- 500/-), 200mtr. ଦୂରତାରେ (per sqft- 1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

କଟକ-ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74191

**30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941.** D-74195

ଭୁବନେଶ୍ୱର ରସୁଲଗଡ଼, ନଖରା, ମଞ୍ଚେଶ୍ୱର, ହଂସପାଳ, ପାତ୍ରପଡ଼ା, ବାଲକାଟୀ, ମନ୍ଦାରବସ୍ତ, ବାରଙ୍ଗ ନିକଟରେ **flat, duplex, simplex plot** ଘରବାଡ଼ି) ସୁଲଭ ମୂଲ୍ୟରେ (ମିଳୁଛି। **7978671232 Whatsapp- 8908710655.** D-74189

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରରେ BDA yellowzone ପ୍ଲଟ୍ boundary ସହ ମିଳୁଅଛି। 8338932027, 7978676652. D-74192




Asribadad Panchakarma herbal SPA Kesarimall, Bhubaneswar. Contact: 8926173473. D-74632

Newly open full body massage ladies and gents. 8327740003, 8093860513. D-74631

Revitalize your-self with our ayurvedic massage and refreshment. Contact: 8984068198. D-74509

**Full body massage by experience therapist @ 999 only. 9078484455 (Bhubaneswar).** D-2453

Newly open health benefits SPA special offer@999Nayapalli. 7846814019. D-73676

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଆମ ସାଇର ବ୍ରତଘର**



ଆମ କଲ୍ୟାଣୀୟ ନାତି ଆୟୁଷ୍ମାନ ଶ୍ରୀମାନ ଶ୍ରେୟାସ (ସାଇ)ଙ୍କର ବ୍ରତଘର ବୈଦିକ ରୀତିନୀତିରେ ଆଜି ଅନୁଷ୍ଠିତ ହେଉଛି। ଆପଣ, ଆମ ଘରେ ପାଦରଖି ବ୍ରହ୍ମଚାରୀଙ୍କୁ ଶୁଭ ଆଶିଷ ବାଢ଼ି ଦେବାକୁ ଅନୁରୋଧ। ଆପଣଙ୍କ ଅପେକ୍ଷାରେ- ଶ୍ରୀମତୀ ପ୍ରେମଲତା ମହାପାତ୍ର, ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାପାତ୍ର ।
ରାଜନଗର, କେନ୍ଦ୍ରାପଡ଼ା
ଧ-୨୫୬୦

**1st Wedding Anniversary**



**Dipuna & Subrat**
At: Jharpada, Bhubaneswar
Congratulation on one year of love, friendship and togetherness. Happy 1st Wedding Anniversary
From: Baba & Mommy.
D-2562

**LOST**

I Sabita Khosla,W/o- Aditya Sen have lost the sale deed of plot No-989/2875, Mouza-Boringpadar, Khata No-356/646,on the way on Date 12.01.2023. When I was travelled by Bus from Kesinga to Junagarh. I searched the same but couldn't traced. D-2564

**AFFIDAVIT**

I Sahenaz Begam, W/o- Daud Khan, At/PO.-Santarapur, Dist.-Keonjhar declare my name is Sahenaz Begam as per PAN, AADHAAR and Bank Pass Book. In my Votor ID and ROR (Khat No.- 466/326, Khata No.-1787 Mauza- Santarapur, SRO- Ghatagaon) is mentioned as Sehanaj Bibi both the names are same and one person. D-2563


BUSINESS

ନୂଆ କିମ୍ବା ପୁରୁଣାଘରେ ଉଇ, ଅସରପା, ଝିଟିପିଟିମାନଙ୍କଠାରୁ ସୁରକ୍ଷିତ ରହିବା ପାଇଁ ଯୋଗାଯୋଗ। PPC Pvt. Ltd. 7008004207, 9337237147. D-74196

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**ଏକାଦଶାହ ଉପଲକ୍ଷେ**
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ



ପୂର୍ବତନ ପ୍ରଶାସକ ସମବାୟ ବିଭାଗ
ଣ୍ଣଭାଗିରଥୀ ମହାନ୍ତି ।
ଗ୍ରାମ -କୁଳସାହି,ଅଲଣାହାଟ
ଜିଲ୍ଲା -ଜଗତସିଂହପୁର
ଆବିର୍ଭାବ- ୨୧.୦୩.୧୯୩୦
ତିରୋଧାନ-୧୩.୦୧.୨୦୨୩
ଆପଣଙ୍କ ଅନୁଶାସନ, ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଆମ୍ଭମାନଙ୍କର ପାଥେୟ ହେଉ ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାର ବର୍ଗ
ଅନ୍ଧରପୁର, ନିୟୁକଲୋନି, କଲ୍ୟାଣୀନଗର, କଟକ
ଧ-୨୫୫୮

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଦେବେନ୍ଦ୍ର କୁମାର ସିଂହ (ମୁନା)**
ମହାବୀର ବଜାର, ଢେଙ୍କାନାଳ
ଆବିର୍ଭାବ: ୦୯।୦୭।୧୯୫୨
ତିରୋଧାନ: ୧୩।୦୧।୨୦୨୩
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
ଶୋକସନ୍ତପ୍ତ: ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ ।
ଧ-୭୪୦୩୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ଶୀତଦିନିଆ ଚର୍ମ ରୋଗ ଓ ପ୍ରତିକାର



ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ଶୀତଦିନେ ସାଧାରଣତଃ ଥଣ୍ଡାର ପ୍ରକୋପ ହେତୁ ଆମ ଦେହର ବାହ୍ୟଭାଗ ଚର୍ମରେ ରହିଥିବା ଆଦ୍ରତାର ପରିମାଣ ହ୍ରାସ ପାଇବା ହେତୁ ଚର୍ମ ଶୁଷ୍କତା ହୋଇ ବିଭିନ୍ନ ରୋଗ ଦେଖାଦେଇଥାଏ। ବିଇଞ୍ଚି ଘା, କୁଣ୍ଡିଆ, ଶିଶୁଙ୍କ ଚର୍ମରେ ବିସ୍ଫୋଟ(ବ୍ରଣ ପରି ଛୋଟ ଛୋଟ), ଲାଲ କାତି ପରି ଦାଗ ହୋଇଥିବା ଚର୍ମ ରୋଗ(Psoriasis), ହାତ ଗୋଡ଼ର ଚର୍ମ ଫାଟିବା, ଓଠ ଫାଟିବା ସହ ଥଣ୍ଡାଜନିତ ଜଳବାୟୁ ଚର୍ମର ସଂସ୍ପର୍ଶରେ ଆସି ବିଭିନ୍ନ ଚର୍ମରୋଗ ଦେଖାଦେଇଥାଏ।"

ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ରୋଗ ଦେଖାଦେଇଥାଏ। ବିଶେଷଭାବରେ ଶୀତଦିନେ କେତେକ ରୋଗ ଦ୍ୱାରା ଆମେ ଆକ୍ରାନ୍ତ ହୋଇଥାଉ। କେବଳ ଛୋଟ ପିଲା ନୁହନ୍ତି, ଗର୍ଭବତୀ, ବୟସ୍କ ବ୍ୟକ୍ତିଙ୍କ ବ୍ୟତୀତ ଯୁବପିଢ଼ି ମଧ୍ୟ ଏହି ଶୀତଦିନିଆ ରୋଗର ଶିକାର ହୋଇଥାନ୍ତି। ସେହିଭଳି ଆମ ଭାରତରେ ଶୀତଋତୁର ଆଗମନ ହେଲେ ସାଧାରଣତଃ ପ୍ରାୟ ସମସ୍ତଙ୍କୁ ଥଣ୍ଡା, ଜ୍ୱର, କାଶ ସମେତ ବିଭିନ୍ନ ଚର୍ମଜନିତ ରୋଗ ଯଥା ଯାଦୁ, କାଛୁ, କୁଣ୍ଡିଆ, ଶୁଷ୍କ ଚର୍ମ, ପାଦ ଫାଟିବା, ଜିଭ ଧରିବା, ଓଠ ଫାଟିବା, ମୁହଁରେ ଦାଗ ସୃଷ୍ଟି ହେବା ଆଦି ବିଭିନ୍ନ ଶୀତଋତୁଜନିତ ଚର୍ମରୋଗ ଦେଖାଦେଇଥାଏ। ଏହାର ମୁଖ୍ୟ କାରଣ ହେଲା ଶରୀରରେ ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇବା। ଶୀତଋତୁରେ ହେଉଥିବା ଚର୍ମ ରୋଗଜନିତ ସ୍ୱାସ୍ଥ୍ୟ ସମସ୍ୟାର ପ୍ରତିକାର ଓ ପ୍ରତିରୋଧ ନିମନ୍ତେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ଘଟାଇବା ପାଇଁ ଭିଟାମିନ-ସି ଏବଂ ଭିଟାମିନ-ଡି ବୃଦ୍ଧି କରାଇବା ସହିତ ରୋଗର ପ୍ରତିକାର ଓ ପ୍ରତିରୋଧ ପାଇଁ ସଜାଗ ନିହାତି ଜରୁରୀ ଅଟେ।

କାର୍ତ୍ତିକ ମାସରୁ ଧୀରେ ଧୀରେ ଶୀତ ଅନୁଭୂତ ହେଉଥିଲେ ସୁଦ୍ଧା, ସେପ୍ଟେମ୍ବର ୨୩ ତାରିଖ ପରେ ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କଠାରୁ କ୍ରମଶଃ ଦୂରତା ବଢ଼ିବା ଆରମ୍ଭ ହୋଇଥାଏ, ତା'ର ଫଳସ୍ୱରୂପ ଉତ୍ତର ଗୋଲାର୍ଦ୍ଧରେ କ୍ରମଶଃ ଉତ୍ତାପ ହ୍ରାସ ପାଇ ଥଣ୍ଡାର ପ୍ରକୋପ କ୍ରମଶଃ ବୃଦ୍ଧି ପାଇଥାଏ। ସାଧାରଣତଃ ପୌଷ ଓ ମାଘ ମାସ ଏବଂ ଇଂରାଜୀ ମାସ ଅନୁସାରେ ନଭେମ୍ବର ଶେଷ ସପ୍ତାହରୁ ଜାନୁୟାରୀ ଶେଷ ସପ୍ତାହ ପର୍ଯ୍ୟନ୍ତ ଶୀତଋତୁ ଭାବେ ଗ୍ରହଣ କରାଯାଇଥାଏ। ଶୀତଦିନେ ସାଧାରଣତଃ ଥଣ୍ଡାର ପ୍ରକୋପ ହେତୁ ଆମ ଦେହର ବାହ୍ୟଭାଗ ଚର୍ମରେ ରହିଥିବା ଆଦ୍ରତାର ପରିମାଣ ହ୍ରାସ ପାଇବା ହେତୁ ଚର୍ମ ଶୁଷ୍କତା ହୋଇ ବିଭିନ୍ନ ରୋଗ ଦେଖାଦେଇଥାଏ। ବିଇଞ୍ଚି ଘା, କୁଣ୍ଡିଆ, ଶିଶୁଙ୍କ ଚର୍ମରେ ବିସ୍ଫୋଟ(ବ୍ରଣ ପରି ଛୋଟ ଛୋଟ), ଲାଲ କାତି ପରି ଦାଗ ହୋଇଥିବା ଚର୍ମ ରୋଗ(Psoriasis), ହାତ ଗୋଡ଼ର ଚର୍ମ ଫାଟିବା, ଓଠ ଫାଟିବା ସହ ଥଣ୍ଡାଜନିତ ଜଳବାୟୁ ଚର୍ମର ସଂସ୍ପର୍ଶରେ ଆସି ବିଭିନ୍ନ ଚର୍ମରୋଗ ଦେଖାଦେଇଥାଏ। ଶୀତଦିନେ ସାଧାରଣତଃ ବହୁତ ବ୍ୟକ୍ତିଙ୍କ ପାଦର ଗୋଇଠି ଓ ଆଙ୍ଗୁଠି ଫାଟିଥାଏ, ଏହାର ପ୍ରତିକାର ପାଇଁ ପାଦରେ ମୋଜା ବ୍ୟବହାର କରିବା ଦ୍ୱାରା ପାଦରୁ ଝାଳ ନିର୍ଗତ ହୋଇ ଆଦ୍ରତା ସୃଷ୍ଟି ହୋଇ ପାଦ ଫାଟିବାର ଆଶଙ୍କା କମ୍ ଥାଏ। ପାଦ ଫାଟିଲେ ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣିରେ କିଛି ଲୁଣ ମିଶାଇ ସେଥିରେ ପାଦକୁ କିଛି ସମୟ ବୁଡାଇ ରଖି, ତା'ପରେ ପାଦକୁ ଭଲ ଭାବେ ଶୁଖିଲା କପଡାରେ ପୋଛି ପାଦରେ ନଡ଼ିଆ ତେଲ କିମ୍ବା ଭେସଲିନ ପତଳାରେ ଲଗାଇବା ଉଚିତ, ଯଦ୍ଦ୍ୱାରା ପାଦ ଫଟାରୁ ଉପଶମ ମିଳିପାରିବ







**ପ୍ରତିକାର :** ଶୀତଦିନେ ଅଳ୍ପ ଉଷୁମ ଥିବା ଜଳରେ ଗାଧୋଇବା ସହ କମ୍ କ୍ଷାରୀୟ ଯୁକ୍ତ ସାବୁନ, ଗ୍ଲିସେରିନ, ଭେସଲିନ, ତୈଳଯୁକ୍ତ ପଦାର୍ଥ ଚର୍ମରେ ଲଗାଇବା ଉଚିତ। ଶୀତଦିନେ ପ୍ରାକୃତିକ ଉପାୟ ଦ୍ୱାରା ଓଠକୁ ସତେଜ ଓ ନରମ ରଖିବା ପାଇଁ ନିମ୍ନଲିଖିତ ଟିପ୍ସ ଆପଣେଇ ପାରନ୍ତି।

-ମହୁ ସହ ଚିନି ଓ ଆଲମଣ୍ଡ ତେଲକୁ ମିଶାଇ ଓଠରେ ମାଲିସ କଲେ ଓଠ ନରମ ହୋଇଥାଏ।

-ବିଟ୍‌କୁ ବାଟି ରସ ବାହାର କରି ଓଠରେ ମାଲିସ କଲେ ଓଠ ନରମ ଓ ସତେଜ ରହିଥାଏ।

-ଘିକୁଆଁରୀ (ଆଲୋଭେରା) ରସରେ ମହୁ ମିଶାଇ ଓଠରେ ମାଲିସ କରିବା ଦ୍ୱାରା ଓଠ ନରମ, ସତେଜ ରହିଥାଏ।

-ନଡ଼ିଆରୁ ତେଲ ବାହାର କରି ଓଠରେ ମାଲିସ କଲେ ଓଠ ନରମ ଓ ସତେଜ ରହିବା ସହ ଆରାମ ଲାଗିଥାଏ। ଶୀତଋତୁରେ ଅଧିକ ପାଣି ପିଇବା ଉଚିତ, ଯଦ୍ଦ୍ୱାରା ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ହୋଇପାରିବ।

-ବିଭିନ୍ନ ପ୍ରକାର ସବୁଜ ପନିପରିବା ଅଧିକ ଖାଇବା ଆବଶ୍ୟକ। କାଲିଫର୍ନିଆ ବିଶ୍ୱ ବିଦ୍ୟାଳୟ ଦ୍ୱାରା ତଥ୍ୟ ଅନୁସାରେ, ସ୍ୱାସ୍ଥ୍ୟ ପାଇଁ ଗ୍ରୀନ୍ ମଟର ଅତି ଉପକାରୀ, ଏହାକୁ ପ୍ରତିଦିନ ଖାଦ୍ୟରେ ଖାଇବା ଉଚିତ। କାରଣ ଏଥିରେ ଆଣ୍ଟି ଅକ୍ସିଡ଼ାଣ୍ଟ ଗୁଣ ଓ ତନ୍ତୁଜାତୀୟ ପଦାର୍ଥ ପର୍ଯ୍ୟାପ୍ତ ପରିମାଣରେ ଭରି ରହିଛି। ଏଥିରେ ଭିଟାମିନ-କେ ପ୍ରଚୁର ପରିମାଣରେ ରହିଛି। ତେଣୁ ଗ୍ରୀନ ମଟର ଅଧିକ ଖାଇବା ଦ୍ୱାରା ଶରୀରରେ ଉଚ୍ଚ ରକ୍ତ ଚାପକୁ ସନ୍ତୁଳିତ ରଖିବା ସହ ଶୀତଦିନେ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ଭିଟାମିନକୁ ପୂରଣ କରିଥାଏ। ଗ୍ରୀନ ମଟରରେ ପ୍ରସ୍ତୁତ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ଭିଟାମିନ-ଏ, ବି, ସି, ଡି, ଇ, କେ' ର ଆବଶ୍ୟକତା ପୂରଣ ହେବା ସହ,ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ତା' ସହ ଚର୍ମ ରୋଗକୁ ପ୍ରତିରୋଧ କରାଇବାରେ ସାହାଯ୍ୟ କରିଥାଏ। ଏହାବ୍ୟତୀତ ଅତ୍ୟଧିକ ଲୁଣ, ମିଠା ଯେତେ କମ୍ ଖାଇବେ ତାହା ସେତେ ଭଲ। ଶରୀରରେ ହଜମ ପ୍ରକ୍ରିୟା ସୁଦୃଢ଼ ନିମନ୍ତେ ଏବଂ କୋଷ୍ଠକାଠିନ୍ୟ ସମସ୍ୟା ଦୂରୀକରଣ ପାଇଁ ଉଷୁମ ଜଳ ସକାଳେ ଓ ରାତିରେ ଶୋଇବା ସମୟରେ ଅନ୍ତତଃ ଏକ ଗ୍ଲାସ ଲେଖାଏ ସେବନ କରିବା ଉଚିତ। ଅନ୍ୟ ଋତୁ ଅପକ୍ଷା ଶୀତଋତୁରେ ଦୈନନ୍ଦିନ ଜୀବନ ଶୈଳୀ, ନିଜର ସ୍ୱାସ୍ଥ୍ୟ ଓ ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବା ଜରୁରୀ ଅଟେ, ଯଦ୍ଦ୍ୱାରା ଶୀତଦିନିଆ ଚର୍ମ ରୋଗକୁ ଆମେ ପ୍ରତିରୋଧ କରିପାରିବା। ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ଭିଟାମିନ-ଡି'ର ଆବଶ୍ୟକତାକୁ ପୂରଣ କରିବା ପାଇଁ ସକାଳର ସୂର୍ଯ୍ୟକିରଣରେ ଏବଂ ସନ୍ଧ୍ୟାରେ ୩-୪ କି.ମି. ପାଦରେ ଚାଲିବା ସହ ପ୍ରାତଃ ଓ ସାନ୍ଧ୍ୟକାଳୀନ ବ୍ୟାୟାମ କରିବା ଆବଶ୍ୟକ। ଫଳରେ ଶରୀରରୁ ଝାଳ ନିର୍ଗତ ହେବା ଦ୍ୱାରା ଚର୍ମରେ ଶୁଷ୍କତା ଦୂର ହୋଇ ଆଦ୍ରତା ସୃଷ୍ଟି ହୋଇଥାଏ,ଯଦ୍ଦ୍ୱାରା ଶୀତଦିନେ ଶରୀର୍ରେ ଚର୍ମ ରୋଗ ହେବାର ଆଶଙ୍କା କମ୍ ଥାଏ।

ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଚର୍ମ ରୋଗ ଓ ତା'ର ପ୍ରତିକାର ନିମନ୍ତେ ବିଭିନ୍ନ ଆୟୁର୍ବେଦୀୟ ଔଷଧ ବ୍ୟବହାର ବିଷୟରେ ଉଲ୍ଲେଖ ରହିଛି। ସେହି ଆୟୁର୍ବେଦ ଔଷଧକୁ ଡାକ୍ତରଙ୍କ ପରାମର୍ଶ ନେଇ ବ୍ୟବହାର କରିବା ଉଚିତ। ଶରୀରରେ ରକ୍ତ ପରିଷ୍କାର ନିମନ୍ତେ ସାରିବାଦ୍ୟା ରିଷ୍ଟ କିମ୍ବା ସାରିବାଦ୍ୟା ସବ କିମ୍ବା ଖଦିରା ରିଷ୍ଟ ୧୦ ମିଲି ଲେଖାଏ ଗରମ ପାଣି ଥଣ୍ଡା କରି ମିଶାଇ ଖାଲି ପେଟରେ ଦୁଇ ବେଳା ସେବନ କଲେ ବିଭିନ୍ନ ଚର୍ମରୋଗରୁ ଉପଶମ ମିଳିଥାଏ। ଟୋପ ଚିନି ରସାୟନ ଦୁଇ ଚାମଚ, ଖାଲିପେଟରେ ସକାଳ ଓ ସନ୍ଧ୍ୟାରେ ଉଷୁମ କ୍ଷୀର କିମ୍ବା ଉଷୁମ ଜଳ ସହ ସେବନ କଲେ ବହୁ ପୁରାତନ ବିଭିନ୍ନ ପ୍ରକାର ଚର୍ମ ରୋଗରୁ ଉପଶମ ମିଳିଥାଏ। ଶାଫି ସିରଫକୁ ଦୁଇ ବେଳା ଖାଲି ପେଟରେ ୧୦ ମିଲି ଲେଖାଏ ଗରମ ପାଣି ଥଣ୍ଡାକରି ମିଶାଇ ସେବନ କଲେ ସମସ୍ତ ପ୍ରକାର ଚର୍ମ ରୋଗ ଭଲ ହୋଇଥାଏ। ଚର୍ମ ରୋଗରେ ଅଧିକ ଲୁଣ ଓ ମିଠା ଖାଇବା ଅନୁଚିତ।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## କ୍ୟାଲୋରିକୁ ସନ୍ତୁଳିତ ରଖେ ରକ୍ତଦାନ



ରକ୍ତଦାନ ଦ୍ୱାରା ଆମର ଏକ ଉପକାର ହୋଇଥାଏ। ତାହା କ'ଣ ଜାଣନ୍ତି? ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କଲେ ସଂପୃକ୍ତ ବ୍ୟକ୍ତିଙ୍କର କ୍ୟାଲୋରି ସନ୍ତୁଳିତ ରହିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। ରକ୍ତଦାନ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କ କ୍ୟାଲୋରି ପରୀକ୍ଷା କରିବା ପରେ ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକଥା ଜାଣିପାରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନେ ରକ୍ତଦାନ କରିବା ପରେ ସେମାନଙ୍କର କ୍ୟାଲୋରି ପରିମାଣ କେତେ ରହୁଛି, ତାହାକୁ ବିଶେଷଜ୍ଞମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ହେଲେ ଏହାପୂର୍ବରୁ ଗୋଟିଏ କଥାକୁ ଧ୍ୟାନ ଦେବା ନିହାତି ଦରକାର। ରକ୍ତଦାନ ପାଇଁ ଆପଣ କେତେ ଫିଟ୍ ଅଛନ୍ତି ତାହା ପ୍ରଥମେ ପରୀକ୍ଷା କରାଇ ନିଅନ୍ତୁ।

## ସ୍ୱାସ୍ଥ୍ୟୋପକାରୀ ଷ୍ଟ୍ରବେରି



ଷ୍ଟ୍ରବେରିରେ ଅନେକ ପ୍ରକାରର ଗୁଣ ଭରି ରହିଛି, ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏହାକୁ ନିୟମିତ ଖାଇଲେ ତାହା ହାର୍ଟକୁ ସୁରକ୍ଷିତ ରଖିଥାଏ। ରକ୍ତରେ ସୁଗାର ପରିମାଣକୁ ସନ୍ତୁଳିତ ରଖିବାକୁ ହେଲେ ଏହାକୁ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, କ୍ୟାନ୍‌ସର ପରି ମାରାତ୍ମକ ରୋଗରୁ ଏହା କେତେକାଂଶରେ ରକ୍ଷା କରିଥାଏ। ଏହାକୁ ଖାଇଲେ ତାହା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। କେବଳ ସେତିକି ନୁହେଁ, ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଷ୍ଟ୍ରବେରି ବେଶ୍ ଉପକାରୀ। ମସ୍ତିଷ୍କ କାର୍ଯ୍ୟଧାରାକୁ ସକ୍ରିୟ ରଖିବାରେ ଏହା ମଧ୍ୟ ସାହାଯ୍ୟ କରିଥାଏ। ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଅସ୍ଥିକୁ ମଜଭୁତ ରଖେ ଷ୍ଟ୍ରବେରି। ତା'ସହ ଏହା ମେଦ ମଧ୍ୟ କମାଇଥାଏ।

## ହୃଦ୍‌ରୋଗୀଙ୍କ ପାଇଁ ଖାଦ୍ୟପେୟ



ହୃଦ୍‌ରୋଗ ସହ ଜଡ଼ିତ ବ୍ୟକ୍ତି କେବଳ ଔଷଧ ଖାଇବା ପ୍ରତି ସଚେତନ ରହିବା ନୁହେଁ, ଏହାସହ ନିଜର ଖାଦ୍ୟପେୟ ପ୍ରତି ସତର୍କ ରହିବା ଦରକାର। ଏଭଳି କେତେକ ଖାଦ୍ୟ ଅଛି, ଯାହାକୁ ଖାଦ୍ୟ ତାଲିକାରୁ ବାଦ୍ ଦିଅନ୍ତୁ। ବିଶେଷଭାବରେ ଲହୁଣି, ଘିଅ, ବନସ୍ପତି, କଲିଜା, ଚର୍ବି, ଚର୍ବିଯୁକ୍ତ ଛେଳି ମାଂସଠାରୁ ସେମାନେ ଦୂରେଇ ରହିବା ଆବଶ୍ୟକ। ଅନ୍ୟପକ୍ଷରେ ଅଣ୍ଡାକେଶର, ଚିଙ୍ଗୁଡ଼ି, କଙ୍କଡ଼ା କୋଲେଷ୍ଟରଲ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ତେଣୁ ଏଭଳି ଖାଦ୍ୟ ସେମାନେ ଯେତେ କମ୍ ଖାଇବେ ତାହା ସେତେ ଭଲ। ଅଧିକ ଲୁଣଜାତୀୟ ଖାଦ୍ୟ, ଫାଷ୍ଟ ଫୁଡ୍ ଏବଂ ଜଙ୍କ୍ ଫୁଡ୍ ଖାଆନ୍ତୁ ନାହିଁ। ଜଣେ ହୃଦ୍‌ରୋଗୀ ପାଇଁ ତଟକା ଫଳମୂଳ, ସବୁଜ ପନିପରିବା, ଶାଗ, କାକୁଡ଼ି, ଟମାଟୋ, ଗାଜର, ମୂଳା, ଧନିଆ ପତ୍ର, ଲେମ୍ବୁ, ଫୁଲକୋବି ଆଦି ଖାଦ୍ୟ ବେଶ୍ ଉପକାରୀ। ତେବେ ଏହା ସହ ହୃଦ୍‌ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ପ୍ରବଳ ମୁଣ୍ଡ ବିନ୍ଧୁଥିଲେ...



ମୁଣ୍ଡବିନ୍ଧାରୁ ଉପଶମ ପାଇବା ଲାଗି କିଛି ଘରୋଇ ଉପଚାର ରହିଛି। ବେଳେବେଳେ ଶରୀରରେ ଜଳୀୟ ଅଂଶ କମିଗଲେ ମୁଣ୍ଡ ବିନ୍ଧିଥାଏ। ତେବେ ଏଥିପାଇଁ ପ୍ରଚୁର ପାଣି ପିଅନ୍ତୁ। ଯଦି ଆପଣ ନିଶାଦ୍ରବ୍ୟ ସେବନ ସହ ଜଡ଼ିତ, ତେବେ ମୁଣ୍ଡ ବିନ୍ଧିବା ସମୟରେ ଏହାଠାରୁ ଦୂରେଇ ରୁହନ୍ତୁ। କାରଣ ତାହା ମୁଣ୍ଡବିନ୍ଧାକୁ ଆହୁରି ବଢ଼ାଇ ଦେଇଥାଏ। ସବୁଠାରୁ ଖାସ୍ କଥା ହେଲା, ପ୍ରତିଦିନ ଆବଶ୍ୟକ ମୁତାବକ ଶୁଅନ୍ତୁ। ଏହାଦ୍ୱାରା ଆପଣ ନିଜକୁ ମୁଣ୍ଡବିନ୍ଧାଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିପାରିବେ। ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଏଭଳି ଖାଦ୍ୟ ଖାଆନ୍ତୁ ନାହିଁ, ଯଦ୍ଦ୍ୱାରା ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି ହେବ। ଏଥିଯୋଗୁ ମଧ୍ୟ ମୁଣ୍ଡ ବିନ୍ଧିଥାଏ।

## ମାନସିକତାକୁ ସକାରାତ୍ମକ କରେ ବ୍ୟବହାର



ଉତ୍ତମ ଆଚାର ବ୍ୟବହାର ଦ୍ୱାରା ଜଣେ ବ୍ୟକ୍ତି ନିଜର ମାନସିକତାକୁ ସକାରାତ୍ମକ ରଖିପାରିବ। ନିକଟରେ ଏକ ସର୍ଭେରୁ ଜାପାନର ମନୋବିଜ୍ଞାନୀମାନେ ଏକଥା ଜାଣିପାରିଛନ୍ତି। ଏପରି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କେତେକ ବ୍ୟକ୍ତିଙ୍କ ଆଚାର ବ୍ୟବହାରକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଏହି ସମୟରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର ଆଚାର ବ୍ୟବହାରକୁ ସେମାନଙ୍କର ମାନସିକତା ସହ ତୁଳନା କରାଯାଇଥିଲା। ଯେଉଁମାନଙ୍କର ବ୍ୟବହାର ଭଲ ଥିଲା, ସେମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଥିବାର ଜଣାପଡିଥିଲା। ତା'ସହ ଜଣେ ବ୍ୟକ୍ତି ନିଜକୁ ଟେନ୍‌ସନ୍ ଏବଂ ଅବସାଦଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖିବା ଦରକାର। ଏହାଦ୍ୱାରା ମାନସିକତା କେତେକାଂଶରେ ସକାରାତ୍ମକ ରହିଥାଏ।

## ସ୍ୱାସ୍ଥ୍ୟ ସୂଚନା

- ଘରେ ଯଦି ଫାଷ୍ଟଏଡ୍ ବକ୍ସ ରଖୁଛନ୍ତି, ତେବେ ସେଥିରେ ଥିବା ଆବଶ୍ୟକ ସାମଗ୍ରୀ ଠିକ୍ ଅଛି କି ନାହିଁ ତାହା ନିୟମିତ ସମୟ ବ୍ୟବଧାନରେ ଦେଖିନିଅନ୍ତୁ। ଏହାକୁ ଏଭଳି ସ୍ଥାନରେ ରଖନ୍ତୁ, ଯେମିତି ଖୋଜିଲାମାତ୍ରେ ସାଙ୍ଗେ ସାଙ୍ଗେ ପାଇଯିବେ।
- ଯଦି ଘରେ ରଖିଥିବା କୌଣସି ଔଷଧର ଏକ୍ସପାୟାରି ତାରିଖ ପାଖେଇ ଆସୁଛି, ତେବେ ସେଗୁଡ଼ିକୁ ଅଲଗା ରଖନ୍ତୁ।
- ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜ ସ୍ୱାସ୍ଥ୍ୟ ବିଷୟରେ ଅବଗତ ରହିବା ନିହାତି ଦରକାର। କାରଣ ବେଳେବେଳେ ଆମର ଅସାବଧାନତାରୁ ଆମେ କିଛି ରୋଗର ଶିକାର ହୋଇଥାଉ। ତେଣୁ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।
- ନିଜକୁ ସୁସ୍ଥ ରଖିବା ପଛରେ ଜୀବନଶୈଳୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ନିଜ ଜୀବନଶୈଳୀ କିପରି ସନ୍ତୁଳିତ ରହିବ, ସେ ନେଇ ନଜର ଦିଅନ୍ତୁ।
- ସବୁବେଳେ ରୁଟିନ୍ ମୁତାବକ କାମ କରନ୍ତୁ। ପ୍ରତ୍ୟେକ କାମ ପାଇଁ ସମୟ ନିର୍ଘଣ୍ଟ ସ୍ଥିର କରନ୍ତୁ। ଏହାଦ୍ୱାରା ଆପଣ ଟେନ୍‌ସନ କିମ୍ବା ଅବସାଦର ଶିକାର ହେବେ ନାହିଁ।
- ଆମେ ଖାଉଥିବା ଖାଦ୍ୟ ଠିକ୍ ଭାବରେ ହଜମ ହେବା ଦରକାର। ନ ହେଲେ ବିଭିନ୍ନ ପ୍ରକାର ପେଟଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଏଭଳି ଖାଦ୍ୟ ଖାଆନ୍ତୁ, ଯଦ୍ଦ୍ୱାରା ପାଚନକ୍ରିୟା ସକ୍ରିୟ ରହିବ।




# ବୃହସ୍ପତିର ଚନ୍ଦ୍ର



ନିକୁଞ୍ଜ ବିହାରୀ ସାହୁ

ଏବେ ରାତ୍ରି ଆକାଶରେ ଏକ ଉଜ୍ଜ୍ୱଳ ତାରା ଦୃଶ୍ୟ ହେଉଛି। ଏହି ତାରାକୁ ସନ୍ଧ୍ୟା ହେଉ ହେଉ ମଧ୍ୟ ଦେଖିବାକୁ ମିଳୁଛି ଏବଂ ଏହା ପ୍ରାୟ ଛଅ ଘଣ୍ଟାକାଳ ଆକାଶରେ ରହି ମଧ୍ୟରାତ୍ରି ବେଳକୁ ଅସ୍ତ ଯାଉଛି। ଏହା କିନ୍ତୁ ଏକ ତାରା ନୁହେଁ; ଆମ ସୌରଜଗତର ବୃହତ୍ତମ ଗ୍ରହ ବୃହସ୍ପତି। ଦୂରବୀକ୍ଷଣ ଯନ୍ତ୍ରରେ ଚାହିଁଲେ ଏହା ଚାରୋଟି ବଡ଼ ବଡ଼ ଚନ୍ଦ୍ରଙ୍କୁ ମଧ୍ୟ ସ୍ପଷ୍ଟ ଦେଖି ହେଉଛି। ଏହି ଚନ୍ଦ୍ରମାନଙ୍କୁ ୧୬୧୦ ଖ୍ରୀଷ୍ଟାବ୍ଦରେ ଇଟାଲୀୟ ଜ୍ୟୋତିର୍ବିଜ୍ଞାନୀ ଗାଲିଲିଓ ଆବିଷ୍କାର କରିଥିଲେ। ଏହି ଚନ୍ଦ୍ରସବୁ ହେଲେ: ଆୟୋ, ୟୁରୋପା, କ୍ୟାଲିଷ୍ଟୋ ଓ ଗ୍ୟାନିମିଡ୍। ଏହି ଚନ୍ଦ୍ରମାନଙ୍କୁ ମୂଳ ଗ୍ରହର ବିଷୁବରେଖା ଉପରେ ଧାଡ଼ି ହୋଇ ରହିଥିବାର ଦେଖି ହେଉଛି। କିଛି ସମୟ ଛାଡ଼ି ଲକ୍ଷ୍ୟ କଲେ, ଏହି ଚନ୍ଦ୍ରମାନେ ବୃହସ୍ପତି ଗ୍ରହ ଚାରିପଟେ ଘୂରୁଥିବାର ମଧ୍ୟ ଦେଖିହେବ ଯାହା ସେମାନଙ୍କ ପରିବର୍ତ୍ତନଶୀଳ ଅବସ୍ଥାନରୁ ଜଣାପଡ଼ିବ। ଚନ୍ଦ୍ରଗୁଡ଼ିକ ମଧ୍ୟରୁ କେତେବେଳେ ମୂଳଗ୍ରହର ଉଭୟ ପଟେ ଦୁଇଟି ଓ ଅନ୍ୟପଟେ ତିନୋଟି ରହି ଥିବାର ଦେଖି ହେବ ତ ଆଉ କେତେବେଳେ ସମୁଦାୟ ଚାରୋଟି ଚନ୍ଦ୍ର ପରିବର୍ତ୍ତେ ତିନୋଟି, ଦୁଇଟି କିମ୍ବା କେବଳ ଗୋଟିଏକୁ ଦେଖିବା ସମ୍ଭବ ହୋଇଥାଏ। ଚନ୍ଦ୍ରସବୁ ଗ୍ରହ ଚାରିପଟେ ଘୂରିଘୂରି ଗ୍ରହ ପଛପଟକୁ ଚାଲିଗଲେ ସେମାନଙ୍କୁ ଆଉ ଦେଖିବା ସମ୍ଭବ ହୁଏ ନାହିଁ। ଭୟେଜର-୧ ଓ ଭୟେଜର-୨ ମହାକଶ ଯାନଦ୍ୱୟ ଏହି ଗ୍ରହଟିର ପାଖ ଦେଇ ଗତିକରି ଏହାର ଚନ୍ଦ୍ରମାନଙ୍କ ସମ୍ପର୍କରେ ଅନେକ ଚାଞ୍ଚଲ୍ୟକର ତଥ୍ୟ ପ୍ରଦାନ କରିଛନ୍ତି।



### ଜୀବନର ସଙ୍କେତ: ୟୁରୋପା

ୟୁରୋପା ଆକାରରେ ଆମ ପୃଥିବୀର ଚନ୍ଦ୍ରଠାରୁ ସାମାନ୍ୟ ଛୋଟ। ଏହାର କଠିନ ବରଫାବୃତ ଚଟାଣ ତଳେ ତରଳ ଜଳରାଶିର ସମୁଦ୍ର ବିଦ୍ୟମାନ, ଯେଉଁଠି ଆଗାମୀ ଦିନରେ କିଛି ଜୀବନସତ୍ତା ବିକଶିତ ହେବାର ସମ୍ଭାବନା ରହିଛି। ଭୟେଜର-୨ ମହାକାଶ ଯାନର ଫଟୋସବୁରୁ ୟୁରୋପାର ପୃଷ୍ଠରେ କିଛି ଉଲ୍‌କାପାତ ଜନିତ ଗହ୍ୱରର ସନ୍ଧାନ ମିଳିଛି। ଏହା ପୃଷ୍ଠରେ ମଧ୍ୟ ହଜାର ହଜାର କିଲୋମିଟର ବ୍ୟାପୀ ସୁଦୀର୍ଘ ସମାନ୍ତରାଳ ପ୍ରାଚୀରମାଳା ବିସ୍ତୃତ, ଯାହା ଏହାର ବରଫାବୃତ ପୃଷ୍ଠ ଉପରେ କଳାରେଖା ସଦୃଶ ପ୍ରତୀୟମାନ ହେଉଛି।

### ବିଶାଳ ଗ୍ୟାନିମିଡ୍

ବୃହସ୍ପତିର ଅନ୍ୟତମ ଚନ୍ଦ୍ର ଗ୍ୟାନିମିଡ୍ ଆମ ସୌରଜଗତର ମଧ୍ୟ ବୃହତ୍ତମ ଚନ୍ଦ୍ର। ଏହା ଆକାରରେ ବୁଧ ଗ୍ରହଠାରୁ ମଧ୍ୟ ବଡ଼ ଏବଂ ଆମ ପୃଥିବୀର ଚନ୍ଦ୍ରଠାରୁ ଦେଢ଼ ଗୁଣ ବଡ଼। 'ଭୟେଜର-୨'ର ଫଟୋସମୂହରୁ ଏହା ପୃଷ୍ଠରେ ଥିବା ଅନେକ ରୂପରେଖ ଆମ ପୃଥିବୀ ସହିତ ସାମଞ୍ଜସ୍ୟ ଥିବାର ଜଣାପଡୁଛି। ଏହା ପୃଷ୍ଠରେ ଅନେକ ସମାନ୍ତରାଳ ଫାଟ ଦେଖାଯାଏ ଯାହା ଆମ ପୃଥିବୀର ପ୍ରଶାନ୍ତ ମହାସାଗର କିମ୍ବା ଆଣ୍ଟଲାଣ୍ଟିକ ମହାସାଗର ତଳ ସଦୃଶ ଦୃଶ୍ୟମାନ ହେଉଛି। ଏହା ପୃଷ୍ଠରେ ମଧ୍ୟ ଉଲ୍‌କାପାତ ଜନିତ କିଛି ଗହ୍ୱର ପରିଲକ୍ଷିତ ହେଉଛି।

### ଉତ୍ତପ୍ତ ଚନ୍ଦ୍ର ଆୟୋ

ବୃହସ୍ପତିର ସବୁଠାରୁ ବୈଚିତ୍ର୍ୟମୟ ଚନ୍ଦ୍ର ହେଲା ଆୟୋ। ଏହାର ଅଭ୍ୟନ୍ତର ଅତ୍ୟନ୍ତ ଉତ୍ତପ୍ତ ଓ ପୃଷ୍ଠଦେଶ ଅତି ରୁକ୍ଷ ଓ ଅନେକ ଆଗ୍ନେୟଗିରିରେ ପରିପୂର୍ଣ୍ଣ। ଆମ ପୃଥିବୀର ଆଗ୍ନେୟଗିରିର ମୁଖ (ଗହ୍ୱର) ସବୁ ଶିଖରରେ ଅବସ୍ଥିତ ଥିଲାବେଳେ ଆୟୋ ଆଗ୍ନେୟଗିରିର ମୁଖ ସିଧାସଳଖ ଏହାର ପୃଷ୍ଠ ଉପରେ ବିଦ୍ୟମାନ। ମାତ୍ର ଏଥିରୁ ଲାଭା ପରିବର୍ତ୍ତେ ତରଳ ଗନ୍ଧକର ସ୍ରୋତ ଅନବରତ ନିର୍ଗତ ହୁଏ। ଆୟୋର ଏହି ଅସ୍ୱାଭାବିକ ତାପମାତ୍ରା ପାଇଁ ମୁଖ୍ୟତଃ ଦୁଇଟି କାରଣକୁ ଦାୟୀ କରାଯାଏ : ପ୍ରଥମତଃ ଏହାର ଗୋଟିଏ ପଟେ ବୃହସ୍ପତି ଓ ଅନ୍ୟ ପଟେ ଏହାର ଅନ୍ୟ ଚନ୍ଦ୍ରଗଣଙ୍କ ବିପରୀତମୁଖୀ ପ୍ରଚଣ୍ଡ ମହାକର୍ଷଣ ବଳର ସମ୍ମୁଖୀନ ହେବା ଦ୍ୱାରା କ୍ରମାଗତ ସଙ୍କୋଚନ ଓ ପ୍ରସାରଣ ଜନିତ ଘର୍ଷଣ ବଳରେ ବିପୁଳ ତାପ ସୃଷ୍ଟି ହେଉଛି। ଦ୍ୱିତୀୟତଃ ଆୟୋ ବୃହସ୍ପତିର ପ୍ରଚଣ୍ଡ ଚୁମ୍ବକୀୟ କ୍ଷେତ୍ର ମଧ୍ୟରେ ଗତି କରିବା ଯୋଗୁ ଉଚ୍ଚ ବିଦ୍ୟୁତ ସ୍ରୋତ ଉତ୍ପନ୍ନ ହୋଇ ତାପଶକ୍ତିରେ ରୂପାନ୍ତରିତ ହେଉଛି।

### ପ୍ରାଚୀନ ଗହ୍ୱର ସ୍ମୃତି: କ୍ୟାଲିଷ୍ଟୋ

ବୃହସ୍ପତିର ଅନ୍ୟତମ ଚନ୍ଦ୍ର କ୍ୟାଲିଷ୍ଟୋ ଗ୍ୟାନିମିଡ୍‌ଠାରୁ ସାମାନ୍ୟ ଛୋଟ। ଏହାର ବରଫାବୃତ ଚଟାଣ ତଳେ ଅନେକ ପୁରାତନ ଓ ବିଶାଳକାୟ ଗହ୍ୱର ସାଇତା ହୋଇ ରହିଛି, ଯାହା ସମ୍ଭବତଃ ସୌରଜଗତର ଆଦ୍ୟକାଳରେ ଉଲ୍‌କାପାତଜନିତ ଆଘାତ ଯୋଗୁ ସୃଷ୍ଟି ହୋଇଥିଲା। ଏହି ଗହ୍ୱରସବୁ ଆକାରରେ ଗୋଲାକାର ଜଣାପଡୁଛନ୍ତି। ମାତ୍ର ଏଠାରେ ଆମର ଚନ୍ଦ୍ର ପରି ଗହ୍ୱର ଚାରିପଟେ ପରିବେଷ୍ଟିତ ପ୍ରାଚୀର କିମ୍ବା ସୁଉଚ୍ଚ ଶିଖରୀ ଦେଖିବାକୁ ମିଳେ ନାହିଁ।

-ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର,ଭୋପାଳ, ମଧ୍ୟପ୍ରଦେଶ
ମୋ :୮୦୧୮୭୦୮୪୮





କ୍ରସ୍ ଓଭର ମ୍ୟାଚ୍‌ରେ ଭାରତର ପରାଜୟ ପରେ ନିରାଶ ସମର୍ଥକ।



ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।



କଳିଙ୍ଗ ଷ୍ଟାଡିୟମ୍‌ରେ ଭରପୂର ଦର୍ଶକ।

# ଶୁଟ୍ ଆଉଟ ରୋମାଞ୍ଚ

ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ ନିର୍ଦ୍ଧାରିତ ସମୟରେ ୩-୩ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟ ପଦ୍ଧତିର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ ସିଂ, ରାଜକୁମାର ପାଲ ଓ ସୁଖଜିତ ସିଂ ଗୋଲ ଦେବାରେ ସକ୍ଷମ ହୋଇଥିବାବେଳେ ଅଭିଷେକ ଓ ଶମଶେର ସିଂ ମିସ୍ କରିଥିଲେ। ସେହିପରି ନ୍ୟୁଜିଲାଣ୍ଡ ପକ୍ଷରୁ ଅଧିନାୟକ ନିକ୍ ଉଡ୍ସ, ସିଅନ ଫିଣ୍ଡଲେ ଓ ହେଡେନ ଫିଲିପ୍ସ ଗୋଲ ଦେଇଥିଲେ ଏବଂ ସାମ୍ ଲେନ୍ ଓ ସାମ୍ ହିହା ବିଫଳ ହୋଇଥିଲେ। ସ୍ଥିତି ପୁଣି ୩-୩ରେ ସମାନ ରହିବାରୁ ସଡନ୍‌ଡେଥ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ପ୍ରଥମେ ଆସିଥିବା ନ୍ୟୁଜିଲାଣ୍ଡ ଅଧିନାୟକ ନିକ୍ ଉଡ୍ସ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶଙ୍କୁ ଚକ୍‌ମା ଦେବାରେ ବିଫଳ ହୋଇଥିଲେ। ତେବେ ଉଡ୍ସଙ୍କୁ ଚ୍ୟାଲେଞ୍ଜ କରିବା ଅବସରରେ ଆହତ ହୋଇ ଶ୍ରୀଜେଶ ବିଦାୟ ନେଇଥିଲେ। ତାଙ୍କ ସ୍ଥାନରେ କ୍ରିଷ୍ଣନ ବାହାଦୂର ପାଠକ ଗୋଲକିପିଂ ଦାୟିତ୍ୱ ନେଇଥିଲେ। ଭାରତ ପକ୍ଷରୁ ପ୍ରଥମେ ଶଟ୍ ମାରିବାକୁ ଆସିଥିବା ହରମନପ୍ରୀତ ସିଂ ଫେଲ୍ ମାରିଥିଲେ।



ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ପେନାଲ୍‌ଟି ଶୁଟ୍‌ଆଉଟ୍।

ପରେ ନ୍ୟୁଜିଲାଣ୍ଡ ପକ୍ଷରୁ ସିଅନ ଫିଣ୍ଡଲେ ଗୋଲ ଦେଇଥିବାବେଳେ ଭାରତର ଦ୍ୱିତୀୟ ଶୁଟର ରାଜ କୁମାର ପାଲ୍ ମଧ୍ୟ ଗୋଲ ସ୍କୋର କରିଥିଲେ। ତୃତୀୟରେ ନ୍ୟୁଜିଲାଣ୍ଡ ପକ୍ଷରୁ ଆସିଥିବା ହେଡେନ ଫିଲିପ୍ସ ଫେଲ୍ ମାରିବାପରେ ଭାରତର ଆଶା ବଢ଼ିଥିଲା। ମାତ୍ର ସୁଖଜିତ ସିଂ ନିରାଶ କରିଥିଲେ। ସେ ବିପକ୍ଷ ଦଳର ଗୋଲକିପର ଲିଅନ ହେୱାର୍ଡଙ୍କୁ ଅତିକ୍ରମ କରିପାରି ନ ଥିଲେ। ନ୍ୟୁଜିଲାଣ୍ଡରର ଚତୁର୍ଥ ସ୍କୋରର ହେଡେନ ଫିଲିପ୍ସ ମିସ୍ କରିଥିଲେ। ଅନେକ ସୁଯୋଗ ମିଳିଥିଲେ ହେଁ ଭାରତକୁ ଭାଗ୍ୟ ସାଥ୍ ଦେଇ ନ ଥିଲା। ୪ର୍ଥ ଖେଳାଳିଭାବେ ଭାରତ ପକ୍ଷରୁ ଆସିଥିବା ସୁଖଜିତ ସିଂ ଥରେ ବିଫଳ ହୋଇଥିଲେ ହେଁ ବିପକ୍ଷ ଗୋଲକିପରଙ୍କ ନିୟମ ବହିର୍ଭୁତ ପ୍ରତିରୋଧ ପନ୍ଥା ଯୋଗୁ ଦ୍ୱିତୀୟ ଥର ସୁଯୋଗ ପାଇଥିଲେ। ମାତ୍ର ଏହି ସୁବର୍ଣ୍ଣ ସୁଯୋଗର ସେ ସଦ୍‌ବ୍ୟବହାର କରିପାରି ନ ଥିଲେ। ଏହା ନ୍ୟୁଜିଲାଣ୍ଡ ଶିବରରେ ଉତ୍ସାହ ଖେଳାଇ ଦେଇଥିଲା। ଚତୁର୍ଥ ଖେଳାଳିଭାବେ ଶୁଟ୍ କରିବା ପାଇଁ ଆସିଥିବା ସାମ୍ ଲେନ୍ ଗୋଲ ଦେବାରେ ସଫଳ ହେବାରୁ ନ୍ୟୁଜିଲାଣ୍ଡ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା।

# ସ୍ପେନ୍-ଅଷ୍ଟ୍ରେଲିଆ କ୍ୱାର୍ଟର ଫାଇନାଲ

ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୨।୧

କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ପ୍ରଥମ କ୍ରସ୍‌ଓଭର ମ୍ୟାଚ୍‌ରେ ସ୍ପେନ୍ ଶୁଟ୍‌ଆଉଟ/ସଡନ୍‌ଡେଥ୍ ୪-୩ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ଏଥିସହ ସ୍ପେନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ ସ୍ପେନ୍ ଆସନ୍ତା ୨୪ ତାରିଖରେ ଟାଇଟଲ ଫେଭରାଇଟ ଅଷ୍ଟ୍ରେଲିଆକୁ କଳିଙ୍ଗ ଷ୍ଟାଡିୟମରେ ଭେଟିବ। ଅନ୍ୟପକ୍ଷରେ ମାଲେସିଆ ୯ରୁ ୧୬ ପର୍ଯ୍ୟନ୍ତ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ସହ ମୁକାବିଲା କରିବ। ୨୬ ତାରିଖରେ ଏହି ମ୍ୟାଚ୍ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ।

ସ୍ପେନ୍-ମାଲେସିଆ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୨-୨ ଗୋଲରେ ବରାବର ରହିଥିଲା। ଫଳାଫଳ ପାଇଁ ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ମାଲେସିଆ ପକ୍ଷରୁ ଫିରହାନ ଅଶାରି, ଫୈଜଲ ସାରି ଓ ଅରୁଲ ଆନ୍ଥୋନୀ ଗୋଲ ଦେଇଥିବାବେଳେ ଅଧିନାୟକ ମରହାନ ଜଲିଲ ଓ ଶେଲୋ ସିଲଭରିଉସ ମିସ୍ କରିଥିଲେ। ସେହିପରି ସ୍ପେନ୍ ପକ୍ଷରୁ ମାର୍କ ମିରାଲେସ, ଜୋର୍ଡି ବୋନାଷ୍ଟ୍ରେ, ଜାଭିଅର ଗିସ୍‌ପର୍ଟ ଗୋଲ ଦେଇଥିବାବେଳେ ଅଧିନାୟକ ଆଲ୍‌ଭାରୋ ଇଗ୍‌ଲେସିଆସ ଓ ମାର୍କ ରେନେ ମିସ୍ ପ୍ରତିପକ୍ଷ ଗୋଲକିପରଙ୍କୁ ଚକ୍‌ମା ଦେବାରେ ବିଫଳ ହୋଇଥିଲେ। ଫଳରେ ଶୁଟ୍‌ଆଉଟ ପର୍ଯ୍ୟାୟ ୩-୩ ଗୋଲରେ ବରାବର ରହିଥିଲା। ପୁଣି ଫଳାଫଳ ଲାଗି ସଡନ୍‌ଡେଥ୍ ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ଏଥିରେ ମାଲେସିଆ ପକ୍ଷରୁ ଫିର୍‌ହାନ ଅନ୍‌ସାରି ଗୋଲ ଦେବାରେ ବିଫଳ ହୋଇଥିଲେ। ଅନ୍ୟପକ୍ଷରେ ମାର୍କ ମିରାଲେସ ଗୋଲ ଦେବାରୁ ସ୍ପେନ୍ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ସ୍ପେନ୍ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ମାର୍କ ମିରାଲେସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ନିର୍ଦ୍ଧାରିତ ସମୟର ମ୍ୟାଚ୍ ଆରମ୍ଭରୁ ଆକ୍ରମଣ ଆରମ୍ଭ କରିଥିଲା ସ୍ପେନ୍। ପ୍ରଥମ ମିନିଟ୍‌ରେ ହିଁ ଦଳ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ମାଲେସିଆର ଦୃଢ଼ ରକ୍ଷଣଭାଗ ଭେଦ କରିବାରେ ସକ୍ଷମ ହୋଇ ନ ଥିଲା। ସ୍ପେନ୍‌ର ମାର୍କ ମିରାଲେସ ମାରିଥିବା ଶଟ୍‌କୁ ମାଲେସିଆ ଗୋଲକିପର ହାଫିଜୁଦ୍ଦିନ ଓଥମାନ ସଫଳତାର ସହ ସେଭ୍ କରିଥିଲେ। ସେହିପରି ୧୧ତମ ମିନିଟ୍‌ରେ ସ୍ପେନ୍‌ର ଆଉ ଏକ ପେନାଲ୍ଟି କର୍ନରକୁ ମଧ୍ୟ ମାଲେସିଆ ବ୍ୟର୍ଥ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଗୋଲ ଦେବା ପାଇଁ ଉଭୟ ଦଳ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଫଳରେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ତୃତୀୟ କ୍ୱାର୍ଟର ଆରମ୍ଭ ଅର୍ଥାତ୍ ୩୨ତମ ମିନିଟ୍‌ରେ ସ୍ପେନ୍ ତୃତୀୟ ପେନାଲ୍ଟି କର୍ନର ପାଇଥିଲା। ମାତ୍ର ମାଲେସିଆ ପାରମ୍ପରିକ ଷ୍ଟାଇଲରେ ଗୋଲ ସେଭ୍ କରିଥିଲା। ଅନ୍ୟପକ୍ଷରେ ପ୍ରଥମାର୍ଦ୍ଧରେ ରକ୍ଷଣାତ୍ମକ ଖେଳିଥିବା ମାଲେସିଆ ପରିବର୍ତ୍ତିତ ରଣନୀତିରେ ୩୫ତମ ମିନିଟ୍‌ରେ ଏକ ଫିଲ୍ଡ ଗୋଲ ମାଧ୍ୟମରେ ଅଗ୍ରଣୀ ନେଇଥିଲା। ଦଳର ୧୦ ନମ୍ବର ଖେଳାଳି ଫୈଜଲ ସାରି ଗୋଲଟି ସ୍କୋର କରିଥିଲେ। ୪୦ତମ ମିନିଟ୍‌ରେ ସ୍ପେନ୍ ପାଇଥିବା ପେନାଲ୍ଟି କର୍ନର ମ୍ୟାଚ୍‌ର ମୋଡ଼ ବଦଳାଇଥିଲା। ପେନାଲ୍ଟି କର୍ନର କନ୍‌ଭର୍ସନ ସମୟରେ ଗୋଲପୋଷ୍ଟ ଆଗରେ ମାଲେସିଆ ଖେଳାଳିଙ୍କ ଜଙ୍ଘରେ ବଲ୍ ବାଜିବାରୁ ସ୍ପେନ୍‌କୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ୪୧ତମ ମିନିଟ୍‌ରେ ମାର୍କ ମିରାଲେସ ଏହାକୁ ଗୋଲରେ ପରିଣତ କରି ମ୍ୟାଚ୍‌କୁ ସମାନ ସ୍ତରକୁ ନେଇଆସିଥିଲେ। ଏହାର ୧ ମିନିଟ୍ ପରେ ଅର୍ଥାତ୍ ୪୨ତମ ମିନିଟ୍‌ରେ ମାଲେସିଆ ଡି’ ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ବେଳେ ୩ ଜଣିଆ ପାସ୍ ମଧ୍ୟରେ ଜାଭିଅର ଗିସପର୍ଟ ଏକ ଗୋଲ ଦେଇ ସ୍ପେନ୍‌କୁ ଅଗ୍ରଣୀ କରାଇଥିଲେ। ଫଳରେ ତୃତୀୟ କ୍ୱାର୍ଟର ଶେଷବେଳକୁ ସ୍ପେନ୍ ୨-୧ରେ ଅଗ୍ରଣୀ ହାସଲ କରିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ସ୍ୱାଭାବିକ ଭାବେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୪୭ତମ ମିନିଟ୍‌ରେ ମାଲେସିଆ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ କରିପାରି ନ ଥିଲା। ତେବେ ୪୯ତମ ମିନିଟ୍‌ରେ ଶେଲୋ ସିଲଭରିଉସ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌ରେ ରୋମାଞ୍ଚ ଭରି ଦେଇଥିଲେ। ମ୍ୟାଚ୍‌ର ଶେଷ ପର୍ଯ୍ୟାୟ ଅର୍ଥାତ୍ ୫୮ତମ ମିନିଟ୍‌ରେ ସ୍ପେନ୍ ଲଗାତର ୨ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ତାହାର ସଦ୍‌ବ୍ୟବହାର କରିପାରି ନ ଥିଲା। ଫଳରେ ମ୍ୟାଚ୍ ଶୁଟ୍‌ଆଉଟ ପର୍ଯ୍ୟାୟକୁ ଯାଇଥିଲା।



ମାଲେସିଆ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

## ଫ୍ୟାନ କର୍ନର





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨୩/୨୦୨୩ Bhubaneswar, Monday, January 23/ 2023

# ସ୍ୱିଟେକ୍, ଗଫ୍ ୪ର୍ଥ ରାଉଣ୍ଡରୁ ବିଦା

**ମେଲବୋର୍ନ,୨୨।୧(ପି.ଟି.)**

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ଟୁର୍ନାମେଣ୍ଟରେ ରବିବାର ଦେଖିବାକୁ ମିଳିଛି ବଡ଼ ବିପର୍ଯ୍ୟୟ। ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ରହିଥିବା ଇଗା ସ୍ୱିଟେକ୍ ଓ ୭ ନମ୍ବର କୋକୋଆ ଗଫ୍ ପରାଜୟ ସହ ଚତୁର୍ଥ ରାଉଣ୍ଡରୁ ବିଦାୟ ନେଇଛନ୍ତି। ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ତଥା ଦୁଇ ଦୁଇଥର ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟିନୀ ସ୍ୱିଟେକ୍ ୱିମ୍ବେଲଡନ୍ ଚାମ୍ପିୟନ୍ ଏଲିନା ରିବାକିନାଙ୍କ ନିକଟରୁ ହାରି ଯାଇଛନ୍ତି। ଏହାସହିତ ସ୍ୱିଟେକ୍‌ଙ୍କ କ୍ରମାଗତ ୩୭ତମ ବିଜୟରେ ମଧ୍ୟ ବ୍ରେକ୍ ଲାଗିଛି। ରବିବାର

**ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍**

ରଡ୍ ଲାଭେର ଆରେନାରେ ଖେଳାଯାଇଥିବା ମ୍ୟାଚ୍‌କୁ ରିବାକିନା ୬-୪, ୬-୪ରେ ଜିତି ନେଇଥିଲେ। ଏହି ଟୁର୍ନାମେଣ୍ଟ ପରାଜୟ ପରେ ମୋତେ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ପଡ଼ିବ ବୋଲି କହିଛନ୍ତି ସ୍ୱିଟେକ୍। ମ୍ୟାଚ୍ ଆରମ୍ଭରୁ ବିଜୟୀ ହେବା ପରିବର୍ତ୍ତେ ପରାଜିତ ନ ହେବା ମୋର ପ୍ରାଥମିକତା ରହିଥିଲା। ଆରମ୍ଭରୁ ଚାପରେ ରହିବା ସହ ଏହି ମ୍ୟାଚ୍‌ରେ ପରାଜିତ ହୋଇଥିବା ସ୍ୱୀକାର କରିଛନ୍ତି ସ୍ୱିଟେକ୍। ଏଥିଯୋଗୁ କ୍ୱାର୍ଟର ଫାଇନାଲରେ ସ୍ୱିଟେକ୍ ଓ କୋକୋଆ ଗଫ୍‌ଙ୍କ ମ୍ୟାଚ୍ ଦେଖିବା ପାଇଁ ଆଶାୟୀ ଦର୍ଶକଙ୍କୁ ନିରାଶ ହେବାକୁ ପଡ଼ିଛି।


ଷ୍ଟିଫାନସ୍ ସିତ୍‌ସିପାସ

ଅନ୍ୟପକ୍ଷରେ କୋକୋଆ ୨୦୧୭ ଫ୍ରେଞ୍ଚ୍ ଓପନ୍ ଚାମ୍ପିୟନ୍ ଜେଲେନା ଓଷ୍ଟାପେଙ୍କୋଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। ମାର୍ଗାରେଟ୍ କୋର୍ଟ ଆରେନାରେ ଖେଳାଯାଇଥିବା ମ୍ୟାଚ୍‌କୁ ଓଷ୍ଟାପେଙ୍କୋ ୭-୫, ୬-୩ରେ ଜିତି ନେଇଥିଲେ। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ରହିଥିବା ଜେସିକା ପେଗୁଲା କ୍ରମାଗତ ତୃତୀୟଥର ପାଇଁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୨୧ ଫ୍ରେଞ୍ଚ୍ ଓପନ ଚାମ୍ପିୟନ ବାର୍ବାରା କ୍ରେଜିକୋଭାଙ୍କୁ ୭-୫, ୬-୨ ସେଟ୍‌ରେ ପରାସ୍ତ କରିଥିଲେ ପେଗୁଲା। ୨୨ତମ ସିଡେଡ୍ ରିବାକିନା ଓ ୧୭ତମ ସିଡ୍ ଓଷ୍ଟାପେଙ୍କୋ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

## ପୁରୁଷ ଓ ମହିଳା ଡବଲ୍ସରେ ଭାରତର ଅଭିଯାନ ଶେଷ

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ଟୁର୍ନାମେଣ୍ଟର ମହିଳା ଡବଲ୍ସ ବର୍ଗରେ ଭାରତୀୟ ଅଭିଯାନ ଶେଷ ହୋଇଛି। ରବିବାର କାଜାଖସ୍ତାନର ଆନ୍ନା ଡାନାଲିନା ଓ ସାନିଆ ମିର୍ଜାଙ୍କ ଯୋଡ଼ି ମହିଳା ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପରାଜିତ ହୋଇଛି। ବେଲଜିୟମର ଆଲିସନ୍ ଭାନ୍ ୟୁଟଭାଙ୍କ ଓ ୟୁକ୍ରେନ୍‌ର ଆନ୍ହେଲିନା କାଲିନିନାଙ୍କ ନିକଟରୁ ୪-୬, ୬-୪, ୨-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି ସାନିଆ-ଡାନାଲିନା। ଅଷ୍ଟମ ସିଡ୍ ଭାରତ-କାଜାଖ ଯୋଡ଼ି ୨ ଘଣ୍ଟାରୁ ଅଧିକ ସମୟ ସଂଘର୍ଷ କରିଥିଲେ ହେଁ ପରାଜିତ ହୋଇଥିଲେ। ସାନିଆ-ଡାନାଲିନା ପ୍ରଥମ ସେଟ୍‌ରେ ପରାସ୍ତ ହୋଇଥିଲେ ହେଁ ଦ୍ୱିତୀୟ ସେଟ୍‌ରେ ପ୍ରତ୍ୟାବର୍ତ୍ତନ କରିଥିଲେ। ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌କୁ ହାରିବା ସହିତ ସାନିଆ ବିଦାୟ ନେଇଛନ୍ତି। ସେହିପରି ପୁରୁଷ ଡବଲ୍ସରେ ଏନ୍. ଶ୍ରୀରାମ ବାଲାଜୀ ଓ ଜୀବନ ନେଦୁନ୍‌ଚେଝିୟାନ୍‌ଙ୍କ ଯୋଡ଼ି ୬-୪, ୬-୪ର ସିଧାସଳଖ ସେଟ୍‌ରେ ଫ୍ରାନ୍ସର ଜେରେମି ଚାର୍ଡି ଓ ଫାବ୍ରିସ୍ ମାର୍ଟିନ୍‌ଙ୍କ ନିକଟରୁ ହାରିଯାଇଥିଲା। ତେବେ କେବଳ ମିକ୍ସଡ ଡବଲ୍ସରେ ରୋହନ ବୋପାନ୍ନା ଓ ସାନିଆଙ୍କ ଯୋଡ଼ି ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛି।

## ପିତାଙ୍କ ରାସ୍ତାରେ କୋର୍ଡା

୨୨ ବର୍ଷୀୟ ଆମେରିକୀୟ ଖେଳାଳି ସେବାଷ୍ଟିଆନ୍ କୋର୍ଡା ଅଷ୍ଟ୍ରେଲିଆନ୍ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୧୯୯୮ରେ ତାଙ୍କ ପିତା ପିଟର କୋର୍ଡା ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିୟନ୍ ହୋଇଥିଲେ। ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ଥିବା ହୋବାର୍ଟ ହୁରକାଜଙ୍କୁ ୫ ସେଟ୍‌ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପରାସ୍ତ କରିବା ସହିତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି କୋର୍ଡା। ୩-୬, ୬-୩, ୬-୨, ୧-୬ ଓ ୭-୬(୧୦-୭) ସେଟ୍‌ରେ କୋର୍ଡା ଏହି ମ୍ୟାଚ୍ ଜିତିନେଇଥିଲେ। ସେହିପରି ପୁରୁଷ ସିଙ୍ଗଲ୍ସରେ ଆଉ ଏକ ବିପର୍ଯ୍ୟୟ ଘଟାଇଥିଲେ ଅଣସିଡେଡ୍ ଜିରି ଲେହେକା। ବିଶ୍ୱ ମାନ୍ୟତାର ୬ଷ୍ଠ ସ୍ଥାନରେ ଥିବା ଫେଲିକ୍ସ ଅଗର ଆଲିଆସିମ୍ମେଙ୍କୁ ୪-୬, ୬-୩, ୭-୬(୨), ୭-୬(୩) ସେଟ୍‌ରେ ପରାସ୍ତ କରିବା ସହିତ ପ୍ରଥମଥର ଏକ ଗ୍ରାଣ୍ଡସ୍ଲାମ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଜାନିକ୍ ସିନ୍ନରଙ୍କୁ ୬-୪, ୬-୪, ୩-୬, ୪-୬ ଓ ୬-୩ ରେ ପରାସ୍ତ କରିଛନ୍ତି ଷ୍ଟିଫାନସ୍ ସିତ୍‌ସିପାସ। ୧୮ ନମ୍ବର ସିଡ୍ କାରେନ୍ ଖାଚାନୋଭା ମଧ୍ୟ ୬-୦, ୬-୦, ୭-୬ ସେଟ୍‌ରେ ୟୋଶିହିଟୋ ନିଶିଓକାଙ୍କୁ ପରାସ୍ତ କରିଛନ୍ତି।

# ଉଦ୍‌ଘାଟନୀ ମ୍ୟାଚ୍‌ରେ ନାଗପୁର ବିଜୟୀ


ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ରୀତା ସାହୁ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

**ବନ୍ତ, ୨୨।୧ (ଡି.ଏନ୍.ଏ.)**

**ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

ଭଦ୍ରକ ଜିଲା ବନ୍ତ ବ୍ଲକ ଗିଲୋସ୍ଥିତ ହନୁମାନଜୀଉ ମିନିଷ୍ଟାଡିୟମରେ ଗିଲୋ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ୨୮ତମ ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଗିଲୋ କପ୍ ରବିବାର ଉଦ୍‌ଘାଟିତ ହୋଇଛି। ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଅତିରିକ୍ତ ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଯୋଗ ଦେଇଥିଲେ।

ଭିସିସିଏ ନାଗପୁର ଓ ମାନିଗ୍ରୀଭ୍ ରାୟପୁର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନାଗପୁର ଟିମ୍ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ୍ କରିଥିଲା। ଦଳ ପକ୍ଷରୁ ଦିନେଶ କୁମାର ୨୩ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଅଭିଷେକ ୪ ଓଭରରେ ୧୩ ରନ୍ ଦେଇ ୨ ଉଇକେଟ ନେଇଥିଲେ। ମାନିଗ୍ରୀଭ୍ ରାୟପୁର ସମସ୍ତ ଉଇକେଟ ହରାଇ ୮୮ ରନ୍ କରି ହାରିଥିଲା। ରାହୁଲ ଭଗତ ସର୍ବାଧିକ ୩୬ ରନ୍ କରିଥିଲେ। ଫଳରେ ଭିସିସିଏ ନାଗପୁର ୨୮ ରନ୍‌ରେ ବିଜୟୀ ହୋଇଥିଲା। ଜିଆଉଲ ହକ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଅମ୍ପାୟର ଭାବେ ଲଲାଟ କେଶରୀ ନନ୍ଦ, ରଞ୍ଜନ ମହାନ୍ତି, ମ୍ୟାଚ୍ ରେଫରି ଅଶୋକ ଜେନା, ସ୍କୋରର ନିରଞ୍ଜନ ଘୋଷ, ହରିଶ ମୁଖୀ, ଭାଷ୍ୟକାର ଭାବେ ପବିତ୍ର ନାୟକ, ଜ୍ଞାନ ଘଡେଇ ଓ ଆଖାରୁଦ୍ଦିନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଗା ବିଲ୍ଡର୍ସର ଏମ୍‌ଡି ସୂର୍ଯ୍ୟକାନ୍ତ ବେହେରା, ବିଡିଓ ପ୍ରଦୀପ ସେଠୀ, ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ଧାରାବାହିକ ଅଭିନେତ୍ରୀ ଦେବସ୍ମିତା ପଣ୍ଡା, ଆସୋସିଏଶନର ସଭାପତି ଇଂ. ଲକି ମାଷ୍ଟର ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ଜିଲା ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁତ୍‌ଲତା ନାୟକ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ନୀହାରିକା ରାଉତ, ସରପଞ୍ଚ ସଂଗ୍ରାମ କେଶରୀ ଜେନା, ସମିତିସଭ୍ୟ ପରମେଶ୍ୱର ବାରିକ ଓ ସୁଧାକର ଧଳ ଯୋଗ ଦେଇଥିଲେ। ଗୀତା ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଡ.ମନ୍ମଥ କୁମାର ରାଉଳ ଉଦ୍‌ଘାଟନୀ ସଭା ପରିଚାଳନା କରିଥିଲେ। ଆସୋସିଏଶନର ଉପସଭାପତି ଅସିତ କର, ସମ୍ପାଦକ ଅମରଜିତ୍ ସ୍ୱାଇଁ, ରମାକାନ୍ତ ପାଣିଗ୍ରାହୀ, ସନ୍ତୋଷ ଧଳ, ପ୍ରକାଶ ସ୍ୱାଇଁ, ପର୍ଶୁରାମ ସ୍ୱାଇଁ, ସୁବ୍ରତ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

# ଡବ୍ଲ୍ୟୁଏଫ୍‌ଆଇ ସାଧାରଣ ପରିଷଦ ବୈଠକ ବାତିଲ

**ଅଯୋଧ୍ୟା, ୨୨।୧(ପି.ଟି.)**

ଏଠାରେ ରବିବାର ହେବାକୁଥିବା ରେସ୍‌ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍‌ଆଇ)ର ଜରୁରିକାଳୀନ ସାଧାରଣ ପରିଷଦ ବୈଠକକୁ ବାତିଲ କରାଯାଇଛି। ଡବ୍ଲ୍ୟୁଏଫ୍‌ଆଇ ଏବଂ ଏହାର ସଭାପତି ବ୍ରିଜ ଭୂଷଣ ଶରଣ ସିଂଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ହୋଇଥିବାରୁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଡବ୍ଲ୍ୟୁଏଫ୍‌ଆଇର ସମସ୍ତ କାର୍ଯ୍ୟକଳାପକୁ ବର୍ତ୍ତମାନ ପାଇଁ ସସ୍‌ପେଣ୍ଡ କରିଛି। ଫଳରେ ଉତ୍ତରପ୍ରଦେଶର ଗୋଣ୍ଡାଠାରେ ହେବାକୁଥିବା ର୍‍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟ ସ୍ଥଗିତ ରହିବ। ଫେଡେରେଶନ ସଭାପତିଙ୍କର ଏହି ଟୁର୍ନାମେଣ୍ଟରେ ଖୁବ୍ ପ୍ରଭାବ ରହିଛି। ଶରଣ ଜଣେ ଏକଛତ୍ର ଶାସକ ଭାବେ କାର୍ଯ୍ୟ କରିଥାନ୍ତି। ମହିଳା ରେସ୍‌ଲରମାନଙ୍କୁ ସେ ଯୌନ ନିର୍ଯାତନା ଦେଇଥାନ୍ତି ବୋଲି ଭିନେଶ ଫୋଗତ, ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ୍ ଓ ରବି ଦାହିୟାଙ୍କ ସମେତ ଦେଶର କେତେଜଣ ଟପ୍ ରେସ୍‌ଲର ଅଭିଯୋଗ କରିଛନ୍ତି। ମନ୍ତ୍ରଣାଳୟ ଶନିବାର ଡବ୍ଲ୍ୟୁଏଫ୍‌ଆଇ ସହକାରୀ ସମ୍ପାଦକ ବିନୋଦ ତୋମାରଙ୍କୁ ସସ୍‌ପେଣ୍ଡ କରିଛି। ଶରଣଙ୍କର ସେ ଜଣେ ଘନିଷ୍ଠ ସହଯୋଗୀ ହୋଇଥିବାରୁ ଫେଡେରେଶନରେ ସେ ଅନ୍ୟତମ ପ୍ରଭାବଶାଳୀ ବ୍ୟକ୍ତି ଥିଲେ। ଶୁକ୍ରବାର ଶରଣଙ୍କ ପୁତ୍ର ପ୍ରତୀକ କହିଥିଲେ, ପିତାଙ୍କ ବିରୋଧରେ ଯେଉଁ ଅଭିଯୋଗମାନ ଆସିଛି ତାହାର ଜବାବ ଫେଡେରେଶନର ସାଧାରଣ ପରିଷଦ ବୈଠକରେ ଦିଆଯିବ। ଏଣେ ମନ୍ତ୍ରଣାଳୟ ଶରଣଙ୍କୁ ପାଇଁ ଡବ୍ଲ୍ୟୁଏଫ୍‌ଆଇର ଦୈନନ୍ଦିନ କାର୍ଯ୍ୟକଳାପରୁ ଦୂରେଇ ରହିବା ଲାଗି ନିର୍ଦ୍ଦେଶ ଦେଇଛି। ଶରଣ ସେତେବେଳେ ନନ୍ଦିନୀ ନଗରରେ ଏକ ରେସ୍‌ଲିଂ ଇଭେଣ୍ଟରେ ଉପସ୍ଥିତ ଥିଲେ। ଶରଣ ଏବଂ ଡବ୍ଲ୍ୟୁଏଫ୍‌ଆଇ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ଏକ ନିରୀକ୍ଷଣ କମିଟି ଗଠନ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଶୁକ୍ରବାର ଘୋଷଣା କରିଥିଲେ। ଏହି କମିଟି ଆନୁଷ୍ଠାନିକ ଭାବେ ଚୟନ ପରେ ସାମୟିକ ହିସାବରେ ଡବ୍ଲ୍ୟୁଏଫ୍‌ଆଇର ଦୈନନ୍ଦିନ ବ୍ୟାପାର ବୁଝାଶୁଝା କରିବ।

# କୁନ୍‌ଲାଭଟ, ଆନ୍ ସେୟଙ୍ଗ୍ ଚାମ୍ପିୟନ


 କୁନ୍‌ଲାଭଟ ଭିଦିତଶରନ ଓ ଆନ୍ ସେୟଙ୍ଗ।

**ନୂଆଦିଲ୍ଲୀ, ୨୨।୧(ପି.ଟି.)**

ଥାଇଲାଣ୍ଡର କୁନ୍‌ଲାଭଟ ଭିଦିତଶରନ ଓ କୋରିଆର ଆନ୍ ସେୟଙ୍ଗ ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେମାନେ ଯଥାକ୍ରମେ ଦୁଇଥର ବିଶ୍ୱ ଚାମ୍ପିୟନ ଭିକ୍ଟର ଏକ୍ସେଲସେନ୍ ଓ ଆକାନେ ୟାମାଗୁଚିଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। କୁନ୍‌ଲାଭଟ ୨୨-୨୦, ୧୦-୨୧, ୨୧-୧୨ରେ ଅଲିମ୍ପିକ ଚାମ୍ପିୟନ ଡେନ୍‌ମାର୍କର ଏକ୍ସେଲସେନ୍‌ଙ୍କୁ ହରାଇ ତାଙ୍କର ପ୍ରଥମ ସୁପର ୭୫୦ ଟୁର୍ନାମେଣ୍ଟ ଟାଇଟଲ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଆନ୍ ମହିଳା ବିଭାଗ ଫାଇନାଲରେ ୧୫-୨୧, ୨୧-୧୬, ୨୧-୧୨ରେ ବିଶ୍ୱର ନମ୍ବର ୱାନ୍ ୟାମାଗୁଚିଙ୍କୁ ହରାଇ ଦେଇଛନ୍ତି। ବିଶ୍ୱର ୧୧ ନମ୍ବର ଲିଆଙ୍ଗ ୱି କେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍ ପୁରୁଷ ଡବଲ୍ସ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ଏହି ଯୋଡ଼ି ତୃତୀୟ ସିଡ୍ ମାଲେସିଆନ ଯୋଡ଼ି ଆରନ ଚିଆ ଓ ସୋ ଉଇ ୟିକ୍‌ଙ୍କୁ ୧୪-୨୧, ୨୧-୧୯, ୨୧-୧୮ରେ ହରାଇ ଦେଇଛନ୍ତି। ଏହା ହେଉଛି ସେମାନଙ୍କର ଦ୍ୱିତୀୟ ୱାର୍ଲ୍ଡ ଟୁର୍ ଟାଇଟଲ। ଗତବର୍ଷ ଏହି ଯୋଡ଼ି ଜାପାନ ଓପନ୍ ଚାମ୍ପିୟନ ହୋଇଥିଲା। ଅସୁସ୍ଥ ଯୋଗୁ ଦୁଇଜଣ ଓହରିଯିବାରୁ ଅନ୍ୟ ଦୁଇଟି ଡବଲ୍ସ ମ୍ୟାଚ୍ ଖେଳ ହୋଇପାରି ନ ଥିଲା। ଉଭୟ ଯୋଡ଼ି ହେଉଛନ୍ତି ଚାଇନିଜ୍। ଜାପାନର ୟୁଟା ୱାଟାନାବେ ଓ ଆରିସା ହିଙ୍ଗାଶିନୋ ମିକ୍ସଡ ଡବଲ୍ସ ଟାଇଟଲ ଜିତିଥିବା ବେଳେ ଜାପାନର ନାମି ମାତ୍‌ସୁୟାମା ଓ ଚିରାରୁ ଶିଦା ମହିଳା ଡବଲ୍ସ ହାସଲ କରିଛନ୍ତି।

## ଲାଇନ ଲେନ୍ଥ୍ ରହିଲେ ଶ୍ରେଷ୍ଠ ବୋଲର ହୋଇପାରିବେ ଉମ୍‌ରାନ

**ରାୟପୁର, ୨୨।୧(ପି.ଟି.)**

ଉଦୀୟମାନ ପେସ୍ ବୋଲର ଉମ୍‌ରାନ ମଲିକଙ୍କ ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ବୋଲିଂ ବେଳେ ସେ ଯେପରି ଲାଇନ୍ ଲେନ୍ଥ୍ ବଜାୟ ରଖିପାରିବେ ସେ ଦିଗରେ କାର୍ଯ୍ୟକଲେ ଉମ୍‌ରାନ ବିଶ୍ୱର ଜଣେ ଅନ୍ୟତମ ଶ୍ରେଷ୍ଠ ବୋଲର ଭାବେ ନିଜକୁ ପ୍ରତିଷ୍ଠିତ କରିପାରିବେ। ଜମ୍ମୁ-କଶ୍ମୀରର ଏହି ସ୍ପିଡ୍‌ଷ୍ଟର ଘଣ୍ଟା ପ୍ରତି ୧୫୦ କିମି ବେଗରେ ବୋଲିଂ କରିପାରନ୍ତି। ମାତ୍ର ସେ ତାଙ୍କ ଲାଇନଲେନ୍ଥ୍ ବଜାୟ ରଖିପାରୁନାହାନ୍ତି। ପ୍ରତ୍ୟେକ ମ୍ୟାଚ୍‌ରେ ସେ କିପରି ଶାନ୍ତ ଓ ଖୁସି ରହିପାରନ୍ତି ବୋଲି ଶାମିଙ୍କୁ ପଚାରିବାରେ ଏହାର ଉତ୍ତରରେ ସେ କହିଥିଲେ ଦେଶ ପାଇଁ ଖେଳୁଥିବା ବେଳେ ଚାପରେ ରହିବା ଉଚିତ ନୁହେଁ। ନିଜର ଦକ୍ଷତା ଉପରେ ଭରସା ରଖିବାକୁ ପଡ଼ିଥାଏ। ଚାପରେ ରହିଲେ ଯୋଜନା ମୁତାବକ ବୋଲିଂ କରିହୋଇ ନ ଥାଏ। ହ୍ୱାଇଟ୍ ବଲ୍ କ୍ରିକେଟ୍‌ରେ ଯେକୌଣସି ବୋଲରଙ୍କୁ ପ୍ରହାର ହୋଇପାରେ। ପିଚ୍‌ର ସ୍ଥିତିକୁ ଦେଖି ନିଜ ଦକ୍ଷତା ଉପରେ ବିଶ୍ୱାସ ରଖି ବୋଲିଂ କରିବା ଦରକାର ବୋଲି ଶାମି ପ୍ରକାଶ କରିଛନ୍ତି।

## ଓଡ଼ିଶା ବିପକ୍ଷରେ ବରୋଦା ୨୯୦/୪


ଆଶୁତୋଷ ଛୁରିଆ

**ଭୁବନେଶ୍ୱର, ୨୨।୧ (ସ୍ପୋର୍ଟ୍ସ ବ୍ୟୁରୋ)**

କଟକସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା ବିପକ୍ଷ କୁଚ ବିହାର ଟ୍ରଫି କ୍ରିକେଟ ମ୍ୟାଚର ପ୍ରଥମ ଦିବସରେ ବରୋଦା ୪ ଉଇକେଟ ହରାଇ ୨୯୦ ରନ କରିଛି। ଦଳ ପକ୍ଷରୁ ଅଭିମନ୍ୟୁ ସିଂ ୧୨୮ (୨୧୩ ବଲ୍, ୧୬ ଚୌକା ଓ ୨ ଛକା) ଏବଂ ଧ୍ରୁବ ପେଟଲ ୬୬ (୧୫୭ ବଲ୍, ୭ ଚୌକା)ରନ କରି ଅପରାଜିତ ରହିଛନ୍ତି। ଓଡ଼ିଶା ତରଫରୁ ସଫଳ ବୋଲର ଆଶୁତୋଷ ଛୁରିଆ ତାଙ୍କ ୨୧ ଓଭର ବୋଲିଂରେ ୨ ମେଡେନ ସହ ୬୭ ରନ ବିନିମୟରେ ରବିବାର ପତନ ଘଟିଥିବା ସମସ୍ତ ୪ ଉଇକେଟ ଅକ୍ତିଆର କରିଛନ୍ତି।

# ଶ୍ରୀଲଙ୍କା ବିପକ୍ଷରେ ଭାରତର ଚମତ୍କାର ବିଜୟ

**ପୋଷ୍ଟେଫଷ୍ଟ୍ରୁମ୍,୨୨।୧**

**୧୯ ବର୍ଷରୁ କମ୍ ମହିଳା ବିଶ୍ୱକପ୍**

୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍‌ରେ ଶ୍ରୀଲଙ୍କାକୁ ୭ ଉଇକେଟରେ ପରାସ୍ତ କରିଛି ଭାରତ। ରବିବାର ସୁପର-୬ର ଦ୍ୱିତୀୟ ମୁକାବିଲାରେ ଶେଫାଳି ବର୍ମାଙ୍କ ଭାରତୀୟ ଦଳ ଶ୍ରୀଲଙ୍କାକୁ ୭ ଉଇକେଟରେ ପରାସ୍ତ କରିଛି। ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୫୯ ରନ୍ କରିଥିଲା। ଜବାବରେ ୭.୨ ଓଭରରେ ଭାରତ ୩ ଉଇକେଟ ହରାଇ ମ୍ୟାଚ୍ ଜିତିନେଇଥିଲା। ଭାରତୀୟ ମହିଳା ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଲୋ ସ୍କୋରିଂ ମ୍ୟାଚ୍‌ରେ ଭାରତୀୟ ବୋଲରଙ୍କ ଘାତକ ବୋଲିଂର ସମ୍ମୁଖୀନ ହୋଇପାରି ନ ଥିଲା ଶ୍ରୀଲଙ୍କା। ଦୁଇଜଣ ବ୍ୟାଟର ଦୁଇଅଙ୍କ ଛୁଇଁଥିବା ବେଳେ ଦଳ ୫୯ ରନ୍‌ରେ ସୀମିତ ରହିଥିଲା। ପାୱାର ପ୍ଲେରେ ତିତାସ ସାଧୁ ଓ ମନ୍ନତ କଶ୍ୟପ ଘାତକ ବୋଲିଂ କରିବା ଫଳରେ ଶ୍ରୀଲଙ୍କା ୨୨/୩ରେ ସୀମିତ ରହିଥିଲା। ଏହାପରେ ସ୍ପିନର ପାର୍ଶଭି ଚୋପ୍ରାଙ୍କ ଘାତକ ବୋଲିଂ କାରଣରୁ ଶ୍ରୀଲଙ୍କାର ମଧ୍ୟକ୍ରମ ତାସ୍ ପତା ପରି ଭୁଶୁଡ଼ି ପଡ଼ିଥିଲା। ପାର୍ଶଭି ୪ ଓଭର ବୋଲିଂ କରିଥିବା ବେଳେ ଗୋଟିଏ ମେଡେନ୍ ସହିତ ୫ ରନ୍ ବ୍ୟୟରେ ୪ ଉଇକେଟ ନେଇଥିଲେ। ଶ୍ରୀଲଙ୍କା ପକ୍ଷରୁ ଭିଷ୍ମି ଗୁଣରତ୍ନେ ସର୍ବାଧିକ ୨୫ ଓ ଉମାୟା ରତ୍ନାୟକେ ୧୩ ରନ୍ କରିଥିଲେ। ପାର୍ଶଭିଙ୍କ ବ୍ୟତୀତ ମନ୍ନତ କଶ୍ୟପ ଦୁଇଟି, ତିତାସ ସାଧୁ ଓ ଅର୍ଚ୍ଚନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୬୦ ରନ୍‌ର ଲକ୍ଷ୍ୟ ନେଇ ଭାରତୀୟ ଦଳ ଖେଳ ଆରମ୍ଭ କରିଥିବା ବେଳେ ୭.୨ ଓଭରରେ ଦଳ ବିଜୟୀ ହୋଇଥିଲା। ଦୁଇ ଓପନର ଅଧିନାୟିକା ଶେଫାଳି ବର୍ମା ୧୫ ଓ ଶ୍ୱେତା ଶେରାୱତ୍ ୧୩ ରନ୍ କରିଥିଲେ। ରିଚା ଘୋଷ୍ ୪ ରନ୍ କରି ପାଭିଲିୟନ ଫେରିଥିବା ବେଳେ ସୌମ୍ୟା ତିୱାରୀ ୨୮ ରନ୍‌ରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ୧୫ ବଲ୍ ଖେଳି ସୌମ୍ୟା ୫ ଚୌକା ମାରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଦେୱ୍ମୀ ବିହଙ୍ଗା ୩ଟି ଯାକ ଉଇକେଟ ନେଇଥିଲେ। ବୋଲିଂ ସଫଳତା ପାଇଁ ପାର୍ଶଭିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।


ଉଇକେଟ ନେବା ପରେ ପାର୍ଶଭି ଚୋପ୍ରାଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୨୦ ଓଭରରେ ୫୯/୯ ( ଭିଷ୍ମି ଗୁଣରତ୍ନେ-୨୫, ଉମାୟା ରତ୍ନାୟକେ-୧୩, ପାର୍ଶଭି ଚୋପ୍ରା-୪/୫, ମନ୍ନତ କଶ୍ୟପ-୨/୧୬, ତିତାସ ସାଧୁ-୧/୧୦)। ଭାରତ ୭.୨ ଓଭରରେ ୬୦/୩ ( ସୌମ୍ୟା ତିୱାରୀ-୨୮*, ଶେଫାଳି ବର୍ମା-୧୫, ଶ୍ୱେତା ଶେରାୱତ୍-୧୩, ଦେୱ୍ମୀ ବିହଙ୍ଗା-୩/୩୪)।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ